ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ମାସିକ ଓଡ଼ିଆ ସାହିତ୍ୟ ଇ-ପତ୍ରିକା

# ଆହ୍ୱାନ

ଜୁନ ୨୦୨୩ ସଂଖ୍ୟା

କଥା ଓ କାହାଣୀ

ପଦ୍ୟ ଓ କବିତା

ହାସ୍ୟ ଓ ବ୍ୟଙ୍ଗ

ଇତିହାସ ଓ ପ୍ରବଂଧ

ଅନୁବାଦ ସାହିତ୍ୟ

ସମ୍ବଲପୁରୀ ଲେଖା

ଶିଶୁ କଥା

ଏବଂ

ଆହୁରି ଅନେକ



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ
ପ୍ରତିଷ୍ଠାତା ଓ ସଂପାଦକ, ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆହ୍ୱାନ

ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ସମ୍ପୂର୍ଣ୍ଣ ଓଡ଼ିଆ ମାସିକ ସାହିତ୍ୟ ଇ-ପତ୍ରିକା



ଆସ ଓଡ଼ିଆରେ ଲେଖିବା, ପଢ଼ିବା ଓ ପଢ଼ାଇବା

ପ୍ରତିଷ୍ଠାତା - ସମ୍ପାଦକ

**ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ**

ଏମ୍.ବି.ବି.ଏସ୍., ପି.ଜି.ଡି.ଏମ୍.ସି.ଏଚ୍., ପି.ଜି.ଡି.ଏଚ୍.ଏମ୍

ଫ୍ଲାଟ୍ ସଂ: ୨୦୨, ଚିଦାନନ୍ଦ ଆବାସ, ବୀମା ନଗର, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା

ଭ୍ରାମ୍ୟଭାଷ : ୭୦୦୮୫୬୭୦୮୫ | ଇମେଲ୍ : aahwaan@gmail.com

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

'ଆହ୍ୱାନ' ଇ-ପତ୍ରିକାରେ ପୂର୍ଣ୍ଣତଃ ମୌଳିକ, ଅପ୍ରକାଶିତ ଲେଖା ଗୁଡ଼ିକ ହିଁ ଲେଖାର ମାନ ଏବଂ ଭାଷା ତଥା ଉପାଦେୟତା ଆଧାରରେ ଚୟନ କରାଯାଇଥାଏ । କୌଣସି ବେନାମୀ ଲେଖା ଉପରେ ଆମର କୌଣସି କର୍ତ୍ତବ୍ୟ / ଦାୟିତ୍ୱ ରହିବ ନାହିଁ । ଲେଖାରେ ଦିଆଯାଇଥିବା ସମସ୍ତ ତଥ୍ୟ ଏବଂ ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ, ତାହା ଉପରେ ସମ୍ପାଦକ କିମ୍ବା ପ୍ରକାଶକଙ୍କ ସହମତି ରହିବ ବୋଲି କୌଣସି ଲିଖିତ ନିୟମ ନାହିଁ । ଯଦିଓ ପ୍ରତ୍ୟେକ ଲେଖାକୁ ଭଲଭାବରେ ପଢ଼ିବା ଏବଂ ବୁଝିବାପରେ ହିଁ ପ୍ରକାଶନ ହେତୁ ନିର୍ବାଚନ କରାଯାଇଥାଏ । ତଥାପି ଲେଖାର ଶତପ୍ରତିଶତ ସତ୍ୟତାର ଦାବୀ କେବଳ ଲେଖକଙ୍କର । କୌଣସି ଲେଖାକୁ ନେଇ ଉଠିଥିବା ବିବାଦର ଉତ୍ତରଦାୟିତ୍ୱ କେବଳ ଲେଖାର ମୂଳ ଲେଖକଙ୍କର, ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ରହିବ ନାହିଁ ।

ଏହି ପତ୍ରିକାର କୌଣସି ଅଂଶ ବା ଲେଖା ସମ୍ପାଦକଙ୍କ ଲିଖିତ ଅନୁମତି ବିନା ଅନ୍ୟ କୌଣସି ମାଧ୍ୟମ (ପତ୍ର ପତ୍ରିକା / ଗଣମାଧ୍ୟମ / ସମ୍ବାଦପତ୍ର ଇତ୍ୟାଦି)ରେ ପ୍ରକାଶିତ କରିବା ଅପରାଧ ବୋଲି ଧରିନିଆଯିବ । ପ୍ରତ୍ୟେକ ଲେଖା ଉପରେ ସମ୍ପୂର୍ଣ୍ଣ ଅଧିକାର ଲେଖକଙ୍କର ରହିବ, ସେ ଚାହିଁଲେ ତାହାକୁ ଫେସବୁକ ଏବଂ ଟ୍ୱିଟର ଆଦି ଗଣମାଧ୍ୟମରେ କିମ୍ବା ଅନ୍ୟ ମାଧ୍ୟମରେ ପ୍ରକାଶିତ କରିପାରିବେ ।




**ପବିତ୍ର ରଥଯାତ୍ରା ଉପଲକ୍ଷେ ଆହ୍ୱାନ ଓଡିଆ ପରିବାର ଏବଂ ଇ-ପତ୍ରିକାର ସମସ୍ତ ସଦସ୍ୟଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା**

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ସୂଚୀପତ୍ର


| | | |
|---|---|---|
| ସଂପାଦକୀୟ | ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ | ୯ |
| **ଗଳ୍ପ ବିଭାଗ** | | **୨୪** |
| ଅନେକ କଳାଛାଇ - ୩ | ଅଶୋକ ବିଶ୍ୱାଳ | ୨୫ |
| ବ୍ରହ୍ମରାକ୍ଷସ | ସୁଧାଂଶୁଶେଖର ଦ୍ୱିବେଦୀ | ୩୬ |
| ସ୍ୱପ୍ନ | ବର୍ଷାରାଣୀ ମହାମଲ୍ଲିକ | ୩୯ |
| କଳାକାରର ପୂଜାରିଣୀ | ସୁନନ୍ଦା ମହାନ୍ତି | ୪୩ |
| ଜୀବନ ମୋ ସାହିତ୍ୟର | ଦିପ୍ତି ସେଠ୍ | ୪୫ |
| ଆଧୁନିକ କଳ୍ପତରୁ | ଅମୃତ ନାରାୟଣ ଶତପଥୀ | ୪୮ |
| ଦୀପାଳି | ରୁଦ୍ରକାନ୍ତ ରାଉତରାୟ | ୫୪ |
| ବାଘରୂପୀ ସୈତାନ | ଦୀପକ ଷଡ଼ଙ୍ଗୀ | ୫୭ |
| **କବିତା ବିଭାଗ** | | **୬୩** |
| ସ୍ନାନପୂର୍ଣ୍ଣିମାରୁ ଶ୍ରୀଗୁଣ୍ଡିଚା | ଶିବ ନାରାୟଣ ଦାଶ | ୬୪ |
| ଶ୍ରୀ ଜଗନ୍ନାଥ ଦର୍ଶନ | ସ୍ୱର୍ଗତ ମାୟାଧର ଦାଶ | ୬୯ |
| ଘର ବାହୁଡ଼ା | ଚନ୍ଦନ କୁମାର ଜେନା | ୭୪ |
| ଶରଣାପନ୍ନ | ଶ୍ରୀକ୍ଷେତ୍ର ସୁନ୍ଦର | ୭୬ |


Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com


| | | |
|---|---|---|
| ଲକ୍ଷ୍ୟ ମୋ ରହିଲା ଅଧା | ଶୁଭଶ୍ରୀ ନାୟକ | ୭୭ |
| ଭକ୍ତି ନିବେଦନ | ପ୍ରେମଲତା ହୋତା | ୭୯ |
| ମୁଁ ବଞ୍ଚିବି କାହାପାଇଁ | ଦେବାର୍ଚ୍ଚନ ମେହେର | ୮୦ |
| ପାଶୋରା ପୀରତି | ମାନସ ରଞ୍ଜନ ନାୟକ | ୮୨ |
| କହିବି ଏତିକି | ଶୁଭ୍ରାସିନୀ ପଲେଇ | ୮୪ |
| ଅଲୋଡ଼ା ଜୀବନ | ନିରଞ୍ଜନ ସାହୁ | ୮୫ |
| ଶେଷ ଯାତ୍ରା | ଅନନ୍ତ କୁମାର | ୮୬ |
| ଶୁଭୁଛି ଗାଆଁର ଡାକ | ନୀଳମଣି ଚାନ୍ଦ | ୮୭ |
| ଶଗଡ଼ | ସୁହଂସ ଭୋଇ | ୮୮ |
| ପଥ | ବିନୟ ମହାପାତ୍ର | ୮୯ |
| ଆତ୍ମା କୀର ଛାଡ଼େ ରଡ଼ି | ଅଲେଖ ମେହେର | ୯୧ |
| ମାନ୍ୟ ଆଉ ବୃତ୍ତି | ସତ୍ୟନାରାୟଣ ମିଶ୍ର | ୯୨ |
| କବିମାନେ.... | ଝରଣା ବାରିକ | ୯୪ |
| ବିଳାସି ଭାବନା ଛବି | ଆଶୁତୋଷ ମେହେର | ୯୫ |
| ଭୋଗ ବା ପ୍ରସାଦ | ପବିତ୍ରା ଧଳ ମଲ୍ଲିକ | ୯୬ |
| ବନ୍ଧୁ | ବାସନ୍ତୀ ଲତା ଜେନା | ୯୮ |
| ସାବଧାନ ଅଂଶୁଘାତକୁ | ବିକାଶ କୁମାର ହୋତା | ୯୯ |


Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com


| | | |
|---|---|---|
| କାଳ ବୈଶାଖୀ | ପଙ୍କଜ କୁମାର ମଙ୍ଗଳ | ୧୦୦ |
| ଚାଲି ଚାତୁରୀକି ହୋଇବ... | ଜଗଜ୍ଜୀବନ ସେଠୀ | ୧୦୧ |
| ପ୍ରିୟା ମୋର | ଟୁକୁ ଚୌଧରୀ | ୧୦୩ |
| ହୃଦୟେଶ୍ୱରୀ | ବାଲାଜୀ ସେଠୀ | ୧୦୪ |
| ଅତିଥି ସଞ୍ଜବେଳର | ଆଦରମଣି ପ୍ରଧାନ | ୧୦୬ |
| ରଜ ମଉଜ | ସୌଦାମିନୀ ସାହୁ | ୧୦୮ |
| ଏଇ ତିନିଦିନ | ପୁଷ୍ପାଞ୍ଜଳୀ ପଣ୍ଡା | ୧୦୯ |
| ଆସିଛି ରଜ | ନଳିନୀ ଦାଶ | ୧୧୦ |
| ଅଫେରା ସମୟ | ଦୀନବଂଧୁ ବେଜ | ୧୧୨ |
| ମୋ ଅନୁଭୂତି | ଦୁଷ୍ମନ୍ତ ବେହେରା | ୧୧୩ |
| ଆଇକୁ ଗେଲ | ତାରା ପ୍ରସାଦ ଜେନା | ୧୧୪ |
| ସେ କିଏ ? | କମଳ ଲୋଚନ ପଣ୍ଡା | ୧୧୬ |
| ଲୋକଙ୍କ ସାହିତ୍ୟ | ଭାରତୀ ମୁଦୁଲି | ୧୧୭ |
| ଧନ୍ୟ ତୁ ଯମୁନା | ଶୁଭମୟୀ ଷଡ଼ଙ୍ଗୀ | ୧୧୮ |
| ଆଖିବୁଜି ସବୁ ସହିବୁ | ଶିଶିର କୁମାର ପଣ୍ଡା | ୧୨୦ |
| ଯାଇ ପାରିଲିନି ଶାଳୀ ଘରକୁ | ଜୟନ୍ତ କୁମାର ମଲ୍ଲିକ | ୧୨୧ |
| ପ୍ରେମ ପ୍ରତାରଣା | ଭବାନୀ ଶଙ୍କର ଦାଶ | ୧୨୨ |


Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com


| | | |
|---|---|---|
| କଳଙ୍କର ଅନ୍ୟନାମ ପ୍ରେମ | ସୁଧାଂଶୁ ଶେଖର ପ୍ରଧାନ | ୧୨୩ |
| ଅପେକ୍ଷାରେ ପ୍ରତୀକ୍ଷା | ସ୍ମୃତିରଞ୍ଜନ ବାରିକ | ୧୨୪ |
| ଆତ୍ମହତ୍ୟା | ବିଶ୍ୱରଞ୍ଜନ ସ୍ୱାଇଁ | ୧୨୭ |
| କାମନା ଚରିତାର୍ଥ | ଲକ୍ଷ୍ମଣ ଭୋଇ | ୧୨୯ |
| ସତର୍କ ଘଣ୍ଟି | ଦଣ୍ଡାସି ପ୍ରଧାନ | ୧୩୧ |
| ଦୀର୍ଘଶ୍ୱାସ | ଡଃ ମନୋରଞ୍ଜନ ବିଷୋୟୀ | ୧୩୫ |
| ମା | ଅହଲ୍ୟା ଦାଶ | ୧୩୬ |
| ଜୀବନର ଜଳ ଚକ୍ର | ରାଧାମୋହନ ପୂଜାହାରୀ | ୧୪୦ |
| ସ୍ୱପ୍ନଫୁଟା ମୁହୂର୍ତ୍ତ | କିରନ୍ ସ୍ୱାଇଁ | ୧୪୨ |
| ଅକୁହା ମନର କଥା | ମୋନାଲିସା ପାଣିଗ୍ରାହୀ | ୧୪୩ |
| ଦୁଃସହ ଜୀବନ | ସାବିତ୍ରୀ କଣ୍ଟା | ୧୪୪ |
| **ଲୋକଭାଷା ବିଭାଗ** | | **୧୪୬** |
| ଲକ୍ଷ୍ମୀ ପୁରାନ୍ | ସତ୍ୟ ନାରାୟଣ ମିଶ୍ର | ୧୪୭ |
| ସତ କେଉଁ ନାଇଁ ଲୁକେ | ସତ୍ୟ ନାରାୟଣ ମିଶ୍ର | ୧୫୦ |
| ଆମେ ଗଲେ | ସୁନୀଲ କୁମାର ଅଗସ୍ତି | ୧୫୩ |
| ଜୀବନ୍ ଫୁଲ୍ | ବର୍ଷାରାଣୀ ମହାମଲ୍ଲିକ | ୧୫୭ |
| **ପ୍ରବନ୍ଧ ବିଭାଗ** | | **୧୫୯** |


Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com


| | | |
|---|---|---|
| ଗଙ୍ଗାଙ୍କର ଜନ୍ମବୃତ୍ତାନ୍ତ | ନିତ୍ୟରଞ୍ଜନ ନନ୍ଦ | ୧୬୦ |
| ନୂଆ ସଂସଦଭବନ ଉଦଘାଟନ ବିବାଦ | ସଞ୍ଜୀବ କୁମାର ଦାସ | ୧୬୫ |
| ପଲ୍ଲୀର ସୁରଭି "ସିଲି" | ରାମଚନ୍ଦ୍ର ପ୍ରଧାନ | ୧୭୦ |
| ଆଖି ଥାଉ ଥାଉ ଅନ୍ଧ କିଏ ? କାନ... | ପଙ୍କଜ କୁମାର ପାଣିଗ୍ରାହୀ | ୧୭୪ |
| ବିଶ୍ୱ ରଙ୍ଗମଞ୍ଚ ଦିବସ ମହତ୍ତ୍ୱ | ଅସିତ ମହାନ୍ତି | ୧୭୯ |
| ଆମ ପରିବେଶ ଆମ ଦାୟିତ୍ୱ | ସୌମ୍ୟରଞ୍ଜନ ପାଢ଼ୀ | ୧୮୩ |
| ଜୀବନର ସତ୍ୟକୁ ଜାଣ | ବିଜୟ କୁମାର ସାହୁ | ୧୮୬ |
| ଅମୂଲ୍ୟର ମୂଲ୍ୟ | ବିମଳ କୁମାର ସେଠୀ | ୧୯୨ |
| କାଳରାତ୍ରୀର କରାଳରୂପରେ କରମଣ୍ଡଳ | ଶଙ୍କର ବିଶ୍ୱାଳ | ୧୯୬ |
| ମୁଁ କରମଣ୍ଡଳ... | ତନୁଜା ପ୍ରିୟଦର୍ଶିନୀ | ୧୯୯ |
| ବାହୁନି କାନ୍ଦୁଛି ବାହାନଗା | ଅନନ୍ତ କୁମାର | ୨୦୪ |
| ବିଶେଷ ସୂଚନା | | ୨୦୬ |


ଆହ୍ୱାନ ଇ-ପତ୍ରିକାର ଓଡ଼ିଆ ୟୁଟ୍ୟୁବ୍ ଚ୍ୟାନେଲ୍ ଆଜି ହିଁ ସବସ୍କ୍ରାଇବ୍ କରନ୍ତୁ । ଏବଂ ଆହ୍ୱାନ ଇ-ପତ୍ରିକାରେ ପ୍ରକାଶିତ ସୁନିର୍ବାଚିତ କଥା କାହାଣୀ ସବୁ ଶୁଣିବାକୁ ପାଆନ୍ତୁ ।

https://www.youtube.com/@aahwaan

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

# ସମ୍ପାଦକଙ୍କ କଲମରୁ...

ନମସ୍କାର

ଆହ୍ୱାନ ଇ-ପତ୍ରିକାର ଜୁନ ୨୦୨୩ ସଂସ୍କରଣ ସହିତ ମୁଁ ଆପଣଙ୍କ ସେବାରେ ଉପଲବ୍ଧ । ପ୍ରତ୍ୟେକ ମାସ ପରି ଆହ୍ୱାନର ଚଳିତ ସଂସ୍କରଣରେ ମଧ୍ୟ ନୂତନତା ସ୍ପଷ୍ଟ ଭାବରେ ଦେଖିବାକୁ ପାଇବେ । ଅନେକ ନବୀନ କଥାକାର ଏବଂ କବିଙ୍କ ଆଲେଖ୍ୟ ଏହି ସଂସ୍କରଣକୁ ସମୃଦ୍ଧ କରିଛି କହିଲେ ଅତ୍ୟୁକ୍ତି ହେବ ନାହିଁ । ଯଦି ଆପଣ ଓଡ଼ିଆ ଭାଷାରେ ଲେଖାଲେଖି କରୁଛନ୍ତି ଏବଂ ନିଜର ଲେଖାକୁ ପ୍ରକାଶିତ କରିବାକୁ ଇଚ୍ଛା କରୁଛନ୍ତି ଅଥଚ କୌଣସି ପତ୍ରପତ୍ରିକାରେ ତାହା ପ୍ରକାଶିତ ହୋଇ ପାରୁନାହିଁ, ତା ହେଲେ ନିରୁତ୍ସାହିତ ହୁଅନ୍ତୁ ନାହିଁ । ଆହ୍ୱାନ ଇ-ପତ୍ରିକା ଆପଣଙ୍କୁ ଯୋଗାଇ ଦେବ ସେଇ ସୁଯୋଗ । ଆପଣଙ୍କ ଲେଖାକୁ ପ୍ରକାଶିତ କରିବା ଏବଂ ବିଶ୍ୱ ସାହିତ୍ୟ ପଟ୍ଟଳରେ ପ୍ରଦର୍ଶିତ କରିବାରେ ସହାୟକ ହେବ ଓଡ଼ିଶାର ଏହି ପ୍ରଥମ ଏବଂ ଏକମାତ୍ର ମାସିକ ଓଡ଼ିଆ ସାହିତ୍ୟ ଇ-ପତ୍ରିକା । ଆପଣ ଯେ କେହି ବି ହୁଅନ୍ତୁ ନା କାହିଁକି, ଯଦି ଆପଣଙ୍କ ହୃଦୟରେ ଓଡ଼ିଆ ଭାଷା ଓ ସାହିତ୍ୟ ପ୍ରତି ସମ୍ମାନ ଓ ଆଦର ରହିଛି, ତା ହେଲେ ଆମେ ଆପଣଙ୍କୁ ସାଦରେ ସ୍ୱାଗତ କରିବୁ । ଆପଣଙ୍କ ଆଲେଖ୍ୟକୁ ପ୍ରକାଶିତ କରିବୁ । ଆପଣଙ୍କ ବନ୍ଧୁ, ସହକର୍ମୀ, ପରିଜନ କିମ୍ବା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅନ୍ୟ କେହି ଯଦି ଥାଆନ୍ତି, ଯେ ଓଡ଼ିଆ ଭାଷାରେ ଲେଖାଲେଖି କରୁଥାନ୍ତି ତା ହେଲେ ସେମାନଙ୍କୁ ମଧ୍ୟ ଆହ୍ୱାନ ଇ-ପତ୍ରିକା ବିଷୟରେ ଜଣାନ୍ତୁ । ଲେଖକ ଓ କବିଙ୍କର ଲେଖା ପ୍ରକାଶିତ ହେଲେ ହିଁ ତାହା ଦିଗନ୍ତବିସ୍ତାରି ପ୍ରସାର ଲାଭ କରିବ । ଆମେ ଜାଣୁ ଯେ ଓଡ଼ିଶାର ଅନେକ ପ୍ରତିଷ୍ଠିତ ସମ୍ବାଦପତ୍ରରେ ସାହିତ୍ୟ ପୃଷ୍ଠା ପ୍ରକାଶିତ ହୋଇଥାଏ, କିନ୍ତୁ ଯଦି ଆପଣ ନିରେଖି ଦେଖିବେ ତା ହେଲେ ପ୍ରତ୍ୟେକ ସଂସ୍କରଣରେ କେବଳ ମୁଷ୍ଟିମେୟ ଲେଖକଙ୍କ ଆଲେଖ୍ୟ ହିଁ ସେମାନେ ପ୍ରକାଶିତ କରିଥାନ୍ତି । ଏହିଭଳି ଏକ ଧାରଣ ସୃଷ୍ଟି କରାଯାଏ ଯେମିତି କେବଳ ସେହି କିଛି ବ୍ୟକ୍ତି ହିଁ ସାହିତ୍ୟକୁ ଧରି ରଖିଛନ୍ତି । ଅନ୍ୟମାନଙ୍କ ଲେଖାକୁ ପ୍ରତ୍ୟାଖ୍ୟାନ କରାଯାଏ । ଏହା ଉଦୀୟମାନ ଲେଖକ ଓ କବିମାନଙ୍କୁ ହତୋତ୍ସାହିତ କରିଥାଏ । ଅନେକ ଲେଖକ ଯେଉଁମାନଙ୍କ ପ୍ରଥମ ଲେଖା ଆହ୍ୱାନ ଇ-ପତ୍ରିକାରେ ପ୍ରକାଶିତ ହୋଇଥିଲା, ସେମାନେ ବର୍ତ୍ତମାନ ରାଷ୍ଟ୍ରୀୟ ସ୍ତରରେ ସମ୍ମାନିତ ବି ହୋଇ ସାରିଲେଣି । ସେମାନେ ମଧ୍ୟ ନିଜ ଲେଖା ପ୍ରକାଶନ ପାଇଁ ଉନ୍ନତ ମଞ୍ଚ ଖୋଜି ଖୋଜି ଆହ୍ୱାନ କୁ ଆପଣେଇ ଥିଲେ । ନିଚ୍ଛକ ଓଡ଼ିଆ ସାହିତ୍ୟ ଓ ଭାଷା ସଂସ୍କାର ସୃଷ୍ଟି କରିବା ଆମ ଉଦ୍ଦେଶ୍ୟ । ସେଇଥିପାଇଁ ଆମ ପତ୍ରିକାରେ ପ୍ରଥମେ ଲେଖାଯାଇଛି, "ଆସ ଓଡ଼ିଆରେ ଲେଖିବା, ପଢ଼ିବା ଓ ପଢ଼ାଇବା ।"

କୌଣସି ଲେଖକ ବା କବି ହତୋତ୍ସାହିତ ନ ହୁଅନ୍ତୁ ଏହା ଆମର ପ୍ରଚେଷ୍ଟା । ଆମେ ସବୁବେଳେ ପ୍ରଚେଷ୍ଟା କରୁଛୁ ଯେମିତି ସର୍ବାଧିକ ଲେଖକ ଓ କବିଙ୍କ ଲେଖାକୁ ଆମ ପତ୍ରିକାରେ ସ୍ଥାନ ଦେବୁ । କଅଁଳ ଗଛରେ ଫୁଲ ଫଳ ଧରେ ନାହିଁ ସତ କିନ୍ତୁ ସେଇ କଅଁଳ ବୃକ୍ଷ ଭବିଷ୍ୟରେ ଯେ ଫଳବତୀ ହେବନାହିଁ, ତାହା କିଏ କହିବ । ତେଣୁ ଏହି ବୟସରୁ ହିଁ ଯତ୍ନ କରାଗଲେ ଭବିଷ୍ୟରେ ନିଶ୍ଚୟ ତାହା ଉପକାରୀ ହେବ । ଉଦୀୟମାନ ଲେଖକ ମାନଙ୍କ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଗୋଟିଏ ଲକ୍ଷ୍ୟ, ଆହ୍ୱାନ ଇ-ପତ୍ରିକାରେ ପ୍ରକାଶିତ ହେବା ଓ ଭବିଷ୍ୟର ପନ୍ଥା ନିର୍ଦ୍ଧାରଣ କରିବା ।

ଓଡ଼ିଆ ସାହିତ୍ୟ ବିଶ୍ୱର ଦ୍ୱିତୀୟ ସର୍ବବୃହତ ସଂଗ୍ରହ ବୋଲି ପ୍ରମାଣିତ ହୋଇ ସାରିଛି । ସେଇ ଭାଷାର ବିବିଧତା ଓ ପ୍ରସାର ହେତୁ ଆମେ ସାହିତ୍ୟକୁ ସମ୍ମାନ ଦେବା ଓ ସାହିତ୍ୟ ସୃଷ୍ଟି କରିବା ଅତ୍ୟନ୍ତ ଜରୁରୀ ହୋଇଯାଏ ।

ଚଳିତ ମାସରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପବିତ୍ର ରଥଯାତ୍ରା ଅନୁଷ୍ଠିତ ହେବ । କରୋନା ପରବର୍ତ୍ତୀ ସମୟରେ ରଥଯାତ୍ରାର ଏହା ସମ୍ଭବତଃ ପ୍ରଥମ ସଂସ୍କରଣ ହେବ ଯାହା କୌଣସି ବାଧା ଓ କଟକଣା ନଥାଇ ଆୟୋଜିତ ହେବ । ଆମ ଜାତିର ଦେବତା ମହାପ୍ରଭୁ ଶ୍ରୀ ଜଗନ୍ନାଥ ସମସ୍ତଙ୍କୁ ଆଶୀର୍ବାଦ କରନ୍ତୁ ଆମର ଏତିକି ପ୍ରାର୍ଥନା ।

ବିଗତ ମାସ ରାଜ୍ୟ ଓ ଦେଶ ଘଟଣା ବହୁଳ ଥିଲା । ଯେଉଁ ଘଟଣା ସମ୍ପୂର୍ଣ୍ଣ ଦେଶକୁ ଦୋହଲାଇ ଦେଇଥିଲା ତାହା ଥିଲା ଓଡ଼ିଶାର ବାଲେଶ୍ୱର ନିକଟସ୍ଥ ବାହାନଗା ରେଳ ଷ୍ଟେସନରେ ଘଟିଥିବା ମର୍ମନ୍ତୁଦ ରେଳ ଦୁର୍ଘଟଣା । ତିନିଶହ ପାଖାପାଖି ଲୋକଙ୍କ ଜୀବନ ହାନୀ ହେବା ସହ ହଜାରରୁ ଅଧିକ ଲୋକ ଗୁରୁତର ଭାବରେ ଆହତ ହୋଇଥିଲା ଏହି ଦୁର୍ଘଟଣା ଭାରତୀୟ ରେଳ ଦୁର୍ଘଟଣା ସୂଚୀରେ ସବୁଠାରୁ ନିନ୍ଦିତ ଏବଂ ଅବର୍ଣ୍ଣନୀୟ ଘଟଣା ବୋଲି କହିହେବ ।

ଜୁନ ମାସ ଦୁଇ ତାରିଖ ବିଳମ୍ବିତ ସନ୍ଧ୍ୟାରେ ବାହାନଗା ଠାରେ ରେଳ ଚଳାଚଳରେ ବ୍ୟବହୃତ ସଙ୍କେତ ବ୍ୟବସ୍ଥାରେ ତ୍ରୁଟି ହେତୁ ତୀବ୍ରବେଗରେ ଆସୁଥିବା କରମଣ୍ଡଳ ଏକ୍ସପ୍ରେସ୍ ରେଳଗାଡ଼ି ଷ୍ଟେସନରେ ଠିଆ ହୋଇଥିବା ଏକ ମାଲଗାଡ଼ି ସହ ପ୍ରାୟ ୧୨୮ କିଲୋମିଟର ବେଗରେ ଆସି ଧକ୍କା ଦେବା ଫଳରେ ଏହାର ପାଖାପାଖି କୋଡ଼ିଏଟି ଡବା ରେଳଧାରଣାରୁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବାହାରି ଯାଇଥିଲେ । ଏହି ଘଟଣା ଏତେ ତୀବ୍ରତର ଥିଲା ଯେ ଆଖି ପିଛୁଳାକେ ଅନେକ ବ୍ୟକ୍ତିଙ୍କର ଦୁନିଆ ବଦଳି ଯାଇଥିଲା । ଅନେକ ଯାତ୍ରୀ ପ୍ରାଣ ହରାଇଥିଲା ବେଳେ, ଅନେକ ବ୍ୟକ୍ତି ନିଜର ହାତ ଗୋଡ଼ ହରାଇଥିଲେ । ଅନେକ ପରିବାର ହତାହତ ହୋଇଥିଲେ । ଏହି ମୁହୂର୍ତ୍ତରେ ବିପରୀତ ଦିଗରୁ ଆସୁଥିବା ଯଶବନ୍ତପୁର-ହାଓଡ଼ା ରେଳ ମଧ୍ୟ ଏହି ଦୁର୍ଘଟଣା ସ୍ଥଳରେ ରେଳଧାରଣାରୁ ବାହାରେ ପଡିଥିବା ଡବା ଆଘାତରେ ଧାରଣାଚ୍ୟୁତ ହୋଇଥିଲା । ଏକାଥରେ ତିନି ତିନୋଟି ରେଳ ପରସ୍ପର ସହ ଧକ୍କା ଖାଇ ଏଭଳି ପରିସ୍ଥିତି ସୃଷ୍ଟି ହେଲା ଯେ, ତାହା ମାନବ ଇତିହାସରେ ଏକ କଳଙ୍କ ହୋଇ ରହିଯିବ । ଦୁର୍ଘଟଣାର ଶବ୍ଦରେ ନିକଟରେ ରହୁଥିଲା ବସତିରେ ପହଞ୍ଚିବା ପରେ ବାଲେଶ୍ୱରରେ ଏହାର ଖବର ପହଞ୍ଚିଲା ଏବଂ ତ୍ୱରିତ ପଦକ୍ଷେପରେ ସ୍ଥାନୀୟ ଲୋକମାନେ ଦୁର୍ଘଟଣାରେ ଆହତ ଲୋକଙ୍କ ସହାୟତା ପାଇଁ ଆଗେଇ ଆସିଲେ । ଓଡିଶା ସରକାର ମଧ୍ୟ ତ୍ୱରିତ ପଦକ୍ଷେପ ନେଇ, ଘଟଣା ସ୍ଥଳକୁ ସୁରକ୍ଷା ବ୍ୟବସ୍ଥା ସମେତ, ସ୍ୱାସ୍ଥ୍ୟସେବା ଦଳ ଏବଂ ଅନେକ ଅନ୍ୟାନ୍ୟ ଆନୁସଙ୍ଗିକ ପଦକ୍ଷେପ ମଧ୍ୟ ନେଇଥିଲେ । ଅନ୍ଧାର ରାତିରେ ମଧ୍ୟ ଲୋକଙ୍କୁ ଦୁର୍ଘଟଣାଗ୍ରସ୍ତ ରେଳ ଡବା ମାନଙ୍କ ମଧ୍ୟରୁ ଉଦ୍ଧାର କରାଯାଇ ପ୍ରାଥମିକ ଚିକିତ୍ସା କିମ୍ବା ଅଧିକ ଚିକିତ୍ସା ପାଇଁ ସ୍ଥାନାନ୍ତରିତ କରାଯାଇଥିଲା । ପଚାଶରୁ ଉର୍ଦ୍ଧ୍ୱ ଆମ୍ବୁଲାନ୍ସ, ପଚିଶି ଡାକ୍ତରୀ ଚିକିତ୍ସା ଦଳ, ଶତାଧିକ ସ୍ୱେଚ୍ଛାସେବୀ ଏବଂ ରାଷ୍ଟ୍ରୀୟ ବିପଦ ପ୍ରଶମନ ଦଳ ଏହି କାର୍ଯ୍ୟରେ ତୁରନ୍ତ ନିଯୁକ୍ତ କରାଗଲେ । କେନ୍ଦ୍ର ରେଳମନ୍ତ୍ରୀ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟକୁ ତଦାରଖ କରିବା ସହ ଶୀଘ୍ର ରେଳ ରାସ୍ତାକୁ ସଫା କରିବା ପାଇଁ ସହାୟତା କରିବାକୁ ଲାଗିଗଲେ ।

ଏହିଭଳି ଦୁର୍ଘଟଣା ମାନବ ଜନିତ ତ୍ରୁଟି ଯୋଗୁଁ ହୋଇଥିଲା ନା ଆଉ କୌଣସି କାରଣରୁ ତାହା ବିଷୟରେ ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଏତେ ସଂଖ୍ୟାରେ ଲୋକ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆହତ ହୋଇଥିଲା ବେଳେ ସେମାନଙ୍କୁ ଆବଶ୍ୟକ ହୋଇଥିଲା ରକ୍ତ । ଏଥିପାଇଁ ବାଲେଶ୍ୱର ତଥା ଭୁବନେଶ୍ୱର ଓ କଟକରେ ଅନେକ ସ୍ୱେଚ୍ଛାସେବୀ ରକ୍ତଦାନ କରିବାପାଇଁ ଆଗେଇ ଆସିଥିଲେ । ଶୁଣାଯାଉଛି ଯେ ପାଖାପାଖି ସାତହଜାର ରକ୍ତ ସଂଗ୍ରହ ହୋଇଥିଲା । ଏହିଭଳି ଦୁର୍ବଳ ମୁହୂର୍ତ୍ତରେ ଓଡ଼ିଶାବାସୀଙ୍କ ସହାୟତାର କାହାଣୀ ସମ୍ପୂର୍ଣ୍ଣ ଦେଶ ଓ ବିଦେଶରେ ମଧ୍ୟ ଆଲୋଚ୍ୟ ବିଷୟ ହୋଇଥିଲା । ବିପର୍ଯ୍ୟୟ ପ୍ରଶମନ ପାଇଁ ଓଡ଼ିଶା ସରକାରଙ୍କ ତ୍ୱରାନ୍ୱିତ କାର୍ଯ୍ୟାନୁଷ୍ଠାନ ମଧ୍ୟ ଉଚ୍ଚ ପ୍ରଶଂସିତ ହୋଇଥିଲା । ସେ ଯା ହେଉ ଦୁଇ ଦିନ ମଧ୍ୟରେ ସମସ୍ତ ଉଦ୍ଧାର କାର୍ଯ୍ୟ ସମାପନ କରିବା ସହ ରେଳ ରାସ୍ତାକୁ ଯାତାୟାତ ପାଇଁ ଖୋଲି ଦିଆଯାଇଥିଲା ।

ଦୁର୍ଘଟଣା ପରେ ପରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ, ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ, ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ସୁଶ୍ରୀ ମମତା ବାନାର୍ଜୀ ସମେତ ଅନେକ ରାଜନେତା ଘଟଣା ସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଦେଖିବା ସହ ଆହତ ବ୍ୟକ୍ତିମାନଙ୍କ ସହ ସାକ୍ଷାତ କରି ସେମାନଙ୍କ ଭଲମନ୍ଦ ପଚାରି ବୁଝିଥିଲେ । ମୃତ ଯାତ୍ରୀମାନଙ୍କୁ ଆର୍ଥିକ ସହାୟତା ଘୋଷଣା କରାଯାଇଥିଲା । ଆହତ ମାନଙ୍କ ଚିକିତ୍ସା ପାଇଁ ଅଭିଜ୍ଞ ଡାକ୍ତରୀ ଦଳ ଗଠନ କରାଯାଇ ଭୁବନେଶ୍ୱର ସ୍ଥିତ ଏମସ୍ ଏବଂ କଟକ ବଡ଼ ମେଡ଼ିକାଲରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା । ଘଟଣାକୁ ବର୍ତ୍ତମାନ ଦଶ ଦିନ ବିତିଗଲାଣି । ଏଭଳି ଦୁର୍ଘଟଣା ଭାରତୀୟ ରେଳ ଇତିହାସରେ ବିରଳ ବୋଲି ବୁଦ୍ଧିଜୀବି ମାନେ ମତ ଦେଇଛନ୍ତି ।

ଅତ୍ୟନ୍ତ ଦୁଃଖ ଓ କ୍ଷୋଭର ବିଷୟ, ଏହିଭଳି ଏକ ଦୁର୍ବଳ ମୁହୂର୍ତ୍ତରେ ମଧ୍ୟ କିଛି ରାଜନୈତିକ ଦଳ ଘଟଣାକୁ ନେଇ ରାଜନୀତି କରିବାକୁ ପଛାଇ ନଥିଲେ । ପ୍ରଥମତଃ ଦୁର୍ଘଟଣା ପରେ ପରେ ରେଳମନ୍ତ୍ରୀଙ୍କ ଇସ୍ତଫାର ଦାବୀ ପ୍ରବଳ ହେବାକୁ ଲାଗିଥିଲା । ଏହାକୁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନେଇ ରେଳମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କୁ ସୋସିଆଲ୍ ମେଡିଆରେ ଅନେକ ବ୍ୟକ୍ତି ଅଭଦ୍ରୋଚିତ ଓ ଅଶ୍ଳୀଳ ଭାବରେ ଗାଳିଗୁଲଜ କରିବା ଦେଖାଯାଇଥିଲା । ଅବଶ୍ୟ ଏହି ଦେଶରେ ଆଗରୁ ଏହିଭଳି ଦୃଷ୍ଟାନ୍ତ ସୃଷ୍ଟି କରାଯାଇଛି ଯେ ରେଳ ଦୁର୍ଘଟଣା ପରେ ମନ୍ତ୍ରୀମାନେ ନିଜ ପଦବୀରୁ ଇସ୍ତଫା ଦେଇଥିଲେ । ଠିକ୍ ଅଛି ଯେ ମନ୍ତ୍ରୀ ଯେହେତୁ ସେଇ ବିଭାଗର ସେ ଏହି ଘଟଣାର ନୈତିକ ଦାୟିତ୍ୱ ନେବା ଜରୂରୀ କିନ୍ତୁ ତା ବୋଲି ଇସ୍ତଫା ଦେଇଦେବା ହିଁ ଭଲ ହେବ ନା, ଘଟଣା ସ୍ଥଳରେ ରହି ଉଦ୍ଧାର କାର୍ଯ୍ୟ କରିବା ଏବଂ ଅନ୍ୟାନ୍ୟ ବ୍ୟବସ୍ଥା ଦେଖିବା ଉଚିତ ହେବ ? ଆମେ ଇତିହାସରେ ଏହିଭଳି ରେଳମନ୍ତ୍ରୀ ଦେଖିନଥିଲୁ ଯେ ଦୁର୍ଘଟଣା ପରେ ଘଟଣା ସ୍ଥଳରେ ବ୍ୟକ୍ତିଗତ ଭାବରେ ଉପସ୍ଥିତ ରହି ସହାୟକ ଦଳମାନଙ୍କ ମନୋବଳ ବଢ଼ାଇବା ସହ ନିଜେ ବି ଶ୍ରମଦାନ କରିଥିଲେ । ତାଙ୍କର ଏତାଦୃଶ କାର୍ଯ୍ୟପାଇଁ ସବୁକ୍ଷେତ୍ରରୁ ପ୍ରଶଂସାର ସୁଅ ଛୁଟି ଆସିଥିଲା ।

ଦୁର୍ଘଟଣା ପରେ ପରିସ୍ଥିତି ଅନୁଧ୍ୟାନ କରିବାପରେ ଏହାକୁ ସିବିଆଇ ଦ୍ୱାରା ତଦନ୍ତ ପରିସରଭୂକ୍ତ କରିବାପାଇଁ ରେଳମନ୍ତ୍ରୀ ଅନୁରୋଧ କରିଥିଲେ । କିଛି ରାଜନୈତିକ ଦଳ ଏଥିରେ ଅସହମତ ହେବାର ଦେଖାଯାଇଥିଲା । ଶୁଣାଯାଉଛି ଯେ ମୃତାହତଙ୍କୁ ମିଳୁଥିବା ସହାୟତା ରାଶି ବା ଅର୍ଥକୁ ସିଧା ସଳଖ ସେମାନଙ୍କ ବ୍ୟାଙ୍କ ଏକାଉଣ୍ଟରେ ପହଞ୍ଚାଇବା ବ୍ୟବସ୍ଥା ଉଭୟ କେନ୍ଦ୍ର ଓ ଓଡିଶା ସରକାର କରିଥିବା ବେଳେ କିନ୍ତୁ ପଶ୍ଚିମ ବଙ୍ଗ ସରକାର ସମସ୍ତଙ୍କୁ ଦୁଇହଜାର ଟଙ୍କିଆ ଦେଇ କାମ ତୁଲାଇ ଦେଇଛନ୍ତି । (ଏହି ଦୁଇ ହଜାର ଟଙ୍କିଆ ମୁଦ୍ରା ଅଚଳ ବୋଲି ଘୋଷଣା ହୋଇଛି, ଯାହା ବିଷୟରେ ଆମେ ଆଗକୁ ଜାଣିବା ।)

କରମଣ୍ଡଳ ହେଉଛି, ଦକ୍ଷିଣ ପୂର୍ବ ରେଳପଥର ସବୁଠାରୁ ଅଧିକ ଲୋକପ୍ରିୟ ରେଳ ମାନଙ୍କ ମଧ୍ୟରୁ ଗୋଟିଏ । କିନ୍ତୁ ଦୁର୍ଭାଗ୍ୟର ବିଷୟ ଏହି ରେଳ ବିଗତ ବର୍ଷମାନଙ୍କରେ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅନେକ ଥର ଦୁର୍ଘଟଣାଗ୍ରସ୍ତ ହୋଇ ସାରିଛି ।

ଦୁର୍ଘଟଣା ବିରୋଧୀ ବ୍ୟବସ୍ଥା ରେଳ ବିଭାଗରେ କାର୍ଯ୍ୟକାରୀ କରିବା ପ୍ରକ୍ରିୟା ଜାରୀ ରହିଚି, ସମ୍ଭବତଃ ଭବିଷ୍ୟତରେ ଏହିଭଳି କୌଣସି ଦୁର୍ଘଟଣା ଦେଖିବାକୁ ନ ମିଳିପାରେ । ଅବଶ୍ୟ ରେଳ ବିଭାଗର କିଛି ପ୍ରାକ୍ତନ କର୍ମଚାରୀ ମନ୍ତବ୍ୟ ଦେଇଛନ୍ତି ଯେ ଦୁର୍ଘଟଣାରୋଧି ବ୍ୟବସ୍ଥା ଥିଲେ ସୁଦ୍ଧା ଯଦି ସିଗ୍ନାଲ୍ ବ୍ୟବସ୍ଥାରେ ତ୍ରୁଟି ହୁଏ ତା ହେଲେ ସେଇ ସମୟରେ ଦୁର୍ଘଟଣାକୁ ଏଡ଼ାଇବା ସମ୍ଭବ ନ ହୋଇପାରେ । ସେ ଯାହେଉ ଏତେବଡ଼ ଦୁର୍ଘଟଣା କାହିଁକି ଓ କିପରି ହୋଇଗଲା, ଏଥିରେ କିଏ ଦାୟୀ, ଏହା ଜାଣି ଜାଣି ସଂଘଟିତ କରାଯାଇ ନାହିଁ ତ, ମାନବିକ ଅବହେଳା ନା କୌଣସି ସଂତ୍ରାସ ଗୋଷ୍ଠୀ ଏଥିରେ ସାମିଲ ତାହା ନେଇ ତଦନ୍ତ ଚାଲିଛି । ଏହି ଘଟଣାରେ ମୃତାହତ ସମସ୍ତ ବ୍ୟକ୍ତିଙ୍କ ପରିବାର ସହ ଆମେ ସମବେଦନା ଜ୍ଞାପନ କରୁଛୁ ।

ବିଗତ ମାସର ଏକ ପ୍ରମୁଖ ଘଟଣା ହେଉଛି, ଦୁଇ ହଜାର ଟଙ୍କାର ଭାରତୀୟ ମୁଦ୍ରାର ବିମୁଦ୍ରୀକରଣ ଘୋଷଣା । ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଇ ଏହିଭଳି ଏକ ଘୋଷଣା କେନ୍ଦ୍ର ସରକାର କରିବାପରେ ଦେଶରେ ପୁଣିଥରେ ବ୍ୟାପକ ଭାବରେ ରାଜନୀତି ଓ ଅସନ୍ତୋଷ ବ୍ୟକ୍ତ କରିବା ଦେଖା ଦେଇଥିଲା । ଅତୀତରେ ମଧ୍ୟ ଏହିଭଳି ବିମୁଦ୍ରୀକରଣ ଘୋଷଣା କରି କେନ୍ଦ୍ର ସରକାର ସମସ୍ତଙ୍କୁ ଚକିତ କରି ଦେଇଥିଲେ । ସେଇ ସମୟରେ ଏହାକୁ ନେଇ ଅନେକ ରାଜନୀତି ହୋଇଥିଲା । ହଜାର ଓ ପାଞ୍ଚଶହ ଟଙ୍କିଆ ମୁଦ୍ରାକୁ ଅଚଳ ବୋଲି ଘୋଷଣା କରାଯାଇ ଦେଶରେ ଏକ ପ୍ରକାର ଅସୁସ୍ଥକର ସ୍ଥିତି କରାଯାଇଥିଲା । ହେଲେ ଚଳିତ ସଂସ୍କରଣରେ ମାତ୍ର ଦୁଇହଜାର ଟଙ୍କିଆ ମୁଦ୍ରା ଅଚଳ ଘୋଷଣା କରାଯାଇଛି ଏବଂ ଏହାକୁ ବଦଳାଇବା ପାଇଁ ଯଥେଷ୍ଟ ସମୟ ଦିଆଯାଇଛି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିମୁଦ୍ରୀକରଣ ସମୟରେ ଦୁଇହଜାର ଟଙ୍କା ମୂଲ୍ୟର ମୁଦ୍ରା ପ୍ରଚଳନ କରାଯାଇଥିଲା ଏବଂ ସେଇ ସମୟରେ ଘୋଷଣା କରାଯାଇଥିଲା ଯେ ଏହି ମୁଦ୍ରା ମଧ୍ୟ ଦୀର୍ଘସ୍ଥାୟୀ ନୁହେଁ । କିନ୍ତୁ ପରିସ୍ଥିତି ଏଭଳି ହେଲା ଯେ କିଛି ଲୋକ ଘରେ ମୁଦ୍ରା ଗଚ୍ଛିତ କରି ରଖିବାପାଇଁ ଏକ ସହଜ ଉପାୟ ପାଇଗଲେ । ଆଗରୁ ପାଞ୍ଚଶହ ଓ ହଜାର ଟଙ୍କା ଗଚ୍ଛିତ କରି ରଖୁଥିବା ଲୋକମାନେ ଏବେ ଦୁଇହଜାର ଟଙ୍କାର ମୁଦ୍ରା ଗଚ୍ଛିତ କରି ରଖିଲେ । ବଜାରରେ ଦୁଇ ହଜାର ଟଙ୍କା ଦେଖିବାକୁ ମିଳିଲା ନାହିଁ । ଦେଶର ଅର୍ଥନୀତିରେ ଟଙ୍କା ବା ଅର୍ଥକୁ ଯଦି କେହି ଗଚ୍ଛିତ କରି ରଖନ୍ତି ତାହା ଅର୍ଥନୀତି ପାଇଁ ଆଦୌ ଶୁଭଙ୍କର ନୁହେଁ ବୋଲି ଜଣାଯାଏ । ତେଣୁ ଏହିଭଳି ଘୋଷଣାର ଆବଶ୍ୟକତା ରହିଥିଲା । ଯେଉଁମାନେ ଦୁଇହଜାର ଟଙ୍କା ମୁଦ୍ରା ଲୁଚେଇ ରଖିଥିଲେ ସେମାନେ ଏବେ ସେଇ ସବୁ ମୁଦ୍ରାକୁ ବଦଳାଇବେ କିମ୍ବା ଅର୍ଥକୁ ନିଜ ବ୍ୟାଙ୍କ ଏକାଉଣ୍ଟରେ ଜମା କରିବା ପାଇଁ ବାଧ୍ୟ ହେବେ । ଅର୍ଥ ଚଳପ୍ରଚଳ ହେଲେ ହିଁ ଦେଶର ଉନ୍ନତି ସଂଭବ । କିନ୍ତୁ ଲୋଭବଶତଃ ଓ ଭ୍ରଷ୍ଟାଚାର ଦ୍ୱାରା ଅର୍ଜିତ ଅର୍ଥକୁ ଲୋକମାନେ ବ୍ୟାଙ୍କରେ ଜମା କରନ୍ତି ନାହିଁ । ଯାହା ଫଳରେ ଦେଶର ଅର୍ଥ ବ୍ୟବସ୍ଥା ଏକ ପ୍ରକାର ସ୍ଥାଣୁ ଅବସ୍ଥାକୁ ଆସିଯାଏ । ଆଶା କରାଯାଉ ଯେ ବିମୁଦ୍ରୀକରଣ ଦୁଇ ଦୁଇଥର ଅନୁଭବ କରିବାପରେ ଲୋକମାନେ ସଚେତନ ହେବେ ।

ବିଗତ ଦିନରେ ଦିଲ୍ଲୀର ମୁଖ୍ୟମନ୍ତ୍ରୀ ଶ୍ରୀ ଅରବିନ୍ଦ କେଜରିବାଲ୍, ନିଜର ବିଶାଳ ବାସଭବନ ନିର୍ମାଣ ପାଇଁ ଆବଶ୍ୟକତା ଠାରୁ ଅଧିକ ଖର୍ଚ୍ଚ କରି ଲୋକହସା ହୋଇଥିବା ଖବର ସମସ୍ତେ ଜାଣିଥିବେ । ଏହାପରେ ସେ କିଛିଦିନ ପାଇଁ ନିରବ ରହିବାପରେ ପୁଣିଥରେ ନିଜର ପ୍ରକୃତିବଶତଃ ବାହାସ୍ଫୋଟ ମାରିବାକୁ ବାହାରି ଥିଲା ବେଳେ ପୁଣିଥରେ ହଟହଟା ହୋଇଛନ୍ତି । କିଛିଦିନ ତଳେ ଦିଲ୍ଲୀ ସ୍ଥିତ ଏକ ବିଶ୍ୱବିଦ୍ୟାଳୟର ପୂର୍ବଭାଗର କୋଠା ସବୁ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନିର୍ମାଣ ପରେ ଏହାକୁ ଉଦଘାଟନ ପାଇଁ ଆୟୋଜିତ ଏକ ସଭାରେ କେଜରିବାଲଙ୍କୁ ଉପସ୍ଥିତ ଦର୍ଶକ କୁହାଇ ଦେଇନଥିଲେ । ସୂଚନାଯୋଗ୍ୟ ଯେ ଇନ୍ଦ୍ରପ୍ରସ୍ଥ ସ୍ଥିତ ଏକ ବିଶ୍ୱବିଦ୍ୟାଳୟର ନିର୍ମାଣ ପାଇଁ ବର୍ଷ ୨୦୧୪ ଡିସେମ୍ବର ମାସରେ ତତ୍କାଳୀନ କେନ୍ଦ୍ର ସରକାରଙ୍କ ମାନବ ସମ୍ବଳ ମନ୍ତ୍ରୀ ସ୍ମୃତି ଇରାନୀ ଫଳକ ସ୍ଥାପନ କରାଇଥିଲେ । ଏବଂ ଏହାପରେ ବିଶ୍ୱବିଦ୍ୟାଳୟର ବିଭିନ୍ନ କୋଠାବାଡ଼ି ନିର୍ମାଣ ହୋଇଥିଲା । ତାହା ସମ୍ପୂର୍ଣ୍ଣ ହେବାପରେ, ଉଦଘାଟନ ଉତ୍ସବକୁ ବିଶ୍ୱବିଦ୍ୟାଳୟର କୁଳପତି, ଦିଲ୍ଲୀର ରାଜ୍ୟପାଳଙ୍କୁ ନିମନ୍ତ୍ରଣ ମିଳିଥିବା ବେଳେ ସେଇ ସଭାରେ ଅନ୍ୟତମ ଅତିଥି ଭାବରେ ମୁଖ୍ୟମନ୍ତ୍ରୀ କେଜରିବାଲ ଓ ଦିଲ୍ଲୀର ଶିକ୍ଷାମନ୍ତ୍ରୀ ଆତିଶି ମାର୍ଲେନା ଉପସ୍ଥିତ ଥିଲେ ।

ଉଦଘାଟନ ପୂର୍ବରୁ ହିଁ ଆତିଶି ମାର୍ଲେନା ଟ୍ୱିଟରେ ଏକ ପୋଷ୍ଟରେ ଭାରତୀୟ ଜନତା ପାର୍ଟିକୁ ଆକ୍ଷେପ କରି କହିଥିଲେ ଯେ ଆମେ ଏହି ବିଶ୍ୱବିଦ୍ୟାଳୟ ନିର୍ମାଣ କରାଇଛୁ । ପୁଣି ସମାନ ଧରଣର ପୋଷ୍ଟ ଆମ୍ ଆଦମୀ ପାର୍ଟି ତରଫରୁ କରାଗଲା । ତଥା ସମ୍ବାଦପତ୍ର ମାନଙ୍କରେ ବଡ଼ ବଡ଼ ବିଜ୍ଞାପନ ବି ଦିଆଗଲା । ହେଲେ ଉଦଘାଟନ ବେଳେ ଯେତେବେଳେ ରାଜ୍ୟପାଳ ଉଦଘାଟନ କରିବାକୁ ଗଲେ ଏବଂ ସେ ସୌଜନ୍ୟତା ଦୃଷ୍ଟିରୁ ଅନ୍ୟ ଅତିଥି ମାନଙ୍କୁ ନିକଟରେ ଉପସ୍ଥିତ ହେବାପାଇଁ କହିଲେ ସେତେବେଳେ କିନ୍ତୁ ଅଭ୍ୟାସବଶତଃ କେଜରିବାଲ ନିଜେ ଉଦଘାଟନ କରିଦେବାପାଇଁ ଉଦ୍ୟତ ହେଉଥିବା ବେଳେ ରାଜ୍ୟପାଳ ତାଙ୍କୁ ପଛକୁ ଠେଲି ଦେଇଥିଲେ, ତଥାପି ସେ ଆଗକୁ ଆସି ଉଦଘାଟନ ବେଳେ ରଶିକୁ ଧରି ଫଟୋ ଉଠାଇବା ଦେଖାଯାଇଥିଲା । ଅନାବଶ୍ୟକ ଭାବରେ ନିଜକୁ ଗୁରୁତ୍ୱ ଦିଆଇବା ପାଇଁ ସେ ଚେଷ୍ଟା କରୁଥିଲେ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ଯେଉଁ କାର୍ଯ୍ୟ ସେ କରି ନାହାନ୍ତି ତାହାର ଶ୍ରେୟ ବି ସେ ହିଁ ନେବାର ପ୍ରଚେଷ୍ଟା କରିଥିଲେ । ଅବଶ୍ୟ ଏହା କୌଣସି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନୂତନ ଘଟଣା ନୁହଁ । ଅତୀତରେ ମଧ୍ୟ ସେ ଏହିଭଳି ଅନେକ କାର୍ଯ୍ୟ କରିଛନ୍ତି । କେନ୍ଦ୍ର ସରକାରଙ୍କ କାର୍ଯ୍ୟକ୍ରମକୁ ନିଜସ୍ୱ ବୋଲି କହି ବାହାବା ଲୁଟିବାକୁ ଚେଷ୍ଟା କରିଛନ୍ତି । ହେଲେ ଚଳିତ ପ୍ରକରଣରେ ଆୟୋଜିତ ସଭାରେ ରାଜ୍ୟପାଳ ବିଶ୍ୱବିଦ୍ୟାଳୟର ନିର୍ମାଣରେ ହୋଇଥିବା ସମସ୍ତ ଖର୍ଚ୍ଚ ବିଶ୍ୱବିଦ୍ୟାଳୟ ସ୍ୱୟଂ କରିଛି ବୋଲି କହି, କେଜରିବାଲଙ୍କ ଦାବୀକୁ ଖଣ୍ଡନ କରିଥିଲେ ଏବଂ ଆହୁରି ମଧ୍ୟ କହିଥିଲେ ଯେ ଏହି ବିଶ୍ୱବିଦ୍ୟାଳୟର ଧାରଣା ଆମ୍ ଆଦମୀ ପାର୍ଟିର ଗଠନ ପୂର୍ବରୁ ହିଁ ହୋଇ ସାରିଥିଲା । ସେଇ କାର୍ଯ୍ୟକ୍ରମରେ ନିଜ ପାଳି ଆସିବା ବେଳେ ଯେତେବେଳେ କେଜରିବାଲ ଭାଷଣ ଦେବାପାଇଁ ମଞ୍ଚକୁ ଆସିଥିଲେ ସେତେବେଳେ ତାଙ୍କୁ କୁହାଇ ଦିଆଗଲା ନାହିଁ । ଏବଂ ସେ ଅପଦସ୍ତ ହୋଇ ନିଜ ଭାଷଣକୁ ସଂକ୍ଷିପ୍ତରେ ଉପସ୍ଥାପନ କରି ଚାଲି ଯାଇଥିଲେ ।

ଆଶ୍ଚର୍ଯ୍ୟର ବିଷୟ କିଛି ଦିନତଳେ ହିଁ ଯେତେବେଳେ ଭାରତର ନୂତନ ସଂସଦ ଭବନ ଉଦଘାଟନ ହୋଇଥିଲା ସେତେବେଳେ ଏହି କେଜରିବାଲ ଏହି କାର୍ଯ୍ୟକ୍ରମକୁ ବିରୋଧ କରି କହିଥିଲେ ଯେ ଏହି ଉଦଘାଟନ କାର୍ଯ୍ୟକ୍ରମ ମହାମହିମ ରାଷ୍ଟ୍ରପତି ହିଁ କରିବା ଉଚିତ ହେବ । ଅଥଚ ଯେତେବେଳେ ଦିଲ୍ଲୀର ଏକ ବିଶ୍ୱବିଦ୍ୟାଳୟର ଉଦଘାଟନ ଉତ୍ସବ କଥା ଉଠିଲା ସେତେବେଳେ ସେ ନିଜେ ହିଁ ରାଜ୍ୟପାଳଙ୍କୁ ଆଡେଇ ଦେଇ ନିଜେ ଉଦଘାଟନ କରିବାପାଇଁ ଚେଷ୍ଟା କରିବା ତାଙ୍କର ଦ୍ୱିପାକ୍ଷିକ ଚରିତ୍ର ବିଷୟରେ ସୂଚେଇ ଦେଉଥିଲା ।

ଏହି ମାସରେ ହୋଇଥିବା ଆଉ ଏକ ଘଟଣା ଯାହା ସମଗ୍ର ବିପକ୍ଷକୁ ଏକ ରକମ ଏକତ୍ରିତ କରିବାକୁ ସକ୍ଷମ ହୋଇଥିଲା, ତାହା ହେଉଛି ଭାରତର ସଦ୍ୟ ସମାପ୍ତ ନୂତନ ସଂସଦ ଭବନର ଉଦଘାଟନ ମହୋତ୍ସବ । କରୋନା ମହାମାରୀ ସମୟରେ ହିଁ ଏହି ନୂତନ ସଂସଦ ଭବନର ନିର୍ମାଣ କାର୍ଯ୍ୟ ଟାଟା କମ୍ପାନୀ ଦ୍ୱାରା ଆରମ୍ଭ ହୋଇଥିଲା ଏବଂ ଏହାର

Listen to Odia Podcast on https://anchor.fm/aahwaan
ଆହ୍ବାନ ଇ-ପତ୍ରିକା

 Magazine Downloaded from www.aahwaan.com

ଉଦଘାଟନ ଉତ୍ସବ ଗତ ମାସ ଅଠାଇଶି ତାରିଖରେ ହୋଇଥିଲା । ଭାରତର ପାର୍ଲିଆମେଣ୍ଟ କୋଠା ଶହେ ବର୍ଷରୁ ଠିଆ ହୋଇ ରହିଥିଲା ଏବଂ ଏଥିରେ କୌଣସି ଅତ୍ୟାଧୁନିକ ବ୍ୟବସ୍ଥା ନଥିବା ତଥା ଅଧିକ ସଦସ୍ୟଙ୍କୁ ବସାଇବା ବ୍ୟବସ୍ଥା ନଥିବା ଦର୍ଶାଇ ତତ୍କାଳୀନ କଂଗ୍ରେସ ସରକାର ଏକ ନୂତନ ସଂସଦ ଭବନ ନିର୍ମାଣ ଉପରେ ଚିନ୍ତା କରିଥିଲେ ହେଲେ ତାହା ସମ୍ଭବ ହୋଇ ପାରିନଥିଲା । ଚଳିତ ଲୋକସଭାରେ ଏହି ବାବଦରେ ବିଚାର ବିମର୍ଶ ପରେ ନୂତନ ସଂସଦ କୋଠା ନିର୍ମାଣ ହୋଇଥିଲା । ଯେତେବେଳେ ପୁରୁଣା ସରକାର ଏହି କାର୍ଯ୍ୟ ପାଇଁ ପାଖାପାଖି ଦୁଇହଜାର କୋଟିରୁ ଅଧିକ ଅର୍ଥ ବ୍ୟୟବରାଦ ହେବ ବୋଲି ଅଟକଳ କରିଥିଲେ, ମୋଦୀ ସରକାର ସେଇ କାର୍ଯ୍ୟକୁ ନଶହ କୋଟିରେ ହିଁ କରି ଦେଖାଇ ଦେଲେ । ନୂତନ ସଂସଦ ନିର୍ମାଣ ସମୟରୁ ହିଁ ବିରୋଧୀ ଦଳ, ବିଶେଷ କରି କଂଗ୍ରେସ ଦଳ ଏହାର ବିରୋଧ କରି ଆସୁଥିଲା । ଭିନ୍ନ ଭିନ୍ନ ଆଳରେ ଏହାର ନିର୍ମାଣ କାର୍ଯ୍ୟକୁ ଅବୈଧ ବା ଅଣସାମ୍ବିଧାନିକ ବୋଲି ଦର୍ଶାଇବାର ପ୍ରଚେଷ୍ଟା କରି ଆସୁଥିଲା । କରୋନା ସମୟରେ କାହିଁକି ଏତେ ବ୍ୟୟ କରାଯାଉଛି ବୋଲି ମଧ୍ୟ ପ୍ରଶ୍ନ ଉଠୁଥିଲା, ହେଲେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ସମର୍ଥ ନେତୃତ୍ୱରେ ବିନା କଷ୍ଟରେ ଏହି ଭବନ ନିର୍ମାଣ ହୋଇ ଯେତେବେଳେ ଏହାର ଉଦଘାଟନ ସମୟ ଆସିଲା ସେଇ ସମୟରେ ବିପକ୍ଷ ଏହି ଭବନକୁ ରାଷ୍ଟ୍ରପତିଙ୍କ ଦ୍ୱାରା କରାଇବା ପାଇଁ ଜିଦ୍ କରିବାକୁ ଲାଗିଲେ । ଭାଜପା ତରଫରୁ ପ୍ରବକ୍ତା ସୁଧାଂଶୁ ଦ୍ୱିବେଦୀ ଏହାର ଯଥାର୍ଥ ଉତ୍ତର ଦେଇ କହିଥିଲେ ଯେ ରାଷ୍ଟ୍ରପତି ହେଉଛନ୍ତି ସଂସଦର ସର୍ବୋଚ୍ଚ କର୍ତ୍ତା ବା କର୍ତ୍ତ୍ରୀ ଏବଂ ତାଙ୍କୁ ଦେବୀ ବା ଦେବତାଙ୍କ ସ୍ୱରୂପ ବୋଲି ଧରି ନିଆଗଲେ, ପ୍ରଧାନମନ୍ତ୍ରୀ ହେଉଛନ୍ତି ଦେଶର ପ୍ରଧାନ ସେବକ । ତେଣୁ ଗଣତନ୍ତ୍ରର ଏହି ମନ୍ଦିରର ଉଦଘାଟନ ଜଣେ ସେବକଙ୍କ ଦ୍ୱାରା କରାଇବା ଯୁକ୍ତିଯୁକ୍ତ ହେବ । ସେ ଯା ହେଉ,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏହି ଆୟୋଜନକୁ ଅନେକ ଦଳ ସମର୍ଥନ କରୁଥିବା ବେଳେ ଅନେକ ରାଜନୈତିକ ଦଳ ଏହାକୁ ସମର୍ଥନ କରିନଥିଲେ ଏବଂ ଉଦଘାଟନ ଉତ୍ସବରେ ଉପସ୍ଥିତ ରହିନଥିଲେ । ଏହାକୁ ନେଇ ଦେଶବ୍ୟାପୀ ମିଶ୍ର ପ୍ରତିକ୍ରିୟା ଦେଖିବାକୁ ମିଳିଥିଲା । କଂଗ୍ରେସ ଦଳର ଇତିହାସରେ ଅନେକ ଏହିଭଳି ଦୃଷ୍ଟାନ୍ତ ଦେଖିବାକୁ ମିଳିଥିଲା ଯେଉଁଠି ରାଷ୍ଟ୍ରପତି, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟ ବାଦ ଦେଇ କଂଗ୍ରେସ ଦଳର ପ୍ରମୁଖଙ୍କ ଦ୍ୱାରା ଅନେକ ସମ୍ବିଧାନିକ କୋଠାର ଉଦଘାଟନ କରାଯାଇଥିଲା । ଏହାର ଉଦାହରଣ ଅନେକ ରହିଥିବା ବେଳେ ସେଇ ଦଳ ବର୍ତ୍ତମାନ ସଂସଦର ଉଦଘାଟନକୁ ମୋଦୀଙ୍କ ଦ୍ୱାରା ନ କରାଇବା ପାଇଁ ଯେଉଁ ସବୁ ନାଟକୀୟ ଉପସ୍ଥାପନ କରାଗଲା ସେଥିରୁ ସ୍ପଷ୍ଟ ଲାଗୁଥିଲା ଯେ, ସେମାନେ ଚାହୁଁ ନାହାନ୍ତି, ସଂସଦ ଭବନର ପ୍ରାଚୀରରେ ନରେନ୍ଦ୍ର ମୋଦୀଙ୍କ ନାମର କୌଣସି ଫଳକ ରହୁ । କିଛି ରକ୍ଷିବାଦୀ କଂଗ୍ରେସ ସମର୍ଥକ ଖୋଲାଖୋଲି ଏହି କଥା କହିବା ସୋସିଆଲ୍ ମିଡିଆରେ ଦେଖାଯାଇଥିଲା ।

ସଂସଦ ଉଦଘାଟନ ସମୟରେ ଆଉ ଗୋଟିଏ ଉଲ୍ଲେଖନୀୟ ଘଟଣା ଆୟୋଜିତ ହୋଇଥିଲା, ଯାହା ଥିଲା ସେଙ୍ଗୋଲର ସ୍ଥାପନା । ଭାରତ ସ୍ୱାଧୀନତା ପ୍ରାପ୍ତି ସମୟରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଶ୍ରୀ ଜବାହାରଲାଲ ନେହେରୁଙ୍କୁ ଏହି ରାଜଦଣ୍ଡ ବା ସେଙ୍ଗୋଲ ଶାସନ ହସ୍ତାନ୍ତର ପ୍ରକ୍ରିୟା ଅନ୍ତର୍ଗତ ପ୍ରଦାନ କରାଯାଇଥିଲା । କିନ୍ତୁ ପରବର୍ତ୍ତୀ ସମୟରେ କେଜାଣି କେମିତି ଏହି ଦଣ୍ଡ, ସଂସଦରୁ ବାହାରି ଯାଇ ପ୍ରୟାଗରାଜ ସ୍ଥିତ ଆନନ୍ଦଭବନ ପରିସରରେ ଥିବା ସଂଗ୍ରହାଳୟରେ ନେହେରୁଙ୍କ ବଙ୍କୁଲି ବାଡ଼ି ବୋଲି ଉଲ୍ଲିଖିତ ହୋଇ ରଖାଯାଇଥିଲା । ଏହାକୁ ନରେନ୍ଦ୍ର ମୋଦୀ ସରକାରରେ ଉଦ୍ଧାର କରାଯାଇ ଏହାର ପ୍ରକୃତ ସ୍ଥାନ ସଂସଦରେ ସ୍ଥାପନ କରାଗଲା, ଯାହାକୁ ନେଇ ମଧ୍ୟ ଅନେକ ବାଦବିବାଦ ସୃଷ୍ଟି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କରିବାକୁ ଅପଚେଷ୍ଟା କରାଯାଇଥିଲା । ଏହାକୁ ଧର୍ମ ସହ ସଂଶ୍ଳିଷ୍ଟ କରି ମଧ୍ୟ ସରକାର କେବଳ ହିନ୍ଦୁ ଧର୍ମକୁ ପ୍ରାଧାନ୍ୟ ଦେଉଛନ୍ତି ବୋଲି କୁହାଯାଇ ଜନସମର୍ଥନ ଯୋଗାଡ଼ କରିବାକୁ ବିପକ୍ଷ ଦଳ କୁଚେଷ୍ଟା କରିଥିଲେ । ସଂସଦ ଭବନ ଭାରତୀୟ ଗଣତନ୍ତ୍ରର ମନ୍ଦିର ଏହାର ପ୍ରତିଷ୍ଠା ଉତ୍ସବ ସମସ୍ତଙ୍କ ପାଇଁ ସମ୍ମାନର କାରଣ ହେବା ଉଚିତ ବୋଲି ଜନ ସାଧାରଣ ମତ ଦେଇଥିଲେ ।

ବିଗତ ମାସରେ ଜାପାନ ଠାରେ ଆୟୋଜିତ ଜି୭ ସମ୍ମିଳନୀରେ ନିମନ୍ତ୍ରିତ ଅତିଥି ଭାବରେ ଯୋଗ ଦେଇଥିବା ଭାରତର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ବିଶ୍ୱ ନେତୃବର୍ଗଙ୍କ ମଧ୍ୟରେ କେତେ ଲୋକପ୍ରିୟ ତାହା ସମଗ୍ର ବିଶ୍ୱ ଦେଖିଥିଲା । ଏହି କାର୍ଯ୍ୟକ୍ରମ ସମୟରେ ଆମେରିକାର ରାଷ୍ଟ୍ରପତିଙ୍କ ଅଭିଭାଷଣ ଓ ପରେ ପରେ ମୋଦୀଙ୍କ ଅଟୋଗ୍ରାଫ୍ ମାଗିବା ଖବର ଅନେକଙ୍କୁ ଚକିତ କରି ଦେଇଥିଲା । ଭାରତୀୟ ପ୍ରଧାନମନ୍ତ୍ରୀଙ୍କ ଯାଦୁରେ ସମଗ୍ର ବିଶ୍ୱ ଅଭିଭୂତ ଏହା ଦେଖିବାକୁ ଆଉ ବାକି ନଥିଲା । ସମସ୍ତ ଦେଶ ମୋଦୀଙ୍କ ଭୂରି ଭୂରି ପ୍ରଶଂସା କରୁଥିଲେ । ଏହି ସମାରୋହ ଶେଷରେ ଯାହା ଦେଖାଗଲା ତାହା ବିଶ୍ୱ ରାଜନୈତିକ ଇତିହାସରେ କେବେ ବି ଦେଖିବାକୁ ବା ଶୁଣିବାକୁ ମିଳିନଥିଲା ।

ଭାରତ ବିଶ୍ୱଗୁରୁ ହେବାର ପ୍ରକୃଷ୍ଟ ନିଦର୍ଶନ ସ୍ୱରୂପ, ଯେତେବେଳେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ନିଜର ଗସ୍ତରେ ଯାଇ ପାପୁଆ ନିଉ ଗିନି ଦେଶରେ ଅବତରଣ କରିଥିଲେ ସେଇ ସମୟରେ ସେଇ ଦେଶର ପ୍ରଧାନମନ୍ତ୍ରୀ ନିଜ ଦେଶର ରୀତିଗତ ନିୟମ (ସୂର୍ଯ୍ୟାସ୍ତ ପରେ ପରେ ଆଗନ୍ତୁକ କୌଣସି ଅତିଥିଙ୍କ ସତ୍କାର ସେଇ ସମୟରେ କରାଯିବ ନାହିଁ, ବରଂ ପରଦିନ କରାଯିବ ।)କୁ ବଦଳାଇ ଦେଇ ସନ୍ଧ୍ୟାରେ ହିଁ ମୋଦୀଙ୍କୁ ସ୍ୱାଗତ କରିବା ପାଇଁ ବିମାନ ବନ୍ଦରରେ ଉପସ୍ଥିତ ରହିବା ସହ ମୋଦୀଙ୍କ ପାଦ ଛୁଇଁ ପ୍ରଣାମ କରିବା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦେଖାଯାଇଥିଲା । ଏହା ବିଶ୍ୱ ଇତିହାସରେ ପ୍ରଥମ ଥର ହେଉଥିଲା । ଏହା ଦେଖିବା ପରେ ସମଗ୍ର ଦେଶବାସୀ ନିଜକୁ ଗର୍ବିତ ମନେ କରୁଥିବେ ନିଶ୍ଚୟ । ଆଶ୍ଚର୍ଯ୍ୟଜନକ ଦୃଶ୍ୟ ଯାହା ଭାରତର ପ୍ରଧାନମନ୍ତ୍ରୀଙ୍କୁ ମିଳୁଥିବା ସମ୍ମାନ, ବାସ୍ତବରେ ସମଗ୍ର ଭାରତବାସୀଙ୍କୁ ସମ୍ମାନ । ଅତୀତରେ କୌଣସି ଦେଶର ପ୍ରଧାନମନ୍ତ୍ରୀଙ୍କୁ ଅନ୍ୟ କୌଣସି ପ୍ରଧାନମନ୍ତ୍ରୀ ଏଭଳି ପାଦଛୁଇଁ ପ୍ରଣାମ କରିବାର ଦୃଷ୍ଟାନ୍ତ ନଥିଲା । ବାସ୍ତବରେ ମୋଦୀଙ୍କ ନେତୃତ୍ୱରେ ଭାରତ ବିଶ୍ୱଗୁରୁ ହେବା ଦିଗରେ ଅଗ୍ରସର ହେଉଛି କହିଲେ ଅତ୍ୟୁକ୍ତି ହେବନାହିଁ ।

ଏହା ପରେ ମୋଦୀ ଅଷ୍ଟ୍ରେଲିଆ ଗସ୍ତରେ ଯାଇଥିବା ବେଳେ ସେଠାକାର ପ୍ରଧାନମନ୍ତ୍ରୀ ନିଜ ଅଭିଭାଷଣରେ ମୋଦୀଙ୍କୁ ବୋସ୍ ବା ସମସ୍ତଙ୍କ ଗୁରୁ ବୋଲି ସମ୍ବୋଧିତ କରି ଚମକାଇ ଦେଇଥିଲେ । ମୋଦୀଙ୍କ ଉପସ୍ଥିତିରେ ହିଁ ଅଷ୍ଟ୍ରେଲିଆର ଏକ ଜନବହୁଳ ଅଞ୍ଚଳକୁ ଲିଟିଲ୍ ଇଣ୍ଡିଆ ଭାବରେ ନାମିତ କରାଯାଇଥିଲା । ଏହି ସବୁ ଦୃଶ୍ୟ ଦେଖିବା ପରେ ଭାରତର ସ୍ଥାନ ବିଶ୍ୱ ଅର୍ଥନୀତି ଓ ରାଜନୀତିରେ ଯେ ଜଣେ ଗୁରୁ ସ୍ଥାନୀୟ ଏଥିରେ ଆଉ କୌଣସି ସନ୍ଦେହ ରହିନାହିଁ ।

ଆଶା କରୁଛି, ବିଗତ ସମସ୍ତ ସଂସ୍କରଣ ପରି ଏହି ସଂସ୍କରଣ ମଧ୍ୟ ଆପଣମାନଙ୍କୁ ଭଲ ଲାଗିଥିବ । ଯଦି ଆପଣ ଆମ ସହ ଯୋଗ ଦେବାକୁ ଚାହୁଁଛନ୍ତି ଏବଂ ଓଡ଼ିଆ ଭାଷା ଓ ସାହିତ୍ୟର ଅଭିବୃଦ୍ଧି ପାଇଁ କାର୍ଯ୍ୟ କରିବାକୁ ଚାହୁଁଛନ୍ତି ତା ହେଲେ ଆମ ହ୍ୱାଟସ୍ଆପ୍ ନମ୍ବରରେ ଯୋଗାଯୋଗ କରି ପାରିବେ । ଧନ୍ୟବାଦ

**ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ**

ପ୍ରତିଷ୍ଠାତା-ସମ୍ପାଦକ, ଆହ୍ୱାନ ଇ-ପତ୍ରିକା

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆମ ଓଡ଼ିଆ ପୋଡ଼କାଷ୍ଟ ଚ୍ୟାନେଲ୍













Listen to Odia Podcast on https://anchor.fm/aahwaan

## ଆସ ଓଡ଼ିଆରେ ଲେଖିବା, ପଢ଼ିବା, ଶୁଣିବା ଓ ଶୁଣାଇବା

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କାହାଣୀ ବିଭାଗ

ଆହ୍ୱାନ ଇ-ପତ୍ରିକା
aahwaan.com

https://www.youtube.com/@aahwaan

ଆମର ୟୁଟ୍ୟୁବ୍ ଚ୍ୟାନେଲକୁ ସବ୍‌ସ୍କ୍ରାଇବ୍ କରନ୍ତୁ ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ଅନେକ କଳାଛାଇ - ୩



ଅଶୋକ ବିଶ୍ୱାଳ

ହଳଦିଆ, ପୋକା, ମଇଳା ହୋଇ ଲାଲ ରଙ୍ଗ ଧାରଣ କରି ଶେଷରେ ଶୁଖି ମାଟିରେ ମିଶିଯାଏ ।

ତୁମେ ଉପର ପ୍ରାସାଦର ରାଜପୁରୁଷ ଆଉ ତଳ ରାସ୍ତାର ତଥାକଥିତ ରାଜପୁରୁଷଙ୍କ ଭିତରେ ପ୍ରଭେଦ ଦେଖୁଛ କି ?

ଐତିହ୍ୟର ଫରକ । ଏକ ପ୍ରସ୍ଫୁଟିତ ଲୋହିତ ଅନ୍ୟଟି ବୃନ୍ତଚ୍ୟୁତ ଲୋହିତ । ସ୍ଥାନ ପରିବର୍ତ୍ତନ ହୋଇଯାଇଛି ।

ଅବିନାଶ ଏମିତି ଏକ ବୃନ୍ତଚ୍ୟୁତ ପୁରୁଷ, ଏକ ରାଜା, ଏକ କଇଦୀ ଆଉ ଏକ ମୃତ ଆତ୍ମା ।

ଅତ୍ମା ଅଜର ଅମର, ଜାଣି ମଧ୍ୟ ମୃତ କହୁଛ ଅବିନାଶ, କିଛି ଘଟୁଥିବାର ଯିଏ ପ୍ରତିବାଦ କରେନି, କିଛି ଯନ୍ତ୍ରଣାର ଯିଏ ଚିହ୍ନ ରଖେନି, ସେ କ'ଣ ମୃତ ନୁହେଁ । ମୃତ ଶରୀର ହୋଇପାରେ, କିନ୍ତୁ ଯଦି ଆତ୍ମାର ଆଲୋକ ନିର୍ବାପିତ, ତାହାହେଲେ ତା'କୁ କ'ଣ କୁହାଯିବ, ମୃତ ବା ଜୀବନ୍ତ ?

କହିପାରିବ କ୍ଳାନ୍ତ, ସୁପ୍ତ, କିନ୍ତୁ ନିର୍ବାପିତ ନୁହେଁ ।

ଠିକ ଅଛି ଏକ ସୁପ୍ତ, ଦ୍ୟୁତିହୀନ ଦୀପର ସଳିତା । ଆଉ ସେ ସଳିତାରେ ଏକ ଛାୟା । ଅବିନାଶ ତୁମେ ଭାଇପର ଜେଲ କଥା ଜାଣିଛ ? ସେଲୁଲାର ଜେଲ କଥା ? ଚଥାମର ଅସହାୟ ବିଦ୍ରୋହୀମାନଙ୍କ କଥା ?

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆତ୍ମାକୁ ଲୁହା ଶିକୁଳିରେ ବାନ୍ଧିଦିଆଯାଏ ଆଉ ଶରୀରରକୁ ବେତ୍ରାଘାତରେ ନିର୍ଯ୍ୟାତିତି କରାଯାଏ ।

ଅବିନାଶ, ସେଇଠୁ କେହି ପଳାଇ ପାରିନାହାନ୍ତି । ସବୁବେଳେ ଗୋଟିଏ ଚିହ୍ନ । ଲାଲ ରଙ୍ଗର ଏ ନବ ପଲ୍ଲବ ଆଉ ଲାଲ ରଙ୍ଗର ଏ ଭୁଲୁଣ୍ଠିତ ଶୁଷ୍କ ପତ୍ର । ସକାଳେ ଲାଲ ସୂର୍ଯ୍ୟର ଛାୟା ପଡେ, ଆଉ ସନ୍ଧ୍ୟାରେ ଲାଲ ସୂର୍ଯ୍ୟର କୃଷ୍ଣ ଛାୟାରେ ଜର୍ଜ୍ଜରିତ ହୁଏ ସେ ପ୍ରକୋଷ୍ଠ । କେବଲ ଲାଲ ରଙ୍ଗ ଅବିନାଶ । ଭୁଲିଯିବା ପାଇଁ ଦୁଇ ପତ୍ର ମଧ୍ୟରେ ସମୟ ହେଉଛି ପ୍ରଭେଦର ସୀମା ।

ନୂଆ ଆଶା ଆଉ କାହାର ହତାଶାର ସମାହାର । ଠିକ ଧଳା ପଛରେ କଳା ଅଛି । ଆମେ କେବଳ ଶ୍ୱେତ ଇତିହାସ ପଢିପାରିବାନି । ଧଳା କାଗଜ ଖାଲି ନୁହେଁ ସେଥିରେ ଫୁଟୁଥିବା ଲେଖା ପାଇଁ କଳା କାଳିର ଆବଶ୍ୟକତା ଅଛି ।

ଅବିନାଶ ନୀଳପାଣିରେ ଏକ ଡଗଆଉଟ ଲଗ ବୋଟ ଦେଖୁଥିଲା । ଆଉ ସନ୍ତୁଳନ ପାଇଁ ଏକ ବଡ଼ କାଠ ପ୍ରାୟ ଚାରି ପାଞ୍ଚ ଫୁଟ ପରେ ଲାଗିଛି । ହୁଡି ବା କାନୋଏକୁ ଏକ କଳା ଲୋକ ବୋହିନେଉଥିଲା । ପିଚୁ ପରି କଳା ରଙ୍ଗର ଲୋକଟା ବେଶ ବଳିଷ୍ଠ, ହାତ ଗୋଡର ମାଂଶପେଶୀ ଫୁଟି ପଡୁଥିଲା । ଦେହରେ କପଡା ନାହିଁ । ମୁହଁ ଦେଖାଯାଉ ନଥିଲା । ସେ ଲୋକଟା ଆକାଶକୁ ଅନାଇ ତାରା ଗଢୁଥିଲା ପରି ଜଣାଯାଉଥିଲା । ଆକାଶରେ ଉଡି ଯାଉଥିବା ହ୍ୱାଇଟ ବେଲିଡ ସି ଇଗଲ ବା ଉରୁବଳ ପକ୍ଷୀକୁ ଦେଖୁଥିଲା । ବାଦଲ କୁଆଡେ ଆସି କୁଆଡେ ଯାଉଛି ଦେଖୁଥିଲା ଆଉ ହୁଡି ବାହିନେଉଥିଲା ।

ଅବିନାଶ ତୁମେ ଆଉ ଆଗକୁ ଦେଖି ପାରିବନି ।

କ'ଣ ଅଛି ସେଠାରେ ?

ଅଣ୍ଡାମାନର ଇତିହାସ । ପ୍ରକୃତ ଇତିହାସ । ଆଣ୍ଡାମାନ ଇତିହାସ, କହିପାରୁ ଆଧୁନିକ

Listen to Odia Podcast on https://anchor.fm/aahwaan
ଆହ୍ବାନ ଇ-ପତ୍ରିକା

 Magazine Downloaded from www.aahwaan.com

ଇତିହାସ ଆରମ୍ଭ ହୋଇଥିଲା ଏକ ଜାହାଜ ଆସିବାରେ । ତା'ପରେ ଜାହାଜ ପରେ ଜାହାଜ ଆସିବାକୁ ଲାଗିଲା ଆଉ ନୂଆ ଲୋକମାନେ ଆସିବାକୁ ଲାଗିଲେ । ନୂଆ ଆଣ୍ଡାମାନ ତିଆରି ହୋଇଗଲା ।

ଏବେ ପାଣି ଭିତରେ ଏକ ଲମ୍ବା ଦ୍ୱୀପ ଶୃଙ୍ଖଳା ଦେଖୁଥିଲା ଅବିନାଶ । ସେ ମନେମନେ ବହୁତ କିଛି ଖୋଜି ଚାଲିଥିଲା । ତା'କୁ କିଛି ରୂପ ଦେଖାଯାଉ । ଅଣ୍ଡାମାନରେ ପୋର୍ଟବ୍ଲେଆରକୁ ଲାଗି ଅନେକ ଦ୍ୱୀପ, ଚାଥାମ ଆଇଲାଣ୍ଡ, ରସ ଆଇଲାଣ୍ଡ, ଭାଇପର ଦ୍ୱୀପ ଇତ୍ୟାଦି । ଭାଇପର, ଏକ ବୋଡା ସାପ । ଜାକି ହୋଇ ଛୋଟ କୁଣ୍ଡଳୀ କରିଥିବ ଆଉ ଲମ୍ଫ ଦେଇ କାମୁଡି ଦେବ । ମଣିଷ ସାଙ୍ଗେ ସାଙ୍ଗେ ମରିବନି । ଗୋଡା ବା ହାତ, ଯେଉଁଠାରେ କାମୁଡିବା ସ୍ଥାନ ତାହା ଭୀଷଣ ଭାବେ ଫୁଲିଯିବ, ପରେ ଯନ୍ତ୍ରଣାରେ ମରିବ । ତା' ଛଡା ଅଛନ୍ତି କୋବ୍ରା ବା ନାଗସାପ । କାମୁଡା ପରେ ଶାନ୍ତିରେ ଧିରେ ଆଖି ବୁଜି ହୋଇଯିବ । ଦ୍ୱୀପ ଉପରେ ଲାଲ ରଙ୍ଗର ଫାଶୀ ଖୁଣ୍ଟ ଅଛି । ଏହା କ'ଣ ଇତିହାସର ଏକ ଫର୍ଦ୍ଦ, ଜୀବନ ଲିଭି ଯାଉଛି, ଏକ ମୃତ ଐତିହ୍ୟର ଗୌରବ ଦର୍ଶାଉଛି ? ଶହ ଶହ କଏଦୀମାନଙ୍କୁ ଏଇଠାରେ ରଖାଯାଉଥିଲା । ପାଖ ଦ୍ୱୀପମାନଙ୍କରେ ହିଂସ୍ର ଆଦିମ ଅଧିବାସୀମାନେ ରହୁଥିଲେ ।

ଫାଶୀ ପାଇଁ, ଲାଂଛନା ପାଇଁ, ଆଉ ନିର୍ଯ୍ୟାତନା ପାଇଁ ନାଁଟା ପ୍ରଯୁଜ୍ୟ ।

ଅବିନାଶ ଆଖି ବନ୍ଦକଲା । ତା' ଦେହରେ ପବନ ଶିହରଣ ଆଣୁଥିଲା । କୁହୁଡି ଭରିଯାଇଛି । ସବୁଆଡ ଜାଲୁଜାଲୁଆ । ତା'ର ସବୁଠାରୁ ପ୍ରିୟ ଦୃଶ୍ୟଥିଲା ସେପଟର ଅଳ୍ପ ଟିକିଏ ଦେଖାଯାଉଥିବା ସମୁଦ୍ର, ଆଉ ପଛର ପାହାଡ ଥିଲା । ସମୁଦ୍ର ଉପରେ ଧଳା ବାଦଲ ଘୁରିବୁଲୁଛି ଆଉ ପାହାଡକୁ ସଂମ୍ପୂର୍ଣ ଲୁଚାଇ ଦେଇଛି । ଏବେ ପବନ ନଥିଲା । ବର୍ଷାର ଟିପି ଟିପି ଶବ୍ଦ ତା'କୁ ଭଲ ଲାଗୁଥିଲା । କିଏ ଯେମିତି ତାଳରେ ବାଜା ବଜାଉଛି ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଯନ୍ତ୍ରଣା ଅବିନାଶ ।

ଅବିନାଶ ଆଖି ବନ୍ଦକରି ସେହି ଟପଟପ ଶବ୍ଦ ଶୁଣିଚାଲୁଥିଲା । ତା'କୁ କିଛି ଛୋଟ ପକ୍ଷୀଙ୍କର ଡାକ ଶୁଣାଯାଉଥିଲା । ଦେହରେ ସାମାନ୍ୟ ଝାଳ ନାହିଁ, ମନ ଉତ୍ତଳ ହେଉନି । ଏକ ଶାନ୍ତି । ଅନେକ ଛୋଟ ଛୋଟ ଦ୍ୱୀପ ତା' ଚାରିପାଖେ ମୁଣ୍ଡ ଟେକିଥିଲା ।

ମଣିଷ ତା'ହେଲେ କୁହୁଡିରେ ଲୁଚିଯାଏ ।- ସେ କହିଲା । ତା'କୁ ଲୁଚିଯାଉଥିବା ପାହାଡମାନ ମଣିଷର ଉତ୍ତୁଙ୍ଗ ଅଭିମାନ ଲାଗୁଥିଲା । ସବୁ ଭଙ୍ଗୁର, ସବୁ କ୍ଷଣିକ ।

ମଣିଷ କୁହୁଡିରେ ଅଣନିଃଶ୍ୱାସୀ ହୋଇ ଗାଧୋଇ ପଡି ଲୁଚିଯାଏ ଅବିନାଶ । ଏକ ରାଜାର ମୃତ୍ୟୁ ମଧ୍ୟ ହୋଇଥିଲା । ଅସାଧାରଣ କହିବ ଅବିନାଶ । ତାଙ୍କୁ କେହି ନିଜ ରାଜ୍ୟରେ ମନେ ପକାଉ ନଥିଲେ । ସେମିତି କାହିଁ ଲେଖା ନାହିଁ ତ । ମଣିଷ ସାଧାରଣ ଆଉ ଅସାଧାରଣ ହୁଏ ଜାଗା ନେଇକରି । କିଏ କର୍ମରେ, କିଏ ଜନ୍ମରେ । ସ୍ଥାନ ହିସାବରେ ସମ୍ମାନ ମିଳେ । କିଛି ଅସାଧାରଣ ବ୍ୟକ୍ତିତ୍ୱ । କିନ୍ତୁ ନିଜ କୃତକର୍ମ ଆଉ କିଛି ଚକ୍ରାନ୍ତର ନିଦର୍ଶନ ଥିଲେ ଅନେକ । ଆଉ ବହୁଥିଲେ ନିଜ ଦର୍ଶନରେ ଦୃଢ ବ୍ୟକ୍ତି । ସେମାନେ କିଏ ତେବେ ? କ'ଣ ଅଜଣା ଲୋକ ହୋଇଯାଇଛନ୍ତି ?

ଏମିତି ଦିନ ବଢିଗଲା । ସକାଳର କୁହୁଡି ଲୁଚିଯାଇଥିଲା ଆଉ ଅବିନାଶ ପାଣି ଧାରକୁ ଓହ୍ଲାଇ ଆସିଥିଲା । ବେଶ ସୁନ୍ଦର ଖରା ପଡିଛି, ଦେହ ଜଳିଯାଉନି । ତା' ଆଗରେ କିନ୍ତୁ ଅଛି ନୀଳ ସମୁଦ୍ର ଆଉ ଚକଚକ କରୁଥିବା ପାଣି । ପାଣି ଭିତରକୁ ଏକ ଶୁଖିଲା ଗଛ ମାଡିଯାଇଛି । ସେ ଗଛରୁ ପତ୍ର କେବେଠୁ ଝଡିଗଲାଣି, ଡାଳରୁ ବକଳ ଛାଡିଯାଇଛି ।

କଳା ଗଛଗୁଡିକ ତାହାହେଲେ ପାଣିରେ ପଡିଗଲେ ପାଣି କଳାରୁ ନୀଳ ହୋଇଯାଉ ଆଉ ବକଳ ସବୁ କଳା ରଙ୍ଗକୁ ଶୋଷି ନିଏ ।-ତା' ଭିତରୁ କିଏ କହିଲା ।

ଗଛଟାକୁ ଦେଖିଲେ ତ ଠିକ ସେଇ ଭାଷା ପଢିହେଉଛି ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଅବିନାଶ ସେ ସେଟିଙ୍ଗକୁ ଆନଇଲା । ଲମ୍ବା ଗଛଟିଏ ପାଣିରେ ପଡି ବହୁ ଭିତରକୁ ଚାଲିଯାଇଛି । ସେଇଥିରୁ ଲାଗୁଛି ଗଛର ଆକାର ବେଶ ବଡଥିବ । ଅଗ ଡାଳସବୁ ଭାଙ୍ଗିଗଲାଣି । ମୋଟା ଡାଳମାନ ଏକ ଏକ ମୋଟା ସ୍କେଚ ଲାଇନ ଭଳି ନୀଳ ଜଳରାଶିକୁ ଗାରେଇ ଦେଇଛି । ଖାଲି ନୀଳ ଜଳ ହୋଇଥିଲେ ବୋଧେ ଏତେ ଭଲ ହୁଅନ୍ତାନି । କିଛି ବଙ୍କାଟଙ୍କା ଗାର, ତାହାହେଲେ ଏକ ବେଷ୍ଟ ସେଟିଙ୍ଗରେ ଆବଶ୍ୟକତା ଅଛି, ନୀଳ ଜଳରାଶିରେ ଲେଖାଥିବା ଆଲେଖ୍ୟକୁ ଭଲକରି ବୁଝିହେବ ।

ଏପଟେ କିଛି ଡ୍ରିଫ୍ଟ ଉଡ ପଡିଛି । ଆକାର ହରାଇ ବସିଛି ଗଛ, ଢେଉର ଆଘାତରେ ଏବେ ଖାଲି ମଞ୍ଜିକାଠ ଅଛି । ଲୁଣା ପାଣିରେ ପଡିପଡି ସବୁ ସଢିଯାଇଥିବା ଅଂଶ ମିଳେଇ ଯାଇଛି । ଏକ ଭଙ୍ଗା ସେଟିଙ୍ଗ ଆଉଥରେ, ତା' ଭିତର ଦେଇ ଆଗକୁ ବଢିଯାଇଛି ନୀଳ ଜଳରାଶି । ମଣିଷର ଜୀବନ ଯାତ୍ରା । ଏମିତିଆ ସେଟିଙ୍ଗରେ ବନ୍ଦୀ ହୋଇଥିଲେ ମଣିଷମାନେ । କିଏ ଡ୍ରିଫ୍ଟଉଡ ଭଳି ଭାସି ଭାଙ୍ଗି କୂଳରେ ଲାଗିଯାଇଛି । ଭାଙ୍ଗିବାକୁ କିଛି ନାହିଁ, ଆଉ ଡାଳ କିନ୍ତୁ କଅଁଳିବନି ।

ଅବିନାଶକୁ ଲାଗୁଥିଲା ଦ୍ୱୀପପୁଞ୍ଜ ଯେମିତି ଆଲୋକିତ ହୋଇଯାଉଛି ତ ଆଉ କେବେ ଅନ୍ଧାରରେ ବୁଡିଯାଉଛି । ଅବିନାଶ ଜାଣେ ସେଇଟା ଘଟିବ । ସେ ରସ ଦ୍ୱୀପକୁ ଦେଖିଲାବେଳକୁ ରସ ଦ୍ୱୀପରେ ଛାଇମାନ ମିଳେଇଯାଇ ପୁଣି ମଣିଷ ହୋଇଯାଉଥିଲେ । ପାଣି କେବେ ଧୂଆଁଳିଆ ହୋଇଯାଉଥିଲା, କେବେ ବାଦଲ ଯେମିତି ସମୁଦ୍ରକୁ ଢାଙ୍କି ଦେଇଥିଲା ପରି ଲାଗୁଥିଲା । କେତେବେଳେ ସମୁଦ୍ର ଅବର୍ଣ୍ଣନୀୟ ଲାଗୁଥିଲା । କେତେବେଳେ ସୂର୍ଯ୍ୟ ପାଣିରେ ବୁଡି ରୂପେଲି ଚାନ୍ଦ ହୋଇ ପାଣିରୁ ଉଠି ଆସୁଥିଲା । କିଛି ପକ୍ଷୀ ଲମ୍ବା ଉଡି ଦ୍ୱୀପରେ ବସିପଡୁଥିଲେ ଆଉ କିଛି କଚ୍ଛପ କେଉଁ ମହାସାଗର ଭିତରେ ଅଦୃଶ୍ୟ ହୋଇ ଯାଉଥିଲେ । ମତ୍ସ୍ୟକନ୍ୟାମାନ ଯେମିତି ପାଣିରେ ଜଳକେଳି କରୁଥିଲେ । ତଳେ ସମୁଦ୍ରର

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ବଗିଚାର ରୂପ ଅବର୍ଣ୍ଣନୀୟ ଥିଲା । ଏତେ ରଙ୍ଗ ପାଣି ଭିତରେ ଥାଇପାରେ ବୋଲି ବିଶ୍ୱାସ ହେଉନଥିଲା । ତିମିମାନେ ନିଜ ନାସାରନ୍ଧ୍ରରୁ ବିରାଟ ବଡ଼ ଫୁଆରାମାନ ତିଆରି କରୁଥିଲେ । ମହାସାଗର ଭିତର ଦ୍ୱୀପର ଏ ଅପୂର୍ବ ଚମତ୍କାର ଦୃଶ୍ୟ ଦେଖି ଅବିନାଶ ନିଜକୁ ଯେମିତି ଭୁଲିଯାଉଥିଲା । ଅତି ବିଶାଳ ବୃକ୍ଷମାନ ସମୁଦ୍ରକୂଳରେ ଠିଆ ହୋଇ ଆକାଶକୁ ଯେମିତି ଛୁଉଁଥିଲେ । ଧଳା ବାଲିର ଉପକୂଳ ଲାଗୁଥିଲା ଯେମିତି ରୂପାର ବେଳାଭୂମି ଆଉ ପଥର ଦେହରେ ଉର୍ମିମାଳ ବାଡେଇ ହୋଇ ଫୁଲମାଳମାନ ତିଆରି କରିଚାଲିଥିଲେ ।

ଏତେ ଛୋଟ ଛୋଟ ଦ୍ୱୀପମାନ ତା'ହେଲେ କ'ଣ ପାଇଁ ଅଛି ?- ସେ ନିଜ ଭିତରେ ପ୍ରଶ୍ନ ଶୁଣିଲା ।

ସ୍ୱପ୍ନ ଦେବାପାଇଁ । ତୁମେ ତ ଚାରିପଟେ ଦୃଶ୍ୟର, ପ୍ରକୃତିର ଉଦ୍ୟାନ ଦେଖିଲ । ଏମିତି ଚମତ୍କାର ବୃକ୍ଷରାଜି ଆଉ କେବେ ଦେଖିଥିଲ କି ?- ତା' ଭିତରୁ କିଏ ଅତି ଉତ୍ସାହରେ କହିଲା । ପ୍ରଶ୍ନଥିଲା ଅବଶ୍ୟ ।

ଅବିନାଶ ମନ ଭିତରେ ଖେଳିବୁଲୁଥିବା ତଥାକଥିତ ଆଶାମାନଙ୍କୁ ଅନାଇଲା । ପାଣି ଗାଢ଼ ଦେଖାଯାଉଛି, କିନ୍ତୁ ସୂର୍ଯ୍ୟ କିରଣରେ ଛୋଟଛୋଟ ଢେଉ ନାଚୁଛି । ସମୁଦ୍ର ପାଣି ଉପରେ ପବନ କ'ଣପାଇଁ ବୁହେ ? ମଣିଷକୁ ଜୀବନ ଦେବା ପାଇଁ ।- ତା' ଭିତରୁ ଆଉ ଜଣେ କହୁଥିଲା । ତା'ପରେ ଏକ ଛୋଟ ଦ୍ୱୀପ, ଗଛ ଭରିଯାଇଛି । ଆଉ କେତେଟା ଛୋଟ ଦ୍ୱୀପ ହେଲେ ଭଲ ହୁଅନ୍ତା ।

ବୁନ୍ଦାଏ ଜଳ ଭିତରେ ଏତେ କଳ୍ପନା କୁଆଡେ ଆସିବ ?

କିନ୍ତୁ ଆଶା ତ ଅଛି ।- ତା' ଭିତରୁ କିଏ ଜୋରରେ ପ୍ରତିବାଦଭରା ସ୍ୱରରେ କହୁଥିଲା ।

ଦୁଇଟା ଗଛ ମଝିରେ ଅବିନାଶ ଠିଆ ହୋଇଥିଲା । ତା' ଜାଗାଟା ଅନ୍ଧାରୁଆ ଲାଗୁଥିଲା ବାହାର ନୀଳ ଜଳରାଶି ଅନୁପାତରେ । ସେ ଜଳରାଶିରେ ଛୋଟ ଛୋଟ ଅଗଣିତ ଢେଉକୁ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ନାଚିବାର ଦେଖି ତା'କୁ ଭଲ ଲାଗୁଥିଲା ।

ସପନ ଖୋଲାପବନରେ ଭାସିଗଲେ ଏମିତି ଢେଉ ତିଆରି ହୋଇଯାଏ ।

ମନ ଭାସିଗଲେ ।

ପବନ ହେବା ଆଗରୁ ବଡ଼ ଢେଉ କୂଳରେ କଚାଡି ପଡେ ।

ଚମତ୍କାର କଥା ।

ତା'ପରେ କିନ୍ତୁ ପବନ ବୁହେ ଆଉ ତୁହାକୁ ତୁହା ବର୍ଷା ମାଡିଆସେ ।

ଏମିତି କୁହନା । ତା' ପାଟିରୁ ସି-ଇ-ଇ ହୋଇ ଶବ୍ଦ ବାହାରି ଆସିଲା । ଧିର ପବନରେ ଅଗଣିତ ଢେଉ ଗଢି ହୋଇ ଭାଙ୍ଗିଯାଉ, କେତେ ହେଲା ଗଣି ନହେଉ ।

ପାଣି ତଳେ କ'ଣ ଥିବ ?

କୋରାଲ, ଅତି ସାଧାରଣ ଉତ୍ତର ।- ତା' ଭିତରେ କିଏ କହିଲା ।

କୋରାଲର ସାମ୍ରାଜ୍ୟ, ରଙ୍ଗୀନ ମାଛର ସାମ୍ରାଜ୍ୟ, କଚ୍ଛପର, ସମୁଦ୍ର ସର୍ପର, ଲୋବଷ୍ଟାରର ଆଉ ଜ୍ୟାଣ୍ଟ ସି ସେଲର ସାମ୍ରାଜ୍ୟ । – ଏକ ଅତି ଗଭୀର ସ୍ୱର ତା' ଭିତରୁ ଆସୁଥିଲା । ସେ ଧମନୀରେ ଧକ୍ ଧକ୍ ହୋଇ ହାବୁକି ଆସୁଥିବା ରକ୍ତର ପ୍ରବାହରେ ଶବ୍ଦମାନ ଅନୁଭବ କରୁଥିଲା ।

ଏତେ ସବୁ ମିଶ୍ରଣରେ ସାମ୍ରାଜ୍ୟ ହୁଏ ଅବିନାଶ । ଗୋଟିକର ବିସ୍ତୃତିରେ କେବଳ ରାଜ୍ୟହୁଏ । ସମସ୍ତଙ୍କ ଅବସ୍ଥିତି ଆଉ ଗତିର ମାଧୁର୍ଯ୍ୟରେ ସାମ୍ରଜ୍ୟ ହୁଏ ଜୀବନ୍ତ ।

ଏକର ବ୍ୟାପକତାରେ ଏକ କ୍ଷେତ୍ର ହୋଇପାରେସିନା, ସାମ୍ରାଜ୍ୟ କେମିତି ହେବ ?

ଅବିନାଶ ନିଜ ମନଶ୍ଚକ୍ଷୁରେ ସମୁଦ୍ରତଳର ରଙ୍ଗ ଦେଖିବାକୁ ଲାଗିଲା । ଗାଢ଼ ନୀଳିମାରେ ହଜିଯାଇଛି ଜଳ । ତା' ପୂର୍ବରୁ ଅଳ୍ପ ଗଭୀରତାରେ ବଢି ଉଠିଛି ସାମୁଦ୍ରିକ ଦଳ ଆଉ କୋରାଲର ବିସ୍ତୃତି । କୋରାଲ ଦେଶର ରୂପ ବର୍ଣ୍ଣନା କରିବାକୁ ଅବିନାଶ ଶବ୍ଦ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ପାଉନଥିଲା, କେଉଁ ରଙ୍ଗ ନାହିଁ, କେଉଁ ଆକାରର କଳ୍ପନା ନାହିଁ ତା' ଭିତରେ । ଧୀରେ ହଲୁଥିବା ଜଳୀୟ ଘାସ ଭିତରେ, ଅଟ୍ଟାଳିକାର ଗମ୍ବୁଜ ପରି ବଢିଥିବା କୋରାଲ କନ୍ଦିରେ, ହୀରା ପରି ଚମକୁଥିବା ଟିକିଏ ଟିକିଏ ବାଲୁକା ଚଡାର ମଝିରେ ଖେଳିବୁଲୁଛନ୍ତି ଅସଂଖ୍ୟ ରଙ୍ଗୀନ ମାଛ । ସେମାନେ ସବୁ ପ୍ରକାରର କଳା କୌଶଳ କରୁଥିଲେ । ଅବିନାଶ ସେମାନଙ୍କର ରୂପର ଭେଳିକି ଦେଖି ନିଜ ଭିତରେ କିଛି ସ୍ତବ୍ଧତା, ସ୍ଥାଣୁତା ତଥାପି ଅନୁଭବ କରୁଥିଲା । ଜୀବନର ପ୍ରସ୍ଫୁଟିତ ପ୍ରବାହରେ ଅନ୍ୟ ସ୍ୱର ପାଖକୁ ନଆସୁ ।

ସେ ପାଣି ତଳୁ ଯେମିତି ଉପରକୁ ଅନାଇଲା । ସେପଟ ଆକାଶ ଯେମିତି ଅତି ଉଜ୍ଜ୍ୱଳ ହୋଇଉଠିଛି । ମନର ଆକାଶରେ ସୂର୍ଯ୍ୟର ଉଜ୍ଜ୍ୱଳତା ଆବଶ୍ୟକ, ତେବେ ମନ ଅନ୍ଧାରରୁ ଛାୟା ହଟିଯିବ । ଅବିନାଶ ତା'ପରେ ଦଳେ ମୁଣ୍ଡକୁ ଝୁଲାଇ ଆସୁଥିବା ଲୋକଙ୍କୁ ଦେଖିଲା । ସେମାନେ କଇଦୀ, ଉଭୟ ଭାରତୀୟ ଓ ବର୍ମିଜ ଥିଲେ । କିଛି ବେଶ ବଳିଷ୍ଠ ଜଣାପଡୁଥିଲେ । ତା'କୁ ଲାଗୁଥିଲା ଆଣ୍ଡାମାନର ବେଳାଭୂମିରେ ମାର୍ଚ୍ଚ ପାଷ୍ଟ ଚାଲିଛି । ସେ ବେଳଭୂମିର ଏକଦମ ପାଖକୁ ଚାଲିଗଲା । ସମୁଦ୍ରକୂଳରେ ବଡ଼ ବଡ ଲହଡି । ପଥର ପାଖରେ ପାଣିରେ ଡଙ୍ଗାଟିଏ ଜୋରରେ ଦୋଳି ଖେଳୁଥିଲା ପରି ଲାଗୁଥିଲା । ଏଇଟା ପାଣିରେ ରୋଲିଙ୍ଗ ଇଫେକ୍ଟ ।

ଏ ଭିତରେ ଅପରାହ୍ନ ଆସିଗଲା । ଅସ୍ୱାଭାବିକ, ଆକାଶ ଚିତ୍ରିତ ହୋଇଯାଇଥିଲା । ଅବିନାଶର ସମୁଦ୍ର କୂଳରେ ସେମିତି ଚାଲୁଥିଲା, ଭାଙ୍ଗି ପଡୁଥିବା ଲହଡିକୁ ଦେଖୁଥିଲା ଆଉ ଆକଶର ପ୍ରଚ୍ଛଦପଟ୍ଟରେ ବଦଳୁଥିବା ଚିତ୍ରକୁ ନିଜ ଭିତରେ ତୋଳି ନେଉଥିଲା । ସମୁଦ୍ର କୂଳଦେଇ ଅନେକ ଦୂର ପର୍ଯ୍ୟନ୍ତ ଚାଲିଯାଇ ହେଉଛି । ଭାଙ୍ଗି ପଡୁଥିବା ଲହଡି ଫେଣ କରି ଉପରକୁ ଉଚ୍ଛୁଳି ପଡୁଥିଲା । ଏ ପଟେ ପ୍ରାୟ ବାଲି ନାହିଁ, କୋରାଲ ବିଚ ଅର୍ଥ ପଥୁରିଆ ବିଚ । ପାଣି ମାଡିଆସିଲେ ଛୋଟ ମାଛମାନେ ଆଗକୁ ଚାଲି ଆସନ୍ତି । ଏକ ଲମ୍ବା ଗୋଡଥିବା

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କଳା ରଙ୍ଗର ପକ୍ଷୀ ବହୁତ ବ୍ୟସ୍ତ ଥିଲା । ପାଣି ଆସି ଛାଡି ଯାଉଥିଲା ଆଉ ପକ୍ଷୀଟି ଏପଟ ସେପଟ ହେଉଥିଲା, ଛୋଟ ଖଣ୍ଡିଉଡା ଦେଉଥିଲା ଆଉ ମଝିରେ ମଝିରେ ତା'ର ଲମ୍ବା ଥଣ୍ଟ ପାଣିକୁ ଛୁଇଁ ଯାଉଥିଲା ।

କଳା ମଣିଷମାନେ ତା'ହେଲେ ବେଶ ଚଞ୍ଚଳ ।

କ'ଣ ଏଇଠିକା ମଣିଷ କଥା କହୁଛ କି ? ପକ୍ଷୀର ରଙ୍ଗ କଳା ତ, ସେଇଥିପାଇଁ କି ଭାବିଲ ?

ଆଦିମ ଅଧିବାସୀମାନେ ପେନାଲ ସେଟେଲମେଣ୍ଟ ପାଇଁ ପ୍ରତିକ୍ରିୟା କରିଛନ୍ତି । ଏହାକୁ ନାମକରଣ କରିବା ଦେଶପାଇଁ ଯୁଦ୍ଧ । ଏଇଟା ଏଠାକାର ପ୍ରଥମ ଯୁଦ୍ଧଥିଲା ବ୍ରିଟିଶମାନଙ୍କ ବିରୁଦ୍ଧରେ । ସେତେବେଳକୁ ପୋର୍ଟବ୍ଲେଆରରେ ସେଟେଲମେଣ୍ଟ କାମ ଜୋର ଧରିଥାଏ ଆଉ ଏ ସ୍ଥାନ ହେଉଛି ଗ୍ରେଟ ଆଣ୍ଡାମାନିଜ ଆଦିମ ଅଧିବାସୀଙ୍କର । ସେମାନଙ୍କ ପକ୍ଷରୁ ଅନେକ ପ୍ରତିରୋଧ ଆସିଲା । କିନ୍ତୁ ପ୍ରସ୍ତର ଯୁଗୀୟ ପ୍ରତିରୋଧ । ସେମାନେ ଖସି ପଳାଇଥିବା କଇଦୀମାନଙ୍କୁ ମାରିଦେଉଥାନ୍ତି । ସେମାନଙ୍କ ପାଇଁ ସବୁ ବାହାର ଲୋକେ ସମାନ, କିଏ ଦୋଷୀ, କିଏ ନିର୍ଦୋଷ ସେମାନେ ଜାଣିବେ କେମିତି ?

ତା'ପରେ ଅବିନାଶ ନିଜକୁ ବୋହିଯାଉଥିବା ପବନ ତଳେ ଅଟକାଇ ରଖୁଥିଲା । କିଛି ଧଳା ବାଲି, ପଥର ଚଡା, ତା'ପରେ ନୀଳ ସମୁଦ୍ର । କେମିତି ଗଭୀର ଜଳ ସାଙ୍ଗେସାଙ୍ଗେ ଆରମ୍ଭ ହୋଇନି । ତେଣୁ ତଳ ବାଲି ଦିଶୁଛି ଆଉ ପାଣିର ରଙ୍ଗ ଚମକୁଛି । ହାଲୁକା ଧଳା ନୀଳ ବର୍ଣ୍ଣ । ଆକାଶରେ କିଛି ଧଳା ବଉଦ. ପ୍ରତିଫଳନ ଅଛି ପାଣିରେ. ଆକଶର ନୀଳ ପ୍ରତିଫଳନ ମଧ୍ୟ ପଡିଛି । ପାଣିର ରଙ୍ଗ ଚମତ୍କାର ଲାଗୁଛି । ସେପଟେ ନୀଳ ଆକାଶର ଠିକ ତଳେ ଆଉ ପାଣିର ଶେଷ ଦିଗବଳୟକୁ ଛୁଇଁ ଆରମ୍ଭ ହୋଇଛି ଦ୍ୱୀପର ଏକ ଦେଖାଯାଉଥିବା ଅଂଶ । ଗାଢ ସବୁଜ, ପ୍ରାୟ କଳା ଗଛରେ ଭରିଯାଇଛି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପାଣି ଏଠି ନୀଳ ଆଉ ଭୂମି ଗାଢ ସବୁଜ । କ'ଣ କୃଷ୍ଣ ଜଙ୍ଗଲର ଆଖ୍ୟା ଦିଆଯିବ ?

କଳାପାଣି ଆଉ କୃଷ୍ଣ ଅରଣ୍ୟ । ଏ ପରିଭାଷା କେମିତି ଲାଗୁଛି ? ଶବ୍ଦର ପ୍ରକୃତ ଅର୍ଥ । ଠିକ ତ ଲାଗୁଛି ।

ଏକ ବନ୍ଦୀ ହୋଇଯାଇଥିବା ମଣିଷ ପାଇଁ ଠିକ ଅର୍ଥ ।

ଅବିନାଶ ନିଜ ଆଗରେ ଏକ ଚକଚକ କରୁଥିବା ପ୍ରକୋଷ୍ଠମାନ ଦେଖିଲା । ଚମକୁଥିବା ଦୁଇଟି ଗମ୍ବୁଜ ଦେଖିଲା । ବହୁ ଲମ୍ବା ପ୍ରାଚୀର ଦେଖିଲା, ଭିତରେ ବହୁ କୋଠା ଦେଖିଲା । ବାହାରେ ଠିଆ ହୋଇଥିବା ମୂର୍ତ୍ତିମାନ ଦେଖିଲା । ଦୀର୍ଘଶ୍ୱାସମାନ ଶୁଣିଲା । ଆହାତ ମନର କ୍ରନ୍ଦନ ଶୁଣିଲା ଆଉ ସପ୍ କରି ଅସ୍ୱାଭାବିକ ଶବ୍ଦ ଶୁଣିଲା । କିଛି ଜୋରରେ ଝୁଲୁଥିବାର ଦେଖିଲା । ଏକ ଲହଲହ କରି ହଲୁଥିବା ନିଆଁ ଦେଖିଲା । ସେ କୋଠାମାନଙ୍କରେ ଡେଉଁଥିବା କିଛି ଘରଚଟିଆ ଦେଖିଥିଲା ଆଉ ଡାକୁଥିବା ବଣିମାନଙ୍କୁ ପାଇଥିଲା । କେତେ କେତେ କ'ଣ କ'ଣ ଦେଖିଲା ସେ ହିସାବ କରିପାରିଲାନି । ଆଉ ଶେଷରେ ବାହାରେ କଳା କଳା ଚଢେଇ ଉଡିବୁଲୁଥିବାର ଦେଖିଲା । ସେମାନେ ମୋଟେ ଥକୁନଥିଲେ, ଉଡୁଥିଲେ ଆଉ ଉଡୁଥିଲେ । ଏତେ କତରିଙ୍ଗ କରିପାରୁଥିଲେ ଯେ ବିଶ୍ୱାସ ହେଉନଥିଲା । ସେମାନଙ୍କ ଡେଣା ହଲୁଥିଲା କି ନାହିଁ ଜାଣି ହେଉନଥିଲା, କିନ୍ତୁ ସେମାନେ ଏପଟ ସେପଟ ହୋଇ ଉଡୁଥିଲେ । ସେ ଉଡା ବେଶି ମାତ୍ରରେ ଦୁଇ ଧଳା ଗମ୍ବୁଜ ମଧ୍ୟରେ ଥିବା ଗେଟ ଚାରିପାଖେ ଥିଲା । ଅବିନାଶ ଭାବିଲା ସେ ଗେଟ ପଛପଟେ କ'ଣ ଅଛି ? ତା' ପଛରେ ଏକ ବଡ଼ ଗଛ ଥିଲା ଆଉ ତା' ପଛରେ ଜଳନ୍ତା ସୂର୍ଯ୍ୟ ଥିଲା । ମଣିଷକୁ ଠିଆହେବା ପାଇଁ ଟିକେ ଗଛ ଛାଇ ଦରକାର । ନହେଲେ । ସୂର୍ଯ୍ୟ ତଳେ ମଣିଷ କେବେ ଠିଆ ହୋଇ ପାରିବନି । ତା' ଆଡକୁ ସମୁଦ୍ରରୁ ପବନ ବୋହି ଆସୁଥିଲା ।

ଅବିନାଶ, ତୁମେ କ'ଣ ଖାଲି କଳା ଛାଇ ଦେଖିବାକୁ ଆସିଛ ?- ତା' ପାଖରେ ଏକ ପ୍ରଶ୍ନ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଶାନ୍ତ ପୋଖରୀ ଭିତରୁ ବାଳିଆ ମାଛଟିଏ ଫଳି ମାରିଲା ଭଳି କଲା ।

ଏବେ ତା' କାନ ପାଖରେ ଯେମିତି ଚର୍ଚ୍ଚର ବେଲ ଭଳି ଢାଉଁ କରି ଶବ୍ଦ ହେଉଥିଲା । ସେ ନିଜକୁ ସମ୍ଭାଳିନେଲା ଆଉ ଦିନ ପରେ ଦିନ ବିତିଗଲା । କେତେଦିନ ଅନ୍ଧାରିଆ ଥିଲା ତ କେତେଦିନ ସକାଳରେ ଭରିଥିଲା । ସେ ଏମିତିଆ ଦିନମାନଙ୍କୁ ଆଡେଇଦେଇ, ତା' ଭିତରୁ ବାହରି ଏକ ଅଜଣା ମଣିଷକୁ ଖୋଜିବାକୁ ଦୌଡିଲା । ଐତିହ୍ୟ ଭିତରୁ ହୋଇପାରେ, ଅଜଣା ମଣିଷ ଏକ ଅଜଣା ଦ୍ୱୀପରୁ ଖୋଜିବ । ଖୋଜିବାରେ କିଛି ନିର୍ଦ୍ଦିଷ୍ଟ ଦିଗ ନାହିଁ, କିନ୍ତୁ ଖୋଜିବାକୁ ଅଛି । ସୂତ୍ର ? ସେଇଟା କିଛି ଭଙ୍ଗା ଇତିହାସରୁ ମିଳିପାରେ । କିଛି ଭଗ୍ନ ଐତିହ୍ୟ ଆଉ ମଣିଷର ସମ୍ବନ୍ଧରୁ ମିଳିପାରେ । ଜଙ୍ଗଲରୁ, ଗଛ, ଲତା, ପାଣିରୁ ମିଳିପାରେ ।

କଳା ଛାଇ ଆଉ ଅଜଣା ମଣିଷ ।- ଅବିନାଶ ନିଜ ଭିତରେ ଜୋରରେ ଏକ ବଡ଼ ଘଣ୍ଟା ପିଟା ଯାଉଥିବାର ଶବ୍ଦ ଶୁଣିଲା ।

କ୍ରମଶଃ. . .

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବ୍ରହ୍ମରାକ୍ଷସ



ସୁଧାଂଶୁ ଶେଖର ଦ୍ୱିବେଦୀ

କର୍ଣ୍ଣାଟକ ରାଜ୍ୟର ମୈସୁର ଅଞ୍ଚଳରେ ଜଣେ ନୈଷ୍ଠିକ ବ୍ରାହ୍ମଣ ରହୁଥା'ନ୍ତି । ଦିନେ ସେ ପୁରୋହିତ କାର୍ଯ୍ୟ ସାରି ଜଙ୍ଗଲ ରାସ୍ତାରେ ଘରକୁ ଫେରୁଥିବା ବେଳେ ଜଣେ ବ୍ରହ୍ମରାକ୍ଷସ ସହିତ ଭେଟ ହେଲା । ବ୍ରାହ୍ମଣ ଭୟରେ ଅତର୍ଛିଆ ଧାଇଁବା ବେଳେ ସେ ତାଙ୍କୁ ଅଟକାଇ କହିଲା- ପୁରୋହିତ ମହାଶୟ ! ଭୟରେ ପଳାଇ ଯାଅନାହିଁ । ମୋତେ ଟିକେ ସାହାଯ୍ୟ କର । ତୁମ ଋଣ ମୁଁ ଶୁଝିଦେବି ।

ବ୍ରାହ୍ମଣ ପଚାରିଲେ- ମୋଠାରୁ କିଭଳି ସାହାଯ୍ୟ ଚାହୁଁଛୁ ?

ବ୍ରହ୍ମରାକ୍ଷସ କହିଲା- ମୁଁ ମନୁଷ୍ୟ ଜନ୍ମରେ ଜଣେ ସୁପ୍ରସିଦ୍ଧ ସଙ୍ଗୀତଜ୍ଞ ଥିଲି । ନିଜ କଳାର ଜ୍ଞାନ ଲୋକହିତରେ ନ ଲଗାଇବାରୁ ମୋତେ ମୋ ଗୁରୁ ଅଭିଶାପ ଦେଲେ । ଯାହାଫଳରେ ମୁଁ ଜଣେ ବ୍ରହ୍ମରାକ୍ଷସ ହୋଇଗଲି । ଆଜି ପର୍ଯ୍ୟନ୍ତ ମୁଁ ସେ କୋଠର ଦଣ୍ଡକୁ ଭୋଗୁଛି । କିନ୍ତୁ ଏବେ ମୋ ପ୍ରତି ଅନ୍ୟ ଏକ ବିପତ୍ତି ପଡିଛି । ଯାହା ମୋ ଦଣ୍ଡ ବିଧାନ ଠାରୁ ଆହୁରି କଷ୍ଟଦାୟକ ।

ବ୍ରାହ୍ମଣ ପୁଣି ପଚାରିଲେ- ଆଚ୍ଛା, କି ପ୍ରକାର ବିପତ୍ତି ପଡିଛି ?

ନିକଟସ୍ଥ ମନ୍ଦିରରେ କେହି ଜଣେ ଲୋକ ସକାଳେ ସନ୍ଧ୍ୟାରେ ନାଦ ସ୍ୱର ବାଦନ କରୁଛି । ତାହା ଏତେ ବେସୁରା ଯେ ତା ବାଦନ ଶୁଣି ମୁଁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପାଗଳ ଭଳି ହୋଇଯାଉଛି । ପ୍ରତିଦିନ ବେସୁରା ବାଦନ ଶୁଣି ଶୁଣି ମୋ ପାଇଁ ନର୍କ ଯନ୍ତ୍ରଣାଠାରୁ ଅଧିକ କଷ୍ଟଦାୟକ ହୋଇଗଲାଣି ।

ବ୍ରହ୍ମରାକ୍ଷସ ତା' କାହାଣୀ କହିଲା ।

ବ୍ରାହ୍ମଣ କହିଲେ- ଏଥିରେ ମୁଁ କି ପ୍ରକାର ସାହାଯ୍ୟ କରିପାରିବି ?

ତୁମେ ମୋତେ ଏ ବାଟୀକାରୁ ନେଇ ଅନ୍ୟ ଏକ ବାଟୀକାରେ ଛାଡି ଦିଅ । ଯାହାଦ୍ୱାରା ମୁଁ ଏଭଳି ଯନ୍ତ୍ରଣାରୁ ମୁକ୍ତି ପାଇଯିବି । ଏ କାର୍ଯ୍ୟ ପାଇଁ ମୁଁ ତୁମକୁ ବହୁତ ଗୁଡିଏ ପୁରସ୍କାର ଦେବି ।

ବ୍ରହ୍ମରାକ୍ଷସର କଥା ବ୍ରାହ୍ମଣ ମାନିଗଲେ ଓ ତାକୁ ନେଇ ଗୋଟେ ଦୂର ବାଟୀକାରେ ଛାଡିଦେଲେ । ନୂଆ ସ୍ଥାନରେ ପହଞ୍ଚିବା ପରେ ବ୍ରହ୍ମରାକ୍ଷସର ପ୍ରକୃତି ବଦଳିଗଲା । ବ୍ରାହ୍ମଣଙ୍କୁ ଏକ ଉପାୟ କହିଲା- ମୁଁ ମୈସୁର ରାଜକୁମାରୀ ଶରୀରରେ ପ୍ରବେଶ କରିଯିବି । ରାଜ କୁମାରୀ ଅସୁସ୍ଥ ହେବା ଶୁଣି ତୁରନ୍ତ ରାଜାଙ୍କ ପାଖରେ ପହଞ୍ଚି ମିଛ ରେ ଉପଚାର କରି ତୁମ ମନଇଚ୍ଛା ପୁରସ୍କାର ପ୍ରାପ୍ତ କରିନେବ । ତାପରେ ତୁମେ ମୋତେ କେବେବି ଅସୁବିଧାରେ ପକାଇବ ନାହିଁ ।

ସବୁକିଛି ଯୋଜନା ଅନୁସାରେ ହେଲା । ମୈସୁର ରାଜା ବହୁତଗୁଡିଏ ପୁରସ୍କାର ଦେଇ ବିଦା କଲେ । କିନ୍ତୁ କିଛିଦିନ ପରେ ବ୍ରହ୍ମରାକ୍ଷସ ତିରୁଅନନ୍ତପୁର ରାଜକୁମାରୀ ଶରୀରରେ ବାସ କଲା । ମୈସୁର ରାଜାଙ୍କ ଅନୁରୋଧକ୍ରମେ ତିରୁଅନନ୍ତପୁର ରାଜା ଉକ୍ତ ବ୍ରାହ୍ମଣଙ୍କୁ ଡକାଇଲେ । ବ୍ରାହ୍ମଣଙ୍କୁ ଜଣାଥାଏ ରକ୍ଷସ ଏବେ ଆଉ ତା' କଥା ମାନିବ ନାହିଁ । କିନ୍ତୁ ରାଜାଙ୍କ ଡାକରା ପାଇ ସେଠିକୁ ଯିବା ବ୍ୟତୀତ ଆଉକିଛି ଉପାୟ ନଥାଏ । ଭୟ ଓ ଚିନ୍ତାରେ ପଡ଼ି ତିରୁଅନନ୍ତପୁରରେ ପହଞ୍ଚିଲେ । ରାଜକୁମାରୀଙ୍କ କୋଠରୀରେ ପାଦ ରଖିଛନ୍ତି ରାକ୍ଷସ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଗର୍ଜନ କଲା- ମୁଁ ତୋତେ କହିଥିଲି ନା ଆଉକେବେ ମୋତେ ଅସୁ ବିଧାରେ ପକାଇବୁ ନାହିଁ । ଏବେ ଏଠାରୁ ପଳାଇଯାଆ ନହେଲେ ତୋତେ କଞ୍ଚା ଚୋବେଇ ଖାଇଦେବି ।

ବ୍ରାହ୍ମଣ ବିଚରା କଣ କରିବେ ନ କରିବେ କିଛି ଭାବିପାରୁ ନଥାନ୍ତି । ଏପଟେ ରାକ୍ଷସ କଥା ନ ମାନିଲେ ମରିବେ ସେପଟେ ରାଜାଙ୍କ କଥା ନ ମାନିଲେ ରାଜା ଶୁଳିରେ ଚଢ଼େଇଦେବେ ।ମନକୁ ଦୃଢକରି ସେ କହିଲେ- ପ୍ରଥମେ ତୋତେ ଏଠାରୁ ଯିବାକୁ ପଡ଼ିବ । ଯଦି ନ ଯିବୁ ତାହେଲେ ସେଇ ନାଦସ୍ୱର ବାଦକକୁ ଆଣି ଏଇ କକ୍ଷ ବାହାରେ ବେସୁରା ନାଦସ୍ୱର ବଜେଇବାକୁ କହିବି । ଏତକ ଶୁଣିବା କ୍ଷଣି ରାକ୍ଷସ ଚିତ୍କାର କରି କହିଲା- ନା-ନା ମୋ ପ୍ରତି ଏତେ ନିଷ୍ଠୁର ହୁଅନା । ମୁଁ ଏଠାରୁ ଚାଲିଯିବି । ତାପରେ ସେଠାରୁ ସେ ପଳାଇଗଲା । ବ୍ରାହ୍ମଣ ରାଜକୁମାରୀଙ୍କ ଉପଚାର କରି ରାଜାଙ୍କଠାରୁ ବହୁମୂଲ୍ୟ ଉପହାର ଧରି ଘରକୁ ଫେରିଲେ ।(କର୍ଣ୍ଣାଟକ ଲୋକକଥା)

ବିସି-୭୪,ସଲଟ ଲେକ,କଲକତା-୬୪

ମୋ-୯୬୮୧୩୭୩୫୧୨

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସ୍ୱପ୍ନ



ବର୍ଷାରାଣୀ
ମହାମଲ୍ଲିକ

ଆଗରେ ସିଙ୍ଗଡ଼ା, ଜିଲାବି, ଅଙ୍ଗୁର, ସେଓ ଦେଖି ପ୍ରାଚୀର ମୁହଁରୁ ଲାଲ ଗଡୁଥିଲା । ଇଛା ହେଉଥିଲା ସିଙ୍ଗଡ଼ାଟେ ଉଠାଇ ଖାଆନ୍ତା କି ? ଇଆଡେ ସିଆଡ଼େ ଚାହିଁ ଧୀରେ ଧୀରେ ହାତ ବଢାଇଲା ପ୍ଲେଟ୍ ଆଡକୁ । ଚଟାପଟ୍ ସିଙ୍ଗଡାଟିଏ ଉଠାଇ ଯେମିତି ପାଟିକୁ ନେଇଛି ସ୍ୱର୍ଣ୍ଣପ୍ରଭା ଦେବୀ କେଉଁଠି ଧାଇଁ ଆସି କହିଲେ, ଇଲୋ ଇଲୋ ମାଡ଼ି ଆସିଲା ଖାଇବା ପାଇଁ, ଆରେ ଏ ଅଲାଜୁକୀ ତୋ ଝିଅକୁ ଦେଖି ଆ ମ, କେମିତି ଲୁଚିଛୁପି ଚୋରେଇ ଖାଉଛି । ହଇଲୋ ତୋ ଦ୍ୱାରା ହେଲାନି ବୋଲି ଏ ଛୁଆ ଟାକୁ ଲଗେଇ ଦେଉଛୁ ନା ? ଆରେ.... ଆଜି ଖାଇବା ଚୋରେଇ ବା ଦେଖିଲି କାଲି କୁଆଡ଼େ ଗଲେ ତମେ ମା ଝିଅ ଦୁଇଜଣ ତ ଘରକୁ କଲାକନା ବୁଲାଇ ଦେବ । ଏତିକି କହି ପ୍ରାଚୀ ଧରିଥିବା ସିଙ୍ଗଡାକୁ ଛଡ଼ାଇ ଡଷ୍ଟବିନ୍ ରେ ଫିଙ୍ଗିଦେଲେ ଆଉ ଗୋଟେ ଶକ୍ତ ଚାପୁଡ଼ା ବସାଇ ଦେଲେ ପ୍ରାଚୀ ଗାଲରେ । ପ୍ରାଚୀର ମୁହଁରୁ ଶବ୍ଦ ଝରିଲାନି ହେଲେ ଝରିଗଲା କୁନି ଆଖିରେ ପୁରି ରହିଥିବା ଲୁହ ତାର ମଇଳା ଗାଲରେ । ପ୍ରାଚୀର ମାଁ ଧାଇଁ ଆସି କୋଳେଇ ନେଇ ଲୁହ ଗଡ଼ାଇ କହିଲେ ନାଇଁ ମାଁ ତାକୁ ମାରନା, ପିଲାଲୋକ କାଲି ସକାଳ ଠୁଁ କିଛି ଖାଇନି, ଭୋକରେ ଭୁଲ କରିଦେଇଛି ଆଉ ସେ ସେମିତି କରିବନି ମା । ସ୍ୱର୍ଣ୍ଣପ୍ରଭା ଦେବୀ ପାଟି କରି କହିଲେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତୋ ଝିଅ ଭୋକିଲା ବୋଲି ମୁଁ କଣ ଧର୍ମଶାଳା ଖୋଲି ରଖିଛି ? ଆରେ ମୁଁ ତ ତତେ କାମ ପାଇଁ ଟଙ୍କା ଦେବି, ତମେ ଦୁଇଜଣ ପୁଣି ଏମିତି କାମ କରିବ ? ହୁସିଆର୍ ଆଉ ଦିନେ ଯେମିତି ଏମିତି ନ ହୁଏ ? ଆଉ ଏମିତି ହେଲେ ତତେ ବାହାର କରିବି ଜାଣିଥା । ପ୍ରାଚୀର ମାଁ କ୍ଷମା ମାଗି ପ୍ରାଚୀକୁ ଧରି ଚାଲିଆସିଲେ । ପ୍ରାଚୀ ପାଟି କରି ସ୍ୱପ୍ନରୁ ଉଠିବସିଲା । ଆଖିରେ ତାର ଲୁହ ପ୍ରାଚୀର ଶବ୍ଦ ଶୁଣି ମାଁ ମଧ୍ୟ ଉଠି ପଡ଼ିଲେ । ପ୍ରାଚୀ ମାଁକୁ ଜାବୁଡ଼ି ଧରି ଶୋଇପଡ଼ିଲା । ମା ପ୍ରାଚୀଠୁଁ ସବୁ କଥା ଶୁଣି ତାକୁ ଗେଲ କରି ପୁଣି ଶୁଆଇଦେଲେ । ମାଁ ଜାଣିଛନ୍ତି ପ୍ରାଚୀର ସ୍ୱପ୍ନ ବାସ୍ତବରେ ବି ଘଟେ । କିନ୍ତୁ ସେ ମଧ୍ୟ ନାଚାର କଣ ବା କରିପାରିବେ ? ସ୍ୱାମୀ ତାଙ୍କ ମଦ ପିଇ ପିଇ ମଲା, ତାକୁ ବୁଝାଇ ବୁଝାଇ ଥକିପଡିଥିଲେ । ଶେଷରେ ଭାଗ୍ୟରେ ଯାହା ଥିଲା ତା ହିଁ ହେଲା । ପ୍ରାଚୀ ସେତେବେଳେ ହୋଇଥିଲା ତିନି ବର୍ଷର । ମଲା ପୂର୍ବରୁ ସ୍ୱାମୀ ତାଙ୍କ କିଛି ସମ୍ପତ୍ତି ଛାଡ଼ି ନ ଥିଲେ, ମଦଭାଟିକୁ ତାଙ୍କ ସମସ୍ତ ଆୟ ଯାଇସାରିଥିଲା । ବାଧ୍ୟ ହୋଇ ଜୀବନ ବଞ୍ଚିବା ପାଇଁ ବଡ଼ବାବୁ ମାନଙ୍କ ଘରେ କାମଦାମ କରି ଟଙ୍କା ଆଣେ ପ୍ରାଚୀର ମାଁ । ଯାହା ମିଳେ ଚଳିବାକୁ ଅତି କଷ୍ଟ ତଥାପି ମା ଝିଅ ଦୁହେଁ ଚଳନ୍ତି ଅତି ଦୁଃଖରେ । ରାତିର କାଳିମା ଆହୁରି ଘନ ହେବାକୁ ଲାଗୁଥିଲା, ଝିଙ୍କାରୀର ଶବ୍ଦ ସ୍ପଷ୍ଟ କାନକୁ ଶୁଭୁଥିଲା, ସବୁ ଦୃଶ୍ୟ ନାଚି ଯାଉଥିଲା ପ୍ରାଚୀ ମାଁ ଆଖିରେ । ଭାବୁଥିଲା ମଣିଷର ଦୟା, ଧର୍ମ, ମାନବିକତା ସବୁ ଲୋପ ପାଇଲାଣି । ମଣିଷ ଏତେ ନିଷ୍ଠୁର ଯେ ଖାଇବା ଛଡେଇ ଆଣି ଡ଼ଷ୍ଟବିନ୍ ରେ ଫିଙ୍ଗିଦେବ ପଛେ ଭୋକିଲା ମଣିଷର ଦାରୁଣ ଚେହେରା ତା ମନକୁ କ୍ଷଣ ପାଇଁ ମଧ୍ୟ ତରଳାଇ ପାରେନା । ଭାତ ତ ଦେବନି ଭାତରେ ଧୂଳି ଆଣି ମିଶାଇବା ଲୋକ ବହୁତ । ଟିକେ ବି କଷ୍ଟ ଲାଗେନି ଏମାନଙ୍କୁ । ପ୍ରାଚୀର ବାପା ଏବେ ଥିଲେ... ? ନା ନା ସେ ଥିଲେ କେତେ ନ ଥିଲେ କେତେ ? ବରଂ ଥିଲେ ଦୁଃଖ । ମୋ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଉପରେ ଯେଉଁ ଜୁଲୁମ୍ ସେ ରାକ୍ଷସର ଚାଲୁଥିଲା ଅଥଚ ମୋ ଝିଅ ତାକୁ ଦେଖିପାରିବନି । ସେ ଯଦି ମଦକୁ ଆଶ୍ରୟ ନ କରି ନ ଥାନ୍ତେ, ଏବେ ମୋର ବି ଖୁସିର ପରିବାର ଥାନ୍ତା । ଘର ଘର ଏମିତି ପେଟ ପାଇଁ ବୁଲିବାକୁ ପଡୁ ନଥାନ୍ତା । ଏମିତି ଟିକେ ବଞ୍ଚିବା ପାଇଁ ସଂଗ୍ରାମ କରିବାକୁ ପଡୁ ନଥାନ୍ତା । ଘରର ଭଙ୍ଗା ଖପରରୁ ଅଧାଜହ୍ନର ଜ୍ୟୋତ୍ସ୍ନା ପ୍ରାଚୀର ମୁହଁରେ ପଡୁଥିଲା, ପ୍ରାଚୀ ଖୁବ୍ ସୁନ୍ଦର୍ ଦେଖାଯାଉଥିଲା । ମଇଳା ବସ୍ତି ର ଫିକା ଫିକା ଆଲୁଅ ଝାପ୍ସା ଝାପ୍ସା ଦିଶୁଥିଲା । ଦୂରରୁ କ୍ଷଣ କ୍ଷଣକେ ଭାସି ଉଠୁଥିଲା କୁକୁରର ଭୋ ଭୋ ଶବ୍ଦ । ମଶାର ଦାଉ ଘରରେ ପ୍ରବଳ । ମଶା କାମୁଡ଼ା କୁକୁରର ଶବ୍ଦ ପାଇ ପ୍ରାଚୀ ଏକଡ଼ ସେକଡ଼ ହେଉଥିଲା । ମାଁ ମୁଣ୍ଡ ଥାପୁଡ଼େଇ ଦେଲେ ପୁଣି କୋଳରେ ମୁହଁ ଗୁଞ୍ଜି ଶୋଇପଡୁଥିଲା । ପୁଣି ଭାବି ଚାଲୁଥିଲେ ପ୍ରାଚୀ ମାଁ ଅନେକ କିଛି । ପ୍ରାଚୀର ଫ୍ରକ୍ ଚିରିଗଲାଣି, ବିଚାରି.. କେତେ ଦୁଃଖ ନ ସହୁଛି ସତେ, ଯେଉଁଠି ବଞ୍ଚିବା ପାଇଁ ପ୍ରତି ମୁହୂର୍ତ୍ତରେ ସଂଗ୍ରାମ ଚାଲୁଛି, ପେଟ ଟିକକ ପାଇଁ କେତେ ନାଟ ସହିବାକୁ ପଡୁଛି ସେଠି ଆଉ କଣ ଇଚ୍ଛା ପୂରଣ କରିବାକୁ ବଳ କାହିଁ ? ପ୍ରାଚୀକୁ ଯେତେବେଳେ ବଡ଼ ବାବୁ ମାଁଙ୍କ ଘରକୁ ଧରି କାମ କରିବାକୁ ଯାଏ, ସେଠି ତାଙ୍କ ପିଲାମାନେ ଭଲିକିଭଲି ଡ୍ରେସ୍ ପିନ୍ଧନ୍ତି, ରକମ ରକମର ବହି ପଢନ୍ତି, ସ୍କୁଲ ଶାର୍ଟ ପିନ୍ଧି ପାଠ ପଢିବାକୁ ଯାଆନ୍ତି, ଜନ୍ମଦିନ ମାନନ୍ତି, କେତେ ଖେଳ, କେତେ ଖେଳଣା ଖେଳନ୍ତି । ମୋ ପ୍ରାଚୀ ସେ ସବୁ ଦେଖି ତାକୁ କଣ ଇଚ୍ଛା ହେଉ ନ ଥିବ ସେମିତି ଖାଇବାକୁ, ଖେଳିବାକୁ, ପଢିବାକୁ, ସ୍କୁଲ ଯିବାକୁ, ବୁଲିବାକୁ । ତାର ଆଖିରେ ବି ତ କେତେ ସ୍ୱପ୍ନ ଥିବ । ଯେଉଁ ସମୟରେ ସେ ପରିରାଇଜର କଥା ସ୍ୱପ୍ନ ଦେଖନ୍ତା ଏ ପ୍ରକାରର ସ୍ଥିତି ଯୋଗୁ ଯାହା ଦିନ ସାରା ସେ ଦେଖୁଛି ଅନୁଭବ କରୁଛି ରାତିରେ ସେଇ ସ୍ୱପ୍ନ ହିଁ ଦେଖୁଛି । ଗରିବମାନଙ୍କର କଣ ସ୍ୱପ୍ନ ଯେ ? ଆଖିରେ ଝରି ଯାଉଥିଲା ଲୁହ । କାଲେ କୋଳେ ଶୋଇଥିବା ପ୍ରାଚୀ ର ନିଦ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଭାଙ୍ଗିଯିବ ଆଖିର ଲୁହ ପୋଛି ଝିଅ ଦେହରେ ତାର ଚିରା କନା ଟିକୁ ଘଢ଼େଇ ଦେଲା ।

ପ୍ରାଚୀ ଶୋଇଥିଲା ମାଁ କୋଳରେ ଖୁବ୍ ଆରମ୍ ରେ, ଏଥର କିନ୍ତୁ ସେ କେଉଁ ସ୍ୱପ୍ନ ଦେଖୁଥିଲା କେଜାଣି ପରି ରାଇଜ ଅଥବା ରାଜାରାଣୀ କି ପୂର୍ବ ରୁ ଦେଖିଥିବା ସ୍ୱର୍ଣ୍ଣପ୍ରଭା ଭଳି ଚରିତ୍ର ଥିବାର ସ୍ୱପ୍ନ ? ? ? ?

ବର୍ଷାରାଣୀ ମହାମଲ୍ଲିକ

ଜିଲ୍ଲା :ବରଗଡ଼

ସ୍ନାତକୋତ୍ତର ପ୍ରଥମ ବର୍ଷ

ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ

ସମ୍ବଲପୁର ବିଶ୍ୱବିଦ୍ୟାଳୟ

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# କଳାକାରର ପୂଜାରିଣୀ



ସୁନନ୍ଦା ମହାନ୍ତି

ବୀଣା ବୋଲି ଝିଅଟିଏ ଥିଲା । ସେ ବୀଣା ବଜାଇବାରେ ଖୁବ ପାରଙ୍ଗମ ଥିଲା । ତା କଳାକାର ମନ ସବୁବେଳେ ଚାହୁଁଥିଲା ତାର ଏହି କଳାର ଆଦର କରୁଥିବା ବ୍ୟକ୍ତିକୁ ସେ ବିବାହ କରିବ । ସମୁଦ୍ର କୂଳରେ ବାଲୁକା ଶିଳ୍ପୀମାନେ ବାଲୁକା ଶଯ୍ୟାରେ ବାଲୁକା ଶିଳ୍ପକଳାକୁ ଜୀବନ୍ୟାସ ଦେଲାବେଳେ ବୀଣା ତାର ବୀଣା ବଜାଇ ଶାନ୍ତି ପାଉଥିଲା । ମାଆ ବାପା ତାର ଏହି ବୀଣା ବାଦନ କଳାକୁ ସ୍ୱୀକୃତି ଦେଉଥିଲେ ମଧ୍ୟ ଆଶଙ୍କା ପ୍ରକାଶ କରୁଥିଲେ କି, ଯଦି ଉପଯୁକ୍ତ ବରପାତ୍ର ନମିଳନ୍ତି ତ ବୀଣାକୁ ନେଇ ସମସ୍ୟା ଉପୁଜି ପାରେ ।

ଭଗବାନଙ୍କ ଦୟାରୁ ଗୋଟିଏ କଳାକାର ପରିବାରର ବଡବୋହୁ ହେବାର ସୌଭାଗ୍ୟ ଅର୍ଜ୍ଜନ କଲା ବୀଣା । ପୁଅଟି ଗୀଟାର ବାଦନ କରି ଭଲ ପଇସା ଅର୍ଜ୍ଜନ କରୁଥିଲା, ଦିଅର ଭଲ ଚିତ୍ରପଟ ଆଙ୍କି ଦେଶ ବିଦେଶରେ ଖ୍ୟାତି ଅର୍ଜ୍ଜନ କରିବା ସହିତ ବଂଶୀ ବାଦନ କରି ନାମ ଅର୍ଜ୍ଜନ କରିଛନ୍ତି ଓ ଏକମାତ୍ର ଭଉଣୀ ଗୀତା, ସଂଗୀତ କଳାରେ ବିଶେଷ ରୁଚି ରଖି, ସଂଗୀତ ପରିବେଷଣରେ ଖୁବ ପାରଦର୍ଶିତା ରଖିଛି । ବାପା ମାଆ ମଧ୍ୟ କଳାକାର ଥିଲେ । ତାଙ୍କ ଆବର୍ତ୍ତମାନ ପରେ ଦୁଇ ଭାଇ ଭଉଣୀ କଳାର ଆଦର ସମ୍ମାନ କରି ଖୁବ ଖୁସିରେ ଥିଲେ । ଯୋଉଠି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପ୍ରୋଗ୍ରାମ ହୁଏ ସେ ତିନିଜଣ ଯାଆନ୍ତି । ସମସ୍ତେ ତାଙ୍କୁ ଜଗନ୍ନାଥ ବଳଭଦ୍ର ଓ ସୁଭଦ୍ରା ବୋଲି କହିଥାଆନ୍ତି ।


ବୀଣା ସେ ଘରକୁ ବୋହୁ ହୋଇ ଗଲା ପରେ ପରିବାର ଖୁବ ଭଲରେ ଚାଲିଲା । ବୀଣାର ବୀଣା ବଜେଇବାରେ ସମସ୍ତେ ତାକୁ ପ୍ରଶଂଶିତ କଲେ । ଏଣିକି ଏଣିକି ଦୁଇଭାଇ ଭଉଣୀ ଯୋଉ ପ୍ରୋଗ୍ରାମକୁ ଯାଆନ୍ତି ବୀଣା ମଧ୍ୟ ଯିବାପାଇଁ ଚାହେଁ କିନ୍ତୁ ଘରର ବୋହୁ ବୋଲି କହି ତାକୁ କେହି ନିଅନ୍ତି ନାହିଁ । ଆସ୍ତେ ଆସ୍ତେ ବୀଣା ମନରେ ଦୁଃଖ ହୁଏ । ରଥରେ ବସି ଜଗନ୍ନାଥ ବଳଭଦ୍ର ଓ ମାଆ ସୁଭଦ୍ରା ଗୁଣ୍ଡିଚା ମନ୍ଦିର ଗଲାପରେ, ଲକ୍ଷ୍ମୀମାଆଙ୍କ ମନରେ ଅଭିମାନ ଯାତ ହେଲା ପରି ଅବସ୍ଥା ଏବେ ବୀଣାର । ଭାଇ ଭଉଣୀ ତିନିଜଣ ପ୍ରୋଗ୍ରାମ ସାରି ଘରକୁ ଫେରିବା ପରେ ବୀଣାର ଆଚରଣ ଓ ଉଚ୍ଚାରଣରେ ତାରତମ୍ୟ ପରିଲକ୍ଷିତ କରି ଭାଇ ଭଉଣୀ ତିନିହେଁ ଏକ ସ୍ଥାୟୀ ପ୍ରତିକାର କରିବାକୁ ସ୍ଥିର କଲେ । ନିଜ ଘରେ ଏବେ ଆର୍କେଷ୍ଟ୍ରା ପାର୍ଟି ହୁଏ ଓ ବୀଣା ତା ବୀଣା ବଜାଇବାର ସୁଯୋଗ ପାଇ ପ୍ରତିଷ୍ଠା ସମ୍ମାନ ସାଉଁଟି ଖୁସି ହୁଏ । ଭଉଣୀଟିର ବିବାହ ସାରି ବୀଣା ଏବେ ଦୁଇ ଭାଇଙ୍କ ସଂସାରରେ ଉପଯୁକ୍ତ ଲକ୍ଷ୍ମୀଟିଏ । ଭଗବାନଙ୍କ ଦୟାରୁ ବଳଭଦ୍ର ପରି ସ୍ୱାମୀ ଓ ଜଗନ୍ନାଥଙ୍କ ପରି ଦିଅର ପାଇ ଲକ୍ଷ୍ମୀ ପରି ଯାଆ ରୂପୀ ଭଉଣୀଟିଏ ଖୋଜି ଆଣି, ବିବାହ ସାରି, ଦୁହେଁ ମିଶି ଘର କାମ ସାରିବା ପରେ ବୀଣା ବଜାଇ ଖୁସି ହୁଅନ୍ତି ଓ ଭଲରେ ଚଳନ୍ତି । ସେହି ପରିବାରର ମାନ ସମ୍ମାନ କଳାକାର ପରିବାର ରୂପେ ସମାଜରେ ଆଦୃତ ।

ସୁନନ୍ଦା ମହାନ୍ତି
ସାକ୍ଷୀଗୋପାଳ, ପୁରୀ
୯୦୪୦୯୭୭୩୨୭

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଜୀବନ ମୋ ସାହିତ୍ୟରେ



ଦିପ୍ତି ସେଠ୍

କୋଳେଇ କାଖେଇ ମଣିଷ କରାଇ
ଏ ସାରା ଜଗତେ ଯିଏ,
ତାଙ୍କ ଠାରୁ ଆଉ ମହାନ କେ ହେବ
ବାପା ମା' ପରା ସିଏ ।

'ମାଆ' ଓ ବାପା' ଏ ଦୁଇଟି ହେଲେ ଏମିତି ଶବ୍ଦ ଦ୍ୱୟ, ଯାହାର ଅର୍ଥ ନା ଓଡ଼ିଆ ଶବ୍ଦକୋଷରେ ଲେଖା ଅଛି ନା କୋଉ ଜ୍ଞାନୀଗୁଣୀଙ୍କ ପାଖରେ ଅଛି । ଏ ଦୁହେଁ ହେଲେ ଦୁନିଆର ସବୁଠାରୁ ବଡ଼ ଅମୂଲ୍ୟ ଶବ୍ଦ । ଯାହାକୁ ତୁଳନା କରିବା ପାଇଁ ନା କୌଣସି ବସ୍ତୁ ଅଛି ନା କୌଣସି ସୌନ୍ଦର୍ଯ୍ୟ ଅଛି ।

ବାସ୍ତବ କଥା ବାପାମାଆଙ୍କ ପରି ଏ ଦୁନିଆରେ ଆଉ କେହି ନାହାନ୍ତି, ଯିଏ କି ଆମକୁ ତାଙ୍କ ପରି ଭଲ ପାଇପାରିବେ । ଜନ୍ମ ହେବା ଠାରୁ ବାପାମାଆ ହିଁ ଆମକୁ ସ୍ନେହ ଶ୍ରଦ୍ଧା ଦେଇ ଯତ୍ନରେ ବଡ଼ କରିଥାନ୍ତି । ପ୍ରତିଟି ମୁହୂର୍ତ୍ତରେ ସେମାନେ ସନ୍ତାନର ଭଲମନ୍ଦ କଥା ଚିନ୍ତା କରନ୍ତି ଓ ସନ୍ତାନର ଖୁସି ପାଇଁ ଭଗବାନଙ୍କୁ ପ୍ରାର୍ଥନା କରୁଥାନ୍ତି ।

ଠିକ୍ ସେମିତି ମୋ ବାପାମାଆ ମଧ୍ୟ ମତେ ଖୁବ୍ ଭଲପାଆନ୍ତି । ମୋର ଟିକିଏ ଖୁସି ପାଇଁ ସେମାନେ ଅନେକ ଦୁଃଖ ସହିନିଅନ୍ତି । ଆଜି ପର୍ଯ୍ୟନ୍ତ ମୁଁ ଯେତିକି ଅନୁଭବ କରିଛି, "ମୋ ବାପାମାଆ ହିଁ ମୋର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସର୍ବସ୍ୱ ।" ଯେତେବେଳେ କିଛି ଭୁଲ୍ କରିଛି, ମତେ ବୁଝେଇ ଶୁଝେଇ ଠିକ୍ ରାସ୍ତାକୁ ଆଣିଛନ୍ତି । ମୋର ମନ ଜାଣି ମୁଁ ମାଗି ନ ଥିବା ଜିନିଷ ବି କିଣି ଆଣିଦେଇଛନ୍ତି । ସେ ଜିଣିଷର ମୂଲ୍ୟ ଯେତେବେଳେ ଥାଉ ନା କାହିଁକି ହେଲେ ମୋ ଖୁସି ପାଇଁ ସେମାନେ ନିଜ ସୁଖକୁ ବି ବିକ୍ରି କରିଦେଇଛନ୍ତି । ହୋଇପାରେ ମୋ ବାପାମାଆ ଗରିବ କିନ୍ତୁ ଆଜି ଯାଏଁ ସେମାନେ ମତେ ଏଇ "ଗରିବ"ଶବ୍ଦକୁ ଅନୁଭବ ବି କରିବାକୁ ଦେଇନାହାନ୍ତି । ତାଙ୍କର ସ୍ନେହଶ୍ରଦ୍ଧା, ଭଲପାଇବା ଓ ଯତ୍ନରେ ତିଳେ ହେଲେ ସେମାନେ କେବେ ଊଣା କରିନାହାନ୍ତି । ମତେ ଅନେକ ବ୍ୟକ୍ତି ପଚାରିଛନ୍ତି, ପାଠଶାଠ ସହ ଘରକାମ ପୁଣି ଅନ୍ୟସବୁ କାମ ତୁମେ କେମିତି ଶିଖିପାରିଲ ଓ ଏସବୁକୁ ତୁମେ ସମୟ କେମିତି ଦେଇପାର ?

ମୁଁ ହସିଦେଇ ସମସ୍ତଙ୍କୁ ଉତ୍ତରରେ କହିଛି,'ଯେତେବେଳେ ମୁଁ ଛୋଟିଥିଲି, ମତେ କିଛି ଜଣା ନ ଥିଲା, ନା ପାଠ ନା ଶାଠ ନା ଘରକାମ । ପାଠ ପଢ଼ାରେ ଧ୍ୟାନ ଦେଉ ନ ଥିଲି ବୋଲି ବାପାଙ୍କ ଠୁ ଥରେ ଦି'ଥର ଗାଳି ବି ଖାଇଛି ହେଲେ ଆଜି ମୋର ଏଇ ଯେଉ ପରିବର୍ତ୍ତନ, ଏ ସବୁ କେବଳ ମୋ ବାପାମାଆଙ୍କର ସେଇ ପଦେ ଦି ପଦ ଗାଳି ଓ ଯତ୍ନର ଫଳ । ସେମାନେ ମତେ ସବୁବେଳେ ପରିଶ୍ରମ କରିବାକୁ ଶିଖାଇଛନ୍ତି ଏବଂ କେବଳ ଗୋଟିଏ କାମରେ ନୁହେଁ ବରଂ ସମସ୍ତ କାର୍ଯ୍ୟରେ ଧ୍ୟାନ ଦେବାକୁ ପ୍ରତିମୁହୂର୍ତ୍ତରେ ଆତ୍ମୀୟ ସ୍ୱରରେ କହିଛନ୍ତି । ହୋଇପାରେ ମୋ ବାପାମାଆ ଗରିବ କିନ୍ତୁ ଆଜିଯାଏଁ ସେମାନେ ମତେ ଏତେ ଖୁସିରେ ରଖିଛନ୍ତି ଯେ, ମୋ ବାପାମାଆ ଗରିବ ବୋଲି, ସେ କଥା କେବେ ମତେ ଅନୁଭବ କରିବାକୁ ବି ଦେଇନାହାନ୍ତି । ତାଙ୍କର ସ୍ନେହଶ୍ରଦ୍ଧା, ଭଲପାଇବା ଓ ଯତ୍ନରେ ତିଳେ ହେଲେ କେବେ କମ୍ କରିନାହାନ୍ତି । ଗରିବ ଘରର ଝିଅ ହେଲେ ବି ମୁଁ ବେଶ୍ ଖୁସି କାରଣ ମୋ ପାଇଁ ମୋ ବାପାମାଆ ହିଁ ଦୁନିଆର ସବୁଠୁ ବଡ଼ ଦାମୀ ଜିନିଷ ଯାହାକୁ କି ସ୍ୱୟଂ ଭଗବାନ ମତେ ଉପହାର ଦେଇଛନ୍ତି । ଭଗବାନଙ୍କର ସେଇ ସୁନ୍ଦର ଉପହାର ପାଇଁ ମୁଁ ନିଜକୁ ଖୁବ୍

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଭାଗ୍ୟଶାଳୀ ମନେକରେ ।

ମୋ ଜୀବନରେ ଆଜିଯାଏଁ ଯେତେ ବି ସଫଳତା ଆସିଛି, ସେ ସଫଳତା ଛୋଟ ହେଉ କି ବଡ଼ ହେଲେ ସେ ସମସ୍ତ ସଫଳତାର ଶ୍ରେୟ ମୁଁ ମୋ ବାପାମାଆଙ୍କୁ ହିଁ ଦେବି । ତାଙ୍କ ବିନା ତ ମୁଁ ନିସ୍ୱ ମାତ୍ର ।

ଯାହାଙ୍କ ସ୍ପର୍ଶରେ ଆଜି ମୋ ଜୀବନ ସୁବାସିତ ଆଉ ମୋ ଜୀବନର ପଥ କୁସୁମିତ ହୋଇପାରିଛି, ସେଇ ଭଗବାନ ଦ୍ୱୟଙ୍କ ପାଇଁ ମୋ କଲମରୁ ଦୁଇଧାଡ଼ି -

"ଲୋଡ଼ା ନାହିଁ ଧନ ବାଡ଼ି ମତେ
ଲୋଡ଼ା ନାହିଁ ବଡ଼ ଘର,
ତୁମେ ଦୁହେଁ ଥିଲେ ପାଖରେ ମୋହର
ଧନ୍ୟ ହେବ ଜୀବ ମୋର ।"

ମୁଁ କୌଣସି ମୂଲ୍ୟବାନ ଜିନିଷ ଚାହେଁନି, କାରଣ ମୋ ପାଖରେ ମୋ ବାପାମାଆ ଥିଲେ ମତେ ଆଉ କିଛି ଦରକାର ନାହିଁ । ଭଗବାନଙ୍କୁ ତ ବାସ୍ ଏତିକି ପ୍ରାର୍ଥନା, ଏ ଗରିବି ଥିଲେ ପଛେ ଥାଉ ହେଲେ ସବୁ ଜନ୍ମରେ ମତେ ଏଇ ବାପାମାଆ ହିଁ ମିଳନ୍ତୁ । ହୁଏତ ବେଳେବେଳେ ମୁଁ ତାଙ୍କ ଉପରେ ରାଗେ କିନ୍ତୁ ଆନ୍ତରିକତାରୁ ମୁଁ କେବେ ତାଙ୍କୁ ଅସମ୍ମାନ କରିନି । ଦୁନିଆରେ ଯଦି ମୋ ପାଇଁ କିଛି ସବୁଠାରୁ ସୁନ୍ଦର ଜିନିଷ ଥାଏ, ତେବେ ତାହା ହେଉଛି ମୋ ବାପାମାଆଙ୍କ ଭଲପାଇବା । ଭଗବାନ ବାସ୍ ମତେ ଏତିକି ଆଶୀର୍ବାଦ କରନ୍ତୁ, ଯେମିତିକି ମୁଁ ନିଜ ପରିଶ୍ରମର ଟଙ୍କାରେ ଆଉ ମୋ ସେବାରେ ତାଙ୍କୁ ଖୁସିରେ ରଖିପାରିବି ।

ଗ୍ରାମ - ସିଂଘିପୁଟୀ
ଜିଲ୍ଲା - ସୁବର୍ଣ୍ଣପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆଧୁନିକ କଳ୍ପତରୁ



ଅମୃତ ନାରାୟଣ ଶତପଥୀ

ଭାରତର କିମ୍ବଦନ୍ତୀ କଳ୍ପତରୁ ବିଷୟରେ କହେ ଏବଂ ପୁରାଣରେ ବର୍ଣ୍ଣନା ହୋଇଛି କାମଧେନୁର । ଏହି ଦୁଇଟି ଏତେ ପବିତ୍ର ଯେ ତାହା ଅଚିରେ ମନୁଷ୍ୟର ଇଚ୍ଛା, ଆକାଂକ୍ଷା, କାମନା ଆଦି ପୂରଣ କରିବାରେ ସକ୍ଷମ ଥିଲା ବୋଲି ଅନେକ ଗଳ୍ପ ଆଦିରେ ଶୁଣିବାକୁ ମିଳେ । ମନୁଷ୍ୟ ଶରୀର ଯେପରି ସାଧାରଣ ଆତ୍ମାଟିର ବାସସ୍ଥାନ ଏବଂ ନିଜର ସମୁଚିତ କର୍ମ ବଳରେ ମନୁଷ୍ୟ ପଦବାଚ୍ୟରୁ ଊର୍ଦ୍ଧ୍ୱକୁ ଉଠି ସାଜେ ଦେବତା ଓ ପୂରଣ କରିପାରେ ଅନ୍ୟର ଇଚ୍ଛା, ସେହିପରି କଳ୍ପତରୁ ମଧ୍ୟ ସମସ୍ତଙ୍କ ଇଚ୍ଛା ପୂରଣ କରିପାରେ । ତେଣୁ ଆସନ୍ତୁ ପାଠକ ବନ୍ଧୁ ପ୍ରବେଶ କରିବା ଏକ ଭବିଷ୍ୟ ସମ୍ଭାବ୍ୟ କାଳ୍ପନିକ କାହାଣୀରେ ।

"ବିନୋଦ" ନାମର ସରସତା ଜୀବନରେ ନଥିଲା ପିଲାବେଳୁ ମାତା ପିତାଙ୍କୁ ଦେଖିନଥିବା ଏହି ଅନାଥ ପିଲାଟିର । ମନରେ ଥିଲା ଅପୁରନ୍ତ ଇଚ୍ଛା, ଅଥକ ପରିଶ୍ରମର ଆକାଂକ୍ଷା ତଥା ସୁଖ ଶାନ୍ତିର ଅବ୍ୟର୍ଥ କାମନା କିନ୍ତୁ ଭାଗ୍ୟର ବିଡମ୍ବନା ଏ ତିନୋଟି କ'ଣ ଜୀବନର କାଣିଚାଏ ଆନନ୍ଦ ପାଇବା ତ ଦୂରର କଥା ଦୁଇଓଳି ଦୁଇମୁଠା ଖାଇବା ପାଇବା ବି କାଠିକର ପାଠ ହେଉଥିଲା ବିନୋଦର । ଅନେକ ସମୟରେ ସେ ମନରେ ଭାବେ ଏମିତି କିଛି ଚମତ୍କାର ହୁଅନ୍ତାନି ଯେ ତା'ର ଆକାଂକ୍ଷିତ ଈପ୍ସିତ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ବସ୍ତୁ ହାତ ପାହାନ୍ତାରେ ମିଳି ଯାଆନ୍ତା ଏବଂ ସେ ସୁଖରେ କାଳତିପାତ କରନ୍ତା ଏବଂ ନିଜପରି ଦୁଃଖୀରଙ୍କି ଅନାଥ ଅସହାୟ ବ୍ୟକ୍ତିର ସାହାଯ୍ୟରେ କରନ୍ତା ପୁଣି ମନୋନିବେଶ । ଏହା ଭିତରେ କିଛି କାହାଣୀରୁ କଳ୍ପତରୁ ବିଷୟରେ ଶୁଣି ମନେ ମନେ ଭାବେ ଆଧୁନିକ ଯୁଗ ହିସାବରେ ମୋତେ ଏକ ଆଧୁନିକ କଳ୍ପତରୁଟିଏ ମିଳି ଯାଆନ୍ତା କି ? ଜୀବନରେ ପ୍ରକୃତ ଆନନ୍ଦ ଆସି ଯାଆନ୍ତା । ଏମିତି ଭାବି ଦିନ କାଟେ, ଗୋଟିଏ ଗୋଟିଏ ଦିନ ଯୁଗଟିଏ ପରି ଲାଗେ କାରଣ ଛୋଟ ପ୍ରାଥମିକ ଚିଜ ଖାଦ୍ୟ, ବସ୍ତ୍ର, ବାସଗୃହ ପାଇଁ ସେ କରେ ଅନେକ ସଂଘର୍ଷ କିନ୍ତୁ ଏହା ଭିତରେ ଗୋଟିଏ କାର୍ଯ୍ୟକୁ କେବେ ବି ହତାଦର କରେ ନାହିଁ ତାହା ହେଉଛି ପାଠପଢା । ଅନାଥ ଗରିବ ହେଲେ ବି ଯେତେ କଷ୍ଟ ହେଉ ନା କାହିଁକି ସେ ପାଠପଢ଼ାରେ କେବେ ହେଳା କରେ ନାହିଁ, ହଁ ସେ ସ୍କୁଲ ଯାଇପାରେ ନାହିଁ କିନ୍ତୁ ନିଜ ଚେଷ୍ଟାରେ ପୁରୁଣା ପୁସ୍ତକ ଆଦି ସଂଗ୍ରହ କରି ଜ୍ଞାନ ଅର୍ଜନ କରିଛି ଯଥେଷ୍ଟ; ଇଚ୍ଛା ତା'ର ଭବିଷ୍ୟତରେ ହେବ ବଡ଼ ବୈଜ୍ଞାନିକ ଓ ଆବିଷ୍କାର ଏବଂ ଉଦ୍ଭାବନ କରିବ ଅନେକ କିଛି ନୂତନ ଚିଜ ଯାହାଦ୍ୱାରା ଦେଶ ଜାତିର ଉନ୍ନତି ହେବାସହ ତୃଣମୂଳ ସ୍ତରରେ ସମୂହ ବିକାଶ ସମ୍ଭବ ହେବ ।

ସେଦିନ କଳ୍ପତରୁ ବିଷୟରେ ଟିକେ ବେଶି ଭାବିଥିଲା ବିନୋଦ । କୋମଳମତି ମନକୁ ଅନାହାର ଯନ୍ତ୍ରଣା, ଗତ ରାତିରୁ କିଛି ଖାଇନାହିଁ ଆଜି ଆସି ମୁହଁ ସଂଜ ହେଲାଣି ବାହାରେ ଅବିଶ୍ରାନ୍ତ ଆକାଶ ଫଟା ବର୍ଷା ନା ବାହାରକୁ ବାହାରି ହେଉଛି ନା ରହି ହେଉଛି ଛୋଟ କୁଡ଼ିଆରେ ସତେ ଯେପରି ପୃଥିବୀ ପ୍ରଳୟ ହୋଇଯିବ ସେପରି ଲାଗୁଚି । ଛୋଟ ରହିବା ସ୍ଥାନରେ ଜାକିଜୁକି ହୋଇ ବସିଛି ବିନୋଦ ବର୍ଷାର ଛିଟା ଦେହକୁ ନୁହେଁ ସମ୍ପୂର୍ଣ୍ଣ ମନକୁ ବି ଓଦା କରି ଦେଉଛି । ନିରାଶ ହେଉଛି ବିନୋଦ ହେଲେ ତା'ର ଆଶା ଦୃଢ଼ୀଭୂତ ହେଉଛି,

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଭାବୁଛି କଳ୍ପତରୁଟିଏ ମିଳିଯା'ନ୍ତା କି ! ଏହିପରି ଭାବନା ଭିତରେ ଚେତନ ଓ ଅବଚେତନ ସ୍ଥିତି ମଧ୍ୟରେ ଭୋକିଲା ପେଟ ସାଙ୍ଗରେ ଦୁର୍ବଳତା ଧୀରେଧୀରେ ବିନୋଦକୁ ଗଭୀର ନିଦ୍ରାଚ୍ଛାଦିତ କରିଛି ଏବଂ ସେ ଚାଲିଯାଇଛି ସ୍ୱପ୍ନଦେଶର କେଉଁ ନିଭୃତ କୋଣକୁ । ସେହି ସ୍ୱପ୍ନ ଭିତରେ ସେ ଭାସିଯାଇଛି ଦୂରକୁ .... ଅନେକ ଦୂରକୁ, ବାହାରେ ଏତେ ବର୍ଷା ହେଉଥିଲା ଯେ ବିନୋଦର ଛୋଟ କୁଡ଼ିଆଟି ଭାସି ଭାସି ଡଙ୍ଗାଟିଏ ପରି ବିନୋଦକୁ ନେଇ ଚାଲିଗଲା ପରି ସେ ଅନୁଭବ କଲା, ବାସ୍ତବରେ ତାହା ସତ୍ୟ ନଥିଲା ଥିଲା ସତ୍ୟ ସାଦୃଶ୍ୟ ସ୍ୱପ୍ନଟିଏ ଯେଉଁଥିରେ ବିନୋଦର ଅବଚେତନ ମନ କରିଥିଲା ସମ୍ପୂର୍ଣ୍ଣ ସମର୍ପଣ, ଅବଚେତନରେ ଚାଲିଥିବା ସ୍ୱପ୍ନବି ବହୁତ ବାସ୍ତବ ଲାଗୁଥିଲା ଏବଂ ବିନୋଦ ଏକ ପ୍ରଚ୍ଛଦପଟର ଚରିତ୍ରପରି ସ୍ୱପ୍ନରେ କାର୍ଯ୍ୟ କରି ଚାଲୁଥିଲା । ମୋଟ ଉପରେ କହିବାକୁ ଗଲେ ସ୍ୱପ୍ନ ଓ ବାସ୍ତବତା ଭିତରେ ଥିବା କ୍ଷୁଦ୍ର ବିଭାଜିକାଟି ସମାପ୍ତ ହୋଇଯାଇଥିଲା କହିଲେ ଅତ୍ୟୁକ୍ତି ହେବ ନାହିଁ ।

ଅନେକ ବାଟ ଭାସିଭାସି ଚାଲିଲା ବିନୋଦ, ପ୍ରଥମତଃ କିଛି ଅଥକ ପ୍ରୟାସ କଲା କୂଳରେ ଲାଗିବା ପାଇଁ କିନ୍ତୁ ଶେଷରେ ଥକାପଣ ତାକୁ ସେ ଜଳସ୍ରୋତକୁ ଆତ୍ମସମର୍ପଣ କରିବାକୁ ବାଧ୍ୟ କରି ଦେଇଥିଲା କିନ୍ତୁ ଆଶ୍ଚର୍ଯ୍ୟର କଥା ଏତେ ପ୍ରଖର ଜଳସ୍ରୋତରେ ସେ ବୁଡି ଯାଇନଥିଲା ବରଂ ତା ଛୋଟ କୁଡିଆ ସହ ଭାସି ଚାଲିଥିଲା ଠିକ୍ ଛୋଟ ଡଙ୍ଗା ଉପରେ ବସି ଗଲା ପରି ଦୂରକୁ ଅନେକ ଦୂରକୁ ।

କିଛି ବାଟ ଗଲାପରେ ଆସି ପହଞ୍ଚିଲା ଏକ ଅଜଣା ରାଇଜରେ, ସତେ ଯେପରି ଏକ ସୁନ୍ଦର ଦ୍ୱୀପ, ଦ୍ୱୀପ ନୁହେଁ ତ କହିବାକୁ ଗଲେ ଏକ ମାୟା ନଗରୀ, ସୁନ୍ଦରତାର ବଳିଷ୍ଠ ଉଦାହରଣ ଥିଲା ସେ ସ୍ଥାନ, ସବୁକିଛି ସ୍ୱୟଂଚାଳିତ ଏବଂ ଜନାଦୃତ ପରି ଜଣାପଡୁଥିଲା ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସେଠାରେ ବସତି ସ୍ଥାପନ କରୁଥିବା ଜୀବଙ୍କୁ ମନୁଷ୍ୟ କୁହାଯାଇ ନପାରେ ସେ ଥିଲେ ମନୁଷ୍ୟ ଠାରୁ ଟିକେ ଭିନ୍ନ ଆଉ ଟିକେ ନିଆରା, କେବଳ ଦେଖିବା ଲୋକ ହିଁ ବାସ୍ତବତା ଅନୁଭବ କରିପାରିବ ହେଲେ ଆମେ ସମସ୍ତେ କରିପାରିବା କେବଳ ଏକ କଳ୍ପନା, କଳ୍ପନା ଆଧୁନିକ ତଥା ଅତ୍ୟାଧୁନିକ ଯନ୍ତ୍ରମାନବର, କିନ୍ତୁ ବିନୋଦକୁ ସେତେବେଳେ ତାଙ୍କ କର୍ତ୍ତୃତ୍ୱ ଯନ୍ତ୍ର ମାନବ ପରି ଲାଗୁନଥାଏ ବରଂ ଲାଗୁଥାଏ ଭିନ୍ନ ଏକ ଆକାଂକ୍ଷିତ ଚେତନାର ଉର୍ଦ୍ଧ୍ୱଗତି । ଯେତେବେଳେ କୂଳକୁ ଆସିଲା ସେ ମଧ୍ୟ ପାଲଟିଗଲା ସେହି ମାନବ ମାନଙ୍କ ପରି ଜଣେ, ସତେ ଯେପରି ଏକ ସ୍ୱୟଂ ଚାଳିତ ପୋଷାକ ତା'ର ସମ୍ପୂର୍ଣ୍ଣ ଶରୀରକୁ ଆବୃତ କରି ରଖିଲା । ଏହା ଭିତରେ ଆଶ୍ଚର୍ଯ୍ୟ ଚକିତ ହୋଇ ଭୁଲିଯାଇଛି ସେ ନିଜର କ୍ଷୁଧାତୃଷ୍ଣା କିଛି ସମୟ ପରେ ସେ ପ୍ରବଳ କ୍ଷୁଧା ଅନୁଭବ କରି ଭୋଜନର ଚିନ୍ତନ ମାତ୍ର କଲାପରେ ସାମ୍ନାରେ ସୁସ୍ୱାଦୁ ଭୋଜନର ଥାଳିମାନ ସୁସଜ୍ଜିତ ସୁନ୍ଦର ମେଜ ଉପରେ ପରଶା ହୋଇ ରହିଲା, ସେ ନିଜର ଅନେକ ବେଳର କ୍ଷୁଧା ତୃଷ୍ଣା ନିବାରଣ ପାଇଁ ପଶୁ ତୁଲ୍ୟ ଖାଦ୍ୟ ଉପରକୁ ଝପଟି ପଡିଲା ଏଥର ତା'ର ଆନନ୍ଦ କହିଲେ ନସରେ ଗୋଟିଏ ଖାଦ୍ୟ ଖାଇ ହଠାତ୍ ତା ପାଟିରୁ ବାହାରିଗଲା ବାଃ ଆତ୍ମା ତୃପ୍ତି ହୋଇଗଲା ପରି ଲାଗୁଛି ରସଗୋଲାଟିଏ ମିଳନ୍ତା ନାହିଁ! ସଙ୍ଗେ ସଙ୍ଗେ ରସଗୋଲାର ମଧ୍ୟମ ଧରଣର ପୂର୍ଣ୍ଣ ମାଟି ହାଣ୍ଡିଟିଏ ତା ସମ୍ମୁଖରେ ଆବିଷ୍କାର କଲା ସେ, ଏହା ପରେ ଆହୁରି କିଛି ଖାଦ୍ୟ ପଦାର୍ଥର ନାମ ଉଚ୍ଚାରଣ ମାତ୍ରେ ସବୁକିଛି ହାତ ପାହାନ୍ତାରେ ମିଳିଗଲା, ସେ ଭାବିଲା ବୋଧହୁଏ କଳ୍ପତରୁ ଟିଏ ପାଇଗଲି, ମନ ଆନନ୍ଦରେ ଶୋଇବା କଥା ଭାବିବା କ୍ଷଣି ନରମ ଶଯ୍ୟାର ବ୍ୟବସ୍ଥା ବି ହୋଇଗଲା, ଏଥର ବିନୋଦ ତା'ର ନାମର ସାର୍ଥକତା ପରି ନିଜର ଚିତ୍ତବିନୋଦନରେ ଲାଗିପଡିଲା ।

କିଛି ସମୟ ପରେ ସେ ଏକ ଗଭୀର ଆନନ୍ଦମୟ ବିଶ୍ରାମ ପରେ ଉଠି ବସିଲା ଏବଂ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଚାରିଆଡ଼େ ବୁଲି ବାହାରିଲା, ଅତ୍ୟନ୍ତ କ୍ଷୁଦ୍ର ଦ୍ୱୀପଟିଏ । ଛୋଟ ଗାଁ ଟିଏ କହିଲେ ଅତ୍ୟୁକ୍ତି ହେବ ନାହିଁ କିନ୍ତୁ ସ୍ୱର୍ଗ ସମ ସବୁ ସୁଖ ଅଛି ସେଠାରେ ପରିଶ୍ରମ କିଛି କରିବାକୁ ପଡୁନାହିଁ କେତେବେଳେ, ଯାହା ପାଟିକୁ ଆସୁଛି ବା ମନର ଭାବନା ପରିସରକୁ ଆସୁଛି ତାହା ସଙ୍ଗେ ସଙ୍ଗେ ପୂରଣ ହୋଇ ଯାଉଛି । ଆଶ୍ଚର୍ଯ୍ୟ ହେଲା ବିନୋଦ ପୁନର୍ବାର କାରଣ ତାକୁ ଛାଡ଼ିଦେଲେ କେହି ପାଦରେ ଚାଲିବାକୁ ପସନ୍ଦ କରୁନଥିଲେ ସମସ୍ତେ କେତେ ପ୍ରକାରର ଯନ୍ତ୍ରଚାଳିତ ଯାନବାହାନରେ ଯିବା ଆସିବା କରୁଥିଲେ ଏପରି କିଛି ସ୍ଥାନରେ ବେଶ୍ ନୃଶଂସତା ବି ଦେଖିବାକୁ ପାଇଲା ବିନୋଦ, କିଛି ତଥାକଥିତ ଯନ୍ତ୍ର ମାନବ ନିଜର ଶରୀରର ଅଙ୍ଗ ନିଜ ହସ୍ତରେ ଛିନ୍ନ ବିଛିନ୍ନ କରୁଥିଲେ ମୃତ୍ୟୁ ତ ନଥିଲା ତାଙ୍କର କିନ୍ତୁ ଏ ବିଭତ୍ସତାର ବେଶ୍ ଆନନ୍ଦ ନେଉଥିଲେ ଏସବୁ ଧୀରେ ଧୀରେ ବିନୋଦ ମନରେ ବୈରାଗ୍ୟ ଜନ୍ମାଇଲା, ସେ ଭାବିଲା ଭଲା ଆଧୁନିକ କଳ୍ପତରୁ ଟିଏ ମିଳିଲା ଯେ କେବଳ ମୁଁ ନୁହେଁ ଏହି ତଥାକଥିତ ମାନବ ଅବା ଭବିଷ୍ୟତରେ ମାନବ ଜାତି ବିନାଶକ ଏହି ଯନ୍ତ୍ର ମାନବ ଜୀବନର ମୂଲ୍ୟ ସମ୍ପର୍କର ମଧୁରତା ଐଶ୍ୱରୀୟ ଶକ୍ତିର ମହତ୍ତ୍ୱ କିଛି ନବୁଝି କେବଳ ଏମିତି ଆଭାସୀ ଦୁନିଆର ମୋହ ମାୟା ଭିତରେ ପେଷି ହୋଇଯାଉଛନ୍ତି । ଅମୂଲ୍ୟ ଜୀବନର ମୂଲ୍ୟ ଏମାନେ ଜାଣିବେ ବା କ'ଣ ଏମାନେ ତ ଜଣେ ଜଣେ ମୂଲ୍ୟହୀନ ଶବ ପରି ବ୍ୟବହାର କରୁଛନ୍ତି, ଧିକ ଏ ଆଧୁନିକ କଳ୍ପତରୁ ଏହା ମୋର ଦରକାର ନାହିଁ । ଏତିକି କହି ଦୁଃଖ ସନ୍ତାପର ସହ ଆଖି ବୁଜି ଦେଲା ବିନୋଦ ଓ ଆଖି ଦୁଇ କୋଣରୁ ଜକେଇ ଆସିଲା ଦୁଇଧାର ଲୁହ, ସେହି ଲୁହ ଧୀରେ ଧୀରେ ତଳକୁ ଗଡ଼ି ତା'ର ଚିବୁକରେ ଏକ ଉଷ୍ମତାର ସ୍ପର୍ଶ ଦେଲା ଏତିକି ବେଳେ ପୁଣି ଚେତନ ଓ ଅବଚେତନ ମନ ମଧ୍ୟରେ ଥିବା ବିଭାଜିକା ବିଭାଜନ କରିଦେଲା ମନ ମସ୍ତିଷ୍କକୁ ଗଭୀର ଭାବରେ । ଚାଉଁକିନା ନିଦ ଭାଙ୍ଗିଲା ବିନୋଦର ପ୍ରଥମେ ଅନୁଭବ କଲା ନିଜର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଚର୍ତୁପାର୍ଶ୍ୱକୁ ଧୀରେଧୀରେ ପ୍ରକୃତିସ୍ଥ ହେଲା, ପ୍ରଳୟଙ୍କରୀ ବର୍ଷା ଛାଡି ହେଉଥିଲା ଏକ ନୂତନ ପ୍ରଭାତର ସୂର୍ଯ୍ୟୋଦୟ । ଆଭାସୀ ଦୁନିଆ ତଥା ଆଧୁନିକ କଳ୍ପତରୁ ନିଜ ଚେତନାରୁ ବିଲୋପ କରିବାକୁ ଚାହିଁଲା ବେଳକୁ ପାଖରେ ଦେଖିଲା ପଡ଼ିଛି ସମ୍ବାଦପତ୍ରର ଏକ ଅଂଶ, ଯେଉଁଥିରେ ସ୍ପଷ୍ଟ ଲେଖାଯାଇଥିଲା 'କୃତ୍ରିମ ବୁଦ୍ଧିମତାର ବହୁଳ ବ୍ୟବହାର ଆଧୁନିକ କଳ୍ପତରୁ ସମ କିନ୍ତୁ ଏହା ପାଲଟିପାରେ ବିନାଶକ ତଥା ମନୁଷ୍ୟକୁ ହଜାଇ ଦେଇପାରେ ଆଭାସୀ ଦୁନିଆର ଆକର୍ଷଣ ଭିତରେ ।'

ଏଥର ସ୍ମିତହାସ୍ୟଟିଏ ହସି ମନେମନେ ଭାବିଲା ଆରେ ଏହି ସମ୍ବାଦପତ୍ରର ଅଂଶଟି ମୋତେ ଏପରି ଭବିଷ୍ୟ ଉନ୍ମୁଖୀ ସ୍ୱପ୍ନ ଜଗତରେ ବିଚରଣ କରାଇ ଆଣି ମୋର ଆଧୁନିକ କଳ୍ପତରୁର ମୋହ ସତରେ ଭାଙ୍ଗିଦେଲା । ବାସ୍ତବରେ ଧନ୍ୟ ଏ ପ୍ରକୃତି ଧନ୍ୟ ତା'ର ପ୍ରାକୃତିକତା ଆଉ ଧନ୍ୟ ଇଶ୍ୱରଙ୍କ ସୃଷ୍ଟି ଆଉ ଅମୂଲ୍ୟ ଅକ୍ଷୟ ରହୁ ସେହି ନିରନ୍ତରତା ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଦୀପାଳି



ରୁଦ୍ରକାନ୍ତ
ରାଉତରାୟ

ସେଦିନ ରାମ ବାବୁ ଭାରି ଖୁସି ପରି ଜଣାପଡୁଥିଲେ । କାହିଁ କେତେ ଦିନରୁ ଦେଖିଆସିଥିବା ଝାଉଁଳା ମୁହଁଟା ଆଜି ହସ ଜରଜର ଦିଶୁଛି । ମୁଁ ବି ଖୁସିରେ ପଚାରିଦେଲି, କ'ଣ ହେଇଛି ରାମ ବାବୁ (ହିସାବରେ ସେ ମୋର ଜେଜେ ହୁଅନ୍ତି) ? ପାଟିରୁ କଥା ନସରୁଣୁ ଖୁସିରେ କହି ଉଠିଲେ, ଜାଣିଛୁ, ସାହେବ ଘର ଝିଅ ମୋ ଦ୍ୱୀପାଳି ମା' କାଲି ଫେରୁଛନ୍ତି । କଥାଟା ହଜମ ହେଲାନି ପୁଣି ଥରେ ମଥାଟେକି ପଚାରିବା ବେଳକୁ ରାମ ବାବୁ ଖଣ୍ଡେ ବାଟରେ । ରାମ ବାବୁ ସାହେବ ଘରର ସବୁ କଥା ବୁଝାସୁଝା କରନ୍ତି । ଚାଷବାସ, ପୂଜା ପାର୍ବଣ, ବ୍ୟବସାୟ ପର୍ଯ୍ୟନ୍ତ ସବୁଥିରେ ରାମ ବାବୁ ଆଗ ଡାକରା । କୁଆଡେ ଝିଅଟିକୁ ତାଙ୍କ ହାତରେ ତିଆରି କରିଥିଲେ । ମାନେ ପିଲାଟିବେଳୁ ସାହେବ ଘର କୁନି ପିତୁଳି ଟିକୁ ତରାଶି ଖୁବ୍ ଯତ୍ନରେ ନିଜ ଝିଅ ପରି ପାଳିଥିଲେ ସେ । ବାବୁ ସାହେବଙ୍କ ପତ୍ନୀ ମାରା ପଡିଲା ପରେ ଏଇ ରାମ ବାବୁ ଦ୍ୱିପାଳୀର ମା' ଆଉ ବାପା ହୋଇ ତାକୁ ପାଳିଥିଲେ । ତାରି ମୁହଁକୁ ଚାହିଁ ରାମ ବାବୁ ବିବାହ ମଧ୍ୟ କଲେନାହିଁ । କାଳେ ଯଦି ତାଙ୍କର ପିଲା ଛୁଆ ହେବାପରେ ଦ୍ୱିପାଳୀ ପ୍ରତି ସେ ଅବହେଳା କରିବସିବେ । ବାବୁ ସାହେବ ତ ସବୁବେଳେ ନିଜ ବିଜନେସ କାମରେ ରାଜ୍ୟ ଓ ଦେଶ ବାହାରେ ରହିଲେ । ତେଣୁ ଦ୍ୱିପାଳୀ ଓ ରାମ ବାବୁ ଗୋଟିଏ ବୃନ୍ତରେ ଦୁଇ ପ୍ରଫୁଟିତ କଳିକା ପରି ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଦ୍ୱିପାଳୀଙ୍କର ମାଟ୍ରିକ୍ ସରିଲା ପରେ ବାବୁ ସାହେବ ତାଙ୍କୁ ଉଚ୍ଚଶିକ୍ଷା ନିମନ୍ତେ ବିଦେଶରେ ପଢିବା ପାଇଁ ନେଇଗଲେ । ହଁ ସେଇଟି ସମୟ ରାମ ବାବୁ ଓ ଦ୍ୱିପାଳୀ ପାଇଁ ସବୁଠାରୁ କଷ୍ଟଦାୟକ ମୁହୂର୍ତ୍ତ ଥିଲା । ମାତ୍ର ଭବିଷ୍ୟତ ଗଢିବାକୁ, ଉଚ୍ଚ ଶିକ୍ଷିତ ହୋଇ ନିଜ ଗୋଡରେ ନିଜେ ଛିଡା ହୋଇ ପରିବାରର ନାଁ ରଖିବାକୁ ରାମ ବାବୁ ମଧ୍ୟ ଦ୍ୱିପାଳୀର ପଥରୋଧ କରିନଥିଲେ । ଛାତିରେ ପଥର ରଖି ତାକୁ ବିଦା କରିଥିଲେ । ଦ୍ୱିପାଳୀ ଆଖିରୁ ଲୁହପୋଛି ତାକୁ ନେଇ ଗାଡିରେ ବସେଇଦେଇ ଆସିଥିଲେ ସେ । ହେଲେ ଛାତିରୁ କଲିଜାକୁ ଅଲଗା କରି ବଡ କଷ୍ଟରେ ମରି ମରି ବଞ୍ଚୁଥିଲେ ରାମ ବାବୁ । ସେମିତିରେ ବି ତାଙ୍କର କେହିନଥିଲେ । ବାପା ମା' ଚାଲିଗଲା ପରେ ଏଇ ବାବୁ ସାହେବ ତାଙ୍କୁ ଆଣି ତାଙ୍କ ଘରେ ରଖିଥିଲେ । ତେଣୁ ପରିବାର ବିହୀନ ରାମ ବାବୁଙ୍କର ବୁଢା ବୟସରେ ସାହେବାଣୀଙ୍କ ପ୍ରତି ଗୋଟେ ମୋହ ବସା ବାନ୍ଧିଛି କହିଲେ ଅତ୍ୟୁକ୍ତି ହେବନାହିଁ । ସାହେବ ଘର ତାଙ୍କର ଘର କହିଲେ ଭୁଲ୍ ହେବନି କାରଣ ତାଙ୍କ ନିଜ ଘର ଦରଜା ସବୁବେଳେ ତାଲାରେ କବଳିତ ।

ହେଲେ ମୁଁ ଆଜି ଭାରି ଖୁସି, ଯାହାହେଉ ମୋ ସହ ସବୁବେଳେ ଟାହିଟାପରା ହେଉଥିବା ବୁଢା ଆଜି ଭାରି ଖୁସି ଅଛି । କିନ୍ତୁ କେଉଁ ବଳୟର ଚିରୁଳେ ପିଉଷ ପାଇଁ ଏ ପ୍ରଫୁଲ୍ଲତା, କେଉଁ ଅଭିଳାଷ ପାଇଁ ଏତେ ବ୍ୟଗ୍ର ମନୋଭାବ, ନନ୍ଦ ଘର ଚାନ୍ଦ ପାଇଁ ଅମାବାସ୍ୟା କଣ ବାଧକ ସାଜିବ ? ନାଁ, ମରୁଭୂମିରେ ଜଳର ସନ୍ଧାନ ଏକ ସାଧନାର ଅନ୍ତିମ ପର୍ଯ୍ୟାୟ । ସେ ଯାହାହେଉ ରାମ ବାବୁଙ୍କର ଏ ହସରେ ପୂର୍ଣ୍ଣଚ୍ଛେଦ ନପଡୁ । କାଲି ଯାଇ ଆଜି ହେଲା ଆଜି ଯାଇ ପୁଣି କାଲି ଆସିଲା ହେଲେ ରାମ ବାବୁଙ୍କର ସେଇ ନୟନ ପିତୁଳୀ ଆସିଲେନି । ଏହି ଭାବନା ଭିତରେ ମୋର ନଜର ପଡିଲା ଧରିଥିବା ମୋବାଇଲରେ ନ୍ୟୁଜ୍ ଚେନେଲର ବ୍ରେକିଂ ଖବର ଉପରେ । ଦିଲ୍ଲୀରୁ ଆସୁଥିବା ବିମାନ ଦୁର୍ଘଟଣା, ସେଥିରେ ଥିବା ଯାତ୍ରୀ ଦ୍ୱିପାଳୀ ସାମନ୍ତରାୟଙ୍କ ସହ .... ? ? ! ! ! ନା ନା ଏହା କେବେ ସମ୍ଭବ ନୁହଁ । ମନଟା

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଅସ୍ଥିର ଥାଏ, ଝାଉଁଳା ମୁହଁକୁ ତଳକୁ ଲଟକାଇ ଘରକୁ ଫେରୁଥାଏ, ଆମ ଗାଁ ଶିବ ମନ୍ଦିର ପାଖରେ ହଠାତ୍ ରାମ ବାବୁ ଦେଖାହେଲେ ଆଉ କହିଲେ ବୁଝିଲୁ ନାତିଆ, ସେ ଉଡାଜାହାଜ ଡେରିକଲା, ଆଜି ଆସିବେ ମୋ ସାହେବାଣୀ । ବାବୁଙ୍କ ଘରକୁ ଫୋନ୍ ଆସିଥିଲା । ଭାବନା ଆଢୁଆଳରେ ଅନେକ କଥା ମନକୁ ଆସିଲା । ଆଖି ମଧ୍ୟ ଓଦା ହେଲା । ହେଲେ ସତକଥାଟା ବୁଢାକୁ ଜଣେଇବାକୁ ସାହସ ହେଲାନି । ଏ ବୁଢା ବୟସରେ ନିଃସନ୍ତାନ ବେସାହାରା ରାମ ବାବୁ କେତେ ଖୁସି ହେଉଥିଲେ ଝିଅ ଫେରିବ ବୋଲି, ହେଲେ ଭଗବାନ ସେତକ ସୁଖ ବି ତା ଠୁ ଛଡେଇନେଲେ ।

ଦୁଇ ପହର ବେଳକୁ ଟିକେ ଆଖି ଲାଖି ଯାଇଥିଲା । “ରାମ ନାମ ସତ୍ୟ ହେ, ହରିନାମ ସତ୍ୟ ହେ” ଶବ୍ଦରେ ହଠାତ୍ ନିଦ ଭାଙ୍ଗିଗଲା । ଭାବିଲି ବାବୁଆଣିଙ୍କ ଶବ ବୋଧେ ... ଦାଣ୍ଡକୁ ଯାଇ ଦେଖେତ ଦୁଇଟି କୋକେଇରେ ବନ୍ଧା ଦୁଇଟି ମର ଶରୀର । ଆଶ୍ଚର୍ଯ୍ୟ ହେଲି ଆଉ ଯାଉ ଦେଖେତ ରାମ ବାବୁଙ୍କ ସହ ତାଙ୍କ ସାହେବାଣୀଙ୍କର ଅନ୍ତିମ ଦର୍ଶନ ସଫଳ କାମି । ନିରବ ନିଷ୍ପ୍ରଭ ଭାବେ ରାମ ବାବୁ ଯେମିତିକେଉଁ ଏକ ଆନନ୍ଦଯୁକ୍ତ ବିଶ୍ରାମ ମୁଦ୍ରାରେ ଆଉ ତାଙ୍କ ବାବୁଆଣି ହାତରେ ରାମ ବାବୁଙ୍କର ଫଟୋଟିକୁ ଜାପୋଡି ଧରି ଶୋଇ ରହିଛନ୍ତି । ଶବ ସାଙ୍ଗରେ ମଶାଣିକୁ ଯିବାକୁ ସାହସ ହେଲାନି । ଏକ ସାଙ୍ଗରେ ଦୁଇଜଣଙ୍କ ଶବ ଜଳିଲା, ସାହେବ ମଧ୍ୟ ଖୁବ୍ ଦମ୍ଭର ସହ ଦୁଇଟି ଜୁଇକୁ ଅଗ୍ନି ସଂଯୋଗ କଲେ । ସନ୍ଧ୍ୟାରେ ମଶାଣିକୁ ଗଲି, ଖାଲି ଏତିକି ଦେଖିବା ପାଇଁ ରାମ ବାବୁ ଆଉ ତାଙ୍କ ବାବୁଆଣିଙ୍କର ଆତ୍ମାର ପବିତ୍ର ମିଳନ ହେଲା କି ନାହିଁ । ମାତ୍ର ମୁଠା ମୁଠା ପାଉଁଶ ତଳୁ ଉଷ୍ମତା ଛଡା ଆଉ କିଛିବି ଅନୁଭବ କରିପାରିଲି ନାହିଁ । ଏକ ଶକ୍ତ ଆବରଣ ଭିତରେ ବନ୍ଦୀ ଦୁହିଁଙ୍କ ମିଳନର ଅଭିଳାଷ । ଖୁବ୍ ନୀରବ, ଶାନ୍ତ !!!

ଆଡଭୋକେଟ, ଭଦ୍ରକ, ମୋ. ୯୩୪୮୧୮୪୦୫୪, Email- rudrakanta456@gmail.com

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବାଘରୂପୀ ସୈତାନ୍



ଦୀପକ ଷଡ଼ଙ୍ଗୀ

ମୂଳ ବଙ୍ଗଳା : ହେମେନ୍ଦ୍ର କୁମାର ରାୟ

ଓଡିଆ ଭାବାନୁବାଦ : ଦୀପକ ଷଡ଼ଙ୍ଗୀ

ପୃଥିବୀରେ ଅନେକ ଆଶ୍ଚର୍ଯ୍ୟଜନକ ଘଟଣାମାନ ସବୁ ଘଟିଥାଏ, କିନ୍ତୁ ସବୁ ଘଟଣା ଗୁଡ଼ିକୁ ବିଶ୍ୱାସ କରିଲା ଭଳି ଲୋକ ମିଳିବା ବହୁତ କଷ୍ଟ । ମୋ ଜୀବନ ରେ ବି ଏମିତି ଗୋଟେ ଘଟଣା ଘଟିଥିଲା ଯାହାକୁ ଶୁଣିଲେ ପାଠକ ବନ୍ଧୁ ମାନେ ନିଶ୍ଚିତ ଭାବେ ଆଶ୍ଚର୍ଯ୍ୟଚକିତ ହେବେ ।

ସେତେବେଳେ ମୁଁ ହଜାରିବାଗରେ ଚାକିରୀ କରୁଥାଏ । ସେ ସମୟରେ ଗୋଟେ ମଣିଷଖିଆ ବାଘ ଭୟରେ ସେ ଅଞ୍ଚଳର ଲୋକମାନେ ତ୍ରାହିତ୍ରାହି ଡାକୁଥାଆନ୍ତି । ଅନେକ ଶିକାରୀ ଆସିଲେ ଓ ଗଲେ କିନ୍ତୁ କେହି ତାକୁ ମାରି ପାରୁ ନ ଥାଆନ୍ତି କି କାବୁ ମଧ୍ୟ କରି ପାରୁ ନଥାନ୍ତି । ସେଠାକାର ସ୍ଥାନୀୟ ଲୋକେ କୁହନ୍ତି ସେ କୁଆଡେ ଗୋଟେ ବାଘରୂପୀ ଦାନବ, ଲୋକମାନେ ତା'କୁ କୁଆଡେ ଅଦୃଶ୍ୟ ହେବା ଓ କଥା ହେବା ମଧ୍ୟ ଶୁଣିଛନ୍ତି । ଜଙ୍ଗଲ ଭିତରେ ବସି ସେ କୁଆଡେ ଝିଅ ପିଲାଙ୍କ ଭଳି କାନ୍ଦେ, ଆଉ ତା କାନ୍ଦ ଶୁଣି ଯେ କେହି ବି ଜଙ୍ଗଲ ଭିତରକୁ ଯାଏ ପରଦିନ ତା'ର ଶବ ହିଁ ମିଳେ । ଲୋକମାନେ ତାକୁ ସେଥିପାଇଁ ସୈତାନ୍ ର ଆଖ୍ୟା ଦେଇଛନ୍ତି । ଲୋକେ କୁହନ୍ତି ତା'ର କୁଆଡେ ଲାଞ୍ଜ ନାହିଁ, ଆଉ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସେଥିପାଇଁ ହିଁ ସେ ସୈତାନ୍ । ଏ ସବୁ କଥା ମୁଁ ଯେତବେଳେ ଲୋକଙ୍କ ଠାରୁ ଶୁଣିଲି ମୋତେ ବହୁତ ହସ ମାଡ଼ିଲା । ଗୋଟେ ବାଘ ତା'ର ଲାଞ୍ଜ ନାହିଁ, ପୁଣି ମଣିଷ ଭଳିଆ କାନ୍ଦେ ଏ ସବୁ କପୋଳକଳ୍ପିତ ଗଳ୍ପ ଶୁଣି ମୋତେ ଏ ଗାଁଲୋକ ଙ୍କ ଉପରେ ବହୁତ ଦୟା ଆସେ ଯେ ଆଜିକାଲିର ଯେ୍ୱ ଆଧୁନିକ ଯୁଗରେ ଏମାନେ ଏବେ ବି ସେଇ ଅନ୍ଧ ବିଶ୍ୱାସ କୁ ଧରି ବଞ୍ଚିଛନ୍ତି । ମୁଁ କିନ୍ତୁ ଦିନେ ସୈତାନ୍ ଗୋଟେ ଜିଅନ୍ତା ବାଘ ବୋଲି ପ୍ରମାଣ ପାଇ ସାରିଥିଲି ।

ଥରେ ଜଙ୍ଗଲ ଭିତରକୁ ମୁଁ ମୋ ସାଙ୍ଗ ହରିଶ୍, ସାଙ୍ଗରେ ଦୁଇ ଜଣ ଗ୍ରାମବାସୀ ଆଉ ତା କୁକୁର ଟାଇଗର୍ ମିଶି କି ଯାଇଥିଲୁ ହରିଣ ଶିକାର କରିବା ପାଇଁ । ହରିଣ ମାରିକି ଆସିଲା ବେଳକୁ ମଡାର ଗନ୍ଧକୁ ବାରି ପାରି ଗୋଟେ ବିଶାଳକାୟ ବାଘ ଆମ ଆଗରେ ଆସି ଛିଡା ହୋଇଗଲା । ମୁଁ ଦେଖିଲି ତା'ର ବି ଲାଞ୍ଜ ନାହିଁ । ତା'କୁ ଦେଖି ସେ ଗାଆଁ ଲୋକ ଦୁଇ ଜଣ ଡରିକି ଚିତ୍କାର କରି ଉଠିଲେ ସୈତାନ୍ ସୈତାନ୍ ବୋଲି । ଟାଇଗର୍ ବାଘକୁ ଦେଖି ତା ଆଡକୁ ଝପଟି ଗଲା । ମୁଁ ଆଉ ହରିଶ୍ ସଙ୍ଗେସଙ୍ଗେ କାନ୍ଧରେ ପକେଇ ଥିବା ବନ୍ଧୁକ ବାହାରି କରି ତା'ରି ଆଡକୁ ଲକ୍ଷ୍ୟକରି ଦୁଇ ରାଉଣ୍ଡ ଗୁଳି ଚଳେଇଲୁ ଗୁଳି ଶବ୍ଦ ଶୁଣି ସୈତାନ୍ ସେଠୁ ଦୌଡ଼ି ପଳେଇ ଗଲା, କିନ୍ତୁ ଗୋଟାଏ ଗୁଳି ସୈତାନ୍ ର ଦେହରେ ବାଜିଥିଲା; ଫଳରେ ସେ କିଛି ଦୂରରେ ରକ୍ତ ଜୁଡୁବୁଡୁ ହୋଇ ପଡ଼ି ରହିଥିଲା । ସୈତାନ୍ ର ମରିଯିବା କଥା ଆଖି ପିଛୁଳାକେ ଗାଆଁ ସାରା ପ୍ରଚାର ହୋଇଗଲା ଆମ ଦୁଇ ଜଣଙ୍କୁ ଗାଆଁ ଲୋକେ କାନ୍ଧରେ ବସେଇ ବୁଲାଇଲେ । ଆମ ଦୁଇ ଜଣଙ୍କୁ ଖାଇବା ପିଇବା ଦେଇ ସରିବା ପରେ ଆମେ ବସି କଥବାର୍ତ୍ତା ହେଉଥାଉ । ସେହି ସମୟରେ ହଠାତ୍ ଗୋଟେ ଅଜବ ପ୍ରକାରର ଧୂଳିଝଡ ଆସିଲା, ପବନରେ ଗଛ ଗୁଡ଼ାକ ଖାଲି ତଳଉପର ହେଉଥାନ୍ତି । କଳାବାଦଲ ଆସି ସୂର୍ଯ୍ୟକିରଣ କୁ ପୁରାପୁରି ଆଚ୍ଛାଦିତ କରିଦେଲା ଓ ଭୀଷଣ ବର୍ଷା ହେଲା । ଆମେ ଦୁଇ ଜଣ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ପାଖରେ ଥିବା ଗୋଟେ ପରିତ୍ୟକ୍ତ ଘର ଭିତରକୁ ପଶିଗଲୁ । ଏତେ ଜୋର ବର୍ଷାରେ ଆମେ ଆଉ ଘରକୁ ଫେରି ପାରିବୁ ନାହିଁ ଜାଣିଗଲୁ । କାରଣ ଆମେ ଯେଉଁଠି ଥିଲୁ ସେଠାରୁ ଆମ ବସା ପ୍ରାୟ ପାଞ୍ଚ ମାଇଲ ହେବ । ଆମ ସାଙ୍ଗରେ ଥିବା ଦୁଇ ଜଣ ଲୋକ କହିଲେ "ବାବୁ ! ଆମେ ଆଉ ଆପଣମାନଙ୍କ ସହିତ ଯେ ଜାଗାରେ ରହି ପାରିବୁନି, ଆପଣମାନେ ଆଜି ସୈତାନ୍ କୁ ମାରିଛନ୍ତି; ତା'ପରେ ଆପଣମାନେ ଏବେ ଯେଉଁ ଘରେ ଅଛନ୍ତି ଏଇ ଘରେ କିଛି ବର୍ଷ ତଳେ ଜଣେ ସାହେବ୍ ଙ୍କର ଅସ୍ୱାଭାବିକ ଭାବେ ମୃତ୍ୟୁ ହୋଇଥିଲା । ସେଇଦିନ ଠାରୁ ଏ ଘର ସେମିତି ପରିତ୍ୟକ୍ତ ହୋଇ ପଡ଼ିରହିଛି । ତେଣୁ ଆମେ ଆପଣମାନଙ୍କ ସହିତ ଏଠି ରହି ପାରିବୁନି ।" ମୁଁ ଆଉ ହରିଶ୍ ବି ସେମାନଙ୍କୁ ବାଧ୍ୟ କଲୁନି ଆମ ସହିତ ରହିବା ପାଇଁ । ସେମାନେ ସେଇ ବର୍ଷାରେ ଭିଜିଭିଜି ହିଁ ପଳେଇ ଗଲେ । ସେ ଘର ଭିତରଟା ସାରା ଖାଲି ଉଇରେ ଭର୍ତ୍ତି । ସବୁ କବାଟ ଓ ଝରକା ଗୁଡା ଭଙ୍ଗା । କେହି ରହୁ ନ ଥିବାରୁ ଜଙ୍ଗଲି ଜୀବ ଜନ୍ତୁଙ୍କ ଅବାଧ ପ୍ରବେଶ ତା ଭିତରେ । ବାଘ, ଭାଲୁ, ଶିଆଳ ଆଦି ଜନ୍ତୁଗୁଡ଼ାଙ୍କ ପାଦ ଚିହ୍ନ ସହିତ ହାଡ ଓ ପଚାମାଂସର ଗନ୍ଧ ଆମକୁ ବ୍ୟତିବ୍ୟସ୍ତ କରି ପକାଉଥାଏ । ହରିଶ୍ ର କୁକୁର ଟାଇଗର ଗୋଟାଏ ହାଡ଼ ଆଣି ଚୋବାଉ ଥାଏ । ଆମେ ସାଙ୍ଗରେ ଲଣ୍ଠନ ଆଣିଥିଲୁ । ମୁଁ ହରିଶ୍ କୁ କହିଲି ସେ ଲଣ୍ଠନ ଜଳେଇଲା, କିଛି ଚୁଡ଼ା ଭଜା ମୁଁ ସାଙ୍ଗରେ ନେଇଥାଏ ସେଥିରୁ ଅଳ୍ପ କିଛି ପାଟିରେ ପକେଇ ଆମେ ବସିଥାଉ । ବାହାରର ବର୍ଷା ଦେଖି ଆମକୁ ଲାଗୁଥାଏ ସତେ ଯେମିତି ଆଜି ପ୍ରଳୟ ଆସିଛି । ମୁଁ ହରିଶ୍ କୁ କହିଲି "ଏ ରାତିରେ ଆମେ ଏଠି ନିରାପଦ ନୋହୁଁ, କାରଣ ଏ ଯାଗାକୁ କେତେବେଳେ ବି ଜଙ୍ଗଲି ଜନ୍ତୁ ଆସି ଯାଇପାରନ୍ତି । ତେଣୁ ତୁ ବନ୍ଧୁକରେ ଗୁଳି ଭର୍ତ୍ତି କରି ସଜାଗ ହେଇ କି ଥା ।"

ଶିକାର କରିଥିବା ହରିଣ ଓ ସୈତାନ୍ ର ମୃତ ଶରୀରକୁ ଆମେ ସେଇଠି ଗୋଟେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କଣରେ ରଖି ଦେଇ ବର୍ଷାର ଛାଡ଼ିବାକୁ ଅପେକ୍ଷା କରିଥାଉ । ଏଇ ସମୟରେ ହଠାତ୍ ଟାଇଗର ଅସ୍ତବ୍ୟସ୍ତ ହୋଇ ପଡ଼ିଲା । ଟାଇଗର ଗୋଟେ ସାହସୀ କୁକୁର, ସେ ବାଘକୁ ବି ଡରେନା କିନ୍ତୁ ତାକୁ କିଛି ଗୋଟେ ଅସ୍ୱାଭାବିକର ସୂଚନା ମିଳୁଥିଲା ଯାହା ଫଳରେ କି ସେ ତା'ର ଲାଙ୍ଗୁଡ ଜାକି କି ଶୋଇ ପଡୁଥାଏ ପୁଣି ଉଠି ପଡ଼ି ଭୁକୁ ଥାଏ । ଯେମିତି କି ସେ କାହାକୁ ଗୋଟେ ଦେଖି କି ଡରି ଯାଇଥାଏ । ମୁଁ ତାକୁ ପାଖକୁ ଡାକିଲି କିନ୍ତୁ ସେ ମୋ ପାଖକୁ ଆସିଲାନି । ଆଉ ଘର ଦୁଆର ମୁହଁ ଆଡକୁ ଯାଇ ଜୋର୍ ରେ ଭୁକା ଦେଲା । ତା'କୁ ଦେଖି ହରିଶ୍ ମୋତେ ପଚାରିଲା "କଣ ହେଇଛି ଟାଇଗରର ? ସେ କଣ ପାଇଁ ଏମିତି ହଉଛି ? ମୋ ପାଖରେ ହରିଶ୍ ର ପ୍ରଶ୍ନର କିଛି ଉତ୍ତର ନ ଥିଲା । ଏତେ ବଡ ଘର ଭିତରେ ଲଣ୍ଠନର ଆଲୁଅ ନାମକୁ ମାତ୍ର ଥିଲା । ହଠାତ୍ ମୋ ନଜରରେ ପଡ଼ିଲା ଯେ ଗୋଟେ କଳା ରଙ୍ଗର ଛାୟା ସେ ଘରର କାନ୍ଥ ଉପରେ ଚଳ ପ୍ରଚଳ ହେବାର । ମୁଁ ହରିଶ୍ କୁ ଡାକି କି ଦେଖେଇଲି, "ଦେଖ୍ ସେ କାନ୍ଥ ଉପରେ କଣ ଗୋଟେ ଚାଲୁଛି । ହରିଶ୍ କାନ୍ଥ ଆଡକୁ ଚାହିଁ କି କହିଲା "କାଇଁ କୋଉଠି କିଛି ତ ନାହିଁ ?" ମୁଁ ମୋ ଆଖି କି ଆଉ ଥରେ ମଳି କି ଦେଖିଲି ସତରେ ସେଠି ଆଉ କିଛି ନ ଥିଲା । ଟାଇଗର ଲାଙ୍ଗୁଡ଼ ଜାକି କି ବସି ସେମିତି କୁଁ କୁଁ ହେଉଥାଏ । ସେତିକିବେଳେ ଶୁଣ ଗଲା ଗୋଟେ ମହାବଳ ବାଘର ଭୟଙ୍କର ଗର୍ଜନ । ଆମେ ଭୟରେ ଥରୁଥାଉ । କିଛି ସମୟ ପରେ ସେ ଗର୍ଜନ ଧୀରେ ଧୀରେ ଆମ ଠାରୁ ଅପସରି ଗଲା । ତା'ପରେ ହଠାତ୍ ମୋତେ ଲାଗିଲା ଯେ କେହି ଜଣେ ବହୁ ଧୀର ଗଳାରେ ମୋ କାନ ପାଖରେ କଣ ଗୋଟେ ଅସ୍ପଷ୍ଟ ସ୍ୱରରେ କିଛି ଗୋଟେ କହି ଯାଉଛି । ମୋତେ ଭୀଷଣ ଡର ମାଡ଼ିଲା, ମୁଁ ଯାଇ ହରିଶ୍ କୁ ମାଡି ବସି ଧରିଲି । ହରିଶ୍ ମୋର ଏ ଅବସ୍ଥା ଦେଖି ଡରି ଯାଇ ପଚାରିଲା "ତୁ କଣ ଏମିତି ହଉଚୁ ?" ମୋତେ ହରିଶ୍ କଥା କିଛି ଶୁଣା ଯାଉ ନଥାଏ । ମୁଁ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଖାଲି ଶୁଣି ପାରୁଥାଏ କାହାର ଗୋଟେ ପାଦ ଚାପି କି ଚାଲି ବାର ଶବ୍ଦ ଓ ଫିସ୍ ଫିସ୍ କରି ମୋ କାନରେ କେହି ଜଣେ କିଛି କହୁଥିବାର ସ୍ୱର କିନ୍ତୁ ଠିକ ସେ ଠଉରେଇ ପାରୁ ନ ଥାଏ ସେ ସ୍ୱରଟି କେଉଁ ପୁରୁଷ ଅବା ମହିଳାର । ମୋତେ ଲାଗୁଥାଏ କିଏ ଜଣେ ଆମକୁ ଦେଖୁଚି । ମୁଁ ହରିଶ୍ କୁ କହିଲି "ଚାଲ୍ ! ଆମେ ଏଠୁ ପଳେଇବା ନ ହେଲେ ମୁଁ ଏଠି ପାଗଳ ହେଇଯିବି ।" ହରିଶ୍ କହିଲା "ତୋ ମୁଣ୍ଡ କଣ ଖରାପ ହେଇ ଗଲାଣି କି ? ଦେଖୁଚୁ ଟି ଏ କିଟିମିଟି ଅନ୍ଧାର ରାତିରେ ବାହାରେ କେମିତି ବର୍ଷା ହଉଛି । ବାହାରକୁ ଗଲେ ଜଙ୍ଗଲି ଜନ୍ତୁ ଆମକୁ ଆଉ ରଖିବେ ତ ?" ମୁଁ ଟିକେ ଶାନ୍ତ ହେଲି । ଆମକୁ ଶୁଣାଗଲା ଯେମିତି କିଛି ଲୋକଙ୍କ ପାଦ ଶବ୍ଦ ଯେମିତି କି ସେମାନେ ଆମ ଦୁଆର ମୁହଁରେ ଆସି ଅଛନ୍ତି । ପୁଣି ସେ ଶବ୍ଦ ଗୁଡା କୁଆଡେ ଉଭେଇ ଗଲା । ଘଣ୍ଟା ଦେଖିଲି ରାତି ଗୋଟାଏ ବାଜି ସାରିଥିଲା । ହରିଶ୍ କହିଲା "ଆସ୍ ଏଇ ଯେତିକି ଚୁଡ଼ା ଭଜା ଆଉ ବାକି ଅଛି ମିଶିକି ଖାଇଦେବା । ମୁଁ ତାକୁ ମନା କଲି । ସେ ଚୁଡ଼ା ଭଜା ବସି ଚୋବଉ ଥାଏ । ହଠାତ୍ ଶୁଣିଲି ପୁଣି ସେଇ ବାଘର ଗର୍ଜନ । ହରିଶ୍ ତା'ର ବନ୍ଧୁକକୁ ଆଣି ପାଖରେ ରଖିଲା ମୋତେ ବି କହିଲା ପ୍ରସ୍ତୁତ ହୋଇ ରହିବାକୁ । ଜୋର୍ ରେ ଗୋଟେ ଦଲକା ପବନରେ ଦୁଆର ମୁଁହ କବାଟଟା ଖୋଲିଗଲା ଏବଂ ଗୋଟେ ବିଶାଳକାୟ ବାଦୁଡ଼ି ଆସି ସେ ଘର ସାରା ଘୂରି ବୁଲିଲା । ତା ପଛେ ପଛେ ଗୋଟେ ଜଙ୍ଗଲି କଳା ବିରାଡ଼ି ଆସି ଘର ଭିତରେ ପଶିଗଲା । ଟଇଗର୍ ସେ ବିରାଡ଼ି ଉପରକୁ ଝାମ୍ପ ମାରିଲା । କିନ୍ତୁ ତାକୁ ଧରି ନପାରି କାନ୍ଥରେ ଯାଇଁ ପିଟି ହୋଇ ତଳେ କଚାଡି ହୋଇ ପଡ଼ିଲା । ବାଦୁଡି ଟା ଘର ସାରା ବୁଲିବୁଲି ଯାଇଁ ସେଇ ସୈତାନ୍ ର ମର ଶରୀର ଉପରେ ବସି ପଡ଼ିଲା । ବାଦୁଡ଼ି ବସିବା କ୍ଷଣି ସୈତାନ୍ ପୁଣି ଜିଇଁ ଉଠିଲା । ଯାହାର ମର ଶରୀରକୁ ଧରି ଗାଆଁବାଲା ବୁଲାଉଥିଲେ, ଯାହାର ମର ଶରୀର ଏତେ ବେଳ ଯାଏଁ ଆମ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସହିତ ଥିଲା ସେ ଏବେ ଜୀବନ ପାଇ ଚାରି ଗୋଡରେ ଆସି ମୋରି ଆଗରେ ଛିଡା ହୋଇଥିଲା । ତା ଆଖି ଦୁଇଟା ଦାଉଦାଉ ହୋଇ ଜଳୁଥିଲା, ତା'ର ସେ ଭୟଙ୍କର ଗର୍ଜନରେ ମୋ କାନ ଫାଟି ପଡୁଥାଏ । ତା'କୁ ଦେଖି ମୁଁ ସେଇଠି ମୂର୍ଚ୍ଛା ହୋଇ ପଡ଼ିଗଲି । ପରଦିନ ସକାଳେ ଗାଆଁ ଲୋକେ ଆସି ଆମକୁ ସେ ଘରୁ ଉଦ୍ଧାର କଲେ । ସେଇ ମାସରେ ହିଁ ମୁଁ ସେ ଜାଗା ଛାଡ଼ି ପଳେଇ ଆସିଲି । ହରିଶ୍ ର କହିବା ଅନୁଯାୟୀ ସୈତାନ୍ କୁଆଡେ ଗୋଟେ ଗୁଳିରେ ମରି ନ ଥିଲା ସେ କେବଳ ଚେତାଶୂନ୍ୟ ହୋଇ ପଡ଼ିଥିଲା । ହରିଶ୍ ର କଥା ଠିକ୍ ହୋଇଥାଇ ପାରେ କିମ୍ବା ନ ହୋଇଥାଇ ପାରେ, କିନ୍ତୁ ସୈତାନ୍ ର ସେ ବୀଭତ୍ସ ଚେହେରା ମୁଁ ଏ ପର୍ଯ୍ୟନ୍ତ ଭୁଲି ପାରୁନାହିଁ ।

ସହକାରୀ ପ୍ରଧ୍ୟାପକ
ରୋଲାଣ୍ଡ ଫାର୍ମାସୀ କଲେଜ୍
ବ୍ରହ୍ମପୁର -୧୦

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କବିତା ବିଭାଗ

ଆହ୍ୱାନ ଇ-ପତ୍ରିକା
aahwaan.com

https://www.youtube.com/@aahwaan

ଆମର ୟୁଟ୍ୟୁବ୍ ଚ୍ୟାନେଲକୁ ସବ୍ସ୍କ୍ରାଇବ୍ କରନ୍ତୁ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସ୍ନାନପୂର୍ଣ୍ଣିମାରୁ ଶ୍ରୀଗୁଣ୍ଡିଚା



ଶିବ ନାରାୟଣ ଦାଶ

ଜ୍ୟେଷ୍ଠ ପୂର୍ଣ୍ଣିମାର ଏହି ସୁଦିବ୍ୟ ଲଗନେ
ଚକାଡୋଳା ହେ ନୀଳ ମାଧବ !
ଗର୍ଭଗୃହ ଛାଡି ତୁମେ ବିଜେ ହୁଅ ସ୍ନାନବେଦୀ ପରେ,
ଶହେ ଆଠ କଳସୀର ଶୁଦ୍ଧ ସ୍ନାନ ସାରି,
ମନ୍ଦ ମନ୍ଦ ହସୁଥାଅ ଭକତଙ୍କୁ ଦେଖି
ଭବ୍ୟ ତୁମ ହିଭାମୟ ଗଜବେଶ ଧରି,
ସ୍ନାନଯାତ୍ରା ସତେ ଖାଲି ମିଛ ଆଳ ସିନା
ହେ ଜଗତପତି !
ପାପର କଳୁଷ ଯେତେ ଧୋଇଦେବା ପାଇଁ
ଜଗତରୁ ପରା,
ତୁମେ କର ବିଚିତ୍ର ବାହାନା !
ଲୀଳାମୟ ଏ କି ତୁମ ଅଦ୍ଭୁତ କଳ୍ପନା ।

ଟାହିଆକୁ ଦୋହଲାଇ
ପହଣ୍ଡିର ଛେଚା ପିଟା ମାଦଳ ନୃତ୍ୟରେ,
ତୁମେ ଆସ ହଲି ହଲି, ଝୁଲି ଝୁଲି

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସ୍ନାନବେଦୀ ଗାଧୁଆ ତୁଠକୁ ।
ହଳଦୀ, ଅକ୍ଷତ ଆଉ ଚନ୍ଦନର ସୁବାସିତ ଜଳେ
ଶହେ ଆଠ ସୁନା କଳସୀରେ
ସୁନା କୂଅ ପାଣି ହୁଏ ଢଳା,
ମାଦଳ ଠାକୁର !
ଇତିହାସ ଦେଖି ନାହିଁ କେବେ
ଏମନ୍ତ ଵିଭବମୟ ବିଳସିତ ଅଳସ ଗାଧୁଆ ।

ନିତି ଅବକାଶେ ତୁମ ମନ ଭରେ ନାହିଁ,
ଦାରୁ ବିଗ୍ରହ ନେଇ
ରତ୍ନବେଦୀ ଛାଡି,
ତୁମେ ଆସ ଭୁରି ସ୍ନାନ ପାଇଁ
ସ୍ନାନବେଦୀ ଚାହିଁ,
ଆଉ ଅବା ମାତ୍ରାଧିକ୍ୟ ସ୍ନାନର ଆବେଶେ
ତୁମେ ପୁଣି ହୁଅ ବି ଅସୁସ୍ଥ
ଜ୍ୱର ପୀଡା ସ୍ୱ-ଶରୀରେ ନେଇ,
ସେବାୟତ ସେବା ଲାଗି ହୋଇ
ରାଜବୈଦ୍ୟ ଠାରୁ ତୁମେ ଔଷଧ ବି ଖାଅ,
ଦଶମୂଳ ଆୟୁର୍ବେଦ ସେବି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏକପକ୍ଷ ଏକାନ୍ତ ବାସରେ

ତୁମେ ହୁଅ ସୁସ୍ଥ ଓ ସତେଜ ।

ତୁମ ସୃଷ୍ଟ ଜଗତର ନିରାମୟ ପାଇଁ

ତୁମେ ଭୋଗ ଶରୀର ଯାତନା,

ହେ କଳା-ଠାକୁର  !

ଅଣସର ବାସ ତୁମ ଦିବ୍ୟ ବିଡମ୍ବନା ।

ଅଣସର କଟିଗଲା ପରେ,

ଆଷାଢ଼ର ଶୁକ୍ଳ ପକ୍ଷେ ତୁମେ ଆସ ଶ୍ରୀମନ୍ଦିର ଛାଡି ।

ଭାଇ ଭଉଣୀଙ୍କ ସଂଗେ ରଥାରୁଢ଼ ହୋଇ

ବଡ଼ଦାଣ୍ଡେ ଗଡ଼ି ଗଡ଼ି

ତୁମେ ଯାଅ ଗୁଣ୍ଡିଚା ମନ୍ଦିରେ,

ହୋଇବାକୁ ବିଜେ ତୁମ ଗ୍ରୀଷ୍ମ ନିବାସରେ,

ଭକତ ଗହଣେ ଝୁମି

ଘୋଷଯାତ୍ରା ମହା ଆଡ଼ମ୍ବରେ ।

ଆଉ ପୁଣି ଲକ୍ଷ୍ମୀ ଠାକୁରାଣୀ

ରୋଷର ରୋଷଣୀ ଭରା

ମୋହଚୂର୍ଣ୍ଣ ମନ୍ତ୍ରିତ ଲପନେ ହେରା ପଞ୍ଚମୀରେ,

ମୋହଗ୍ରସ୍ତ ହୋଇ,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସନ୍ଧ୍ୟା ଦର୍ଶନର ଅନ୍ତେ, ଆଡ଼ପ ମଣ୍ଡପେ,
ଦକ୍ଷିଣ ମୋଡ଼ରେ ତୁମେ ଫେରିବାର ଉପକ୍ରମ କର
ବାହୁଡ଼ା ଯାତରେ ।
ମାୟାର କବଳେ ଯାର ମୋହମୁଗ୍ଧ ସମଗ୍ର ଜଗତ,
ଆହେ ଜଗନ୍ନାଥ !
ଜଗତ ଜନନୀ ମୋହେ ସେ ପୁଣି ଆସକ୍ତ,
ଲୀଳାମୟ ! ତୁମ ଲୀଳା କରେ ଯେ ବିଭ୍ରାନ୍ତ ।

ତୁମରି ବାହୁଡ଼ା ବିଜେ ଏକାନ୍ତ ନିଆରା,
ମାଉସୀ-ମା ସ୍ନେହ ମିଶା ପୋଡ଼ପିଠା ଖାଇ
ଭାଇ ଭଉଣୀଙ୍କୁ ଧରି
ତୁମେ ଫେର ବଡ଼ଦାଣ୍ଡେ ଶ୍ରୀମନ୍ଦିର ଚାହିଁ ।
ଆଉ ପୁଣି ମହାଲକ୍ଷ୍ମୀ ରୋଷ ଭାଙ୍ଗିବାକୁ
ଚାହାଣି ମଣ୍ଡପେ ଚାହିଁ
ପ୍ରେମାତୁର ହୋଇ,
ଚାରି-ଚକ୍ଷୁ ମିଳନର ସେ ମାନଭଞ୍ଜନ,
ଲକ୍ଷ୍ମୀ-ନାରାୟଣ ଭେଟ ସ୍ୱର୍ଗୀୟ ମିଳନ ।
ଅଧରପଣାର ଶେଷେ ତୃପ୍ତ ହୋଇ ତୁମେ
ସୁନା ବେଶେ ଭକତଙ୍କୁ ଦିଅ ଯେ ଦର୍ଶନ,

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନୀଳାଦ୍ରି ବିଜେରେ କରି ଶ୍ରୀମନ୍ଦିରେ ପୁନରାଗମନ,

ବିମଣ୍ଡିତ କର ତୁମ ରତ୍ନ ସିଂହାସନ ।

ଦାରୁବ୍ରହ୍ମ ସତ୍ୟ ସନାତନ !

ନିର୍ଗୁଣେ ସ୍ଥାପିତ ତୁମେ,

ଗୁଣାଶ୍ରୟେ ଲୀଳା କର ଶ୍ରୀଗୁଣ୍ଡିଚା ଯାତ୍ରା,

ଭକତର ଭାବେ ବନ୍ଧା


ହେ ଚକାନୟନ !

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଶ୍ରୀ ଜଗନ୍ନାଥ ଦର୍ଶନ



ସ୍ୱର୍ଗତ ଶ୍ରୀ
ମାୟାଧର ଦାଶ

ହେ ବିଶ୍ୱବିସ୍ମୟ ଦେବ ଦାରୁବ୍ରହ୍ମ
ରୂପାତୀତ ପ୍ରଭୁ ଜଗନ୍ନାଥ !
ତୁମ ଦରଶନ ପାଇଁ ଆଶା କରି
ଆସିଛି ମୁଁ ବହୁଦୂର ଧାଇଁ
ବିଦଗ୍ଧ ମୁଁ ଅନେକ ଆହତ,
ରୂପରେ ମୋହିତ ମୁଁ ଯେ
ଅରୂପକୁ ଆଖି ପାଏ ନାହିଁ,
କିପରି ଦେଖିବି ପ୍ରଭୁ
ତୁମର ଏ ବିଶ୍ୱରୂପ ଅନନ୍ତ ଶାଶ୍ୱତ !

ତୁମେ ତ ପ୍ରବେଶ କର ମୋ' କ୍ଷୁଦ୍ର ଅନ୍ତରେ
ପାରେନା ମୁଁ ବିରାଟକୁ ଛୁଇଁ,
ସେଥିପାଇଁ ପରା ପ୍ରଭୁ ବିଶ୍ୱଲୀଳାମୟ
ତୁମ କରେ ଆଲିଙ୍ଗନ ମୁଦ୍ରା,
ହେ ବିରାଟ ପରମ ପୁରୁଷ !
ମୋତେ କୋଳ କରିନେବା ପାଇଁ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସସୀମ ମୁଁ ସମାବୃତ ସଦା

ହେ ଅସୀମ ତୁମରି ଭିତରେ,

ଅତୀତର ଜନ୍ମଜନ୍ମାନ୍ତରେ ମୋ ସୃଷ୍ଟିରେ

ତୁମେ ହେ ଅଦୃଷ୍ଟ ମୋର,

ପରିବ୍ୟାପ୍ତ ବାହ୍ୟ ଅଭ୍ୟନ୍ତରେ ।

ତୁମ ଦିବ୍ୟ ଦରଶନ ଲାଭେ

ଆସିଥିଲି ନୀଳାଚଳ ଧାମେ,

ଅନ୍ତରେ ବାହାରେ ପ୍ରଭୁ ଅନେକ ଦେଖିଲି,

ତୁମରି ଅନନ୍ତ ଦେହେ

ତୁମରି ଜ୍ୟୋତିର କ୍ଷୀଣ ପ୍ରକାଶ ମୁଁ ସାନ୍ତ,

ଜ୍ଞାନ ଗୋଚରରେ କ୍ଷଣେ କେଣେ ହଜିଗଲି !

ମୋ' ହଜାଣ ଦେହ-ଦେଉଳରେ

କୁଟସ୍ଥ ଅର୍ଗଳୀ ଦୀପ୍ତ ଜ୍ୟୋତିର୍ମୟ ପଥେ,

ହୃଦୟର ଶୀଳା-ରତ୍ନସିଂହାସନେ ପ୍ରଭୁ

ତୁମକୁ ମୁଁ ଦେଖି ପ୍ରଣମିଲି ।

ନିସ୍ତରିଲି ନିସ୍ତରିଲି ପ୍ରଭୁ !

ଛଳଛଳ ମୋ' ନୟନେ ଦେଖି,

ଅଖଣ୍ଡ ମଣ୍ଡଳାକାର ତୁମର ସେ ଢ଼ଳଢ଼ଳ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅନ୍ତର୍ଭେଦି ଅପଲକ ନୟନ-କମଳ,

ଅନାହତ ପୁରେ ଶୁଣି

ମୁଗ୍ଧ ମଧୁର ତୁମ ବଂଶୀ ନିନାଦରେ,

ଭକତ ବିରହୀ ଦିବ୍ୟ, ଆହ୍ୱାନର ପୁଲକ ମୂର୍ଚ୍ଛନା,

ମୋ' ପ୍ରାଣ ରାଧିକା ହୁଏ ପୀରତିରେ ଭୋଳ  !

ମହାଚେତନା ବେଦୀରେ କରିବାକୁ ତୁମରି ଅର୍ଚ୍ଚନା ।

ବଧୂଲି ଅଧରେ ତୁମ ମଧୁର ହସରେ

ମୋ' ଅଶ୍ରୁର ଫୁଲ ଯାଏ ଫୁଟି

ତୁମରି ଶ୍ରୀଅଙ୍ଗ ଛୁଇଁ ଥରଥର ତନୁମନ ମୋର,

ଉଲ୍ଲାସ ଢିକମ୍ପନେ ମୋ' ଅଙ୍ଗରେ ସାତ୍ତ୍ୱିକ ବିକାର  !

ତୁମର ସେ ନିର୍ନିମେଷ ଚକାଡୋଳା ଚାହିଁଦେଲେ ଥରେ

ପୁଲକିତ ପ୍ରାଣେ ହୁଏ ଆନନ୍ଦ କମ୍ପନ,

ଶ୍ରୀମନ୍ଦିରେ ଯାହା ଦେଖେ ମୋ' ନେତ୍ରପଥରେ,

ଦିଶେ ଭୁବନମୋହନ ତୁମରି ଲପନ ।

ଜଗନ୍ନାଥ ଜଗନ୍ନାଥ କହି

ଶ୍ରୀକ୍ଷେତ୍ର ଭୂଇଁରେ କେବେ ଗଲେ ମୁହିଁ ଲୋଟି,

ବିମୋହିତ ମୋ' ଦେହରେ ତୁମେ ଯାଅ ଘୋଟି,

ବିଶ୍ୱମୟ ତୁମରି ସ୍ୱରୂପ ଯାଏ ମୋ' ଅଙ୍ଗେ ଉକୁଟି ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଭାବକୁ ନିକଟ ତୁମେ ଭାବଗ୍ରାହୀ,

ଅଭାବେ ତ ଦିଅ ନାହିଁ ଧରା,

ତଥାପି ପାରେନା ବୁଝି ଅବିଦ୍ୟାର ମୋହେ ପ୍ରଭୁ

ତୁମର ସେ ଭାବବିନୋଦିଆ ଭାବ-ନାବ କଥା,

ସମର୍ପି ଦେବାକୁ ଖାଲି ଆସିଥିଲି ଧାଇଁ,

ଶ୍ରୀଚରଣେ ହୃଦୟର ବ୍ୟଥା ।

କିଛି ମୁଁ ପାରିନି ଦେଇ

କିଛି ତ ପାରିନି କହି

ପାଇଛି ମୁଁ ଅପ୍ରମିତ ତୁମରି କରୁଣା,

ତୁମରି ଦର୍ଶନେ ପ୍ରଭୁ

ସବୁ ଅଭାବର ସତେ ହୋଇଯାଏ ଊଣା  !

ହେ ଦୁଃଖନାଶନ ପ୍ରଭୁ  !

କୃପାନିଧି, ମୋ' ଦୁଃଖ ଅବଧି

ପାର୍ଥିବ-ଅଜ୍ଞାନ-ଅନ୍ଧ ଜୀବନ ସନ୍ଧ୍ୟାରେ,

ସୁଖ ସନ୍ତୋଷରେ ଯଦି ରୂପାୟିତ ହେବ,

ଆଉ କି ଏ ନୀଳାଚଳ ଧାମେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବରାଜି କାମନା ବାସନା ଆସିବି ମୁଁ ଥରେ !

ତୁମେ ମୋତେ ଦରଶନ ଦେବ !!

ଫେରି ମୁଁ ଯାଉଛି ପ୍ରଭୁ
ମୋ ଦୁଃଖ-ଗଣ୍ଠିଲି ଧରି,
ସେ ତ ମୋର ସାଧନାର ବୁଟୀ ଗଣ୍ଠିଧନ,
ଦୟା ଯଦି କର ଭଗବାନ !
ଦୁଃଖର କରୁଣା ଦେଇ ଜନମେ ଜନମେ ମୋର
ଜୀବନକୁ କର ମହୀୟାନ ।

କୈବଲ୍ୟ ମୋ' ଲୋଡ଼ାନାହିଁ ହେ ଜଗତନାଥ !
ପୁରୁଷୋତ୍ତମ ଧାମରେ ଯାଉ ଏ ଜୀବନ,
ଜନମୁଁ ମରଣ ଯାଏ, ଜୀବ ଯିବାବେଳେ,
କରୁଥାଏ ତୁମ ଦିବ୍ୟମୁଖ ଦରଶନ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଘର ବାହୁଡ଼ା



ଚନ୍ଦନ କୁମାର ଜେନା

ଉକ୍ତ ପଦ୍ୟଟି ସ' ଆଦ୍ୟାନୁପ୍ରାସରେ ରଚିତ, ଏଠାରେ ମୁଁ ମୋ ପରୀକ୍ଷା ସାରି ଛାତ୍ରାବାସରୁ ଘରକୁ ଫେରିବାର ଘଟଣାବଳୀକୁ ବର୍ଣ୍ଣନା କରିଛି ।

ସପ୍ତାହର ମହା ସଂଘର୍ଷ ଶେଷରେ, ପରୀକ୍ଷା ମୋ ସରିଯାଏ;
ସାହି ପିଲାଙ୍କର ସାଙ୍ଗସାଥୀ ମେଳ, ସପନରେ ଉଭା ହୁଏ ।(୧)
ସକାଳର ନବ-ନଭର କିରଣେ ନିଦ୍ରା ମୋର ଭାଙ୍ଗିଯାଏ;
ସଜ କାମ ସାରି, ପହିଲି ଗାଡ଼ିରେ ଗ୍ରାମ ବାହୁଡ଼ା ମୋ ହୁଏ ।(୨)
ସର-ସରିତର କୂଳେକୂଳେ ଦେଇ ରେଳ ମୋର ଗଡ଼ିଚାଲେ;
ସାଙ୍ଗସାଥିଙ୍କର ହାସ୍ୟରୋଳରେ କୋଳାହଳ ବଢ଼ିଚାଲେ ।(୩)
ସଦର ବଜାର ପାରିହୋଇ ମୋ ଗ୍ରାମ ଆଡ଼େ ରେଳ ଆସେ;
ସର୍ବାଗ୍ରେ ଜନ୍ମମାଟି କୁ ନମ କରି ତା କୋଳରେ ଟିକିଏ ବସେ ।(୪)
ସୁନାମୁହିଁ ମା' ଅନେଇବସିଛି, ତା ମନ୍ଦିର ବେଢ଼ାରୁ ମୋତେ;
ସହାସ୍ୟ ମୁଖ, ଦୁର୍ଲଭ ସେ ଦୃଶ୍ୟ ଆଉକଉଠୁ ପାଇବି ସତେ ।(୫)
ସୁଦୂରେ ଆମ୍ର, ଖଜୁରୀ ବାଟିକା ଭାନୁ କିରଣେ ଝଲମଲ;
ସାନବଡ଼ଙ୍କର ଉପଳ ମାଡ଼ରେ, ସ୍ଥାଣୁ ବିଟପୀ ହୁଏ ବେହାଲ ।(୬)
ସେ ଆଗ ସଜ, ମଥାରେ ଓଢ଼ଣୀ, ଓଡ଼ିଆଣୀ ମୁଣ୍ଡେ ଆଉକାହିଁ;

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସଭ୍ୟ ସମାଜ ଧୋତି-ଶାଢ଼ୀ କୁ ବୋଧେ ବସ୍ତ୍ରରେ ଗଣୁ ନାହିଁ ।(୭)

ସଫାସୁତୁରା ଗାଁର ସଡ଼କ, ହେଲେ ଗ୍ରାମବାସୀଙ୍କ ଗହଳି ନାହିଁ;

ସରକାର ଯେଣୁ ନିର୍ଦ୍ଦେଶ ଦେଇଛନ୍ତି ଖରାରେ ବାହାରିବ ନାହିଁ ।(୮)

ସତୁରି–ଅଶୀ ପାଦ ଚାଲିଚାଲି ଘରେ ଗଲି ମୁଁ ଯେବେ ପହଞ୍ଚି;

ସ୍ନେହମୂର୍ତ୍ତି ମା' ତାଙ୍କ ଶାଢ଼ୀ କାନିରେ ମୋ ଝାଳକୁ ଦେଲେତ ପୋଛି ।(୯)

ସାବୁନୁ ଫେଣରେ ହାତ ଗୋଡ଼ ଧୋଇ ଖାଇବାକୁ ଗଲି ବସି;

ସବୁଥକା ମୋର ମେଣ୍ଟି ଗଲା ବୋଧେ ମା' ଦେଲା ଯେବେ ଆଉଁସି ।(୧୦) ।

ଚନ୍ଦନ କୁମାର ଜେନା ,
ପଠନରତ ଫାର୍ମାସୀ ଛାତ୍ର,
ରୋଲାଣ୍ଡ ଫାର୍ମାସୀ କଲେଜ,ବ୍ରହ୍ମପୁର

ଆହ୍ୱାନ ଇ-ପତ୍ରିକା
Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଶରଣାପନ୍ନ



ଶ୍ରୀକ୍ଷେତ୍ର ସୁନ୍ଦର

ମୃତ୍ୟୁ ଆଜି ଅଝଟି ପ୍ରେମିକା ସାଜି ଲୁଚକାଳି ଖେଳେ

ତାର ସାନିଧ୍ୟ ଟିକକ ପାଇଁ ଆଉଟୁ ପାଉଟୁ ଏ ଜୀବନ

ଅବସ କ୍ଲାନ୍ତ ସ୍ଥାଣୁ ଜୀବନ

ଶେଷ କ୍ଷୀଣ ନିଃଶ୍ୱାସ ପ୍ରତୀକ୍ଷାରେ

ନିଜ ପାଇଁ ନିଜେ ବୋଝ

ଜୀଇଁବା କୃତକର୍ମର ପ୍ରାୟଶ୍ଚିତ ବୋଧେ

କିନ୍ତୁ ଦିନେ ଚଞ୍ଚଳତାର ସବୁ ସୀମାରେଖା ତା ପାଦ ଚୁମୁ ଥିଲା

ସବୁ ଯଶ କୀର୍ତ୍ତି ଆଜି ଅମୂଳକ

ଆଉ ଜୀବନ ମୃତ୍ୟୁର ଶରଣାପନ୍ନ

ଓଡିଶା ଆଦର୍ଶ ବିଦ୍ୟାଳୟ ଗାଇସିଲଟ, ବରଗଡ

ମୋ ୯୦୯୦୨୭୭୮୦୬

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଲକ୍ଷ୍ୟ ମୋ ରହିଲା ଅଧା



ଶୁଭଶ୍ରୀ ନାୟକ

। ୧ ।

ପ୍ରଜାପତି ପରି ମନଟି ମୋହର

ଉଡିବାକୁ ହୁଏ ମନ

ଶୃଙ୍ଖଳା ଶିକୁଳି ଫିଟାଇ ମୁଁ ଆଜି

ନାଚି ଗାଏ ସାରା ଦିନ

ଗଣିତ ଭୂଗୋଳ ବହି ମୁଁ ନ ପଢି

ପ୍ରେମ ଗପ ପଢେ ବସି

ଫୋଟୋ ତାର ଦେଖେ ମେସେଜ ମୁଁ ପଢ଼େ

ସପନ ତା ଦେଖେ ନିଶି

ରାତି ଅନ୍ଧାରରେ ମା କୁ ଲୁଚାଇ

ତା ' ମିଠା କଥା ଖାଲି ଶୁଣେ

ପାଠ ବହିରେ ମୋ ମନ ଲାଗୁନାହିଁ

ଚାହିଁଛି କି କେଉଁ କଣେ

ବାପା ଦେଇଛନ୍ତି ସ୍ମାର୍ଟ ଫୋନ ଟିଏ

ଅନ୍ ଲାଇନ୍ କ୍ଲାସ ପାଇଁ

ଚବିଶ ପ୍ରହର ଗପିବାକୁ ଇଛା

ସ୍କୁଲ ଆଜି ଯାଏ ନାହିଁ ।

ସଙ୍ଗାତ କୁ ମୋର କହିଛି ତା କଥା

ଆସିବ ସେ ଆଜି ବୋଲି

ମନ୍ଦିର କୁ ଯାଇ ବାହା ଆଜି ହେବୁ

ଘରୁ ଲୁଚି ଯିବୁ ଚାଲି ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

।୨ ।

ସପନ ଭାଙ୍ଗିଲା ନିଦ ବି ହଜିଲା
ଚେତନା ମୋ ଥିଲା ବୁଡି
ପ୍ରତାରଣା କରି ଅଧା ରାସ୍ତାରେ ସେ
ଚାଲିଗଲା ହାତ ଛାଡି ।
ନେଡ଼ିଗୁଡ଼ ଯେବେ କହୁଣୀକୁ ବୋହେ
ଆଉ କି ଫେରାଇ ହୁଏ
ଆଉ କି ଫେରିବ ସ୍କୁଲ ବେଳ ମୋର
ଥରେ ଯାହା ବିତି ଯାଏ ।
ସାଙ୍ଗ ସାଥି ମୋର ଉଚ୍ଚ ଶିକ୍ଷା ପାଇ
କରି ସୁନାମ ଅର୍ଜନ
ନିଜ ଗୋଡେ ନିଜେ ହୋଇଛନ୍ତି ଠିଆ
ପାଇଛନ୍ତି ସନମାନ ।
ହତଭାଗିନୀ ମୁଁ ହରାଇ ଇଜ୍ଜତ
ଘରର ମାନ ମର୍ଯ୍ୟାଦା
କଳଙ୍କିତ ହେଲା ଭବିଷ୍ୟତ ମୋର
ଲକ୍ଷ୍ୟ ମୋ ରହିଲା ଅଧା ।

ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ମୁନିଗୁଡା, ରାୟଗଡ଼ା ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଭକ୍ତି ନିବେଦନ



ପ୍ରେମଲତା ହୋତା

ରତ୍ନ ସିଂହାସନେ ବିଶ ସୁନ୍ଦର
ଭାଇ ଭଉଣୀ ତୁମର ଅତି ନିଜର
ନିଷ୍ଠୁରେ ବସିଛ ପ୍ରଭୁ କଳା ବଦନ
ଭାବି ଭାବି ଦୁଃଖ ମୋର ସରେନି ଦିନ

ସାହା ମୋର କେହି ନାହିଁ ଦେବାକୁ ବଳ
ଦୁଃଖ ସାଗର ପାରିକି ନଯାଏ କୁଳ
ବୁଡି ରହେ ଶୋକ ଜଳେ ଦୁଃଖ ସାଗରେ
ତୁମ୍ଭର ନାହିଁ କି ପ୍ରଭୁ ଚକ୍ର କରରେ

ଦୁଃଖୀ ଜନ ଦୁଃଖ ପ୍ରଭୁ ସହି ନ ପାରି
ଚକ୍ର ଛାଡି ରଖିଥିଲ ଦୁଷ୍ଟ କୁ ମାରି
ସେହି ଚକ୍ର ଛାଡିଥିଲ କୁରୁ ସଭାରେ
ଦୁଷ୍ଟ କୁ ମାରି ରଖିଲ ଭକ୍ତ ଜନରେ

ଆଉ କି ନାହିଁ ତୁମର ସୁଦର ସନ
ଭାରତ ସମରେ କରିଥିଲ ନିଶ୍ଚିନ
ଦିନ ଜନ ପ୍ରଭୁ ବୋଲି ଉଡେ କେତନ
ଡାକେ ଆସ ଆସ ଦୁଃଖୀ ବାନ୍ଧବ ଜନନ

ପ୍ରଣମୁଚି ପ୍ରଣମୁଚି  ପାଦେ ତୁମର
ଦୁଃଖ ସାଗର ରୁ ପ୍ରଭୁ ଉଧାର କର  ।

ଭଗବତୀ ପ୍ରସାଦ, ମୁକ୍ତାପୁର, ଖୋର୍ଦ୍ଧା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମୁଁ ବଞ୍ଚିବି କାହାପାଇଁ



ଦେବାର୍ଚ୍ଚନ ମେହେର

ଏଡ଼େ ବଡ଼ ସଂସାରେ
ଜନ୍ମ ପାଇଛି ମୁହିଁ,
ହେ ସୃଷ୍ଟି କର୍ତ୍ତା
ମୁଁ ବଞ୍ଚିବି କାହା ପାଇଁ ? ? ?
ଆଉ ମୁଁ ବଞ୍ଚିବି କାହା ପାଇଁ !

ଯାହା ପାଇଁ ବଞ୍ଚି ଥିଲି ମୁହିଁ
ସେ ଆଜି ଧୋକା ଦେଲା ମୋତେ,
ତା ସଙ୍ଗେ ବିତି ଥିବା ସମୟ
ମନେ ପଡୁଛି ଭାରି ସତେ । ।
ଆଉ ମୁଁ ବଞ୍ଚିବି କାହା ପାଇଁ !

ମୋ ନିଜଠୁ ଅଧିକ ଯାହାକୁ
ମୁଁ ଭଲ ପାଉଥିଲି,
ମଝି ସମୁଦ୍ରେ ଛାଡ଼ି ଦେଇ
ମୋତେ ଗଲା ଚାଲି । ।
ଆଉ ମୁଁ ବଞ୍ଚିବି କାହା ପାଇଁ !

ବିଶ୍ୱାସ କରୁଥିଲି ମୁଁ
ନିଜଠୁ ଅଧିକ ଯାହାକୁ,
ମୋ ବିଶ୍ୱାସେ ବିଷ ଦେଲା ଭରି
କହିବି ମୁଁ କାହାକୁ । ।
ଆଉ ମୁଁ ବଞ୍ଚିବି କାହା ପାଇଁ !

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତୁମେ ଯଦି ନ ହୋଇ
ପାରିଲ ମୋର,
ଜୀବିତ ଥିବା ଯାଏଁ
ମୁଁ ଆଉ ହେବିନି କାହାର । ।
ଆଉ ମୁଁ ବଞ୍ଚିବି କାହା ପାଇଁ !

ତୁମ ମନରେ ଯଦି କିଛି ଭାବି ଥିଲ
ମୋତେ ଆଗରୁ କହିଲ ନି କାହିଁକି,
ଯଦି ବଚନ ଦେଇକି ରଖି ନ ପାରିବ
ବଚନ ଦେଉଛ କାହିଁକି । ।
ଆଉ ମୁଁ ବଞ୍ଚିବି କାହା ପାଇଁ !

ଗ୍ରାମ - ବାପୁଜୀନଗର
ଜିଲ୍ଲା - ବୌଦ୍ଧ
ମୋ - ୭୮୯୪୩୪୩୫୫୨

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ପାଶୋରା ପୀରତି



ମାନସ ରଞ୍ଜନ
ନାୟକ

କଟିଲା କୈଶୋରରୁ ଯୌବନ, ଜୀବନର ଇନ୍ଦ୍ରଧନୁ ଦେଇ
ବିତିଲା ଅବଧି, ନିଅଣ୍ଟିଆ ପାରିଲାପଣର ପରିତାପ ନେଇ
ଭାଗକ ଭାଗ୍ୟ ଭବିତବ୍ୟ ସହ ମିଶାଇଲି ସ୍ୱଧର୍ମ ସହମତି
ବଦଳେ ସକାଳ ଏବେ ଅତୀତ ସେ ଅସ୍ପଷ୍ଟ ମଧୁର ଅନୁଭୂତି ।

ବିଦ୍ୟାଳୟ କ୍ରୀଡା ଅବକାଶରେ ବାନ୍ଧବୀଟିଏ'ର ମିଠା ଚାହାଣୀ
ମନ କଳାପଟାରେ ଲେଖି ଲିଭାଉଥିଲି କିଛି ଅକୁହା କାହାଣୀ
ନ ମାଗି ବି ମିଳୁଥିଲା..... ଭାଗେକରୁ ବେଶୀ ପାଚିଲା- ବଉଳକୋଳି
ଜିତିଥିବା ବାଜି ହାରି, ଝୁଲାଉଥିଲା ସେ ମୋତେ ତା' ଗାଁ ରଜଦୋଳି ।

ମେଳାପୀ ନ ହେବା ବୋଧେ ଥିଲା, ମେଧାବୀ ଛାତ୍ରର ପଞ୍ଚମ ଲକ୍ଷଣ
ସଂକୋଚର ପରଦା ତଳେ, ଜିଉଁଥିଲି ଉଚାଟ ଆବେଗର କ୍ଷଣ
ଖାତା ନେବା ବାହାନାରେ ପ୍ରଚେଷ୍ଟା ତା'ର ମୋତେ ଜିଣିବାରେ ପ୍ରଚ୍ଛନ୍ନ
ଥରୁଥାଏ ଛାତି....ବଢୁଥାଏ ନିଶ୍ୱାସର ତାତି, ପ୍ରଳୟ ଆସନ୍ନ !

ଅବୁଝା ସମ୍ପର୍କର ମହକ ନେଇ ଫୁଟୁଥିଲା ପ୍ରେମ ପ୍ରୀତି ଫୁଲ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଜୀବନ ଜୀବିକାର ଲକ୍ଷ୍ମଣରେଖା ଟାଣି ମାପୁଥିଲି କଞ୍ଚା ମୂଲ
ନିଦ ସହ ସପନ ବି ଥିଲା, ପୁଣି କେତେ ଉଲ୍ଲସିତ ସମ୍ମୋହନ ଆସକ୍ତି
ଅବା ଆବିଳତା ଡରେ ବାଛୁଥିଲି ସହଜ ମୂଲ୍ୟାଙ୍କନ ।

ସମ୍ପର୍କର ମଜଭୁତ୍ ମଞ୍ଚା ଉପରେ ମାଡିଗଲା ଆୟୁଷ ଲତା
ସପନର ଫୁଲଫଳ ଅଭୀପ୍ସାରେ ସଜାଡିଲି କେତେ ବାଡ ବତା
ଅଳିଏ ଅୟାସୀ ପାଇଁ ଆଖିବୁଜିଲେ ହାତପାହାନ୍ତାର ଆବେଗ
ଶିହରଣ ଉଠେ ସ୍ମୃତି ତର୍ପଣରେ ଅଭୁଲା ସେ ପିରତି ସୁହାଗ ।

ଉତୁରିଛି ଆୟୁଷ, ଗାଢ ବି ହୋଇଛି ଜୀବନ ପୀୟୂଷର ଉନ୍ମେଷ
ଭାରାକ୍ରାନ୍ତ ପଥିକର ହାର୍ ଜିତ୍ ଖେଳରେ, ଅତିକ୍ରାନ୍ତ ବୟସ
ଦଲକାଏ ଚଇତି ମଳୟରେ ଅତୀତର ପୃଷ୍ଠା ଆଜି ବିକ୍ଷିପ୍ତ
ପାଶୋରା ପୀରତି, ସ୍ମୃତି ସଳିତାରେ ଅଖଣ୍ଡ ଦୀପ ପରି ବିଦୀପ୍ତ ।

ମାନସ ରଞ୍ଜନ ନାୟକ
ମଞ୍ଜୁରୀ ରୋଡ୍ ଭଦ୍ରକ
ଭ୍ରାମ୍ୟଭାଷ-୯୮୯୦୮୫୧୪୭୭

Listen to Odia Podcast on https://anchor.fm/aahwaan
ଆହ୍ବାନ ଇ-ପତ୍ରିକା

Magazine Downloaded from www.aahwaan.com

# କହିବି ଏତିକି



ଶୁଭ୍ରାସିନୀ ପଲେଇ

କହିବି ଏତିକି ତତେ ଭଲ ପାଏ

ଜୀବନ ଠାରୁ ଅଧିକ

ଚାଲିଯିବୁ ନାହିଁ ହାତ ମୋର ଛାଡ଼ି

ଆସିଲେ ବି ଯେତେ ଦୁଃଖ ....

ତୁ ଏକା ମୋର ଦୁଃଖର ସାଥି ଟେ

ସଭିଏଁ ସାଥି ସୁଖର

ତୋ ସାଥିରେ ରହି ବିତୁ ଏ ଜୀବନ

ଏତିକି ମୁଁ ଅଳିକରେ...

ଭଲ ପାଇବାର ରାଗ ଅଭିମାନ

ତୋହରି ପାଖରେ ଶେଷ

ଅଭିମାନେ ମତେ କରିବୁନି ପର

ଥିବା ଯାଏ ଏ ନିଃଶ୍ୱାସ......

କଙ୍କରଦିଆ, ବାଲିତୁଠ, ଜଗତସିଂହପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଅଲୋଡ଼ା ଜୀବନ



ନିରଞ୍ଜନ ସାହୁ

ଏମିତି ଜୀବନ କାହିଁକି ଦେଇଛ
କି ଲାଭ ଏଥିରେ ଅଛି
ବଞ୍ଚିବାରୁ ଭଲ ଲାଗୁଛି ମରଣ
ସବୁକିଛି ଦେଇ ମୁର୍ଚ୍ଛି ।

ଜୀବନ ଚାଲଇ ତାହାରି ଇଚ୍ଛାରେ
ନ ମାନି ମୋହରି ବୋଲ
ଶୂନ୍ୟତାରେ ଭରା ମୋହରି ଜୀବନ
ଜଳେ ଭାସେ ଯଥା ସୋଲ
କୁହୁଳି କୁହୁଳି ଜଳୁଥାଏ ମୁହିଁ
ନ ପାଇ ଉପାୟ କିଛି ।

ଲକ୍ଷ୍ୟହୀନ ହୋଇ ଜୀବନ ଚାଲଇ
ସୁଅ ମୁହେଁ ଯଥା ପତ୍ର
ଭାଗ୍ୟ ଟାଣିନିଏ ତା ଇଚ୍ଛାରେ ମୋତେ
ହୁଏ ମୁହିଁ ଅତ୍ର ତତ୍ର
ଉପରକୁ ସିନା ହସୁଥାଏ ମୁହିଁ
ସେହି ହସ ମିଛିମିଛି ।

ନିହଲ ପ୍ରସାଦ, ଗଁଦିଆ ପାଟଣା
ଢେଙ୍କାନାଳ – ୭୫୯୦୧୬
ମୋ :– ୯୯୩୮୭୪୧୫୮୩

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଶେଷ ଯାତ୍ରା



ଅନନ୍ତ କୁମାର

ସଭିଙ୍କୁ ଦିନେ ବିଦାୟ ନେବାକୁ ହେବ
ସଂସାର ରଙ୍ଗ ମଞ୍ଚରୁ
ସଭିଙ୍କୁ ଦିନେ ଡାକରା ଆସିବା ହେବ
ନିଜ ଗାଆଁ ଶଶ୍ମାନରୁ ।

କୋକେଇ ବନ୍ଧା ହେବ ସଭିଙ୍କ ପାଇଁ
ଛଅ ଖଣ୍ଡ ବାଉଁଶ କାଠରେ
ହରିବଲ ରାମ ନାମ ପଡିବ ଚହଳ
ସଭିଙ୍କ ବିଦାୟ ସମୟରେ,

ବାହୁନି କାନ୍ଦିବେ ଘର ବନ୍ଧୁ ବାନ୍ଧବ
ଉଠିବ ଯେବେ ତ ଶବ
ସାହି ଭାଇ କାନ୍ଧେଇ ନେବେ ଶଶ୍ମାନକୁ
ଅଭିନୟ ଶେଷ ହେବ ।

ଖଇ କଉଡି ବିଞ୍ଚି ଗଙ୍ଗା ଜଳ ଛିଞ୍ଚି
ନେବେ ଗାଆଁ ଦାଣ୍ଡେ ତତେ
ଛଅ ଖଣ୍ଡ କାଠରେ ନିଆଁ ଜାଳି ଦେଇ
ଭୁଲି ଯିବେ ସବୁ ତତେ ।

ଲିଭିବ ଚିହ୍ନ ବର୍ଣ୍ଣ ସବୁ ତୋର
ଶଶ୍ମାନେ ଗଡିବୁ ଯେ ଭଙ୍ଗା ହାଣ୍ଡି ହେଇ
ଅଭିନୟ ସରିବ ସେହି ଦିନ
ଶେଷ ଯାତ୍ରାରେ ଯିବୁ ତୁ ବିଦାୟ ନେଇ ।

କାର୍ଯ୍ୟକାରୀ ସମ୍ପାଦକ
ଜାତୀୟ କବି ଲେଖକ ସଂଗଠନ
ତିହିଡି, ଭଦ୍ରକ
ଯୋଗାଯୋଗ-୮୩୩୯୯୩୯୯୨୯

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଶୁଭୁଛି ଗାଆଁର ଡାକ



ନୀଳମଣି ଚାନ୍ଦ

କିଆ ଗୋହିରୀରେ ବିଲୁଆ ଲୁଚୁନି
ହୁକେ ହୋ ଭୁକିବା ପାଇଁ
କାଆ କାଆ ରାବି ଡାମରା କାଉଟା
ସକାଳୁ ଉଠାଉ ନାହିଁ
ନାହିଁ କୋଇଲିର ଦେଖା
ହଳଦୀବସନ୍ତ କୋଉଠି କେମିତି
ଦିଶେ ବସିବାର ଏକା ।

ଚାଳ ନାହିଁ ବସା ଗଢ଼ିବ କେଉଁଠି
ଘରଚଟିଆଟି କୁହ
ତାଳଗଛଟିରେ ଦୋଳି ଖେଳୁନାହିଁ
ବାଇଚଢ଼େଇର ପୁଅ
କେଶୁର ମାରୁନି ଗଜା
ଗୀତ ତ ଶୁଭେନି କେଉଁ ରାଇଜରେ
ରହିଲେ ଯାଇ ମୋ ରଜା ।

ଘାସ ଗାଲିଚାରେ ସାଧବ ବୋହୂଟି
ଚାଲେନାହିଁ ପିନ୍ଧି ପାଟ
କଳା ମଚମଚ ଦିଶୁଛି ଏବେରେ
ଗାଆଁ ଧୂଳି କଚା ବାଟ
ହୁଁ କୁ ହୁକୁମ ଭାଇ
ସବାରୀରେ ଝିଅ ବସି ଶାଶୁଘର
ଯାଉନି କହିଲେ ଆଇ ।

କୁଆଡ଼େ ହଜିଲା ରାମ ଲଇଖଣ
ହଳୁଆ ଭାଇର ଗୀତ
କେନ୍ଦେରା ବଜେଇ ଯୋଗୀ ଦାଣ୍ଡେ ଯିବା
ସପନଟି ଆଜି ସେତ
ମନେ ଅଛି ସ୍ମୃତିଯାକ
ଲାଗେ ହାତଠାରି ତା ଭାଷାରେ ଡାକେ
ଶୁଭୁଛି ଗାଆଁର ଡାକ ।

ମନ୍ତ୍ର ମାନୋର, ଗୋଠପାଟଣା, ଭୁବନେଶ୍ବର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଶଗଡ଼



ସୁହଂସ ଭୋଇ

ଓଧଳ ଯୁଆଳି ହୋଇ ଯୋଡ଼ାଯୋଡି
କାଠ ଚକ ବେନି ପାଖ
ତୁମ୍ବ ଆରା ପୁଟି ଖଞ୍ଜି ଗୋଟିଗୋଟି
ଚକ ମଧ୍ୟେ ଶକଟାକ୍ଷ

ଯୋଡି ବଳଦକୁ ଶାକଟିକ ଭାଇ
ଆଗରେ ବସିଛି ମାଡି
ମୁଣ୍ଡରେ ପଗଡି ଖୁସିର ଲହଡି
ହାତରେ ବାଉଁଶ ବାଡ଼ି.....

ନ ମାନେ ପଥର ପଙ୍କିଳ ବନ୍ଧୁର
ଧରସାରେ ଯାଏ ମାଡି
ଖରା ଶୀତ ପାଣି ବୋଲହାକ ମାନି
ଯାଉଥାଏ ଗଡି ଗଡି...

ସଜୀବ କାନ୍ଧରେ ନିର୍ଜୀବର ବୋଝ
ଉପରେ ନଳିତା ବିଡା
ବିଡା ବିଡା କରି ଧାନ କେଣ୍ଡା ବିଡା
ଅବା ଲଦା ହୁଏ ନଡ଼ା....

ପ୍ରତୀପ ବଚନ କରିନାହିଁ ଦିନେ
ବୋହିବାକୁ ବୋଝମାନ
ଶଗଡ଼ ଜୀବନ ଅନୁଭବହୀନ
ବଳଦ ଲଭେ କଷଣ...

ଶକଟ ବଳଦ ସମାଜ ସହିତ
ଅନୁବନ୍ଧ ଅନାବିଳ
ଜୀବନ ଜୀବିକା ତହିଁରେ ଜଡିତ
ଚାଷ ଚାଷୀ ଆଉ ବିଲ...


ସମୟର ଚକ ତଳେ ନିଜ ପ୍ରାଣ
ଦେଇଅଛି ବଳିଦାନ
ଚିହ୍ନିବାକୁ ହେଲେ ଖୋଜିବାକୁ ହେବ
ତଳପ ପୁସ୍ତକ ମାନ..

ପହଣ୍ଡି, ବରଗଡ

ଆହ୍ୱାନ ଇ-ପତ୍ରିକା
Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ପଥ



ବିନୟ ମହାପାତ୍ର

ପଥ ମୁଁ ଖୋଜୁଛି ଅନେକ ଦିନରୁ
ଯିବି କେଉଁଠିକୁ ଜାଣେନା ନିଜେ,
ବାଉଳା ହୁଏ ମୁଁ ଦିନ ଦି'ପହରେ
ସକାଳ ସଞ୍ଜେ,
ଅଜଣା ରାଇଜେ ଯିବା ପାଇଁ ମୁହିଁ,
ପଥ ଯେ ଖୋଜେ ।

ଚଉ ଛକି ପରେ ଠିଆ ହୋଇ ମୁହିଁ
ପଥ ପଚାରେ,
ଯାହାକୁ ପଚାରେ ପଥ କାହିଁ ବୋଲି
ଓଲଟାଇ ସିଏ ମୋତେ ପଚାରେ,
ଯିବ କେଉଁଠିକୁ କୁହ ତ ଥରେ ?
ପଥ ମେଲି ଅଛି ଅଗକୁ ପଛକୁ
ବାମେ ଓ ଡାହାଣେ,
ତଳେ ଏ ପୃଥିବୀ ଉପରେ ଆକାଶ,
ଦଶ ଦିଗେ ପଥ, ଯିବି କେଉଁ ଦିଗ
କହି ଦେବ କିଏ, ମୁଁ ତ ନ ଜାଣେ ?

ପଚାରେ ନିଜକୁ ଥକି ହାରି ମୁହିଁ
କାହିଁକି ଖୋଜୁଛି ପଥ ମୁଁ ଏଠି ?
କେଉଁ କାମ ପାଇଁ କାହାକୁ ଖୋଜୁଛି
କି ନାମ ତାହାର, କିଏ ଅବା ସିଏ,
କେଉଁଠି ରହେ ?

ନା' ମୋତେ କିଛି ଜାଣିବାକୁ ଅଛି
ନା' ଅଛି କିଛି ପଚାରିବାକୁ,
ନା' ଅବା କିଛି ଶୁଣିବାକୁ ଅଛି,
ନା' ଅଛି କିଛି ମାଗିବାକୁ
ନା' କିଛି ଅଛି ଦେଇ ଦେବାକୁ ?
କିଛି ବି ତ ନାହିଁ କାମ ମୋହର,
ଖାଲି ମୋର ଥରେ ଦେଖିବାର ଇଛା,
ସତରେ କେମିତି ଦିଶଇ ସିଏ,
ଜାଣିବାର ଇଛା କେଉଁଠି ରହେ ସେ,
କି ନାମ ତାହାର, କିଏ ବା ସିଏ ??

ଆହ୍ୱାନ ଇ-ପତ୍ରିକା
Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଦୁନିଆର ଏଇ କୋଳାହଳ ମେଳେ
ଶହେ ଆଠ ଅବା ସହସ୍ର ନାମ,
ହେ ପରମେଶ୍ୱର,
ତୁମ ନାମ ବିଷ୍ଣୁ ଅବା ମହେଶ୍ୱର,
ରାମ ଅବା କୃଷ୍ଣ, ଆଲ୍ଲା ଅବା ଖ୍ରୀଷ୍ଟ
ବୁଦ୍ଧ ଅବା ଜୈନ ମହାବୀର ?
ତୁମକୁ ଖୋଜିବି କେଉଁଠି ଇଶ୍ୱର
ମସଜିଦ, ପଗୋଡା ଅବା ମନ୍ଦିର
ଗିର୍ଜା କିମ୍ବା କେଉଁ ଗୁରୁଦ୍ୱାର ?

ଆଗକୁ ଦେଖିଲି, ପଛକୁ ଦେଖିଲି,
ବାମକୁ ଚାହିଁଲି, ଡାହାଣେ ଚାହିଁଲି,
ଦେଖିଲିନି କିଛି ପଥ,
ତଳକୁ ଦେଖିଲି ରୁକ୍ଷ ଧରଣୀ,
ଆକାଶେ ବତାସେ ପଞ୍ଚଭୂତ ।
ଆଖି ଦୁଇ ମୋର ବୁଜି ହୋଇ ଗଲା
ଅନ୍ତରୁ ଡାକିଲା କିଏ,
ଚୁପି ଚୁପି ମୋର କାନେ କହି ଗଲା,
କାହାକୁ ଖୋଜୁଛୁ ପାଗଳଙ୍କ ପରି,
ଅନ୍ତରେ ତୋର ରହିଛି ସିଏ ।

ରଙ୍ଗ ରୁପ ନାହିଁ, ନାହିଁ ଗନ୍ଧ, ବାସ
ସର୍ବ ବ୍ୟାପି ସନାତନ,
ନାହିଁ ତାର ନାମ, ସିଏ ଯେ ସର୍ବନାମ ।

ତୁ ତାକୁ ଖୋଜୁଛୁ,
ସେ ତୋତେ ଖୋଜୁଛି,
ଏଇ ତ ଅଜବ ଖେଳ,
ତୁ ତା ଭିତରେ ସେ ତୋ ଭିତରେ,
କେମିତି ହେବରେ ମେଳ ?
ହଜି ଯାଇନି ସେ ଖୋଜୁଛୁ କାହିଁକି ?
ଭୁଲି ଯାଇଛୁ ତୁ ଠିକଣା ତାର,
କାଲି ଥିଲା ଏଠି, ଆଜି ବି ରହିଛି,
ରହିଥିବ ସବୁ ଦିନ,
ଏଇଠି ପରା ତା ଘର ।
ଆଖିର ପରଦା ଖୋଲିଲେ ଦେଖିବୁ
ଅନ୍ତରେ ତୋର ଭଲରେ ଖୋଜିବୁ
ମିଳି ଯିବ ତୋତେ ସବୁ ଉତ୍ତର ।

ପଟିଆ, ଭୁବନେଶ୍ୱର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆତ୍ମା କୀର ଛାଡ଼େ ରଡ଼ି



ଅଲେଖ ମେହେର

ପ୍ରେମଭରା ଗୀର  ମୁଖରେ  ଉଚ୍ଚାରି
ଉଚ୍ଚେ ଦେଲୁ ସନମାନ ।
ଅଭୀଷ୍ଟ ପୂରଣ   ହୋଇଗଲାପରେ
ରୋଷେ କରୁ ଅପମାନ  ।
ମାୟାମୃଗ  ଦେଖି   ରାମ ଗୋଡାଇଲେ
ହୋଇ ଶୟଳର ଈଶ,
ନର କଳେବର   ସରଳ ମନରେ
କରିବି ଅବା ମୁଁ  କିଶ ।
ସ୍ୱେଦ ରକ୍ତ ବିନ୍ଦୁ    ଗଡାଇ ଅର୍ଜିତ
ଧନ ନେଇଗଲା ଚୋର,
ତପତ ଜ୍ୱଳନ   ସ୍ମୃତିର ଇନ୍ଧନ
ଦିବା କରେ ନୀଶି ଘୋର ।

ଦଶନପତ୍ରରୁ ସ୍ଫୁରିତ ବଚନ
ବହିଗଲା ପୟ ତଳେ,
ଆସିବନି ଫେରି   ଜ୍ଞାତଥାଇ ସଦା
ନିରିମାଖୀ ମନ ଭାଳେ ।
ସମ୍ମୁଖ ବଇରୀ   ଶତେ ଗୁଣା ଭଲ
ମିତବ୍ୟୟି ଶତ୍ରୁଠାରୁ,
ଏଣ୍ଟୁଅର ରଙ୍ଗ  ପରିବର୍ତ୍ତନରୁ
ଜିଣି ତମେ ମହାଦାରୁ ।
ମୋ'ବସ୍ତେ  ଅନିଳ   ଜଳଇ ପ୍ରବଳ
ଆତ୍ମା କୀର ଛାଡେ ରଡି,
କଥା ଦେଇ ଯିଏ କଥା ରଖେ ନାହିଁ
ନୁହେଁ ସେ ଫଟା କଉଡି ।

ସୋହେଲା ବରଗଡ଼

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମାନ୍ୟ ଆଉ ବୃତ୍ତି



ସତ୍ୟନାରାୟଣ ମିଶ୍ର

ମଉସା ହେ ତମେ ଦରଜି ପାଖକୁ ଯାଇ
ମସାରିଟିଏ ଆଣ ସିଲେଇ, ମଶା କାମୁଡିବ ନାହିଁ
ମଶା କାମୁଡ଼ିଲେ ମେଲେରିଆ ଜର ହୋଇ ।

ଆଇଲୋ ଆଇ କୁମ୍ଭାରପାଖରୁ ମାଠିଆଟେ ଆଣ ଯାଇ
ଗରମ ଦିନରେ ଥଣ୍ଡା ପାଣି ପାରିବୁ ପିଇ
ଫିରିଜ ପାଣି ସ୍ୱାସ୍ଥ୍ୟ ପାଇଁ ଭଲ ନାହିଁ ।

ବାପା ହେ ବାପା, କମାର ପାଖରୁ ଆଣିବ ରଫା
ବାରିଆଡେ ଯେତେ ଅନାବନା ଅଛି
ସବୁ କରିଦେବା ସଫା
କରିବେ ନି ବସା ମଶାମାଛି ସାପ ବିଛା ।

ମାଆ ଲୋ ମାଆ, ତନ୍ତବୁଣା ଶାଢ଼ୀ ପିନ୍ଧୁନ କିଆଁ
ବାପାଙ୍କୁ କହିବୁ ତନ୍ତି ଠାରୁ କିଣି
ଆଣିଦେବେ ଶାଢ଼ୀ ନୂଆଁ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନାନି ଲୋ ନାନି, ମେଲା ଆଙ୍ଗୁଠି ତ ଭଲ ଦିସୁନି

ବଣିଆ ପାଖରୁ ବନେଇ ଆଣିବୁ

ମୁଦି ଟିଏ ଦେଇ ରୁପା ଚାରଣି ।

ଅଜା ହେ ଅଜା, ତଳେ ଶୋଇବାକୁ ଲଗୁଛି ମଜା

ବିଛା ଲେଛି ଦେଲେ ପାଇବ ବହୁତ ସଜା

ବଢ଼େଇ ପାଖରୁ ଖଟଟିଏ ଆଣ ଗଢେଇ

ଘୁଙ୍ଗୁଡ଼ି ମାରି ଅଚିନ୍ତା ପାରିବ ଶୋଇ ।

ଏତିକି କହୁଛି ଆଉ ମୁଁ କହିବି ନାଇଁ ।

ସତ୍ୟନାରାୟଣ ମିଶ୍ର ସିଂଧେକେଲା ବଲାଙ୍ଗୀର

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କବିମାନେ...



ଝରଣା ବାରିକ

କବି ମାନେ ଏଠି କବିତା ପଢ଼ନ୍ତି
କବି ମାନେ ଏଠି ଶ୍ରୋତା
କବି ମାନେ ଏଠି ମଞ୍ଚରେ ବସନ୍ତି
କବି ମାନେ ଏଠି ବକ୍ତା ।

କବି ମାନେ ଏଠି ବଡ଼ ସାନ କହି
କରୁଥାନ୍ତି ଗୁଣ ଗାନ
କବି ମାନେ ଏଠି ଦୁଇ ଧାଡ଼ି ଲେଖି
ବଖାଣନ୍ତି ନିଜ ଜ୍ଞାନ ।

କବି ସମ୍ମିଳନୀ ମାନେ ଏଠି କବି
କବିତା ପଢ଼ନ୍ତି ନେଇ,
ନିଜ ନିଜ ମଧ୍ୟେ ମାନ ସନମାନ
ଆଉ ପାଆନ୍ତି ନି କେହି ।

ଜ୍ଞାନର ମୂଲଟା କିଛି ନୁହେଁ ଏଠି
ସାଧନାର ମୂଲ୍ୟ ନାହିଁ,
ଚିହ୍ନିବେନି କେହି ଯେତେ ଭଲ ଲେଖ
ଯଦି ପାଖେ ଧନ ନାହିଁ ।

ଏସବୁ ଧନ୍ଦାରେ ନ ପଶିବ ଯିଏ
ସିଏ ନିଶ୍ଚେ ଆଗେଇବ,
ଆଜି ନ ହେଲେ ବି କାଲି ତାର ଗୁଣ
ଜଗତେ ପ୍ରକାଶ ହେବ ।

ସମଲ, ତାଳଚେର, ଅନୁଗୋଳ
ମୋବାଇଲ::୯୫୫୬୮୪୬୯୩୨

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବିଳାସି ଭାବନା ଛବି



ଆଶୁତୋଷ
ମେହେର

କବିମନ ଛାୟା ବିଳାସି ଭାବନା ସ୍ୱପ୍ନ ସ୍ୱପ୍ନାତିତ ଛବି,
ଛଳଛଳ ହୁଏ ଭାବ ଢଳଢଳ କଳ୍ପନାରେ ଆନୁଭବୀ ।
ଶବଦ ଶବଦେ ଗୁଂଞ୍ଜରଣ ଯୋଡେ କବିତା ର ପଦାବଳୀ,
ଶିହରଣ ଭରେ ପୁଲକର ଢେଉ ପ୍ରେମର ବଳିତା ଜାଳି । ।

କବିତା କଲ୍ଲୋଳ କଳକଳ ନାଦେ ଶବଦ ପଥର କୋଣେ,
ପ୍ରିୟା ଆଖି ଲୁହ ଶତତ ଭାବନା ହୃଦୟର  ଅନୁକୋଣେ ।
କେବେ ସେ ବଖାଣେ ସୁଖର ଦରିଆ କେବେ ଅବା ଦୁଃଖ କଥା,
ମନଭରା ଗାଥା ଉଚ୍ଛ୍ୱାସେ ଲିଭଇ ଅକୁହା ଦରଦ ବ୍ୟଥା । ।

ନୀରବତା ରଙ୍ଗେ ଶୃଙ୍ଗାରେ ସଜାଏ ମନ ଦରପଣେ ଲେଖା,
ଜୀବନର ଛନ୍ଦେ ଇନ୍ଦ୍ରଧନୁ ହସେ ପ୍ରେମିକା ସାଥିରେ ଦେଖା ।
ସମୟ ଚମକି ଥିର ହୋଇଯାଏ ଶବଦ ଗୁଞ୍ଜରେ ଯେବେ,
ସ୍ୱର୍ଗୀୟ ଭାବନା ବିସ୍ତାରିତ ହୁଏ କବିତା ଝରଇ ତେବେ । ।

୫୪, ଆର୍ଯ୍ୟପଲ୍ଲୀ
କିଟଛକ, ପଟିଆ, ଭୁବନେଶ୍ୱର ୭୫୧୦୨୪, ଦୂରଭାଷ ୯୪୩୭୦୮୫୩୯୭

Listen to Odia Podcast on https://anchor.fm/aahwaan
ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

# ଭୋଗ ବା ପ୍ରସାଦ



ପବିତ୍ରା ଧଳ ମଲ୍ଲିକ

ପୂଣ୍ୟ ଜ୍ଞାନାଞ୍ଜନେ
ତିତିକ୍ଷା ସାଧନେ
ଅଚଳା ଭକତି ବଳେ,
ଅନ୍ତର ପ୍ରଦେଶୁ
ନିର୍ମଳ ନୈବେଦ୍ୟ
ପ୍ରସାଦ ଓଁକାର ତୋଳେ ।

ଅଳ୍ପ ବହୁତ ରେ
ନଥାଏ ବିଚାର
ଭକତି ଶ୍ରେଷ୍ଠ ସମ୍ପଦ,
ସେ ପୂର୍ଣ ନୈବେଦ୍ୟ
*ଭୋଗ* ନାମେ ଖ୍ୟାତ
ଭକ୍ତ ବତ୍ସଳ *ପ୍ରସାଦ* ।

ଫଳ, ପୁଷ୍ପ, ପତ୍ର
ପ୍ରସାଦ ସାମଗ୍ରୀ
ଜଳେ ତୃପ୍ତ ଦିବାକର,
ତୁଳସୀ ପତ୍ରରେ
ବିଷ୍ଣୁ ତୃପ୍ତ ଅତି
ଚମ୍ପା ରେ ଭୋଳା ଶଙ୍କର ।

ଉତ୍କଳ ପ୍ରଦେଶ
ଅଟେ କୀର୍ତ୍ତିମୟ
ବିଖ୍ୟାତ କଳା ଠାକୁର,
ବଡଭୋଗ ଅଟେ
*ପ୍ରସାଦର* ନାମ
କିର୍ତ୍ତୀ ଅଟେ ଲୀଳାମୟ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପାଦ ଥିଲା ହାରି
        ହାତ ବି ଭିକାରୀ
ଭକତିରେ ଥିଲା ଡାକି,
ଦାସିଆ ବାଉରୀ
        ଭକତିରେ ବନ୍ଧା
ନଡ଼ିଆ କୁ ନେଲ ଟେକି ।

କାଣିଚାଏ ଭୋଗ
        କେତେ ରୋଗୀ, ଯୋଗୀ
ଅନ୍ତରେ ଆଣେ ଆନନ୍ଦ,
ସେ କୈବଲ୍ୟ ସ୍ୱର୍ଗେ
        ହରଇ ସନ୍ତାପ
ସତେ ମିଳେ ମକରନ୍ଦ ।

ପୂଣ୍ୟ ନୀଳାଚଳ
        ବଡଭୋଗେ ଖ୍ୟାତ
ଘର୍ଷଣ ମଣୀଙ୍କ ପୀଠ,
*ପ୍ରସାଦ* ନାମରେ
        ଜଗତରେ ହୁରି
ମନ ଚୈତନ୍ୟ ସ୍ୱାଦିଷ୍ଟ ।

ଚାନ୍ଦକୁଡା, ଚାନ୍ଦବାଲି, ଭଦ୍ରକ
ମୋ- ୯୦୯୦୬୩୭୬୦୧

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବନ୍ଧୁ



ବାସନ୍ତୀ ଲତା ଜେନା

ଭଲ ବନ୍ଧୁଟିଏ ଜୀବନରେ ଥିଲେ
ସୁଖ ଦୁଃଖ ହେବା ପାଇଁ
ଅନାବିଳ ସ୍ନେହ ନିଃସ୍ୱାର୍ଥ ଭାବନା
ସମ୍ପର୍କ ଯୋଡି ରଖଇ ।୧।

ଉତ୍ତମ ବନ୍ଧୁ ଯେ ବିଶ୍ୱାସୀ ହୁଅଇ
ଅନ୍ତରର କଥା ପାଇଁ
ମନର ବାର୍ତ୍ତାକୁ ପ୍ରକାଶ କରିଲେ
ଗୁପ୍ତରେ ତାହା ରଖଇ ।୨।

ସୁଖ ଦୁଃଖ ବେଳେ ପାଖରେ ସେ ଥାଏ
ଭରସା ଟିକିଏ ଦିଏ
ଶୁଭ କାମରେ ସେ ଯୋଗ ଦେଇ ଥାଏ
ମୃତ୍ୟୁରେ ମଶାଣି ଯାଏ ।୩।

ପ୍ରିୟ ବନ୍ଧୁ ଥିଲେ ଶ୍ରୀକୃଷ୍ଣ ସୁଦାମା
ଯୁଗର ଗାରିମା ଗାଇ
ପ୍ରିୟ ବନ୍ଧୁ ଥିଲେ କର୍ଣ୍ଣ ଦୁର୍ଯ୍ୟୋଧନ
ଅନ୍ୟାୟକୁ କର୍ଣ୍ଣ ସହି ।୪।

ପ୍ରିୟ ବନ୍ଧୁ ଥିଲେ ଜଗନ୍ନାଥ ପ୍ରଭୁ
ବନ୍ଧୁ ମହାନ୍ତିଙ୍କ ପାର୍ଶ୍ୱେ
ଅର୍ଦ୍ଧ ରାତ୍ରିର ସେ ଅନ୍ନ ପରଶିଲେ
ବନ୍ଧୁ ଖାଇଣ ସନ୍ତୋଷ ।୫।

ବନ୍ଧୁ ଦେଇ ଥାଏ ଉତ୍ସାହ ପ୍ରେରଣା
ସାହସ ଶକତି ମାନ
ଭାଙ୍ଗିବା ଘରକୁ ଯୋଡି ଦେଇ ଥାଏ
ବୁଝେ ବନ୍ଧୁଙ୍କର ମନ ।୬।

ଅନ୍ତରଙ୍ଗ ବନ୍ଧୁ ଯାହା ପାଖେ ଥାଏ
ସେ ହୁଅଇ ଭାଗ୍ୟବାନ
ଅସମୟେ ହାତ ବଢ଼ାଇଣ ଦିଏ
ରଖେ ବନ୍ଧୁର ସମ୍ମାନ ।୭।

ଗାନ୍ଧୀନଗର, ପୋଷ୍ଟ / ଜିଲ୍ଲା : ନବରଙ୍ଗପୁର
ଦୂର ଭାଷ : ୮୬୫୮୬୫୫୯୭୯

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସାବଧାନ ଅଂଶୁଘାତକୁ



ବିକାଶ କୁମାର ହୋତା

ମାଆ କହୁଛନ୍ତି   ପୁଅ ପାଶେ ଆସି
ଟିକେ ଶୁଣୁ ମୋର ଧନ
କଥା ମାନିଲେ ମୋ ସୁନା ପୁଅ ହେବୁ
ଶୁଣିଲେ ତୁ ଦେଇ ମନ ।।(୧)

ଚାଳିଶି ଡ଼ିଗିରି ଉପରେ ହେଲାଣି
ବଢ଼ିକି ସହର ତାପ
ଖରାରେ ଦେହଟା ଜଳିଯିବ ତୋର
ବୁଲିବୁନି ମୋର ବାପ ।।(୨)

ଖରାରେ ଖେଳେନା କ୍ରିକେଟ ଜମା ତୁ
ଖେଳେ ନାହିଁ କିଛି ଖେଳ
ସାବଧାନ ହେଲେ କଷ୍ଟ ପାଇବୁନି
ଥାଉ ଥାଉ ଏବେ ବେଳ ।।(୩)

ତରଭୁଜ, ଦହି, କାକୁଡ଼ି, ପଣା କୁ
ଖୁସି ରେ ଆହାର କର
ଅଂଶୁଘାତ ଜମା ପାଶ ମାଡ଼ିବନି
ହୋଇବ ତୋ ଉପକାର ।।(୪)

ବହିରେ ପଢ଼ିଛୁ ବୈଶାଖ ଜ୍ୟେଷ୍ଠ ରେ
ହୁଅଇ ପ୍ରଚଣ୍ଡ ତାପ
ବୁଝି ସୁଝି ତୁହି ଅବୁଝା ହେଉଛୁ
ଭାବୁଛୁ କି ଏହା ଗପ ।।(୫)

ଦଶଟା ପରଠୁ ଘରେ ତୁ ରହିବୁ
ବିଜ୍ଞାନେ ଏହା ବାରଣ
ଅମାନିଆ ହେଲେ ହୋଇଯିବ ପରା
ଅଂଶୁଘାତ ର କାରଣ ।।(୬)

ଦରକାର ବେଳେ ବାହାରକୁ ଯିବୁ
ଛତା, ଜୋତା ସାଥେ ଧରି
ମୁଣ୍ଡରେ ଗାମୁଛା କଳା ଚଷମା ଟେ
ବୋତଲରେ ପାଣି ଭରି ।।(୭)

ଏହି ଦୁଇ ମାସ ଜଗିକି ଚଳିବୁ
ଅଂଶୁଘାତ ହେବ ନାହିଁ
ମାଆ କଥା ତୋର ମାନିବୁରେ ଧନ
ସୁନା ପିଲାଟିଏ ହୋଇ  ।।(୮)

ଦକ୍ଷିଣକାଳୀ ରୋଡ଼ ଢେଙ୍କାନାଳ, ୭୦୦୮୯୨୮୭୯୮

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କାଳ ବୈଶାଖୀ



ପଙ୍କଜ୍ କୁମାର ମଙ୍ଗଳ

ରୁଦ୍ରର ରୌଦ୍ରାଂଶୁ ପାଇଁ ଅସ୍ତବ୍ୟସ୍ତ ଜନ
ବ୍ୟାକୁଳେ ଖୋଜନ୍ତି ଶୀତଳ ବାଆ...
ପାଦପ ଓ ସଦ୍ମ ତଳେ ମୁଣ୍ଡ ଗୁଞ୍ଜି
ଉତ୍ତପ୍ତ ବୈଶାଖେ ଖୋଜନ୍ତି ରାହା ।

ଆଶାରେ ଆଶାରେ ଅପେକ୍ଷା ରତ ମନ
ବେଳ ବୁଡ଼ିଗଲା ପରେ...
ସୁଶୀତଳ ବାଆ ସ୍ପର୍ଶରେ କାୟା
ଆଶ୍ୱସ୍ତି ଆସିବ ଜୀବନରେ ।

କ୍ଷଣିକ ନିସ୍ତବ୍ଧରେ କେଉଁ ପ୍ରାନ୍ତରୁ
ଘଟି ଆସିଲାଣି ଏ ଖଣ୍ଡ ପ୍ରଳୟ...
କାଳ ବୈଶାଖୀର କରାଳ ପ୍ରକୋପ ଏ
ନିରାପଦ ସ୍ଥାନ ଖୋଜିବାକୁ ନାହିଁ ସମୟ ।

ତରୁଲତାକୁ କିଏ ବା ସାହାରା
ଯେହ୍ନେ ଉଡ଼ିଯାଏ ଚାଳ ଛପର...
ମହାଦ୍ରୁମ ସବୁ ଭୁଇଁରେ ଲଟନ୍ତି
କ୍ଷଣିକରେ ହୁଏ ସବୁ ନାରଖାର ।

ତୀବ୍ର ବେଗରେ ସୌଦାମିନୀ ଝଲସେ
ଯେ ସ୍ଥାନ ସ୍ପର୍ଶେ ସେଠାରେ ନାଶେ...
ପ୍ରଚଣ୍ଡ ଶବ୍ଦରେ ପ୍ରକମ୍ପିତ ଧରା
ନାଶିବାକୁ ଯେମିତି ମହାକାଳ ହସେ ।

ବଡ଼ପାହି, ଭୋଗରାଇ, ବାଲେଶ୍ୱର
ଦୂରଭାଷ- ୭୭୪୯୯୩୬୬୮୧

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଚାଲି ଚାତୁରୀକି ହୋଇବ



## ଚାଲି ଚାତୁରୀକି ହୋଇବ ସେ ସମ ଝୁମୁ ଝୁମୁ ଶୁଭିବାର

ଜଗଜ୍ଜୀବନ ସେଠୀ

(ଏହି କବିତାରେ ନାୟକ ମରିବା ପାଇଁ ଯାଉଥିଲା ବେଳେ ମନ୍ମଥ ବୟସ ତରୁଣୀକୁ ଦେଖି ପ୍ରାପ୍ତ କରିବାକୁ ମନ କରିଛି ଓ କିପରି ପ୍ରାପ୍ତ କରିବ ଉପାୟ ମାନ କରିଛି, ସମ୍ପୂର୍ଣ କବିତା ଦୀର୍ଘ ହୋଇଥିବାରୁ ଏହାର କିଛି ଅଂଶ ଏଠାରେ ଦେଇଛି )

କୋଠାରେ ନ ରହି କୋଠାରେ ରହିଲା
କୋଠରେ ରହିଲା ମନ ?
ଦେଖିଦେଲି ଯେବେ ଦିବ୍ୟ ବଦନକୁ
କାହିଁ ହେଉଛି ଉଛନ ?
ମନ୍ମଥ ବୟସ ତରୁଣୀ ସେହିଗୋ
ହୋଇବ ଷୋଳ ସତର,
ଚଇତି ପୁନେଇ ଚନ୍ଦ୍ର ବଦନୀ ସେ
ବିଲୋକୀ ସେ ଚାହିଁବାର.
ଜରବାଉଳା ହୋଇଲି ଗୋ ସଙ୍ଗାତ
ଜର ବାଉଳା ହୋଇଲି,
ଚଇତିମତାରେ ବଜ୍ର ଶବ୍ଦ ପରି
ଛାତି ଭିତରେ ଶୁଣିଲି.
ମଞ୍ଜରିତ କେଶ କଳା ପୟୋଧର
ଝରକାଠି ସେ ଲଗାଇ,
ଝଣ ଝଣ ଶୁଭେ ଝଲ୍ଲରି ପରାଏ
ମଥାକୁ ଦେଲେ ଘୁରାଇ.
ସୁଉଚ୍ଚ ବକ୍ଷରେ ଯଉକଣ୍ଠି ମାଳା
ଆହାକି ଦିଶେ ସୁନ୍ଦର,
ଚାଲି ଚାତୁରୀକି ହୋଇବ ସେ ସମ
ଝୁମୁ ଝୁମୁ ଶୁଭିବାର.
ପୋଇଲି ଥାଟପଟାଳି ଗୋ ସଙ୍ଗାତ
ପୋଇଲି ଥାଟପଟାଳି,
କରୁଥିଲେ କ୍ରୀଡା ପୋଇଲି ମଧ୍ୟରେ
ବାନ୍ଧିଣ ଅନ୍ଧପୁଟୁଳି.

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ହରାଇ ସବୁ ସମ୍ପତି ଗୋ ସଙ୍ଗାତ

ହରାଇ ସବୁ ସମ୍ପତି,

ହରିବାକୁ ପ୍ରାଣ ଯାଉଥିଲି ମୁଁ

ଥମ୍ଭ ଥମ୍ଭ ମୋର ଗତି.

ବାଜିଲା ଥନ ଯୌବନ ଗୋ ସଙ୍ଗାତ

ବାଜିଲା ଥନ ଯୌବନ,

ଥମକା ପଶିଲା ଛାତିରେ ମୋହର

ଦେଖିଣ ରୂପ ଘଟଣ.

ଶ୍ରୁତିକଟ ଯାଏ ହୋଇବ ସେ ଉଚ୍ଚ

ଖଣ୍ଡାଧାର ପରି ନାକ,

ନବ ମାଳିକାର ଓଠ ଯେ ତାହାର

ଚପଳତା ଅଙ୍କ ଜାକ.

ଜାବୁଡି ଧରିଲା ବାଜୁକୁ ମୋହର

ଭାବିଣ ସେ ସଙ୍ଗୀ ବୋଲି,

ପୁତ୍ତୁଳୀ ଖୋଲିଲା ଲାଜରେ ଚାହିଁଲା

ଲାଜରେ ଗଲା ସେ ଚାଲି.

ଜଗଚକ୍ଷୁ ତାପ ବଳରେ ସଙ୍ଗାତ

ତରଳେ ଯେ ନଗପତି,

ଜୟବନ୍ତ ଠାଣି ଦେଖିଣ ତାହାର

ତରଳି ଗଲା ମୋ ଛାତି.

ସ୍ମରିଲି ତହିଁ ଗିର୍ଦ୍ଧାଣ ଗୋ ସଙ୍ଗାତ

ସ୍ମରିଲି ତହିଁ ଗିର୍ଦ୍ଧାଣ

ପ୍ରପାତ ନହେଲେ ହାରିବି ଜୀବନ

ନିନ୍ଦିବେ ଜଗଜ୍ଜିବନ.

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରିୟା ମୋର



ଟୁକୁ ଚୌଧରୀ

ସୁହାସିନୀ ଅର୍ଦ୍ଧାଙ୍ଗିନୀ ଯାଅନା ତୁ ମତେ ଛାଣି !
ତୁମ ଚରଣରେ କରୁଛି ଗୁହାରୀ ଶୁଣ ମୋ କାହାଣୀ !!
ହେ ହୃଦୟ ଦେବତା କୋଟି ରୂପକାନ୍ତି !
ମୋ ମନ ମନ୍ଦିରେ ନିତି ତୁମକୁ ପୂଜିବି !!
ତୁମେ ମୋ ପ୍ରେମ ଠାକୁର କରିବନି ମତେ ଅନାଦର !
ପ୍ରେମ ଯୁଗଲରେ ଦାସ ହୋଇ ରହିବି ତୁମର !!
ମରମ ଉଦ୍ୟାନରେ ଫୁଲଟିଏ ହୋଇ ରହିଥିଲ ଦିନେ ସାଥି !
ଉପବନେ ସେହି ଫୁଲ ହିଆରୁ ମଉଳି କି ଗଲା ଝଡି !!
ଭଲପାଇ ଭୁଲିଯାଇ ହୋଇପାରିଲ ଆଉ କାହାର !
କେମିତି ତୁମର ନିର୍ମମ ମରମକୁ କରିପାରିଲ ପଥର !!
ସୁଖ ଚିହ୍ନା ଦୁଃଖ ମୋର ଅଗଣା ହିଆରେ ଭରିଅଛି ଯନ୍ତ୍ରଣା !!
ନା ପାଣି ନା ଆଖିର ଲୁହ କେମିତି ବହି ଚାଲିଗଲା କରିପାରିନି ଆପଣା !!
ତୁମେ ଜାଣ ନା ଏ ଲୁହ କେତେ ଦୁଃଖରେ ଝରି ପଡୁଛି !
ନାଦିନ ନାରାତି ମରମ ର ବେଦନା ସହ ପ୍ରେମର କବିତା ଲେଖୁଛି !!

ପ୍ରେମର ଭାବକ - ଟୁକୁ ଚୌଧରୀ
ଗ୍ରା/ପ - ଚିଚିଆ ଜିଲ୍ଲା - କଲାହାଣ୍ଡି ମୋ - ୭୯୭୮୬୦୪୪୮୨

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ହୃଦୟେଶ୍ୱରୀ



ବାଲାଜୀ ସେଠୀ

ହେ

ପ୍ରୀତିପର୍ଣ୍ଣା

ହୃଦୟେଶ୍ୱରୀ ସଖୀ,,,, !

ତମେ ଜାଣିଛ,,, ! !

ଆଜି ମୋ କବିତାର

ପ୍ରତ୍ୟେକ ଶବ୍ଦ କେବଳ

ତୁମକୁ ଖୋଜୁଛି,,,,

ମୋ ପ୍ରଶ୍ୱାସର ପ୍ରତ୍ୟେକ

ଅମ୍ଳଜାନ କଣିକା

ତୁମ ନାଁ ରେ ଚାଲିଛି,,,

ମୋ ହୃଦୟର ପ୍ରତ୍ୟେକ ସ୍ପନ୍ଦନ

କେବଳ ତମ ନାଁ ଉଚ୍ଚାରଣ କରୁଛି,,,

ମୋର ପ୍ରତ୍ୟେକ ଲୋମକୂପ

ତୁମ ସ୍ପର୍ଶର ଆତୁର ଚାତକ,,,,

ବୈଶାଖର ବିସ୍ମୟତା ଠାରୁ

ତୁମ ବିରହ ବେସ୍ ଉତ୍ତପ୍ତ,,,

ପ୍ରିୟେ,, !

ତମର ନିଶ୍ଚିତ ମନେଥିବ,,,

ସେଦିନ ଦ୍ଵିତୀୟା ଚାନ୍ଦକୁ

ଦେଖେଇ କହିଥିଲ ,

"ଯାହା ମନାସିବ,ନିଶ୍ଚିତ ମିଳିବ" ବୋଲି,,

ଜାଣିଛ,,,ମୁଁ କଣ ମାଗିଥିଲି,,,, ? ? ?

ସେଦିନ ମୁଁ ଚାନ୍ଦକୁ ମାଗିଥିଲି,,

"ତମେ ମୋତେ ମିଳିଯାଅ",,,

ତମ ତ୍ୟାଗ ଆଗରେ

ମୁଁ ସବୁବେଳେ ହାରିଯାଏ,,,

ତମ ପାଖରେ ହାରିବାରେ ହିଁ

ମୋର ଜିତ୍ ,,,

ତୁମେ ମୋର ଶକ୍ତି,

ତୁମେ ମୋର ସାହସ,,,

Listen to Odia Podcast on https://anchor.fm/aahwaan
ଆହ୍ବାନ ଇ-ପତ୍ରିକା

 Magazine Downloaded from www.aahwaan.com

ତୁମେ ମୋର ଧୈର୍ଯ୍ୟ,

ତୁମେ ମୋର ବିଶ୍ୱାସ,,,,

ଦେଖ,,,

କେତେ ଆହ୍ୱାନକୁ ସାମନା କରି

ତମେ ମୋ ପାଖରେ ଅଛ,,,

ମୋର ସୀମାହୀନ ଭଲ ପାଇବାର

ଶେଷ ବିନ୍ଦୁଟି ଜାଣିନି

କେଉଁଠି ହେଇଛି ଶେଷ,,,,

ଏତିକି ଅବଶ୍ୟ ଜାଣିଛି,

ମୋର ଶେଷ ନିଃଶ୍ୱାସର

ଶେଷ ଆଶ୍ଲେଷରେ ତୁମେ ଥିବ,,,,, ! !

ଚିତ୍ରକୋଣ୍ଡା, ମାଲକାନଗିରି

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଅତିଥି ସଞ୍ଜବେଳର



ଆଦରମଣି ପ୍ରଧାନ

ତୁମେ ସେହି ସଞ୍ଜ ବେଳର

ସୁନାମଧନ୍ୟ ଅତିଥି,,,

ଯାହାଙ୍କ ପାଖରେ ମୁଁ ପ୍ରଗଲ୍‌ଭା ହୋଇଯାଏ,

ପାଗଳି ହୋଇ ଯାଏ,

ପ୍ରେମ ଫୁଲରେ ବାସ୍ନାୟିତ କରିଦିଏ

ସାରା ସଂସାର,,,

ତମେ ସେହି ପ୍ରତିକ୍ଷୀତ ଅତିଥି,,,

ଯାହାଙ୍କୁ ମୁଁ ପୂଜା କରେ,

ପ୍ରେମ ପାଇଁ ତପସ୍ୟା କରେ,

ତ୍ୟାଗ କରି ତୁମକୁ ପାଏ,

ତମେ ସେହି ଶହେ ସ୍ୱପ୍ନରେ

ସୁନ୍ଦର ଅତିଥି,,,

ଯୁଗମୟ ପୁରୁଷ,,

ଶତାବ୍ଦୀ ଶବ୍ଦର ସୁନାମଧନ୍ୟ କବି,,,,

ରାତ୍ରି କୋଳରେ ଅନ୍ଧାର ଯାଇଥିଲା ଶୋଇ,,,

ନିଦ ଯେବେ ଭାଙ୍ଗିଗଲା ତୁମ ସ୍ୱପ୍ନରେ

ତୁମେ ଯେ ଚେଇଁଥିଲ

ମୋତେ ଟିକେ ପାଖରେ ପାଇବା ପାଇଁ,,,,

ତୁମେ ସେହି ଆତିଥ୍ୟ ଅତିଥି

ଯାହାଙ୍କୁ ମୁଁ ଅପେକ୍ଷା କରି ଥାଏ,,,,

ଆକାଶ  ଉନ୍ମୁକ୍ତ ଥିଲା ସେଥିପାଇଁ,

ତାରା ମାନେ କ୍ଳାନ୍ତ ଅବସନ୍ନ,

ବିଚ୍ଛିନ୍ନତାର ବିଭବ ବଶୀଭୂତ ଥିଲା

ବିବଶତାର ବିଧିବିଧାନରେ,,,,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତଥାପି ତମେ ଓ ମୁଁ

ଖୁବ୍ ପାଖାପାଖି ଥିଲେ

ଖୁବ୍ ଗପୁଥିଲେ ଓ ଖୁସି ହୋଇଥିଲେ,,,,

ଆତ୍ମ ନିବିଡ଼ତାର ଅବିସ୍ମରଣୀୟ ମୁହୂର୍ତ୍ତ,

ଆନନ୍ଦ ଉଲ୍ଲାସର ଏକ ଆତ୍ମତୃପ୍ତି ,

ତୁମେ ଏହି ସୃଷ୍ଟିର ଶ୍ରେଷ୍ଠ ଅଭିନୀତ,

ତୁମକୁ ପାଇବା ପାଇଁ

କୋଳାହଳର କଳି

ଲାଗିଯାଏ କାହା ଭିତରେ,,,,

ମୁଁ କିନ୍ତୁ ତୁମକୁ ପାଇଛି

ତୁମ ପ୍ରେମକୁ ପାଇଛି,,,

ତୁମ ପ୍ରେମିକା ହୋଇ,,,, ।

ଚାନ୍ଦବାଲି, ଭଦ୍ରକ

ଆହ୍ବାନ ଇ-ପତ୍ରିକା

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ରଜ ମଉଜ



ସୌଦାମିନୀ ସାହୁ

ପହିଲି ଆଷାଢ ମାଟିକୁ ଛୁଇଁ
ରଜ ପରବକୁ ଝୁମି ଡାକଇ ।
ପ୍ରୀତିର କବିତା ବରଷି ଯାଏ
ଚଷା ମନବନେ ପୁଲକ ଜଗାଏ ।

କୁଙ୍କୁମ ଚନ୍ଦନ ପତର ଫୁଲ
ଦାନ୍ତକାଠି ସହ ବାସନା ତେଲ ।
ନାନା ପିଠାପଣା ଆଗରୁ ସଜ
ପୋଡପିଠା ଆହା କେତେ ମଉଜ ।

ସପୁରୀ ନଡିଆ ଆମ୍ବ ପଣସ
ପିଠାପଣା ବାସେ ମନ ହରସ ।
ରଜ ଦୋଳି ପାଇଁ ଗଛ ଡାଳରେ
ବାଉଁଶ ଦଉଡି ପଟା ଖୋଜାରେ ।

ପାଦ ରଖିବନି ଭୂମି ଉପରେ
ଭୂମି ରଜବତୀ ବରଷେ ଥରେ ।
ପାଞ୍ଚଦିନ ଧରି ସୁଖର ମେଳା
ଝୁଲଣାରେ ଗୀତ ମନ ଉଛୁଳା ।


ବନସ୍ତେ ଡାକଇ ଗଜ ଲୋ ରଜେ
ଗୀତ ଗାଇବାର କେତେ ଆନନ୍ଦ ।
ରଜ ଦୋଳି ଖେଳ ଗାଁ ବୁଲା ସୁଖ
ମନପଡେ ମିତ ସହୀ ସଙ୍ଗାତ ।

ପ୍ରଧାନ ଶିକ୍ଷୟିତ୍ରୀ,
ନେହେରୁ ନୋଡାଲ ଉ.ପ୍ରା ବିଦ୍ୟାଳୟ
ସଫା, ଟାଙ୍ଗୀ, କଟକ-୭୫୪୦୨୨
ମୋ-୯୭୭୮୫୪୫୭୧୫

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଏଇ ତିନିଦିନ



ପୁଷ୍ପାଞ୍ଜଳୀ ପଣ୍ଡା

ଏଇ ତିନିଦିନ ଟିକେ
ବୁଲିବାକୁ, ଝୁଲିବାକୁ
ବାଡିପଟେ ଆମ୍ବଗଛରେ ବନ୍ଧା
ପଟା ଦୋଳି ପାଖରେ
ଚାଲ ଟିକିଏ, ଘଡ଼ିଏ ବସିଆସିବା
ରଜ ପାନ ଖାଇ
ନାଲି ନାଲି ଓଠରେ
ରଜଦୋଳି କଟକଟ ଗୀତ ଗାଇବା । ।

ତୁମକୁ ଦୋଳିରେ ବସେଇ
ମୁଁ ଝୁଲାନ୍ତି
ମତେ ଝୁଲାନ୍ତ ତୁମେ
ମନ ମୋର ତୁମ ପାଇଁ
ଉଡୁଛି ବୁଡୁଛି
ସଜବାଜ ଦିନ ଆଗରୁ
ତୁମ ସହ ଉଡିଯିବ
ଏଇ ରଜ  ତିନିଦିନ । ।

ଝୁଲି ଝୁଲି ଉଡେଇଦିଅନ୍ତେ
ସବୁତକ ଯନ୍ତ୍ରଣା, ବେଦନାର ଦୁଃଖ
ସାଉଣ୍ଟି ଆଣନ୍ତେ  ସୁଖସବୁକୁ,
ଯେତେ ଯାହା ଭୁଲ୍ ବୁଝାମଣା
ଫାଟକୁ
ଆଉଥରେ ଯୋଡିଦିଅନ୍ତେ
ତିନିଦିନରେ ଏ ରଜରେ । ।


ସବୁ ସମୟ ପରି ଏ ତିନିଦିନର
ସବୁ ସମୟ ବି କରିଛି
ତୁମରି ନାଁରେ
ପହିଲି ରଜର ପୋଡପିଠା ଠାରୁ
ଆହୁରି ସୁଆଦିଆ
ଆହୁରି ମଧୁର
ହୋଇଥାନ୍ତା ଅବଶିଷ୍ଟ ଜୀବନ । ।

ଯୋଜନା ସଂଯୋଜନା ବିଭାଗ,ଓଡ଼ିଶା ସରକାର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆସିଛି ରଜ



ନଳିନୀ ଦାଶ

ଆସିଛି ରଜ ବଡ଼ ମଉଜ
କରିବା ଆସଲୋ ସାଙ୍ଗ
ହୋଇଣ ମେଳି ଖେଳିବା ଦୋଳି
ମନରେ ନରଖି ରାଗ ।

ନୂଆଭାଉଜ କରିବେ ସଜ
ଅଳତା ପାଦେ ଲଗାଇ
ବାନ୍ଧିବେ ବେଣୀ ମଥାରେ ଆଣି
କୁଙ୍କୁମ ଦେବେ ସଜାଇ ।

ପହିଲିରଜ ହୋଇବା ସଜ
ଆସିଛି ରଜ ପରବ
ଆସଲୋ ମିତ ଆସ ସଙ୍ଗାତ
ରଖିବା ସେନେହ ଭାବ ।

ନୂଆ ପିନ୍ଧିବା ଖୁସି ରହିବା
କରି ସ୍ୱାଦିଷ୍ଟ ଭୋଜନ
କାଟିବା ନାହିଁ ବାଟିବା ନାହିଁ
ହରଷ ରଖିବା ମନ ।

ଖାଲି ପାଦରେ ଯିବାନାହିଁରେ
ପଟୁକା ଜୋତା ଲଗାଇ
ବୁଲିବା ଯାଇ ସାହିରୁ ସାହି
ସଭିଏଁ ସାଥୀ ହୋଇ ।

ଆମ୍ବ,ପଣସ ସପୁରି ରସ
ମିଠା ମହକ ତାର
ପୋଡ଼ ପିଠାରେ ମିଠା, ବରାରେ
ବାସୁଅଛି ଆଜି ଘର ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମନ ଉଚ୍ଛନ୍ନ ଖାଇବା ପାନ
ଆସିଛି ରଜ ପରବ
ବର୍ଷକେ ଥରେ ପରମ୍ପରାରେ
ଏତ ଆମର ଗରବ ।

ମାଆ ଲକ୍ଷ୍ମୀରେ ରଜବତୀରେ
ଓଡ଼ିଶା ରଜ ପାଳିବ
ମାଟି ମାଆଟି ରଜସ୍ୱଳାଟି
କୃଷକ ଚାଷ କରିବ ।

ଦୋଳିରେ ବସି ଗାଇବା ହସି
ଆମେ ରଜଦୋଳି ଗୀତ
ତୋଟା ମାଳରେ ଗଛ ଡାଳରେ
ମଜାଟି ଲାଗଇ ସତ ।

ରଜପର୍ବ ରେ ଝୋଟିଚିତା ରେ
ହସିବ ସବୁରି ଘର
ଗଣପରବ ଆମ ଗରବ
ସଭିଏଁ ପାଳନ କର ।

ନଳିନୀ ଦାଶ, ଭିକାରିପଡା, ଶରଣକୁଳ, ନୟାଗଡ଼
ଦୂରଭାଷ—୭୩୭୦୦୯୫୨୪୧

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅଫେରା ସମୟ



ଦୀନବଂଧୁ ବେଜ

ତୁମ ସନ୍ତାନ ତୁମ ପାରୁଷରେ
ଆହାକି ସୌଭାଗ୍ୟ
ତାକୁ କୋଳାଇ ନିଅ ଜଲଦି
ସେ ନେଉଛି ବିଶ୍ରାମ ।

ତୁମ ଶରୀର ଅତି ନିକଟକୁ
ତାକୁ ଡାକି ନିଅ
ତା ଶିହରିତ ଶ୍ୱାସ ପ୍ରଶ୍ୱାସକୁ
ଆଘ୍ରାଣ କରି ଦିଅ ।

ଅପତ୍ୟର ବାତ୍ସଲ୍ୟ ପ୍ରେମ
ପକ୍ଷୀ ଢେଣା ଲାଗିଲେ
ଉଡିଯାଏ ଆକାଶ ମାର୍ଗକୁ
ବାହୁକୁ ବଳ ଆସିଲେ ।

ସନ୍ତାନ ଡିଆଁମାରି ଏକଦମ ଛୁ
ମଥାକୁ ପାଇଗଲେ ହାତ
ଆଉ କଣ ଢେରେ ଇଛା କରି
ଏମିତି ଜାବୁଡି ପାରୁଛ... ?

ନା ସମୟ କାହା ପାଇଁ ଅଟକିବ
ତା ପାଖରେ ଶୋଇବାକୁ
ନା ସେ ସୁଯୋଗ ପୁନଶ୍ଚ ମିଳିବ
ଏତେ ଅନ୍ତରଙ୍ଗ ହେବାକୁ ।

ସହକାରୀ ଶିକ୍ଷକ, ଲକ୍ଷ୍ମଣ ନାୟକ ଉଚ୍ଚ ବିଦ୍ୟାଳୟ
ଶିଖପାଲ୍ଲୀ, ମାଲକାନଗିରି, ଓଡ଼ିଶା
ଦୂରଭାଷ:- ୭୬୮୩୯୭୦୨୨୧

ଆହ୍ୱାନ ଇ-ପତ୍ରିକା
Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ମୋ ଅନୁଭୂତି



ଦୁଷ୍ମନ୍ତ ବେହେରା

ଧନ୍ୟ ମୋ ଅନୁଭୂତି ଜୀବନ
ଦୁଃଖରେ ଭାସୁଛି ଲେଛନ
ଦୁନିଆ ମଞ୍ଚରେ ଭାସି ବୁଡୁଛି
ମୋ ସଂସାର ଲୋଭର ଜାଲ !!

ଲୁହ ଅବୁଝାକୁ ମନ ଅବୁଝା
ଲୋଭ ଲାଗେ ଦୁନିଆ ରାଜା
ସାଧା ଅକ୍ଷରକୁ ମଲାଟ ଖୋଲା
ଲକ୍ଷ୍ୟ ରାଜନକୁ ରାଇଜ ଭରା !!

ଦୁନିଆ ଛବି କଳା ଧଳା
ମୋ ଦଦରା ଆଶା ମେଲା କୁଲା
ପଛ ଦେଖିବ କି ଆଗ ଦେଖିବ
ଦୁଃଖ ସାଥେ ଲୁହ ଅପସରା !!

ସମସ୍ତେ ନିଜର ରାତି ପାହିଲେ ପର
ଦେହ ଠାରୁ ଜୀବନ ବି ହୁଏ ପର
ଚାରିପାଖେ ଜନ ବେଳ ସରିଲେ
ନିଜ ଠାରୁ ଅନୁଭୂତି ହୁଏ ପର !!

ପରିଶ୍ରମ ଦେଖି ଦିଅ ମୂଲ୍ୟ
ଜୀବନ ସେମିତି ନୁହଁ ନିଜର
ରଙ୍ଗ ସରିଲେ ଯୌବନ ସରେ
ଚେହେରା ଅନୁଭୂତି ଆପେ ମରେ !!

ସଂସାର ନାଟରେ ଜୀବନ ନାଟ
ମୋ ପେଟ ଏଠି କରେ ହାଟ
ଦେଖ ଜନରେ ଯାଉଛି ଖାଲି
ଲୋଭ କରିବି କାହିଁ ପାଇଁ !!

ଦୁଷ୍ମନ୍ତ ବେହେରା (ପାଦପଦ୍ମ)
ରାସୋଳ-ମୁଣ୍ଡିଆପଷି, ଢେଙ୍କାନାଳ
ମୋ ନଂ-୬୩୭୨୨୨୬୭୨୨

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆଈକୁ ଗେଲ



ତାରା ପ୍ରସାଦ ଜେନା

ନାତୁଣୀ- ବୁଢ଼ା କାଳେ କେତେ ଆଈ ବୁଢ଼ୀଟାକୁ
କରୁଛ ବଢ଼ିଆ ଗେଲ.....
ଅଜା- ଜୀବନଟାଯାକ ଖଟି ଖଟି ସିଏ
ସେବାକୁ କରିଛି ଭଲ
ତାର ମନ ଖୁସି ଲଗାଇବ ଚୁଟି ଆଣିଛି ବାସନା ତେଲ,
ନାତୁଣୀ- ବୁଢ଼ା କାଳେ କେତେ ଆଈ ବୁଢ଼ୀଟାକୁ
କରୁଛ ବଢ଼ିଆ ଗେଲ ! ୦ !

ନାତୁଣୀ- ତୁମେ ନାଇଥିଲ ଚଷମାକୁ ସିନା
ଆଣିଛ ସେମିତି ଗୋଟେ
ଅଜା- ବୁଢ଼ୀ ପରା ଆଉ ପଢ଼ି ପାରିଲାନି
ପୁରାଣ ପୋଥିକୁ ମୋଟେ,
ଶରଧାକୁ ମୋର ଆଖି କରେନାହିଁ ଆଣିଛି ରିବନ୍ ଲାଲ
ନାତୁଣୀ- ବୁଢ଼ା କାଳେ କେତେ ଆଈ ବୁଢ଼ୀଟାକୁ
କରୁଛ ବଢ଼ିଆ ଗେଲ ! ୧ !

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନାତୁଣୀ- କସ୍ତା ନୁହେଁ ଶାଢ଼ି ସମ୍ବଲପୁରୀଟେ

ଖୁସିରେ ଆଣିଛ କିଣି,

ଅଜା- ବୁଢ଼ୀ ପିନ୍ଧିଦେଲେ ସୁନ୍ଦର ଦିଶିବ

ମୁଣ୍ଡରେ ଓଢ଼ଣା ଟାଣି

ଇଚ୍ଛା ହୁଏ ସତେ ନଜର ମିଶାଇ ଚୁମାଦେବି ଟିକେ ଗାଲ

ନାତୁଣୀ- ବୁଢ଼ା କାଳେ କେତେ ଆଇ ବୁଢ଼ୀଟାକୁ

କରୁଛ ବଢ଼ିଆ ଗେଲ ।୨ ।

ନାତୁଣୀ- ଫଟୋଟେ ଉଠେଇ ଦେବିକି କହୁନ

ହାତରେ ଧରିଛି ଫୋନ୍

ଅଜା- ରସିକିଆ ବୁଢ଼ା କହୁଥିବୁ ମୋତେ

ତତେ ମୁଁ ଦେବିଲୋ ଚେନ୍ ,

ଆଇ ହାତେ ପୁଣି ଶରଧାରେ ଦେବି ଆଣିଛି ଗୋଲାପ ଫୁଲ

ନାତୁଣୀ- ବୁଢ଼ା କାଳେ କେତେ ଆଇ ବୁଢ଼ୀଟାକୁ

କରୁଛ ବଢ଼ିଆ ଗେଲ ।୩ ।

ରାଜ ରଣପୁର, ଜିଲ୍ଲା-ନୟାଗଡ଼, ପିନ୍-୭୫୨୦୨୬,

ଦୂରଭାଷ- ୯୩୪୮୦୫୪୩୦୦

Listen to Odia Podcast on https://anchor.fm/aahwaan

ଆହ୍ୱାନ-ପତ୍ରିକା

 Magazine Downloaded from www.aahwaan.com

# ସେ କିଏ ?



କମଳ ଲୋଚନ ପଣ୍ଡା

କେଉଁଠି ଥାଏ ସେ
ନାଁ ସେ ଧରାଦିଏ, ନାଁ ମୁଁ ତାକୁ ଧରିନିଏ ।

କେବେ କେବେ ସେ ନିଜେ ନିଜେ ବସି ହସେ,
ପୁଣି କେବେ ନିଜେ ରାଗରେ ରୁଷି କାନ୍ଦେ ।

ତା ସରଳ ଚେହେରା, ନିରୀହ ଚାହାଣି
ସମସ୍ତଙ୍କୁ କରେ ବିମୋହିତ
ଥରେ ରାଗିଗଲେ ତା ନୟନର ବହ୍ନି
ସମସ୍ତଙ୍କୁ କରେ ଅସ୍ତବ୍ୟସ୍ତ ।

ସେ କିଏ ?
ଯାହାକୁ ଖୋଜିନାହିଁ ମୁଁ ଆଜିଯାଏ !

କମଳ ଲୋଚନ ପଣ୍ଡା
ନୀଳଗିରି, ବାଲେଶ୍ୱର
୮୯୧୭୩୪୦୮୮୯

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଲୋକଙ୍କ ସାହିତ୍ୟ



ଭାରତୀ ମୁଦୁଲି


ଲୋକ ସଂସ୍କୃତିର ଅନ୍ୟତମ ଅଂଶ ଲୋକସାହିତ୍ୟ
ସମସ୍ତେ କହିଆସୁଛନ୍ତି ତାକୁ ମୌଖିକ ସାହିତ୍ୟ ।
ପଲ୍ଲୀ, ଲଘୁ ଓ ଜନ ସାହିତ୍ୟ ଭାବରେ ଖ୍ୟାତ
କାହିଁ କେଉଁ ଯୁଗରୁ ଜଡ଼ିତ ମାନବ ହୃଦୟ ସହିତ ।
ଅଛି ଏଥିରେ ଲୋକଗୀତ, ଲୋକଗଳ୍ପ ଓ ଲୋକନାଟକ
ମୁଖ ଓ କାନରେ ପ୍ରଚାର-ପ୍ରସାର କରେ ଲୋକସାହିତ୍ୟିକ ।
ନାହିଁ ଏହାର ନିର୍ଦ୍ଦିଷ୍ଟ ଧର୍ମ,ସମ୍ପ୍ରଦାୟ ଓ ଜାତି
ସୁଖ, ଦୁଃଖ, ହାନି ଓ ଲାଭ ଏହାର ପରିଚିତି ।
ଥାଏ ଏଥିରେ ନାରୀ, ପୁରୁଷ ଓ ଶିଶୁର ମନକଥା
ଲୋକକବି ଗାଏ ତାହାର ବିଷାଦ ଓ ବାସ୍ତବ କଥା ।
ଗଠିତ ଏହା ରଙ୍ଗୀନ ଅନୁଭୂତି ଓ ଅଭିଜ୍ଞତାରେ
ପଲ୍ଲୀଜନତାର କ୍ଷତବିକ୍ଷତ ଓ ସଂଘର୍ଷ ଜୀବନବ୍ୟଥାରେ ।
ସମାଜ, ପରିବେଶ ତାହାର ଶୋଭାପାଏ ଏଥିରେ
ଗାଇ ଚାଲିଥାଏ ନ ଥକି ଅଜ୍ଞାନରେ ଓ ଅଜାଣତରେ ।

ବନମାଳୀପୁର,ଖୋର୍ଦ୍ଧା
ଦୂରଭାଷ-୭୨୩୫୭୮୮୩୩

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଧନ୍ୟ ତୁ ଯମୁନା



ଶୁଭମୟୀ ଷଡ଼ଙ୍ଗୀ

ଧନ୍ୟ ତୁ ଯମୁନା କୃଷ୍ଣ ପାଦ ସ୍ପର୍ଶେ
ହୋଇଗଲୁ ଦୁଇ ଭାଗ ,
ଦେଖିଛୁ କାହ୍ନାର ବାଲ୍ୟଲୀଳା ତୁହି
ତୋ କପାଳେ ଥିଲା ଯୋଗ ।।

ଶେଷନାଗର ବିରହ କାହ୍ନାର କୃପାରେ
ଜଳ ତୋର ପୁଣ୍ୟ ହେଲା ,
ଯୁଗ ଯୁଗ ପାଇଁ ପୁରାଣ ପୋଥିରେ
ନାମ ତୋର ରହିଗଲା ।।

ତୋ ବକ୍ଷ ବିହାର ଗୋପପୁର ଉଛାଳ
କୃଷ୍ଣମୟ ତୋ ଶରୀର ,
କୃଷ୍ଣ ଚରିତ୍ର ରେ ନାମ ତୋର ଯୋଡ଼ା
ପବିତ୍ର ତୋର ନିର ।।

କଦମ୍ବର ମୂଳେ ଯମୁନାର କୂଳ
ଧନ୍ୟ ତୋର ଏ ଶରୀର ,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନଦୀ ନୁହଁ ତୁହି      ଭାବର ଜଳଧି

ଖେଳେ ତୋ ସାଥେ ସାରା ଗୋପପୁର । ।

ଧନ୍ୟ ତୁ ଯମୁନା      ଧନ୍ୟ ମହିମା ତୋହର

ଖେଳିଲା ବାଲ୍ୟଲୀଳା ତୋ କୋଳେ,

ମାଆର ମମତା ଦେଇ      ବକ୍ଷେ ଜାଗା ଦେଲୁ

କାହ୍ନାର ମହିମା ଭାଳେ । ।

ଏମିତି ତ କେତେ      ନଦନଦୀ ଛନ୍ତି

ଏହି ଧରଣୀ ବକ୍ଷରେ ,

କୃଷ୍ଣ ଲାଗି ଆଜି      ମହିମା ତୋହର

ତୀର୍ଥସ୍ଥଳ ହୃଦୟରେ । ।

ଶୁଭମୟୀ ଷଡ଼ଙ୍ଗୀ
ହିଞ୍ଜିଳକାଟୁ (ଗଞ୍ଜାମ )

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଆଖିବୁଜି ସବୁ ସହିବୁ



ଶିଶିର କୁମାର ପଣ୍ଡା

ଶାଶୂକୁ ଛାଡ଼ିକି ଜରା ନିବାସରେ
ବୋହୂ ଗଲା ବାପ ଘରକୁ
ଭାଇକୁ କହିଲା ମାଆକୁ ଆସିକି
ନେଇଯିବି ଆର ଥରକୁ ।

ତାକୁ ଛାଡ଼ିଦେଲେ ଦୁନିଆରେ ଆଉ
କିଏ ଅଛି କହ ନିଜର
ପଇସା ଦଉଛି ମାଆ ପାଇଁ ଗୋଟେ
କିଣି ଲଗେଇବୁ ଗିଜର ।

ବୟସ ହେଲାଣି ସତୁରୀ ଉପରେ
ତା' ଦେହର ନବୁ ଯତନ
ହତାଦର କଲେ ବାପା କି ମାଆକୁ
ହୁଏ ଜାଣ ଅଧ ପତନ ।

ଭଲକି ବୁଝେଇ ଦବୁ ଭାଉଜଙ୍କୁ
ମୁଁ କହିଛି ବୋଲି କହିବୁ
ଆଉ କେତେଦିନ ମାଆ ବା ବଞ୍ଚିବ
ଆଖିବୁଜି ସବୁ ସହିବୁ ।

ଭଲମନ୍ଦ ଯଦି ଖାଇବାକୁ ଇଚ୍ଛା
ହେଉଥାଏ କେବେ ମାଆର
ନ ଖୋଇବା ଯଦି ଏଇ ବୟସରେ
କିଏ ଅଛି ଆଉ ତାହାର ?

ପଇସା ପତର ଅସୁବିଧା ହେଲେ
ଜାଣିବୁ ଅଛି ମୁଁ ପାଖକୁ
ଯେତେବେଳେ ମତେ କହିବୁ, ଆସିବି
ଲୋଡ଼ା ଖାଲି ତୋଓ ଡାକକୁ ।

କୁଆଁସ, ମେରଦା କାଟିଆ, ଯାଜପୁର
ଆଳାପ:-୮୯୮୯୭୩୭୨୨୮

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଯାଇ ପାରିଲିନି ଶାଳୀ ଘରକୁ



ଜୟନ୍ତ କୁମାର ମଲ୍ଲିକ

ମଦ ପିଇ ଯାଇଥିଲି
ସାନ ଶାଳୀ ଘରକୁ
ଡରଥିଲା ଶାଶୂବୁଢ଼ୀ
ଆଉ ତାଆ ବରକୁ ।
ଦୁଇକିଲୋ ରସଗୋଲା
କିଣି ପ୍ୟାକ୍ କରିଲି
ଗାଡ଼ିଟିକୁ ଷ୍ଟାଟ୍ କରି
ହାତେ ମିଠା ଧରିଲି ।
କିଛି ବାଟ ଗଲା ପରେ
ଭାଟି ଦେଖି ରହିଲି
ସାଙ୍ଗ ମୋର ଦେଖାହେଲା
ସବୁ କଥା କହିଲି ।

ଧିରେ ଧିରେ ନିଶା ହେଲା
ପଡ଼ିଆରେ ଶୋଇଲି
ଅଜାଣତେ କେତେବେଳେ
ଚେତାହୀନ ହୋଇଲି ।
ମାଙ୍କଡ଼ଟେ କେଉଁଆଡୁ
ପାଖକୁ ମୋ ଆଇଲା
ମିଠା ଜରିଟାକୁ ଧରି
ବିଲଆଡ଼େ ଧାଇଁଲା ।
ଶୋଇଥିଲି ସଞ୍ଜ ଯାଇ
ହୋଇଗଲା ଭୋଅର
ଉଠି ଦେଖେ ମୋବାଇଲ୍
ପାଶେନାହିଁ ମୋହର ।

ଶୂରଡିହ,ନନ୍ଦିପୁର, ଦଶରଥପୁର, ଯାଜପୁର
ମୋ:-୯୪୩୭୮୬୫୭୨୭

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରେମ ପ୍ରତାରଣା



ଭବାନୀ ଶଙ୍କର ଦାଶ

ଲୁଚିକରି ପ୍ରିୟା କେମିତି ରହିଛ
	ମୋ ମନ ତ ପାରୁନି ରହି
ମୋ ମନ କଥା ମନରେ ରଖିଛି
	କେମିତି ପାରିବି ତୁମକୁ କହି ।
ଆଜି..ଅଛି ସେ ଜଙ୍ଗଲ,ଅଛି ସେ ପାହାଡ
	ଅଛି ସେ ଭରା ନିର୍ମୁଳୀ ଲତା
ତମ ସାଥେ ପ୍ରିୟା ମତେ ନଦେଖି,
	ଆଜି ନସାଙଂଲେ ଲାଜକୁଳୀ ଲତା ।
ମଧୁଭରା ଏ ଫୁଲର ଜଙ୍ଗଲେ ,
	ଆଜି ମଧୁ ନ ଶୋଷନ୍ତି ପୁଷ୍ପପତି
ମଙ୍ଗଳ ମନାସୀ ମନ୍ଦିରେ ଆଜି କିଏ
	ଜାଳିବ ମୋ ଲାଗି ସଞ୍ଜବତୀ ।
ପରକିୟା ପ୍ରେମେ ପଡିଗଲ ପ୍ରିୟା ତୁମେ
	ହୃଦୟେ ଲାଗିଲା କଷଣ ଗାର
ତୁମେ ପ୍ରିୟା ଥାଅ ଏ ଭରା ଧରା ପୃଷ୍ଠେ
	ସୁଖ ସମୃଦ୍ଧେ ସଂସାର କର ।

ଠିକଣା-ଗୌରାଦେଇପୁର, କୋଦଳା, ଗଞ୍ଜାମ,
ଓଡିଶା, ୭୬୧୦୩୨
୯୦୧୯୮୯୭୯୬

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କଳଙ୍କର ଅନ୍ୟ ନାମ ପ୍ରେମ



ସୁଧାଂଶୁ ଶେଖର ପ୍ରଧାନ

ପ୍ରେମ ଏକ ମାୟାର ମୃଗ ପରି
ପ୍ରେମ ଅଭୁଲା ସ୍ମୃତିର ଛାୟା ପରି,
ଫୁଲରୁ ଉତ୍ପତ୍ତି ହୋଇ ରକ୍ତ ଝରା
ଝରଣା ପରି
ଗୋଟେ ମିଛର ମାଇଲ ଖୁଣ୍ଟ ଆଉ
ଗୋଟେ ପ୍ରତାରଣାର ନିଆଁ ପରି ।

ସେ ଏକ ଅନ୍ଧାର ଘରର ମଶାଲ
ଯିଏ ଟାଣିନିଏ ଅସଂଖ୍ୟ ନିର୍ବୋଧ ପତଙ୍ଗ,
ସେ ଏକ ଅଦିନିଆ ବସନ୍ତ ଯିଏ
ମଧୁର ପୁଷ୍ପରୁ ମଧୁରତା ହରି ନିଏ ।

ଏ ଯେ ଏକ ଝପ୍ସା ପ୍ରତିଛବି
ଶୋଷି ନିଏ କୋଟି କୋଟି ପ୍ରେମିକଙ୍କ ଲହୁ,
ଗୋଟେ ବିଷାକ୍ତ ସର୍ପର ଦଂଶନ ପେମ ଯାହା
ଦିଗହରା ବାଟୋଇ ପାଇଁ ମିଥ୍ୟାର ଠିକଣା ।

ଗୋଟେ ଅନାସକ୍ତ ହୃଦୟର ଆସକ୍ତ ଡୋରି
ହେଉଛି ପ୍ରେମ,
ଅଧୁରା ଗଳ୍ପର କରୁଣ୍ୟ ସିଦ୍ଧାନ୍ତ
ପ୍ରେମ ଏକ କଳଙ୍କର ଅନ୍ୟ ନାମ ।

ପ୍ରେମ ଏକ ବାସହୀନ ଗୋଲାପ
ପ୍ରେମ ଏକ ଅଭିଶପ୍ତ ବିଳାପ ,
ପ୍ରେମ ଏକ ରକ୍ତମୟ ଗ୍ରନ୍ଥ
ପ୍ରେମ ଏକ ବିରହର କାହ୍ନୁ ।

+୩ ତୃତୀୟ ବର୍ଷ
ବାବା ଭୈରବାନନ୍ଦ ମହାବିଦ୍ୟାଳୟ(ଛାତ୍ର)
ଗ୍ରାମ :ସୋଲଗାଡିଆ ଜିଲ୍ଲା:ଢେଙ୍କାନାଳ

ଆହ୍ୱାନ ଇ-ପତ୍ରିକା
Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ଅପେକ୍ଷାରେ ପ୍ରତୀକ୍ଷା



ସ୍ମୃତିରଞ୍ଜନ ବାରିକ

ନିଃଶବ୍ଦେ ଗୁଞ୍ଜଇ ପ୍ରଚଣ୍ଡ ବିଳାପ
ଶିରତଳେ ରଖି ନିଶା,
ଦୁନ୍ଦୁଭି ବାଜଇ ସ୍ବାର୍ଥର ପ୍ରାଙ୍ଗଣେ
ଅପେକ୍ଷାର ନାହିଁ ଆଶା ।.........୧

ଝିଲିମିଲି ନାଚେ ମୋହିନୀ ତରୁଣୀ
ତପସ୍ବୀ ପଥରେ ବାଧା,
ଛାଡି ଚାଲିଯାଏ ତରଣୀ ନାଆରେ
ତୃଷ୍ଣା ରହିଯାଏ ଅଧା ।.........୨

ଧୈର୍ଯ୍ୟରେ ଅପେକ୍ଷା ଅପେକ୍ଷାରେ ଧୈର୍ଯ୍ୟ
ଦୁହେଁ ନିଜମଧ୍ୟେ ବନ୍ଧା,
ପ୍ରତୀକ୍ଷିତ ଆଜି ଉପେକ୍ଷିତ ଏଠି
ବିଶ୍ବାସ ହାରିଛି ସତ୍ତା ।......୩

ନୀଳଜଳ ମଧ୍ୟେ ମୀନର ପ୍ରକୃତି
ଗଗନେ ପକ୍ଷୀର ରାବ,
ଅଶ୍ରାବ୍ୟ ବୋଲିତ ସୁରକ୍ଷିତ ପୁଣି
ମନୁଷ୍ୟେ ହାତରେ ହତ ।.......୪

Listen to Odia Podcast on https://anchor.fm/aahwaan
ଆହ୍ବାନ ଇ-ପତ୍ରିକା

 Magazine Downloaded from www.aahwaan.com

ନଦୀ ଚାଲିଯାଏ ପଥର ସନ୍ଧିରେ
ସାଗରେ ମିଳନ ଇଚ୍ଛା,
ପର୍ବତେ ହସ୍ତୀଟି ଚାହିଁ ରହିଯାଏ
ନଦୀର ବାର୍ତ୍ତାରେ ସନ୍ଧା ।.......୫

ସମୟ ହାତରେ କର୍ମର କଷଟି
ଲହୁରେ ଲେଖଇ ଲୁହ,
ଦେଖିନାହିଁ ଏଠି ବୀରର ଜାତକେ
ପଛଘୁଞ୍ଚା ପୁଣି ରୁହ ।........୬

ମୃତ୍ୟୁର ପଥବି ପୁଲକିତ ଆଜି
ବିଫଳେ ଜୀବନ ଯାତ୍ରା ,
ପ୍ରତୀକ୍ଷା ବିହୀନ ନିଃଶ୍ୱାସ ଚାଲଇ
ନାଟକୀୟ ଶୋଭାଯାତ୍ରା ।.......୭

ଶୋଷ ବିନା ପାଣି ଅର୍ଥହୀନ ବାଣୀ
ପ୍ରୟୋଜନ କିବା ରଖି,
ଅପେକ୍ଷାରେ ପୁଣି ପ୍ରତୀକ୍ଷିତ ଶୁଣି
ତୋବିନୁ ଜୀବନ ସଖୀ ।.......୮

ଚାଲିଛି ଚାଲିବ ସମୟର ଡୋର
ବାନ୍ଧିବ କାଳର କଳେ,
ଯୌବନ ହଜିବ ଗର୍ବର ନିଶାରେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ରହିଯିବ ଅସ୍ଥି ତଳେ ।.......୯

ଅହଂକାରୀ ଏଠି ବଜାଏ ମୃଦଙ୍ଗ

ମିଥ୍ୟାଚାରୀ ନାମେ ପ୍ରେମ,

ନାହିଁ ଅନ୍ତ ପୁଣି ଅପେକ୍ଷାରେ ସ୍ମୃତି

ପ୍ରତୀକ୍ଷା ଯାହାର ନାମ ।......୧୦

ନାମ: ସ୍ମୃତିରଂଜନ ବାରିକ,

ଗ୍ରାମ:-ଅନୁପଲା,ପୋ:-ଅନ୍ତେଇ,

ଜିଲ୍ଲା:-ଜଗତସିଂହପୁର,

smrutiranjanbarik.smruti@gmail.com

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ଆତ୍ମହତ୍ୟା



ବିଶ୍ୱ ରଞ୍ଜନ ସ୍ୱାଇଁ

ଆତ୍ମହତ୍ୟା ଠାରୁ ବଡ଼ ପାପ ଦୁନିଆ ରେ କିଛି ନାହିଁ,
ଆତ୍ମହତ୍ୟା ଭଳି ଘୃଣ୍ୟ କାମ ଠାରୁ ଦୂରେଇ ରହିଯା ଭାଇ । ।

ଦୁଃଖ ତ ଆସିବ ଦୁଃଖ ଚାଲିଯିବ ଜୀବନ ଫେରିବ ନାହିଁ,
ଆତ୍ମହତ୍ୟା ବାଟ ବାଛିବା ପୂର୍ବରୁ ନିଜ କଥା କାହିଁ ଭାବ ନାହିଁ

ମଣିଷ ଜନମ ପାଇଛୁ ତୁ ରେ କେତେ ଜନ୍ମ ପୁଣ୍ୟ କରି,
ଛୋଟ କଥା ପାଇଁ ଦୁଃଖି ହୋଇ ତୁହି ଜୀବନ କୁ ଦେଉ ସାରି

ମଣିଷ ଜନମ ପାଇଛୁ ଯେବେ ରେ ଆସିବ ଅନେକ ଦୁଃଖ,
ଦୁଃଖ ସମୟ ରେ ହତାସ ହୋଇଲେ ଦୁନିଆ କହିବ ମୂର୍ଖ । ।

ଲୋକ କଥା ଶୁଣି ହତାସ ହୁଅନା ସେ କେବେ ନେବେ ଦେବେ ନାହିଁ,
ବାହାର ଲୋକଙ୍କ ତୁଚ୍ଛା କଥା ଶୁଣି ଜୀବନ ହାରୀବୁ କାହିଁ । ।

ଛୋଟ ଥିଲୁ ତତେ କୋଳେଇ କାଖେଇ ବଡ଼ କଲା ଯେଉଁ ମା
ତା କଥା ନା ଭାବି ଦଉଡ଼ି ଦଉଚୁ କିଏ ହବ ତାର ସାହା । ।୬

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବୃଦ୍ଧ କାଳେ ତୋ ବୁଢ଼ା ବାପ ରେ ହବ କିଏ କହ ସାହା,
ତା ଦୁଃଖ ସୁଖ ରେ ତୁ ଚାଲିଗଲେ କିଏ ଦବ ତାକୁ ରାହା ।।

ଭୁଲ୍ କାମ କରି ପଛରେ ତୁ ଯେବେ ଅନୁତାପ କରୁ,
ଭୁଲ୍ ରେ କାହିକିଁ ରେଳ ଧାରଣା ରେ ନିରୀହ ଜୀବନ ସାରୁ ।

ଭୁଲ୍ ରେ କାହିଁ ବଜାର ରୁ ଆଣି ଖାଇବୁ ରେ ଭାଇ  ବିଷ,
ନିସ୍ପାପ ଜୀବନ ବିନା କାରଣ ରେ କରିଦେବୁ ତୁ ରେ ଶେଷ ।

ଲୋକ କଥା ଶୁଣି ଦୁର୍ବଳ ହୁଅ ନା ସାହସ ବାନ୍ଧି ତୁ ରହ,
ଆତ୍ମ ହତ୍ୟା ଭଳି ଘୃଣ୍ୟ କାମ ଠାରୁ ସଭିଏ ଦୂରେଇ ରୁହ ।।

ବିଶ୍ୱ ରଞ୍ଜନ ସ୍ୱାଇଁ
ବଡ଼ମ୍ବା,କଟକ
ଦୂର ଭାଷ:- ୬୩୭୯୯୫୨୫୨୭

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# କାମନା ଚରିତାର୍ଥ



ଲକ୍ଷ୍ମଣ ଭୋଇ

ରଖି ନାହିଁ ଯେ ମଣିଷକୁ ମଣିଷ
ତାର ଏକ ମାତ୍ର ନାମ କାମନା
ସଂପର୍କ ସଂପର୍କ ହୋଇ ଆଉ ନାହିଁ
କେବଳ ଭରି ରହିଛି କାମନା ।

ଚିହ୍ନେ ନାହିଁ ନିଜ ରକ୍ତ
ଚିହ୍ନେ ନାହିଁ ନିଜ ସଂପର୍କ
କରି ଚାଲେ କେବଳ ସମ୍ଭୋଗ
ତାର ଏକ ମାତ୍ର ନାମ କାମନା ।

ନାହିଁ ଲାଜ ନାହି ସରମ
ଭରି ରହିଛି କ୍ଷୁଧାର ମରମ,
କାମନା ଲାଗି କେତେ ଯେ ଗଲେ
ଫେରିବାର ନାମ ଯେ ନ ନେଲେ ।

ଝିଅ କହୁଛି କାନ୍ଦି
ନାହିଁ ମୋ ବୟସ
ନାହିଁ ମୁଁ ସକ୍ଷମ
କର ନାହିଁ ମୋତେ ଦୁଷ୍କର୍ମ ।

ଜନ୍ମ ହୋଇ ମଣିଷ, ରହି ନାହିଁ ଆଉ ମଣିଷ
ହୋଇ ଯାଇଛି ସମ୍ଭୋଗର ଭୁଖା
ଆଉ ନାହିଁ ଏ ଦେହେ ମଣିଷ ପଣିଆ
ଭରି ରହିଛି କୁକୁର ପଣିଆ, ଭରି ରହିଛି କୁକୁର ପଣିଆ ।

କାମନା ବାସନା ଯେଉଁଠି
ନାହିଁ ସେଠି ପବିତ୍ର ବନ୍ଧନ
ପବିତ୍ର ବନ୍ଧନ ଯଦି ଦେଖିଥାନ୍ତା ମଣିଷ
କେବେବି ଏତେ ହୋଇ ନ ଥାନ୍ତା ଅମଣିଷ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆରେ ମଣିଷ ଟିକିଏତ ଦେଖା ମଣିଷ ପଣିଆ

ତୋ ମଣିଷ ପଣିଆରେ ବଞ୍ଚିବ ଦୁନିଆ

ସେ ଦୁନିଆ ବଞ୍ଚିଲେ କହିବେ ତତେ ଯେ ମଣିଷ

ସେ ସୌଭାଗ୍ୟ କାହିଁ ତୋ ଭାଗ୍ୟରେ

ଯେ ପର୍ଯ୍ୟନ୍ତ ରହିଛି ଭରି

କାମନା ବାସନା ତୋ ଭିତରେ ।

ଛାଡ଼ ଛାଡ଼ରେ ମଣିଷ ସେ କୁକୁର ପଣିଆ

ଦେଖେଇଦେ ଟିକିଏ ତୋ ମଣିଷ ପଣିଆ

ବଞ୍ଚାଇଦେ କେତେ ନୀରିହ ଜୀବନ

ବଞ୍ଚାଇଦେ କେତେ ନୀରିହ ଜୀବନ ।।

ନାମ - ଲକ୍ଷ୍ମଣ ଭୋଇ

ଠିକଣା - ଠାକୁର ମାଳ, ସମ୍ବଲପୁର

ମୋ - ୭୩୮୯୮୫୬୮୪୭

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ସତର୍କ ଘଣ୍ଟି



ଦଣ୍ଡାସି ପ୍ରଧାନ

ଆକାଶର କଳା ମେଘ,

ସରୁ ଶୀତଳ ମଳୟ-

ପରେ ପରେ ବର୍ଷାର ମୁଲାୟମ ପରଶ

ତା'ର ଅପୂର୍ବ ସୁଖ ଅପାସୋରା ;

ପାହାଡର ପଥର ସନ୍ଧିରେ ମଧ୍ୟ

ସଞ୍ଚରିତ ହୁଏ ରଙ୍ଗର ପସରା ।

ନୀଡେ ନୀଡେ ଗୁଞ୍ଜରିତ ହୁଏ ନୀଳ ଉତ୍ତରଣ

ମଧୁର ମୂର୍ଚ୍ଛନାର ଆସ୍ୱାଦନ --

ଆଶ୍ରୟର ଆଶ୍ୱସ୍ତି ଜୀବନ ।

ଅମୃତର ଅନାହତ ଗୀତ ଗାଏ ତଟିନୀ ।

ନବ ଦୁର୍ବାଦଳ ସାଦବଳ,ବିଚିତ୍ର ପଠା ଓ ପ୍ରାନ୍ତର ।

ଦେଖୁ ଦେଖୁ ହସି ଉଠଇ ଅସୁମାରି ଅନୁପମ ବୈଭବ

ଊର୍ଦ୍ଧ୍ୱ ଅବିକଳ୍ପ ଟଙ୍କାର,ଅସୀମ ଉର୍ଜସ୍ୱଳ ଭଣ୍ଡାର ।

ସୃଷ୍ଟିର ଅଦ୍ଭୁତ ଶିହରଣ ରସ ସାର ।

ସ୍ଥାବର-ଜଙ୍ଗମ-କୀଟ-ପତଙ୍ଗ ଆଧାର--

ଜଳ-ସ୍ଥଳ-ଆକାଶ-ଅନ୍ତରୀକ୍ଷରୁ ଆଭ୍ୟନ୍ତର ପର୍ଯ୍ୟନ୍ତ ;

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଜୀବନ ଜୀଇଁବାର ଜ୍ଞାନ ଓ ବିଜ୍ଞାନ ।

ଜମେଇ ଆସ୍ଥାନ ,ଆଭୂବନ ଆବର୍ତ୍ତନ,

ଶୃଙ୍ଖଳଯୁକ୍ତ ପରିବର୍ତ୍ତନ ଓ ପ୍ରାଣପୂର୍ଣ୍ଣ ପ୍ରତ୍ୟାବର୍ତ୍ତନ ।

ଋତୁ ନିୟମନ, ଅନନ୍ୟ ଅବର୍ତ୍ତମାନ ।।

କିନ୍ତୁ

ଆଜିର ମସ୍ତି ମସଗୁଲ ଅମନସ୍କ ଯାନ୍ତ୍ରିକ ମଣିଷ

ଭୁଲିଯାଇଛି ଅର୍ପିବାକୁ ହୃଦୟର କୃତଜ୍ଞତା ଟିଏ ।

ତା'ରି ଉଦ୍ଦେଶ୍ୟରେ--

ସାଇତି ସଜାଇ ରଖିବାକୁ,

ତା'ର ପାଦ ତଳର ମାଟିରୁ ମୁଠାଏ ।

ନଶ୍ୱର ଭୌତିକତାର ଭୋଗରେ,

ଯୋଗ ଓ ତ୍ୟାଗର ପ୍ରକୃତି ପୁରୁଷ ଯୁଗଳ ବନ୍ଧନ, ଆଜି ଶ୍ରୀହୀନ -

ମୁହୂର୍ତ୍ତ ମୁହୁର୍ତ୍ତରେ ଅସନ୍ତୋଳିତ ଅବସୋସ ;

ଅପ୍ରାକୃତିକ ବାସ୍ତବତା,

ଉଦଣ୍ଡ ଉଗ୍ର ଆଧୁନିକତାର ଫାଶରେ

ପଚିପଚି ସଢୁଛି, ଶିଳ୍ପୀର ଭଗ୍ନ କୋଣାର୍କ ପ୍ରସ୍ତର ,

ସୁଦୃଢ ମାନବୀୟ ସଂସ୍କୃତି ବିଶେଷ ।

ସେ' ଉଚ୍ଚାରଣ ଅବା ଆଚରଣରେ ଅର୍ପଣ କରିପାରେ ନାହିଁତ

ନମସ୍କାର ଟିଏ କୃତଜ୍ଞତାର ;

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସେବା, କ୍ଷମା,ସହନଶୀଳତାର ଦୃଢ଼ ମନସ୍କ –ଆଜି

ହୀନମନ୍ୟତାକୁ କରଇ ସ୍ୱୀକାର । ଅପରସ୍ୱର ସୃଷ୍ଟି ଆଉ ସ୍ଥିତିର ।

ସେ'ହି ପରମ ପ୍ରସନ୍ନ ଜ୍ୱଳନ୍ତ ସଦା ସଦ୍ୟ ଶୌର୍ଯ୍ୟବାନ ସତ୍ତା

ଆଜି ଏଠି ଅଶାନ୍ତ, ଉତକ୍ଷିପ୍ତ, ଅଣାୟତ୍ତ ।

ସେହି ଯଜ୍ଞ ପୁରୁଷ, ଲୋକେଶଙ୍କ ଉଦ୍ଦେଶ୍ୟରେ

ଭକ୍ତି ଦେବୀ ମଧ୍ୟ ବିଭସ୍ତ୍ର, ସୌମ୍ୟ ମାନବତାର ନୈବେଦ୍ୟ ସମର୍ପଣରେ ।

ସାର୍ବଜନୀନ ଅସନ୍ତୋଳନ ବିକଳେ ନିରସ୍ତ୍ର;

ଆଜି ସମସ୍ୟା ସମାଧାନ ପୃଥ୍ୱୀ ଦରବାର

ବିବର୍ଣ୍ଣ ବିବସ୍ତ୍ର । ଧ୍ୱଂସମୁହା ସ୍ତୁପ ।

ସମୟ ବିସମୟ ବିସ୍ମୟର ଅନାବୃଷ୍ଟି ,ବହୁବୃଷ୍ଟି

କାରଣ ନିରାକରଣ ସମାବେଶ ଆୟୋଜନ

ନାମକୁ ମାତ୍ର ପ୍ରାସଙ୍ଗିକ ଅପାଂକ୍ତେୟ ଉଚ୍ଚାଟ –

ପ୍ରକୃତି ପ୍ରାଚୁର୍ଯ୍ୟର ପ୍ରତିପୋଷଣରେ ଉନ୍ମତ୍ତ-ଉଦ୍ଧତ,

ଆଜି ବହୁରୂପୀ ଛଦ୍ମ ବେଶୀ ନାୟକ ଉଦ୍ଭଟ ।

ତା' ଜୀବନର ମୂଳଦୁଆ ବିନ୍ଦୁ

ସକଳ ଶକ୍ତିର ଆଧାର ପ୍ରଭାକର

ମଙ୍ଗଳମୟତାର ପ୍ରତୀକ ସହସ୍ରାଂଶୁ ଦିବାକର

ଆଜି ପ୍ରଚଣ୍ଡ

ଆଘାତ ନିମିତ୍ତ ଅନାବରଣ ଉନ୍ମୁକ୍ତ—ବିକିରଣ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପୂର୍ଣ୍ଣ ପ୍ରଳୟର ସତର୍କ ଘଣ୍ଟି, ଘୂର୍ଣ୍ଣାୟମାନ ଶକ୍ତି ପରାଭବ ପ୍ରଭାବ ।

ତଥାପି; ମାନବିକତା ଭୁଲିଯାଇ ଅବିଚଳିତ ମଣିଷ

ଆଜି ବି ରଚି ଚାଲିଛି ଚରମ ତାଣ୍ଡବ ।

ପରମ ଉତ୍ସକୁ ପ୍ରଯତ୍ନ କରିବା ଦୂରେ ଥାଉ -

ନ୍ୟସ୍ତ ସ୍ୱାର୍ଥ ହାସଲ ନିମିତ୍ତ

ବୃଥା ଅହଙ୍କାରେ ଉତଫୁଲ୍ଲିତ, ସ୍ୱାଗତେଇ ଧ୍ୱଂସ ।

ଆଶୁ ମୁର୍ଦ୍ଧାର ଉପରେ ତାଣ୍ଡବ ରଚି, ବୋଲାଏ ସମ୍ରାଟ ।****

ସାହିତ୍ୟ ସମ୍ପାଦକ, ଉପାନ୍ତ ସାହିତ୍ୟ ସଂସ୍କୃତିକ ସେବା ସଂସଦ,

ପାତ୍ରପୁର ଗଞ୍ଜାମ ଭ୍ରାମ୍ୟଭାଷ: ୦୮୭୬୭୦୧୯୪୯୬୭

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଦୀର୍ଘଶ୍ୱାସ



ଡଃ ମନୋରଞ୍ଜନ ବିଷୋୟୀ

ବଞ୍ଚିବା ଏକ
ଅସୁମାରୀ ଯାତ୍ରାର
ଆରମ୍ଭ ଓ ଶେଷ ।
ତଥାପି ଦୁଃଖରେ ଦୁଃଖରେ
ଆପଣେଇବାକୁ ହୁଏ
ଅଭିଶାପ ଆଉ ଆଶୀର୍ବାଦ ।
ବଞ୍ଚିବା ଭିତରେ
ଅନେପ ପରାଜୟର
ଗ୍ଲାନିକୁ କାନ୍ଧେଇ
ନିର୍ଲ୍ଲଜ ଭାବରେ
ଅଭିନନ୍ଦନର ବୋଝ
ବୋହିବାକୁ ହୁଏ ।
ଆଉ ଅତି ଅନ୍ତରଙ୍ଗ
ମୁହୂର୍ତ୍ତର ଛବିମାନ
ବିବଶ କରନ୍ତି ବିବେକକୁ
କିନ୍ତୁ ମନବୋଧ କରି
ଦୀର୍ଘଶ୍ୱାସ ଛାଡ଼ିବାକୁ ହୁଏ ।

ସ୍ନାତକୋତ୍ତର ଓଡ଼ିଆ ବିଭାଗ,
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ଭଞ୍ଜବିହାର
ମୋ:୮୮୯୫୧୪୧୭୨୭

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମା’



ଅହଲ୍ୟା ଦାଶ

କେ କହେ ଏ ଦୁନିଆଁରେ ଦେବତା ପୂଜି ନର
ସରଗେ ଚଳେ,
ମୁଁ କହେ ସେ ସରଗ ଦେଖିବି, ଜନନୀର
ଆଶିଷ ବଳେ ।
ଜନମ ଦେଇ ମୋରେ ରକତ ଢ଼ାଳି ଯିଏ
ରଖିଲା ପ୍ରାଣ,
ହଜାରେ ଦୋଷ କଲେ ବଦନେ ଦିନେ ତା’ର
ଦେଖିନି ମାନ ।
କି ଉପାଦାନେ ସତେ ଗଠିତ, ପୂଜିତା ମୋ
ଜନନୀ ଦେହ,
ଦୁର୍ଲଭ ତିନିଲୋକେ ଯାହାର ପ୍ରାଣେ ଭରା
ଅସୀମ ସ୍ନେହ ।
ସେ ସ୍ନେହ ପାରାବାର ଅତଳ ଗଭୀରତା
ଜଣେ ତ କାହିଁ,
ବିଶାଳ ଦୁନିଆଁରେ ମନୀଷୀ କାତେ କଳି
ପାରିଲା ନାହିଁ ।
ମାଆର ସ୍ନେହ ଯେବେ ପୂରଣ କରୁଥାନ୍ତା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କେହି ଏ ଭବେ,
କିଂପାଇଁ ମାତୃହୀନ     ବଦନେ ଅଶ୍ରୁରେଖା
ଫୁଟନ୍ତା ଲବେ ।
ଥିଲି ମୁଁ ଶିଶୁ ଯେବେ     ବଢ଼ିଲି ପାଇ ତା'ର
ସ୍ନେହ ମମତା,
ଦରୋଟି କଣ୍ଠେ ମୋର     କୁହାଇ ଶିଖାଇଲା
କେତେ ଯେ କଥା ।
ବାଲୁତ ଧୂଳି ଶେଯେ     କାନ୍ଦି ମୁଁ ଥିଲି ଯେତେ
ଝରାଇ ଲୁହ,
ହଜାରେ କାମ ଛାଡ଼ି     ପଣତେ ପୋଛିଥିଲା
ଛୋଟ ମୋ ମୁହଁ ।
କାନ୍ଦଣା ଭୁଲିଯିବି     ବୋଲି ସେ ଦେଖାଇଲା
ଉଡ଼ନ୍ତା ପକ୍ଷୀ,
ହସିଲି କେବେ ଅବା     ଆକାଶେ ଜହ୍ନ ମୁଖେ
ନୟନ ରଖି ।
ବରଷା ରାତେ ଯେବେ     ଅଝଟ ଲଗାଇଲି
ଧରିଣ କାନି,
ଗାଇଲା ଥିରି ଥିରି     ବେଙ୍ଗୁଲୀ ନାନୀ ଗୀତ
ମୋ ମନ ଜାଣି ।
କେତେ ଯେ ରାଜାଘର     କାହାଣୀ ଶୁଣାଇଲା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ହରି ମୋ ଚିତ୍ତ,
ପଡିଲି ଶୋଇ ତା'ର କୋଳେ ମୁଁ ଶୁଣୁଶୁଣୁ
ବରଷା ଗୀତ ।
ସେଦିନ ଗଲା ଦୂରେ ଆପଣା ପାଦେ ଯେବେ
ଚାଲିଲି ବାଟ,
ପ୍ରଭାତେ ଉଠାଇଲା ଯିବାକୁ ପଢ଼ି ଗାଆଁ
ଚାହାଳୀ ପାଠ ।
ଅମର ଜୀବନର ଉଜ୍ଜ୍ୱଳ ଇତିହାସୁଁ
କହିଲା ମୋରେ,
ଧରିଲି ଜିଦ୍ ଯେବେ ଯିବିନି ପାଠଶାଳା
ବେତର ଡରେ ।
ରୋଗରେ ପଡ଼ିଲେ ମୁଁ ରହିଲା କଡେ କଡେ
ଜଗି ମୋ ଦେହ,
ଔଷଧୁଁ ବଳି ଫଳ ଦେଲା ଅତୁଲ ତା'ର
ବିରାଟ ସ୍ନେହ ।
ଦେଲା ସେ ବେଳ ଜାଣି କ୍ଷତରେ ପ୍ରଲେପନ
ରୋଗରେ ପଥି,
ବିପଦେ ମୋର ପାଇଁ ନମିଲା ଦେବ ପଦେ
ନିବେଶି ମତି ।
କଲା ସେ ବାରମାସେ ବାର ଉପାସ ବ୍ରତ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମୋ ସୁଖ ପାଇଁ,

ଶୁଝିବା ଦୂର କଥା, ତା' ସ୍ନେହ ମୂଲ୍ୟ ବୁଝି

ପାରିଲି ନାହିଁ ।

ଚଉରା ତୁଳସୀରେ ନିରତେ ପ୍ରଣମିଲା

ପ୍ରଦୀପ ଧରି,

ଜାଣିଲି କେବଳ ମୋ ବିପୁଳ ଜୀବନର

କାମନା କରି ।

ବିପଦେ ପଡ଼ିଲେ ମୁଁ ଦେବତା କାହିଁ ଅଛ

କେବେ ନ ଡାକେ,

କି ଲୋଡ଼ା ଦେବତାରେ ଜୀବନ୍ତ ଦେବତା ଯେ

ସଦା ମୋ ପାଖେ ।

ସରଗ ଯିବା ଲୋଭେ ତେଜି ଏ ଧରା ମୋର

ମନ ନ ବଳେ,

ସେନେହ ସରଗ ସେ ତୋଳିଛି ଏଇ ମାଟି

କୁଡିଆ ତଳେ ।

ଅତୀତ ସୁଅ ତଳେ ଗଲାଣି ବହି କେତେ

ଦିବସ ନିଶି,

ରକତ ସମ ତା'ର ସ୍ମୃତିଟି ଶିରାରେ ମୋ

ରହିଛି ମିଶି ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଜୀବନର ଜଳ ଚକ୍ର



ରାଧାମୋହନ ପୂଜାହାରୀ

ଗୋଧୂଳି ସମୟେ ସନ୍ଧ୍ୟା ଭ୍ରମଣରେ
ଏକଦା ମୁଁ ଉପବନେ,
ନିରେଖୁଥିଲି ମୁଁ ତା' ଶୋଭା-ସୌନ୍ଦର୍ଯ୍ୟ
ଅତି ପ୍ରଫୁଲ୍ଲିତ ମନେ । (୧)

କେତେ ଫୁଲ କେତେ ଫଳ ଗଛ ସବୁ
ସେଠି ଶୋଭା ପାଉଥିଲା,
କୋମଳ କୁସୁମ ସୁବାସେ ଉଦ୍ୟାନ
ମହମହ ବାସୁଥିଲା । (୨)

ସହସା ଦେଖିଲା ମୋ ଆଖି ଫଳଟେ
ଝୁଲୁଥିଲା ତରୁ ଡାଳେ,
ଖାଇବାକୁ ହେଲା ହୃଦୟ ଅଥୟ
ସେ ଫଳରୁ ଖୁଣ୍ଟି ଫାଳେ । (୩)

କିନ୍ତୁ ହୃଦୟଟା କେମିତି ବା ଯିବ
ସେ ତରୁ ପାଖକୁ ଭଲା ?
ତହୁଁ ମୋ ଅସ୍ଥିର ବଳିଷ୍ଠ ଗୋଡ଼ଟି
ସେ ତରୁ ନିକଟେ ଗଲା । (୪)

ଧାଇଁଗଲା ସିନା ଗୋଡ଼ କିନ୍ତୁ ଡାଳୁ
ପାରିବ କି ଫଳ ତୋଳି ?
ତହୁଁ ମୋ ହାତଟି ତୋଳିଲା ଫଳକୁ
ଠିକ୍ ସୁନା ପିଲା ଭଳି । (୫)

ହାତ ମୋ ତୋଳିଲା ସେ ଫଳକୁ କିନ୍ତୁ
ଖାଇ ସେ ପାରିଲା ନାହିଁ,
ଦେଖୁ ଦେଖୁ ସେହି ଫଳକୁ ମୋ ପାଟି
ଚଟାପଟ୍ ଦେଲା ଖାଇ । (୬)

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପାଟି କିବା ରଖି ପାରିଥା'ନ୍ତା ତା'କୁ
ଉପଯୁକ୍ତ ସ୍ଥାନ ଦେଇ ?
ତହୁଁ ତା'କୁ ପେଟ ରଖିଲା ତା' ଘରେ
ଅତି ଯତନରେ ନେଇ । (୭)

ଏ ସବୁ ଦୃଶ୍ୟକୁ ଅନତି ଦୂରରୁ
ଲକ୍ଷ୍ୟ କରୁଥିଲା ମାଳି,
ଧାଇଁଆସି ସିଏ ଅସଭ୍ୟ ଭାଷାରେ
ଅନର୍ଗଳ ଦେଲା ଗାଳି । (୮)

ଏତିକିରେ ତା'ର ମନ ମାନିଲାନି
ବେତ ବାଡ଼ିଟିକୁ ଧରି,
ନିର୍ଧୁମ ପ୍ରହାର କଲା ସେ ପିଠିରେ
ଅବିବେକୀ ଟିଏ ପରି । (୯)

ଦେଖ ହେ ସୁଜନେ ଏ କି ଦଶା ହେଲା
ନିରୀହ ସେ ପିଠିଟାର !
ଏହି ପ୍ରକ୍ରିୟାରେ ମୂଳୁ ଶେଷ ଯାଏଁ
ନଥିଲା ସମ୍ପର୍କ ତା'ର । (୧୦)

ପିଠିଟି ଶେଷରେ ପଡ଼ିଗଲା ବଳି
କିବା ଦୋଷ ଥିଲା ତା'ର ?
ତା'କୁ କଷ୍ଟ ପାଉଥିବା ଦେଖି ନେତ୍ରୁ
ଝରିଲା ଲୋତକ ଧାର । (୧୧)

ଯେଉଁ ଆଖି ଫଳ ଉପରେ ପ୍ରଥମେ
ପକାଇଥିଲା ତା' ଦୃଷ୍ଟି,
ଶେଷରେ ବିକଳେ କାନ୍ଦଇ ସେ ଦୁଃଖେ
ଏଇ ତ ବିଚିତ୍ର ସୃଷ୍ଟି ! (୧୨)

ଏହା ହିଁ ଜୀବନ-ଚକ୍ର ମଣିଷର
ଘୁରୁଥାଏ ନିରନ୍ତର,
ଯାହାଠୁ ଆରମ୍ଭ ତା' ଠାରେ ହିଁ ଶେଷ
ଏ ଜୀବନ ଜଳ-ଚକ୍ର । (୧୩)

ଶିକ୍ଷକ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ତାଳଚେର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସ୍ୱପ୍ନଫୁଟା ମୁହୂର୍ତ୍ତ



କିରନ୍ ସ୍ୱାଇଁ

ସ୍ୱପ୍ନ ଫୁଟେଃ ଠିକ୍ ମଝି ରାତି
ଆଞ୍ଚୁଡ଼ାଏ ଆଘାତ କରେ
ମସ୍ତିଷ୍କରେ, ମନରେ...

ଅବଚେତନ ମନର ଗୋଟେ
ଶୂନ୍ୟ କୋଠରୀ ମଧ୍ୟେ
ସ୍ୱପ୍ନ ଖୋଜେ ଜହ୍ନ-ତାରା,
ସ୍ୱପ୍ନ ଖୋଜେ ବସନ୍ତ,
ସ୍ୱପ୍ନ ଚାହେଁ ସବୁକିଛି ।

ଏ କଡ଼ରୁ ସେ କଡ଼ ସ୍ୱପ୍ନର ଇଲାକା
ଅସ୍ଥାୟିତ ରାତି କ୍ରମେ
ସ୍ୱପ୍ନ ଆଙ୍କେ ଚିତ୍ରପଟ
ନାନା ରଙ୍ଗେ ନାନା ରୂପେ,
ତୋଳେ କେତେ ଫୁଲ
ଗୁନ୍ଥେ କେତେ ମାଳା ।

ସ୍ୱପ୍ନ ଫୁଟେ... ଫୁଟି ଚାଲେ...
ବିଚ୍ଛିନ୍ନ ମନର ଘରେ
ସ୍ୱପ୍ନ ଜାଳେ ଆଶା ଜ୍ୟୋସ୍ନା...
ସ୍ୱପ୍ନ ସେତେବେଳେ
ନିଜସ୍ୱ ପୃଥିବୀର ସମ୍ରାଟ ।

ଫୁଟି ଉଠେ ତୀବ୍ର ଭାବେ
ସ୍ୱପ୍ନ ଫୁଲ ସ୍ୱପ୍ନ ପୁରେ,
ସ୍ୱପ୍ନାୟିତ ସେ ମୁହୂର୍ତ୍ତରେ
ରୋମାଞ୍ଚିତ ଅନ୍ଧାରରେଃ
କିଞ୍ଚିତ୍ ଭାବାନ୍ତର ପରେ
ସ୍ୱପ୍ନ ଉଭେଇ ଯାଏ
ହଠାତ୍ ସକାଳ ପୂର୍ବେ
ଭରି କେତେ ସମ୍ଭାବନା
ସେ ସୁନ୍ଦର ପୃଥିବୀରେ ।

ବହିଆପଦର, ବରପାଲି, ଜିଲ୍ଲା - ବରଗଡ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅକୁହା ମନର କଥା



ମୋନାଲିସା
ପାଣିଗ୍ରାହୀ

ମନରେ ଅଛି ମୋ
କେତେ ଯେ ଅସୁମାରୀ ଆଶା
ପୁଣି ଭରି ରହିଅଛି କେତେଯେ କୋହ
କାହାକୁ କେବେ କହିହୁଏ ନାହିଁ
ଏକା କେବେ ସହିହୁଏ ନାହିଁ ।

ଜଳେ ତ କେବଳ ମୁଁ ଏକା ଏକା
କହିବି କାହାକୁ ଏ ଦୁଃଖ ଯନ୍ତ୍ରଣା
ଯେ ଦିଏ ଏତେ କଷ୍ଟ
ଏ କଷ୍ଟ କେବେ କହି ହୁଏନାହିଁ କି, ସହି ହୁଏ ନାହିଁ
ସେ ସବୁର ମୂଳ ହେଉଛି ଗରିବ ।

ଗରିବ ହେବା କ'ଣ ସତେ ଏତେ ଖରାପ ?
ଜାଣିନଥିଲି ମୁଁ ପାତର ଅନ୍ତର
ଭାବୁଥିଲି ସର୍ବଦା ସମସ୍ତେ ସମାନ
ଗରିବ ଯିବ ଯେ ଦିନ ମଶାଣିକୁ
ଚାରିକାନ୍ଧରେ ଏକା ଏକା

ଧନୀ ବି ଯିବ ଯେ ଦିନେ ମଶାଣିକୁ
ଚାରିକାନ୍ଧ ରେ ଏକା ଏକା ।

ମଶାଣିର ରୀତି ସମସ୍ତଙ୍କ ପାଇଁ ସମାନ
ସଂସାରର ରୀତି ସମସ୍ତଙ୍କ ପାଇଁ ସମାନ
ତାହେଲେ ଏ ସଂସାରରେ ଧନୀ ହୁଏ ରାଜା
ଗରିବ ହୁଏଲୋକହସା ।

ଧନୀ ଯେ ଜାଣେ
ସତକୁ ମିଛ ମିଛକୁ ସତ କରି
ଗରିବର ସତ ସର୍ବଦା ହୁଏ ଯେ ମିଛ
ଧନୀର ଧନ ବଳେ ହୁଏ ସବୁବେଳେ ବିଜୟ
ନିରୀହ ଗରିବର ଯେ ସର୍ବଦା ହୁଏ ପରାଜୟ

ଠିକଣା - ନନ୍ଦପଡ଼ା, ସମ୍ବଲପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଦୁଃସହ ଜୀବନ



ସାବିତ୍ରୀ କଣ୍ଟା

ଜୀବନର ଏହି ଦୁଃଖରେ
ଆଜି ଭାଙ୍ଗି ପଡିବି
ଏମିତି କେବେ ଭାବି ନ ଥିଲି ।

ସୁଖର ଛାୟାରେ ବଞ୍ଚି ରହିବି
ଭାବି କେତେ ଖୁସି ଯେ ହେଲି
ସମୟ ଜାଲରେ ପଡ଼ି
ଦୁଃଖରେ ଅଧୀର ହେଲି ।

ଦୁନିଆର ଏତେ ଦୁଃଖ ଏତେ ଯନ୍ତ୍ରଣା
କେବେ ଦେଖି ନ ଥିଲି
ସମୟ କେମିତି ବଦଳି ଯାଏ
ତାହା ଏବେ ଜାଣି ପାରିଲି ।

ମଣିଷ ଏତେ ଯନ୍ତ୍ରଣା ସହି
ଏତେ କାଳ ବଞ୍ଚି ରହୁଛି
ଜୀବନର ଏହି ଦୁଃଖ ସହି
ପୁଣି ଜୀବନ୍ତ ଅଛି ।

ଏହି ଦୁଃଖ ଏହି କଷ୍ଟ କେବେ
ଅନୁଭବ କରି ନ ଥିଲି
ଜିଇଁବାର ଏହି ରୀତିରୁ
ମୁଁ ଆଜି ଜ୍ଞାତ ହେଲି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସମୟ ସହ ଆପଣା ପର

ପର ଆପଣା ହେଲେ

ଦୁନିଆରେ ଏକୁଟିଆ ବଞ୍ଚିବାର

ଶିକ୍ଷା ଶିଖେଇ ଦେଲେ ।

ଦିନ ଆଲୁଅରେ ଖୁସି ହୋଇ

ରଜନୀ ଅନ୍ଧାରରେ ଦୁଃଖିତ ହେଲି

ସେହି ଅନାଲୋକିତ ରାତ୍ରିରେ

ହୃଦୟ କଷ୍ଟକୁ ଅଶ୍ରୁରେ ପରିଣତ କଲି ।

ନିଜ ଭାଗ୍ୟକୁ ଦୋଷ ଦେଇ

ଖୁସି ଆଶାରେ ଆଗକୁ ଗଲି

ଦୁଃଖ ସୁଖ ଯାହା ମିଳିଲା

ନିଜକୁ ସେଥିରେ ସନ୍ତୁଷ୍ଟ କଲି ।

ଅନ୍ୟକୁ ଖୁସି କରିବା ନିମନ୍ତେ

କେତେ ଯେ ପ୍ରଯତ୍ନ କଲି

ପରବର୍ତ୍ତୀ କାଳରେ ତାଙ୍କରି ପାଇଁ

ଅନ୍ୟ ଆଗରେ ଅପହାସ ହେଲି ।

ମନର ଏହି ଅକୁହା କଥା

କାହାକୁ କହିବି ଭାବି ରହିଛି

ଖୁସିର ସମାଧି ତିଆରି କରି

ଆଜି ବି ସେଥିରେ ଜୀବନ କାଟୁଛି ।

ଠିକଣା - ବିକ୍ରମ ଦେବ ସ୍ୱୟଂଶାସିତ ମହାବିଦ୍ୟାଳୟ

ଜୟପୁର, କୋରାପୁଟ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଲୋକଭାଷା

# ବିଭାଗ

ଆହ୍ୱାନ ଇ-ପତ୍ରିକା
aahwaan.com

https://www.youtube.com/@aahwaan

ଆମର ୟୁଟ୍ୟୁବ୍ ଚ୍ୟାନେଲକୁ ସବ୍ସ୍କ୍ରାଇବ୍ କରନ୍ତୁ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଲକ୍ଷ୍ମୀ ପୁରାନ୍



ସତ୍ୟ ନାରାୟଣ ମିଶ୍ର

କୋଶଲି/ସମଲପୁରୀ – ଲକ୍ଷ୍ମୀ ପୁରାନ୍

ବିଶ୍ୱରୂପସ୍ୟ ଭାର୍ୟାସିପଦ୍ମେପଦ୍ମଳୟେ ଶୁଭେ

ସର୍ବତଃ ତ୍ରାହିମାଂ ଦେବୀ ମହାଲକ୍ଷ୍ମୀ ନମୋସ୍ତୁତେ

( ଜଏ ମା ମହାଲଁଖୀ)

( ୫)

ଆଠ ବେତାଲ୍ ପହଁଚିଲେ ଡାକଲେ ବୋଲି ଶିରି

ଆଜ୍ଞା ଦେଲେ ସୁନାପଲଙ୍କ୍ ଯ ଆସ ଧରି ।

ଖାଇ ପିଇ ନାସ୍ କର୍ବ ବଡ଼ ଦେଉଲେ ସବୁ

ବାବନ୍ କୁଟି ଭଣାର୍ ଯାକ ବୁହି ଆନ ବାବୁ ।

ନିଦ୍ରାଦେବୀ କେ ପଠେଇ ଦେମି ଝୁମୁରା ଝାକି ଦେବା

ଦୁହି ଭାଇ ସୁଇ ପଡଲେ ତମକେ ସୁବିଧା ହେବା ।

ଆଜ୍ଞା ପାଇ ବେତାଲ୍ ମାନେ ଦେଉଲ୍ ନିକେ ଗଲେ

ଜଗା ବଲିଆ ସୁଇ ଥିବାର୍ ଦେଖି ଉସତ୍ ହେଲେ ।

ରନ୍ଧା ଘରେ ସମି କରି ସବୁ ଦେଲେ ଖାଇ

କେଚି ଦେଲେ ହାଣି ମାଠିଆ ପାନୀ ଟିକେ ନାଇଁ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବାବନ୍ କୁଟି ଭଣାର୍ ଯାକ ସବୁ ଆନଲେ ବୁହି
କୁଲା ଭୁଗା ଥୁଟି ବାଢୁନ୍  କିଛି ଛାଡି ନାଇଁ  ।
ଗଂଧୁଆ ଖଟେ ଦୁଇ ଭାଇକେ ସୁଏଇ ଦେଲେ ଧରି
ସୁନା ଖଟ କେ ବୁହି ନେଲେ ଘର ଦେଲେ  ଝାରି  ।
ଦରବ୍ ଯାକ ଦେଖି କରି ଉସତ୍ ହେଲେ ମାତା
କହେଲେ ତମେ ବନେ କାମ୍ ଟେ କରିଦେଲ ପୁତା  ।
ସରସତି କେ ସୁମ୍ରି କରି କଲେ ବିଚାର୍ ବସି
କହେଲେ ଆଲୋ ବହନି ଆମେ ସବୁ ନାରୀ ଜାତି ।
ଜାତି ର୍ ଟେକ ରଖମା ଆମେ, ଗୁସିଆଁ ଯିବେ ହାରି
ଦେଖମା ମତେ ନରହରି ଆଏବେ କି  ନି  ନୁରି  ।
ଏଭେ ଯଦି ନାଇଁ ନୁରନ୍ ମତେ ଭାବଗ୍ରାହୀ
କଲି ଯୁଗେ ମାହେଜି କେ ଆରୁ ମୁନୁସ୍ ନୁର୍ବା କାହିଁ ।
ସମକର୍ କଣ୍ଠେ ବିଜେ ହେବୁ, କରୁନ୍ ମନାସଭେ
ଦୁଇ ଭାଇକେ ନାଇଁ ଦଉନ୍ ଖାଏବା ଦରବ୍ କେଭେ ।
ମହଲେ ରହି ମହାଲୀଲା ଲଗେଇ ଦେଲା ମାଇ
ବେଲ୍ ଉଦୁଲା ସଖାଲ୍ ହେଲା ଉଠୁଲେ ଦୁଇ ଭାଇ ।
କହେ ବଲିଆ ଆରେ କାଲିଆ ସବୁ କେନ୍ତା ସୁଇନ୍
ଦାସୀ ପରିଛା ପଣ୍ଡା ଯେତେ ଆଜି ଗଲେ କାହିଁ  ।
ମୁହୁଁ ଧୁଇବାକେ ପାନି ନାଇଁ କର୍ମା କହ କେନ୍ତା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହରି ବଇଲେ ଲକ୍ଷ୍ମୀ ଛଡ଼ା ଆମେ ହେମା ଏନ୍ତା ।

ବଲିଆ ଗଲେ ରିଷେ ରିଷେ ଭନାର୍ ଦେଖଲେ ଖାଲି

କାହିଁ ଗଲା ସବୁ ବୋଲି ହେଲେ ପିଟି ମାରି ।

ଗଠଉ ଥିଲେ ସୁନା ମୁଦି ଟେ ପାଇ ବଳରାମ

ପିତଲ୍ ମୁଦି ବୋଲି ଦେଲେ ଫିକି ଘନଶ୍ୟାମ ।

ପଶିଗଲେ ରନ୍ଧା ଘରେ ଢୁଣ୍ଡେଇ ହେଲେ ହରି

କେନେ ଅଛେ ଖାଏବା ଦରବ୍ ମିଲିଯିବା ବୋଲି ।

ଦିହେଁ ଲଗଲା କଲା ଆରୁ ମୁହେଁ ଲଗଲା କଲା

କଲା ଦେହେ କଲା ଲାଗି ଆଉର୍ ଝଲସିଲା ।

ବାହାରେ ଥାଇ ଡାକେ ରାମ ହଇରେ ବଡ଼ ଖିଆ

ଏକେଲା ଏକେଲା ଖାଉଛୁ କେଁ ଅଛେ ହେନ ଯାହା ।

କ୍ରମଶଃ...

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସତ କେଭେଁ ନାଇଁ ଲୁକେ



ସତ୍ୟ ନାରାୟଣ ମିଶ୍ର

କେତେ ଉସତ୍ ମନେ ବରବେଶେ ଘୁଡା ଥି ବସି କରି ବଜା ଗଜା ଫଟକା ରୋଶନି ସଂଗେ ବରାତି ଆସୁଛେ ନିହାର । ନାଚି ଦେଗି କରି ସାଙ୍ଗ ମାନେ ରୁଡ଼ ର୍ ଧୁଇଲ ଉଡେଇ ଦଉଛନ୍ । ଯେନ୍ତା କନିଆଁ ଘର କେ ପହଁଚିଲେ ଶଶୁର ବାଟ କେ ଆସବାର୍ ନି ବରନି ନେବାକେ । ବର ର୍ ଲୁକେ ଅକାଭୁତ ହେଇ କରି ଦେଖଲା ବେଲେ କନିଆଁ ଟୁକେଲ୍ ଭୁଆସେନ ଭେଶ ଥି ନରଦି ଆସଲା ବର ର୍ ପାସ କେ । କହେଲା " ଉତୁର ଘୁଡା ଥୁ " । ନିହାର ଯେନ୍ତା ଉତୁରିଛେ କିଛୁ କୁହା ନାଇଁ ବୁଲା ନାଇଁ କନିଆଁ (ନିଶା) ଲଗଲା ଦୁଇ ଚାପଡ଼ ନିହାର ର୍ ଦୁହି ଗାଲେ । କଥା କାଣା ବୋଲି ସଭେ ପଚରଲା ବେଲେ ନିଶା କହେଲା " ଇ ପିଲା ମୋର୍ ବା କେ ଦୁଇ ଲକ୍ଷ ଟଙ୍କା ଦେଲେ ଯେଇ ବେଦୀ କେ ଯିମି ବୋଲି ଦାବି କରିଛେ, ଅଗତରିଆ ଦାମ୍ କିଆ ଟିଭି ଲୁଗା ଧୁଆ ମସିନ୍ ଫ୍ରିଜ ବାଇକ୍ ସୁନା ଚେନ୍ ସବୁ ନେଇ କରି ଇଛେନ୍ ଟଙ୍କା ସୁନା ନେବାକେ ବରାତି ଆସିଛେ , ମୁଇ ଇତାକେ ବିହା ନାଇଁ ହୁଏଁ, ଇଟା ତ ଗୁଟେ ମନୁଷ୍ ରୂପେ ଅସୁରଟେ,

ସେ ଠନକେ କାଁ ଝାମେଲା ଚାଲିଚେ ବୋଲି ପୁଲିସ ପହଁଚି ଆସଲା ସେ ଘଡି । ସବୁ ବିଷେ ଜାନି କରି ଯୌତୁକ୍ କେସ ଥି ଆରେଷ୍ଟ କଲା ନିହାରକେ, ସେ ଯେତେ ନାଇଁ ନାଇଁ, ମୁଇ ନିର୍ଦୋଷ, ମୋତେ ଇମାନେ ନିଜେ ସାମାନ୍ ସବୁ ଦେଲେ, ଟଙ୍କା ନାଇଁ ମାଗି ବୋଲି ଯେତେ କହେଲା ସୁନୁଲା ନାଇଁପୁଲିସ, ଇଆଡ଼େ ନିଶା ଫିରି ଆସଲା ତାର ସୁଇଲା ଘର୍କେ ଜେନେ ତାକେ ବରବେଶେ ଟାକି କରି ବସିଛେ ଆସିକ ରିସୀ । ନିଶା ର୍ ବୁଆ ମହାଜନ୍

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଛବିଲ ତାର୍ ଝି ର୍ ଜିଦି ନେ ହାରି କରି  ଗରିବ ରିସୀ ର୍ ସଂଗେନିଶା କେ ଘରେଏଲ୍ଲା ବିହାକଲା । ଜୁଏଁ ହିସାବେ ରିସୀ କେ ଘରେ ରଖଲା । ଇଜତ ବଞ୍ଚାବା କେ ଇସବୁ ଜୁଜନା ନିଜେ ନିଶା କରିଛେ । ନିହାର କେ ଦୁଷି ବନେଇ କରି ତାର୍ ବା ଦେଇଥିବା ର୍ ସବୁ ଜିନିଷ ପୁଲିସ ହାତେ ବରାମତ କରେଇଛେ । ହେଲେ, କେସ କେ ଫିରେଇ ନାଇଁ । ସେଆଡ଼େ  ଇ ମାମଲା ଥି ନିହାର ର୍ ଚାକିରୀ ଛାଡ଼ିଗଲା । ବିଚରା କେତେ ଗୁଲଗୁଲା ହେଇକରି ନିଶା ର୍ ପାଖେ ଅର୍ଦ୍ ଲି କଲା ହାତ ଜୁରି କରି । ହେଲେ, ନିଶା ନାଇଁ ମାନି । କହେଲା "ଲୋକର ର୍ ସାମନେ ମୁଇ ଟଂକା ଦିଲକ୍ଷ ଦାବି କରିଥିଲି ବୋଲି ମାନଲେ ଇଥିର ସମାଧାନ ହେବା" । ବିନାଦୁଷେ ନିହାର କାହିଁ ମାନବା ଇନ୍ଟା ଗୁଟେ ସର୍ତ୍ତ କେ, ରିଷେ ପଲେଇ ଆସଲା ସେନୁ । ରିସୀ ର୍ ମନେ ଦୟା ଆସଲା ଇ ସବୁ ଦେଖିକରି, ନିଶା କେ ବୁଝାଲା ନିହାର ର୍ କେସ କେ ଫିରେଇ ନିଅ ବୋଲି ,ହେଲେ ନିଶା ନଛୋଡ ବନ୍ଧା ,

ନିହାର ର୍ ବଦନାମ ସଂଗେ ସଂଗେ ନିଶା କେ ଗୁଟେ ହିମ୍ମତ ବାଲି ଟୁକେଲ, ଯୌତୁକ୍ ବିରୁଧେ ଯାହା କଲା ଠିକ କଲା ବୋଲି ଜୋର ସୋର ପ୍ରଚାର ହେଇଗଲା ସବୁଆଡେ । ଭାଇରଲ୍ ହେଇଗଲା ମିଡିଆ ମାନ କେ । ସଭେ ତାକେ ଧଏନ୍ କହିକରି ସଭା ମାନକୁ ଦେଇ ଚାଲଲେ ପୁରସ୍କାର ସନମାନ୍ । କମ୍ପାନୀ ମାଲିକ ମୁକେଶ ଚାହେଲା ସେ ନିଶା ବାଗିର ଗୁଟେ ସୁନରି ଗୁନ୍ ମତି କେ ବିହା ହେବା । ପ୍ରସ୍ତାବପଠାଲା ନିଶା ର୍ ବୁଆ ପାସକେ । କୋଟି କୋଟି ଟଙ୍କା ଦେବା କେ ବି ଲୋଭ ଦେଖଲା,

ନିଶା ଆରୁ ତାର ବା ଇ ' ପ୍ରସ୍ତାବ ଥି ରାଜି ହେବର୍ ଟା ବେଲ୍ ନାଇଁ ଲାଗି  । ରିସୀ କେ ଗରିବ ବେକାରୀ  ଅପାରଗ କହି କରି ଅପମାନ ଦେଲେ ।

ଘରୁ ବାହାର କରି ଦେଲେ ତାକେ । ଦୁଃଖ ଆରୁ ଅପମାନ ର୍ ରିଷେ ରିସୀ ପଲେଇ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆସିକରି ଦୋସ୍ତି ଜମାଲା ନିହାର ସଂଗେ । ସୁଯୋଗ ନୁରୁ ଥିଲେ ଦୁହେଁ ଯାକ କେନ୍ତା କରି ମାୟାବିନୀ ନିଶା କେ ଫନ୍ଦେ ପକାବେ ।

ଶୁଭ ର୍ ଦିନ ଦେଖିକରି ମୁକେଶ ଆରୁ ନିଶା ର୍ ବିହା କୋର୍ଟ ନେ କରବା କେ ଦୁହି ଆଡ଼ ର୍ ଲୁକେ ଠୋଲ୍ । କୋର୍ଟ ନେ ଲେଖା ଲେଖି ସରିଛେ । ମୁକେଶ ନିଶା ମାଲା ପିନ୍ଧା ପିନ୍ଧି ବି ହେଇଗଲେ । ଠିକ୍ ସିନ୍ଦୁର ମଖାଲା ବେଲେ ପୁଲିସ ଧରି କରି ପହଁଚି ଗଲେ ନିହାର ଆର ରିସୀ । ରିସୀ ର୍ ପାଖେ ନିଶା ର୍ ସବୁ କଥା ବାର୍ତା ଜୁଜନା ଯେତେ ର୍ ରେକଡିଙ୍ଗ ରହିଥିଲା । ତହିଁର ବଲେ ଧରା ପଡିଗଲା ତିନଥରିଆ ବିହା ହେଇ ନାଗେନ୍ ।

ସଭେ ଯାକ ଥୁ ଥୁ କଲେ ତାକେ । ଯେ ଯେନ୍ତା ଫଟା ଚପଲ ତାର ଉପୁରେ ଫିକିବାକେ ନାଇଁ ଘୁଂଚି । କଥା ଥି କହେସନ୍ ସତ କେଭେଁ ନାଇଁ ଲୁକେ । ସାତ ତାଲ୍ କାଦୋ ଥି ତୁପି ଥିଲେ ବି ଉଖୁରେଇ କରି ବାହାରି ପଡ଼ସି ।

ସିଂଧେକେଲା

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆମେ ଗଲେ



ସୁନୀଲ କୁମାର ଅଗସ୍ତି

ଆମର୍ ଗାଁ' ବନେ ଜୁନହାଁ ଆଏ ଆର୍ ଇଥିର୍ ଲାଗତି ତାହିଁର୍ ନୁ ବଢେ ଜନାଶୁନା ଗାଁ' ଗୁଟେ ଆଏ । ଇ' ଗାଁ' ଥି ବନେ ପଢାଲିଖା ଆର୍ ଶିକ୍ଷିତ୍ ଲୋକ୍ ଅଛନ୍ । ଦେଶ ଗୁଲା ରାଏଜ୍ ଗୁଲା ଆମର୍ ଗାଁ'ର୍ ପାଠ୍ ପଢୁଆ ପିଲା ଟୁକିଲ୍ ମାନେ ଉଁଚା ଦରଜାର୍ ଦରବାରୀ ଚଉକି ମାନେ ପାଇ ଥାବେ ଅଛନ୍ । ଆଏଜ୍ କାଏଲ୍ ଗାଁ' ଯେତେ ଆର୍ ଗାଁ' ବାଗିର୍ ନି'ନ,ସଭେଁ ସବୁଟା ସୋର୍ ପାଏଲେ'ନ ଆର୍ ପାଉଛନ୍ ଗଲେ । ଗାଁ'ର୍ ଲୋକ୍'କେ ବେଡା ବନାମି ବଏଲେ ନିଜେ ବେଡା ବନେଇ ହେବାର୍ ସାର୍ ଆଏ ।

ଆଏଜ୍ ଆମର୍ ଗାଁ' ନେ ଗଖା ସଭା ଗୁଟେ ହେବାର୍ ଅଛେ । ସବୁ ଫାଲର୍ ନା'କରା ଲୋକ୍ ଯେତେ ଆଏବେ । ଟିପି ନୁ' ଲେଞ୍ଜ୍ ଦରବାରୀଆ ଯେତେ ଗଦା ହେବେ ।ଗାଁ'ର୍ ଇ'ମୁରସା ନୁ' ସେ ମୁରସା ପତେ ମନ୍ ମନସା ଢଙ୍ଗେନେ ସଜା ହି'ଛେ । ଉନିହାଁ ଦିନର୍ ବାଗିର୍ କେଚକେଚା ଗାଁ'ଖୁଲି ଆର୍ କାହିଁ ପାଏ'ବ ଆଏଜ୍ ଦିନେକର୍ ଲାଗତି, ଚକ୍ ଚକେଇ ଯାଉଛେ । ଝନେ ନା'କରା ଲୋକ୍ କୁଁ ସମ୍ମାନିତ୍ କରାଯିବା, ମାଏନତା ପଟ୍ଟା ଦିଆଯିବା । ହଏ ଯେ' ସେ ଝନେ କେନ୍ ଆ'ନ୍ ଆର୍ ଆମର୍ ଗାଁ' ଥିଁ ଏକା କାଁ' ଯେ ଇ' ସଭା କରାଯାଉଛେ ? ସଭେଁ ତାଁକର୍ ତାଁକର୍ ପଚରା ପୁଚରି ହେଉଥାନ୍ । ଗାଁ'ର୍ ମେମର କୁଁ ପଚରା ଗଲା ସେ ଝନେ କେନ୍ ଆ'ନ୍ ? ଆ'ରେ ସେ ପରେ ଆମର୍ ଗାଁ'ନ ଦୁଇ କୁଏର୍ ବଛର୍ ତଲେ ଥିଲେ, ଆମର୍ ଗାଁ'ର୍ ମାଇନର୍ ପାଠ୍ ପଢା ଠାନେ ପିଲାଛୁଆକୁଁ ପାଠ୍ ପଢଉ ଥିଲେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସେ ପରେ ଆମର୍ ଗାଁ' ନେ ପେହଲା ପାଦ୍ ଥାପେନ୍ ପାଠ୍ ପଢା ଠାନ୍ ନିଜର୍ ଅଁଟା ଥିଁ ବଫୁ କରି ଖୁଲେଇ ଥିଲେ, ଆର୍ ପଛେ ପଛେ ମାଇନର୍ ତେହେଁରୁ ଆଠ୍ କିଲାସ୍ ପତେ ଖୁଲେଇ ଥିଲେ । ଇ' ଆଜ୍ଞାକଁର୍ ତହଁକ୍ ଆର୍ ମେହେନତର୍ ଉଧେ ଆମର୍ ଗାଁ'ର୍ ପିଲାଛୁଆ ଗାଁ'ନେ ଏକା ଛ, ସାତ୍, ଆଠ୍ କିଲାସ୍ ପତେ ପଢି ପାରଲେ । ତାଁକର୍ ଜ୍ଞାନ୍ ଆର୍ ସମାଜ୍ ସୁଧାର୍ କବାର୍ ଲାଗତି ଆମର୍ ରାଏଜ୍ 'ଦରବାର୍' ତାହାଁକୁ ସମ୍ମାନିତ୍ କରୁଛନ୍ । ଆମର୍ ଗାଁ'ର୍ ମାଏଟ୍ କେ ଇ'ଆଜ୍ଞା କେଭେଁ ଗଲେ ପାସରି ନି'ପାରନ୍ ବଲି ଆମର୍ ଗାଁ' ଥିଁ ଏତକିରି ଗଖା ସଭା ଗୁଟେ ହେଇ ପାରୁଛେ । ଗରୀବ୍ ଲୋକର୍ କା'ଯେ ତାଁକର୍ ଆଁଖିର୍ ପାଏନ୍ ଧାର୍ ଦେଖଲେ ଯେନ୍ ଗଲେ କାନ୍ଦି ପକାବା । ବେମରିଆ ଲୋକମାନକଁର୍ ସେବା କରିକରି ଆ'ଦେ ତାଁକର୍ ଦିନ୍ ସରିଗଲା । ଦୁଃଖୀ ଲୋକମାନକଁର୍ ଲାଗତି ତାଁକର୍ ହାତ୍ ଆର୍ ଗୋଡ୍ କେଭେଁ ନି' ଅଟକି ଆର୍ ଇହାଛିନ୍ ଗଲେ ନି' ଅଟକିବାର୍ ତାଏଲ୍ । ଆମର୍ ଦେଶର୍ ଗଖା ଗଖା ଉଁଚା ଦରଜାର୍ ଅନୁଷ୍ଠାନ୍ ମାନକର୍ ନୁ ସେ ଗୁନୀ, ଜ୍ଞାନୀ, ମାନୀ, ଝନେ ମୁନୁଷ୍, ସମାଜ୍ ସୁଧାରକ୍, ସମାଜ୍ ସେବକ୍ ବଲି କାଗଜ୍ ଲିଖାର୍ ନିଦାନ୍ ପାଇସାରିଛନ୍ । ଇଥିର୍ ଲାଗତି ଆମର୍ ରାଏଜ୍ ଦରବାର୍ ସେ ଆଜ୍ଞାକୁଁ ଆମର୍ ଗାଁ' ଥିଁ ସମ୍ମାନିତ୍ କରୁଛନ୍ । ତାହାଁକର୍ ବାଗିର୍ ଲୋକ୍ ଝନେ ଆମର୍ ଗାଁ'ଥିଁ ପାଠ୍ ପଢଉ ଥିଲେ,ଆମର୍ ଗାଁ କା'ଯେ ଇ'ଟା ତ' ବଢେଟେ ଗରବର୍ କଥା ଆଏ ।

ହଏ' ଯେ, ସେ ଆଜ୍ଞାକଁର୍ ନା' କାଏଁଟା ? ହେଟା ପରେ ମୁଁଇଁ ନା' ପାସରି ଯାଉଛେଁ । ଆ'ଦେ ଆର୍ ଘଡେକେ ଆଏବେ ଯେ ସେ ଆଜ୍ଞା, ଦେଖଲେ ଚିହ୍ନି ପାରବ ଯେ । ଗାଁ' ସରତା ସଭେଁ ବବା, ବଡମା, ବଡେଇ, କକା, ଭାଏ, ବହେନ୍ ଗୁଟେ ଅନ୍'ଜନେନ୍ ଉସତର୍ ମାଡେଁ ତହଁକି ଯାଉଛନ୍, କେନ୍ ଆଜ୍ଞା ଆଏବେ ଯେ ଦେଖ ମୁଁ ବଲି । ଆମର୍ ଗାଁ'ର୍ ପାଠ୍ ପଢା

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଠାନେ ପଢୁଥିଲା ସବୁ ଜୁନହାଁ ପିଲା ଟୁକିଲ୍ ମାନକେ ଖବର୍ ଦିଆ ହି'ଥିଲା । ଦେଶ୍ ଗୁଲା ରାଏଜ୍ ଗୁଲା ଯିଏ ଯେନ୍ ଠାନେ ଥିଲେ ସଭେଁ ଗାଁ' ନେ ହାଜର୍ ହି'ଛନ୍ ଆର୍ ଉସତ୍ ମନେ ଟାକିଛନ୍ ।

ବେଲ୍ ବୁଡି ଆଉଥିଲା । ବଜାଗଜା ବଜେଇକରି ସଭାର୍ ସତ୍ କର୍ମୀ ଯେତେ ଘାଏ ଲେଖା ଆର୍ ଛନେ, ଆର୍ ଛନେ ବଲୁଥାଆନ୍ । ଆଖରୀକେ ଷଁଣ୍ ହୁଦା ନରଦି ଆଏଲା ବାଗିର୍ ଗାଡି ମଟର୍ ଗୁଟା ଆଠେ ଦଶେ ଗାଁ'କେ ଢୁକି ଆଏଲେ । ମାଁ' ବହେନ୍ ଯେତେ ହୁଲାହୁଲି ଦେଇକରି ଚନ୍ଦନ୍ ତିଲକ୍ ଫୁଲମାଲା ସଙ୍ଗେ ସବୁ ମାଏନ୍ ଧରମର୍ ଲୋକ୍ କୁଁ ପରଘେଇ ଆନ୍'ଲେ । ଗାଁ'ର୍ ଛୋଟ୍ କାଟିଆ ନେତା ଯେତେ ଧାଁ'ଧପଡ୍ କରୁଥାଆନ୍, ସତେ ଯେନତା କି' ଇ' ସଭା ସେମାନେ ଆମର୍ ଗାଁ' ଥିଁ କରେଇଛନ୍ । ସଭା ଆରମ୍ ହେଲା । ମାଏନତା ପାଉ ଆଙ୍କାର୍ ସଭେଁ ଗୁନ୍ ଗାଉଥାଆନ୍ । ତାଁକର୍ ବାଗିର୍ ଲୋକ୍'କେ ଇ'ମାଏଟ୍ ପାଇକରି ନିଜକେ ଧଏନ୍ ମନୁଛେ ବଲି କହୁଥାଆନ୍ । ମଚାନ୍ ନେ' ଠାନ୍ ପାଏଲା ଗୁନୀ ଙ୍ଗାନୀ ଗୁଟ୍ ଗୁଟ୍ କରି ଆଙ୍କାକଁର୍ ଗୁନ୍ ଗାଉଥାଆନ୍, ସମକିରର୍ ମୁଁହେଁ ଗୁଟେ କଥା ଆଙ୍କାକଁର୍ ଜୀବନ୍ ଲମ୍ ଉସାର୍ ହି'କରି ସବୁଦିନେ ଥାଉ । ସବା ଶେଷେ ସମ୍ମାନିତ୍ ହେବାର୍ ଆଙ୍କୋ ଠାଡ୍ ହେଲେ, ତାଁକର୍ କଥା କହେବାର୍ ଆରମ୍ କଲେ । ସଭେଁ ତୁମ୍ ପରିଥାଆନ୍ । ତୁମ୍ ବଏଲେ ତୁମ୍ କାଏଁ, ପୁରାପୁରି ତୁମ୍ ପରିଥାଆନ୍ । ସଭେଁ ଆବାକାବା ହି' ଯାଉଥାଆନ୍ ।

ସଭାର୍ ଆଗ୍'ଫାଲେ ମଚାନ୍ ପାଖ୍ ପାଖ୍ ଆଘେ ଆଘେ ମାଁ' ବହେନ୍ ମାନକୁଁ ଠାନ୍ ଦିଆ ହି' ଥାଏ । ଇ' ସବୁ ମାଁ' ବହେନ୍ ଆମର୍ ଗାଁ'ର୍ ପାଠ୍ ପଢା ଠାନେ ପଢୁଥିଲେ । ସଭେଁ ଭଟେ ଟିକରେ ଅଛନ୍,ସଭା ଲାଗତି ଗାଁ'କେ ଧାଁଇଁ ଆଇଛନ୍ । ଛନେ ଗଲା ଉତାରୁଁ ମାଁ' ବହେନ୍ ମାନକଁର୍ ଭିତରେ କୁହାକୁହି ଫୁସୁର୍ ଫାସୁର୍ ଚାଲଲା । ଝନେ ବଏଲେ 'ମକର',

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଦେଖ ତ' ହୋ ଇ'ଆଜ୍ଞା ସବୁଦିନେ ବେଲବୁଡେ ଆମକେ ସାତ୍ କିଲାସ୍ ପଢଲା ବେଲେ ଗଣିତ୍ ବତେଇ ଦେଲା ମାଡେଁ ତାଁକର୍ ଗୋଡ୍ ପିଶି ମଗଉ ଥିଲେ । ଆର୍ କେତେଝନ୍ ମାଁ' ବହେନ୍ ଗଲେ ମଚାନ୍ ଉପର୍ କେ ବନେକରି ଠଅଁକେଇ ଆନ୍'ଲେ । ହଏ ହଏ 'ମକର' ଠିକ୍ ନିଘେନ୍ ଗୋ ମକର ତମର୍,ଠିକ୍ ଚିହ୍ନି ପାର୍'ଲ ଗୋ,ଇ'ଟା ସେ ଡାଉଟ୍ କ୍ଲିଅର୍ ମହାତ୍ମା ଆ'ନ୍ । ଝନେ ଉତାରୁଁ ଝନେ ହର୍ ଏକ୍ ମାଁ' ବହେନ୍ ଛ,ସାତ୍,ଆଠ୍ ପଢଲା ବେଲର୍ ଗୋଡ୍ ପିଶା କବାର୍ ସୋର୍ କରି ଆନଲେ । ହଏ ହଏ ହଏ ଇ'ଟା ସେ ଆଜ୍ଞା ରେ । ଗୁଟ୍ ଗୁଟ୍ କରି ମାଁ' ବହେନ୍ ଯେତେ ସଭା ଠାନ୍ ଛାଡ଼ି ବସଲେ, ଘଡେକେ ଆର୍ ଝନେ ଗଲେ ମାଁ' ବହେନ୍ ସଭା ଠାନେ ନି' ଥାଇ'ନ । ସଭା ଠାନ୍ ମାଁ" ବହେନ୍ ଶୂନ୍ସାନ୍ ।


ସଭାର୍ ବାକିଯେତେ ଲୋକ୍ କାବା ହି' ଗଲେ ମାଁ' ବହେନ୍ ମାନକଁର୍ ରକମ୍ ଦେଖିକରି । ମଚାନର୍ ଉଁଚା ଦରଜାର୍ ଲୋକ୍ ତାଁକର୍ ମୁହୁଁ ମାନକୁଁ ଭିନେ କିସମର୍ ରକମ୍ କରି ତୁମ୍ ପରି ଥାଆନ୍ । ମାଏନତା ପାଉ ଆଜ୍ଞା ତାଁକର୍ ଭାଷଣ ଚଲେଇଥାଆନ୍, ହେଲେ ତାଁକର୍ ନିଘା ମାଁ' ବହେନ୍ ମାନକଁର୍ ରକମ୍ କେ ପଢି ସାରିଥିଲା ନେ ବାଗିର୍ ଲାଗସି, ତାଁକର୍ ଗାଗରର୍ ଭାଷା ଇ'ଟା ତ ବତଉ ଥିଲା । ସଭାର୍ ସତ୍ କର୍ମୀ ଯେତେ ମାଁ' ବହେନ୍ ମାନକଁର୍ ରକମର୍ ନିଦାନ୍ କେ ଗଲେ ଖେଟି ନି' ପାରଲେ । ହେଲେ ମାଏନତା ପାଉ ସମ୍ମାନିତ୍ ହେବାର୍ ଆଜ୍ଞା, ଗଖା ସମାଜ୍ ସୁଧାରକ୍, ଗଖା ସମାଜ୍ ସେବକ୍ ତାଁକର୍ ମୁହୁଁ କେ ଏନତା ରକମ୍ କରିଥାଆନ୍ ଯେ ସେ ଏକଲା ଜାନିଛନ୍ ମାଁ' ବହେନ୍ ଯେତେ ସଭା ଠାନ୍ ଛାଡବାର୍ ଭେଦ୍ ଆର୍ ନିଦାନ୍ ଆର୍ ଉନିହାଁ କେନ୍ ଝନେ ଗଲେ ନି' ଜାନବାର୍ ଆଏଜ୍ ପତେକ୍ । ମନେ ମନେ ମାଁ' ବହେନ୍ ମାନକୁଁ କୋଟି ଜୁହାର୍ କଲେ ।

ଟିଟିଲାଗଡ, ବଲାଙ୍ଗୀର, ମୋ/୭୭୩୫୮୭୬୭୪୯

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଜୀବନ୍ ଫୁଲ୍



ବର୍ଷାରାଣୀ
ମହାମଲ୍ଲିକ

ଜୀବନ୍ ଗୁଟେ କାନା ଯେ ?
ଗୁଟେ ଫୁଲ୍ ତ ?
ଫୁଟସି ଦୁଇ ଦିନର୍ ଲାଗି
ଫୁଟଲା ବେଲ୍ କେ ଦବଦବେଇ ଯାଏସି
ଝୁରମୁରି ଯାଏସି ସମିଆଁ ହେଲେ,
ଝରି ପଡ଼ିଯାଏସି ଗଛ ତଳେ ମିଶି ଯାଏସି ହେ ମାଟି,
ହେ ଜୀବନ୍ ଥିଲା ଦିହିଁ ବି ତ ମିଶି ଯାଏସି ମାଏଟ୍ ଥି ।
ଦୁଇ ଦିନିଆ ହେଲେ ବି ଫୁଲର୍ କେତେ ଗୁନ୍
କହଁରାଇ ଦେସି ଆଖର୍ ପାଖର୍ ଜାଗା ।
ଉଦାର୍ ମନେ ସଅଁପି ଦେସି ନିଜକେ,
ମହାପ୍ରୁ ପାହାଁ ତଳେ,
ଆମର ଜୀବନ ବି ତ ହେ ଫୁଲ୍ ବାଗିର୍
ମାତର୍ ଦୁଇଦିନିଆଁ
କହରାଇ ଦେଉ ଆମର୍ ସୁଗୁନ୍ କେ,
ଲୁକକର୍ ଆଗାଡ଼େ, ସମାଜ୍ ଆଗାଡେ
ନୁକୋ କାମ୍ କରି, ମହତ୍ କାମ୍ କରି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସଅଁପି ଦେଉ ସମକିରିର୍ ହିତ୍ ଲାଗି ନିଜକେ

ମନେ କପଟ୍ ନାଇଁ ହିସାଁ ନାଇଁ ରଖି,

ହଁ ଦୁଇଦିନିଆ ହେଲେ ଭିଲ୍

ଆମକୁ ସୋର୍ କରବେ ସଭେ

ହଁ ଫୁଲ୍ ଲେଖେଁ.......

ଜିଲ୍ଲା :ବରଗଡ଼

ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ

ସ୍ନାତକତ୍ତୋର ପ୍ରଥମ ବର୍ଷ

ସମ୍ବଲପୁର ବିଶ୍ୱବିଦ୍ୟାଳୟ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ପ୍ରବନ୍ଧ ବିଭାଗ

ଆହ୍ୱାନ ଇ-ପତ୍ରିକା
aahwaan.com

https://www.youtube.com/@aahwaan

ଆମର ୟୁଟ୍ୟୁବ୍ ଚ୍ୟାନେଲକୁ ସବ୍‌ସ୍କ୍ରାଇବ୍ କରନ୍ତୁ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଗଙ୍ଗାଙ୍କର ଜନ୍ମବୃତ୍ତାନ୍ତ



ନିତ୍ୟ ରଞ୍ଜନ ନନ୍ଦ

ସୂର୍ଯ୍ୟବଂଶୀ ରାଜା ଭରତ ତାଙ୍କ ନାମାନୁସାରେ ଆମ ଦେଶର ନାମ ଭାରତ । ସେତେବେଳେ ଭାରତର ରାଜଧାନୀର ଥିଲା ଅଯୋଧ୍ୟା । ଭରତ ଅତ୍ୟନ୍ତ ପରାକ୍ରମୀ ଏବଂ ଧର୍ମଶୀଳ ରାଜା ଥିଲେ । କିନ୍ତୁ ତାଙ୍କ ପୁତ୍ର ମହାରାଜ ବାହୁ ଧର୍ମଭୀରୁ ଥିଲେ ମଧ୍ୟ ପରାକ୍ରମୀ ନଥିବାରୁ ଶତ୍ରୁମାନଙ୍କ ଦ୍ୱାରା ପରାଜିତ ହୋଇ ବନଗାମୀ ହେଲେ । ତାଙ୍କର ଦୁଇରାଣୀ ଥିଲେ । ପାରିବାରିକ କଳହରୁ ଜଣେ ବିଷପାନ କରି ପ୍ରାଣତ୍ୟାଗ କଲେ । ଅନ୍ୟଜଣକ ରାଣୀଠାରୁ ସଗର ଜନ୍ମ ଗ୍ରହଣ କଲେ । ତାଙ୍କର ମଧ୍ୟ ଦୁଇ ପତ୍ନୀ ଥିଲେ । ପ୍ରଥମପତ୍ନୀ ସୁମତୀଙ୍କ ଔରସରୁ ୬୦ ହଜାର ପୁତ୍ର ଜନ୍ମ ଗ୍ରହଣ କଲେ । ଦ୍ୱିତୀୟ ରାଣୀ କେଶିନୀଙ୍କ ଗର୍ଭରୁ ଏକମାତ୍ର ପୁତ୍ର ସନ୍ତାନ ଅସମଞ୍ଜ ବା ଅଶମଞ୍ଜସକୁ ଜନ୍ମ ଦେଲେ, କିନ୍ତୁ ସେ ବହୁତ ଦୁଷ୍ଟ ଥିଲା । ସାଗର ଅଶ୍ୱମେଧ ଯଜ୍ଞ ନିମନ୍ତେ ଷାଠିଏ ହଜାର ପୁତ୍ରଙ୍କୁ ଅଶ୍ୱକୁ ଅନ୍ୱେଷଣ କରିବାକୁ ନିର୍ଦ୍ଦେଶ ଦେଲେ । କାଳେ ଅଶ୍ୱମେଧ ଯଜ୍ଞ କରି, ସାଗର ସ୍ୱର୍ଗର ରାଜା ହୋଇଯିବେ ସେ ଭୟରେ ଇନ୍ଦ୍ର କପଟ କରି ଅଶ୍ୱକୁ ପାତଳପୁରୀ କପିଳମୁନିଙ୍କ ଆଶ୍ରମରେ ବାନ୍ଧିଦେଲେ । ସାଗର ପୁତ୍ରମାନେ ସାଗର ଖୋଳି ଅଶ୍ୱକୁ ଖୋଜିଖୋଜି ସେଠାରେ ପହଞ୍ଚିଲେ ଏବଂ ମୁନିଙ୍କୁ ଚୋର ବୋଲି କହି ଅପମାନିତ କରିବାରୁ, ସେ ଅଭିଶାପ ଦେଇ ସେମାନଙ୍କୁ ଭସ୍ମ କରିଦେଲେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏମାନେ ନଫେରିବାରୁ ସାଗର ଦ୍ୱିତୀୟ ପତ୍ନୀଙ୍କ ପୁତ୍ର ଅସମଞ୍ଜ ବା ଅଶମଞ୍ଜସଙ୍କ ପୁତ୍ର ଅର୍ଥାତ୍ ନାତି ଅଂଶୁମାନଙ୍କୁ ସେମାନଙ୍କୁ ଖୋଜିବାକୁ ପଠାଇଲେ ଏବଂ ସେ କପିଳଙ୍କ ଠାରୁ ଅଶ୍ୱ ଆଣି ଯଜ୍ଞ ସମ୍ପନ୍ନ କଲେ ଓ ପ୍ରକୃତ ଘଟଣାକୁ ସାଗରଙ୍କୁ ଜଣାଇଲେ । ତେବେ ପିତୃଵ୍ୟମାନଙ୍କ ଉଦ୍ଦେଶ୍ୟରେ ଜଳତର୍ପଣ କରିବାକୁ ଗଲାବେଳେ, ଗୋଟିଏ ପକ୍ଷୀ ଅଂଶୁମାନଙ୍କୁ କହିଥିଲା ଯେ ଜଳ କି ତିଳତର୍ପଣ ନୁହେଁ, ସେମାନଙ୍କର ମୁକ୍ତି ପାଇଁ ଗଙ୍ଗାଙ୍କର ପବିତ୍ର ଧାରାର ସ୍ପର୍ଶ ଦରକାର ଅଛି । ସେଥିପାଇଁ ଅଂଶୁମାନ କଠୋର ତପସ୍ୟା କଲେ ମଧ୍ୟ, ତାହା ନିରର୍ଥକ ହେଲା । ତା'ପରେ ତାଙ୍କ ପୁତ୍ର ଦିଲ୍ଲିପ ମଧ୍ୟ ଚେଷ୍ଟା କରି ବିଫଳ ହେଲେ । ସେ ନିଃସନ୍ତାନ ଥିଲେ ତାଙ୍କର ଦୁଇ ବିଧବା ପତ୍ନୀ ଭଦ୍ରା ଓ ସୁଭଦ୍ରାଙ୍କୁ ବଂଶରକ୍ଷା ନିମନ୍ତେ ପ୍ରେମାବଦ୍ଧ ହେବାକୁ ଔର୍ବ ଋଷି ପରାମର୍ଶ ହେଲେ । ସେମାନଙ୍କ ମଧ୍ୟରୁ ଜଣେ ଗର୍ଭବତୀ ହେଲେ ଏବଂ ମାଂସପିଣ୍ଡୁଳାଟିଏ ଜନ୍ମ ଦେଲେ । ପୁଣି ଋଷିଙ୍କ ପରାମର୍ଶ କ୍ରମେ ରାଣୀ ତାଙ୍କୁ ରାଜପଥରେ ଶୁଆଇ ଦେଲେ । ସେହି ସମୟରେ ଅଷ୍ଟବକ୍ର ଋଷି ଯାଉଥିବା ବେଳେ ମାଂସ ପିଣ୍ଡୁଳାଟି ଦୃଷ୍ଟିଗୋଚର ହେଲା । ସେହି ମାଂସ ପିଣ୍ଡୁଳାଟିର ଅସ୍ଥିର ରୂପ ଦେଖି କାଳେ ଏହା ତାଙ୍କୁ ବିଦ୍ରୁପ କରୁଛି ବୋଲି ଭାବି ଅଭିଶାପ ହେଲେ । କହିଲେ:

ଉପହାସ କରୁଥିଲେ ଧ୍ୱଂସ ପାଇଯାଅ, ନୋହିଲେ ଦିବ୍ୟ ପୁରୁଷ ପାଲଟିଯାଅ । ଅଭିଶାପ ଆଶୀର୍ବାଦ ହେଲା, ସେ ହେଲେ ଭଗୀରଥ । ଭଗୀରଥ ପୂର୍ବପୁରୁଷଙ୍କ କାହାଣୀ ଶୁଣିଲେ ଏବଂ ସେମାନଙ୍କ ପାପଗ୍ରସ୍ତ ଦଗ୍ଧ ଶରୀର ଓ ଆତ୍ମାର ମୁକ୍ତି ନିମନ୍ତେ ସେ ନିର୍ଘାତମୁନି, କପିଳାସ, ପ୍ରଜାପତି, ବୈକୁଣ୍ଠପୁରୀ, ମେରୁଗିରି, ଐରାବତ, ଇନ୍ଦ୍ରପୁରୀ, ଜହ୍ନୁଋଷି, ଯମୁନା, ସରସ୍ୱତୀ ଏବଂ ମାଧବ ନାରାୟଣ ଇତ୍ୟାଦି ଧାମରେ ୧୨ବର୍ଷ ଲେଖାଏଁ ଧରି ୧୪୪ବର୍ଷ ତପଶ୍ଚାରଣ କରିଛନ୍ତି: ଏହି ଦିବସଟି ଚୈତ୍ର ଶନିବାର କୃଷ୍ଣ ତ୍ରୟୋଦଶୀ ଥିଲା । ଏବେ ବି ଏହି ଦିବସଟିର ବାରୁଣୀ ସ୍ନାନ ବା ବୁଡ଼ ଦୃଷ୍ଟିରୁ ତାତ୍ପର୍ଯ୍ୟ ଅଛି । ତେବେ ପୂର୍ବ ପ୍ରତିଶ୍ରୁତି ଅନୁସାରେ ଭଗୀରଥ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ବାଟକଢ଼ାଇ ଆଗେଆଗେ ଶଙ୍ଖ ଫୁଙ୍କି ଫୁଙ୍କି ଚାଲିଲେ । ତାଙ୍କ ସହିତ ଅନ୍ୟମାନେ ମିଶି ପଞ୍ଚତୀର୍ଥ ହେଲେ । ପୂର୍ବ ସର୍ତ୍ତାନୁସାରେ ସେଠାରେ ପ୍ରଥମେ ଭଗୀରଥ ପିତୃପୁରୁଷଙ୍କ ଅଭିଶପ୍ତ ଜ୍ୱଳନ୍ତ ଅଗ୍ନିକୁ ଲମ୍ଫପ୍ରଦାନ କଲେ । ପରେ ପରେ ଗଙ୍ଗାମାତା । କୁଳ ଉଦ୍ଧାରିଲେ ଭଗୀରଥ । ଗଙ୍ଗାଙ୍କର ସାଗର ସହିତ ସଙ୍ଗମସ୍ଥଳୀ ହିଁ ଗଙ୍ଗାସାଗର । ମକର ସଂକ୍ରାନ୍ତିରେ ଦେବୀ ଗଙ୍ଗାଙ୍କ ଧାରା ସଗରମାନଙ୍କୁ ମୁକ୍ତ କରିଥିଲା ବୋଲି ଏହା ଏକ ପବିତ୍ର ଦିବସ । ଏହାକୁ ଏକ ପୂଣ୍ୟତିଥି ମନେକରି ଏଠାରେ ଓ ବିଭିନ୍ନ ନଦନଦୀରେ ମକର ବୁଡ଼ ପକାଯାଏ । ଭଗୀରଥଙ୍କ ତପସ୍ୟାରୁ ନାରାୟଣ ଦର୍ଶନ ଓ ପରେ ପଦଧୌତ । ଏହି ପଦଧୌତ ଜଳରାଶିର ଧାରା ହିଁ ଗଙ୍ଗାର ଧାରା ।

ଗଙ୍ଗା ଭାରତର ଜୀବନ ରେଖା । ଗଙ୍ଗା ଆମ ଆସ୍ଥାରେ, ଆମ ସଂସ୍କୃତିରେ ପ୍ରତିଷ୍ଠିତ । ଗଙ୍ଗା ଆମ ସଂସ୍କୃତିର ପରିଚୟ । ପୁରାଣରେ କୁହାଯାଇଛି ଯେ ଘୋର କଳିଯୁଗ ଆସିଲେ ଗଙ୍ଗା ଶୁଖିଯିବେ ଓ ବିଲୁପ୍ତିର ଦ୍ୱାରଦେଶରେ ପହଞ୍ଚିଯିବେ । ଆଜି ଏହା ଆମେ ଦେଖୁ ପାରୁଛେ । ଗଙ୍ଗାଙ୍କ ସ୍ଥିତି ଭଲ ନୁହେଁ, କେଉଁଠି କେଉଁଠି ଶୁଖିଗଲେଣି, ପ୍ରଦୂଷଣର ଆଘାତ ସହୁଛନ୍ତି । ଗଙ୍ଗା ଯେ ପ୍ରଦୂଷିତ ତା ନୁହେଁ । ଗଙ୍ଗାରେ ପ୍ରଦୂଷଣ ତ ବହୁତ ପରେ ଆସିଛି, କିନ୍ତୁ ଏହା ପୂର୍ବରୁ ଆମ ଜୀବନରେ ଏହି ପ୍ରଦୂଷଣ ଆସିଛି । ଆମ ଜୀବନ ତ ପ୍ରଦୂଷିତ ହୋଇଛି, ତାହା ପ୍ରକାରାନ୍ତରେ ଗଙ୍ଗାଙ୍କୁ ପ୍ରଦୂଷଣ କରୁଛି । ଆମେ ସ୍ୱାର୍ଥରେ, ଅହଂକାରରେ, ଲୋଭରେ ନିଜ ସଂସ୍କୃତିର ମାନ ଓ ମର୍ଯ୍ୟାଦାକୁ ଭୁଲି ଯାଇଛେ । ଆମେ ଠିକ୍ ଢଙ୍ଗରେ ବିଚାର କରିବା ଛାଡ଼ି ଦେଇଛେ । ଆମ ବିଚାରର ପ୍ରଦୂଷଣ ହିଁ ଗଙ୍ଗାରେ ପ୍ରବେଶ କରିଯାଇଛି । ଯଦି ଆମ ଜୀବନ ଗାୟତ୍ରୀ ଉପରେ ଆଧାରିତ ହେବ, ତ ଗଙ୍ଗା ମଧ୍ୟ ପ୍ରଦୂଷଣମୁକ୍ତ ହୋଇଯିବେ ଏବଂ ତାପରେ ଆମେ ନିଜର ଦାୟିତ୍ୱ ଓ କର୍ତ୍ତବ୍ୟକୁ ବୁଝିବା । ଭଗବାନଙ୍କର ଗୋଟିଏ ନାମ ନାରାୟଣ ମଧ୍ୟ । ନାର-ଜଳକୁ କହନ୍ତି, ଆଉ ଆୟଣ ଘରକୁ କହନ୍ତି । ଜଳ ଭଗବାନଙ୍କ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଘର । ଜଳ ଶୁଦ୍ଧ ହେଲେ ସେଠାରେ ନାରାୟଣ ବାସ କରନ୍ତି, ଭଗବାନ ବାସ କରନ୍ତି । ଆଜି ଜଳ ଅଶୁଦ୍ଧ ହୋଇଯାଇଛି, ସେଥିପାଇଁ ଜୀବନ ଝାଉଁଳି ଯାଉଛି । ଆମେ ଧରିତ୍ରୀରେ ସ୍ୱର୍ଗର ଅବତରଣ ଚାହୁଁଛେ । ସ୍ୱର୍ଗର ଅର୍ଥ– ସୌନ୍ଦର୍ଯ୍ୟ, ସମୃଦ୍ଧି ଓ କଲ୍ୟାଣ । ଆଜିର ସ୍ଥିତି କ'ଣ ହୋଇଛି ? ପରିବେଶ ଅସନ୍ତୁଳିତ ହେବା ଯୋଗୁଁ ପ୍ରକୃତି କୁରୂପ ହୋଇଯାଇଛି । ଯଦି ଆମେ ପ୍ରକୃତିର ପୋଷଣ କରିବା, ତାହେଲେ ଆମ ଜୀବନର ସୌନ୍ଦର୍ଯ୍ୟ ବଢିବ ଏବଂ ପ୍ରକୃତି ଯଦି ସୌନ୍ଦର୍ଯ୍ୟପୂର୍ଣ୍ଣ ହେବ, ପ୍ରକୃତି ଯଦିସନ୍ତୁଳିତ ହେବ, ତ ଜୀବନ ସ୍ୱତଃ ସମୃଦ୍ଧି ପ୍ରାପ୍ତ ହେବ ଆମେ ସମୃଦ୍ଧ ତ ହେବାକୁ ଚାହୁଁ, କିନ୍ତୁ ପ୍ରକୃତିକୁ ସନ୍ତୁଳିତ କରିବା ଚାହୁଁ ନାହୁଁ ।

ଗଙ୍ଗା ଦଶହରା

ଜ୍ୟେଷ୍ଠ ଶୁକ୍ଳ ଦଶମୀ ଗଙ୍ଗାଙ୍କର ଜନ୍ମ । ଏହା ଗଙ୍ଗା ଜୟନ୍ତୀ ନାମେ ବିଦିତ । ଏହି ଦିନଟି ଗଙ୍ଗାମାତାଙ୍କୁ କେନ୍ଦ୍ରକରି ଗଙ୍ଗା ଦଶହରା ଭାବେ ପାଳନ କରାଯାଏ । ଭଗବତୀ ଗଙ୍ଗା ଆଜି ପ୍ରଥମ ଥର ଭାଗିରଥିଙ୍କ ତପସ୍ୟା ରେ ସନ୍ତୁଷ୍ଟ ହେଇ ଧରାପୃଷ୍ଠକୁ ଆଗମନ କରିଥିଲେ । ଗଙ୍ଗା ଦଶହରାରେ ଗଙ୍ଗାଙ୍କ ପୂଜନ କଲେ ଦଶ ପ୍ରକାରର ପାପ ନାଶ ହୋଇଥାଏ ।

ଶାରୀରିକ ପାପ ଯଥା (୧) କିଛି ନ ଦେଇ ଅନ୍ୟର ବସ୍ତୁକୁ ଗ୍ରହଣ କରିବା । (୨) ଶାସ୍ତ୍ର ବର୍ଜିତ ହିଁସା କରିବା । (୩) ପରସ୍ତ୍ରୀ ଗମନ କରିବା । ବାଚିକ ପାପ ଯଥା (୪)କଟୁ କଥା କହିବା । (୫) ମିଛ କହିବା (୬) ପରେ ଅନ୍ୟର ଦୋଷ କହିବା । (୭) ନିଷ୍ପ୍ରୟୋଜନ କଥା କହିବା । ମାନସିକ ପାପ ଯଥା (୮) ଅନ୍ୟର ଦ୍ରବ୍ୟକୁ ଅନ୍ୟାୟରେ ନେଇ ବିଚାର କରିବା । (୯) ମନରେ ଅନ୍ୟର ଅନିଷ୍ଟ ଚିନ୍ତା କରିବା । (୧୦) ନାସ୍ତିକ ବୁଦ୍ଧି ରଖିବା ।

ଭାରତୀୟ ସଂସ୍କୃତି ଓ ପରମ୍ପରାରେ ନଦୀକୁ ମା' ବୋଲି ସମ୍ବୋଧନ କରାଯାଏ । ଜଳକୁ ପାପ ଧୌତ କରିବାର ଶ୍ରେଷ୍ଠ ମାର୍ଗ ବୋଲି ବିବେଚନା କରାଯାଏ । ପୁରାଣରେ ଗଙ୍ଗାନଦୀକୁ ଗଙ୍ଗାମାତା ବୋଲି କୁହାଯାଇଛି । ଗଙ୍ଗାମାତାଙ୍କୁ ସ୍ମରଣ କଲେ, ଗଙ୍ଗାନଦୀର

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଦର୍ଶନ କଲେ ଏବଂ ଏହି ନଦୀର ଜଳକୁ ଗ୍ରହଣ କଲେ ମନୁଷ୍ୟର ଜନ୍ମ ଜନ୍ମର ପାପ କ୍ଷୟ ହେବାସହ ମନୁଷ୍ୟ ମୋକ୍ଷ ପ୍ରାପ୍ତି ହୋଇଥାଏ ବୋଲି ଅନେକଙ୍କ ବିଶ୍ୱାସ । କଳିଯୁଗରେ ଗଙ୍ଗାକୁ ହିଁ ପ୍ରଧାନ ତୀର୍ଥ କୁହାଯାଉଛି । ଆଜିର ପବିତ୍ର ଦିବସରେ ଭଗବତୀ ଗଙ୍ଗା ସମସ୍ତ ନଦୀରେ ପ୍ରବାହିତ ହୋଇଥାନ୍ତି । ତେଣୁ ଆଜିର ଦିବସ ରେ ପ୍ରାତଃ କାଳ ରେ ନିଜର ନିତ୍ୟକର୍ମ ସମାପ୍ତ କରି ନିକଟସ୍ଥ ନଦୀକୁ ଯାଇ ପ୍ରଥମେ ବିଧି ପୂର୍ବକ ଗଙ୍ଗା ପୂଜନ କରିବା ଉଚିତ ।

ମାତାଙ୍କୁ ଦୁଗ୍ଧ, ପଞ୍ଚାମୃତରେ ସ୍ନାନ କରାଇ, ଶ୍ୱେତ ବସ୍ତ୍ର ଦେବା ସହ, ଚନ୍ଦନ, ଶ୍ୱେତ ପୁଷ୍ପ, ଧୂପ, ଦୀପ, ଲିଆ କ୍ଷୀର ନୈବେଦ୍ୟ କରିବା ସହ ବିଧି ପୂର୍ବକ କର୍ପୁର ଆରତୀ କରିବା ଉଚିତ । ତା'ପରେ କିଛି ଦକ୍ଷିଣା ନଦୀ ଗର୍ଭରେ ପକାଇ ସ୍ୱୟମ ଆନନ୍ଦ ମନରେ ନାରାୟଣଙ୍କୁ ସ୍ମରଣ କରି ସ୍ନାନ କଲେ ଗଙ୍ଗା ସ୍ନାନର ଫଳ ମିଳେ ।  ଏହିଦିନ ସମ୍ପୂର୍ଣ୍ଣ ହବିଷ ଭୋଜନ କରିବା ଉଚିତ ।

॥ ସ୍ନାନ ମନ୍ତ୍ର ॥

ଗଙ୍ଗେ ଚ ଯମୁନେ ଚୈବ

ଗୋଦାବରୀ ସରସ୍ୱତୀ ।

ନର୍ମଦେ ସିନ୍ଧୁ କାବେରୀ

ଜଳେ ଅସ୍ମିନ୍ ସନ୍ନିଧିମ୍ କୁରୁ ।

ଓଁ ଶାନ୍ତି ଓଁ ଶାନ୍ତି ଓଁ ଶାନ୍ତି ॥

ଦିଏଲ୍ଏ -୧୨, ଭିଏସଏସ ନଗର,

ଭୁବନେଶ୍ୱର -୭୫୧୦୦୦

ମୋ -୯୪୩୭୧୧୭୮୪୨୪

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ନୂଆ ସଂସଦ ଭବନ ଉଦଘାଟନ ବିବାଦ



ସଞ୍ଜୀବ କୁମାର ଦାସ

ନୂଆ ସଂସଦ ଭବନ ଉଦ୍ଘାଟନକୁ ନେଇ ବିବାଦ କେତେ ଯଥାର୍ଥ

୨୦୨୩ ମସିହା ମଇ ମାସ ୨୮ ତାରିଖ ଭାରତୀୟ ଗଣତାନ୍ତ୍ରିକ ଇତିହାସରେ ଏକ ନୂଆ ଅଧ୍ୟାୟ ସୃଷ୍ଟି ହୁଏ ଯାହାର ପରିଚୟ ଅନନ୍ୟ । ଏହି ଦିନ ଆମ ପ୍ରିୟ ପ୍ରଧାନମନ୍ତ୍ରୀ ନୂଆ ସଂସଦ ଭବନର ଉଦ୍ଘାଟନ କରି ଦେଶବାସୀଙ୍କ ଉଦ୍ଦେଶ୍ୟରେ ଯେଉଁ ବାର୍ତ୍ତା ଦେଲେ ତାହା ପ୍ରଣିଧାନଯୋଗ୍ୟ । ଅନେକ ବାଦ ବିବାଦ ପରେ ଲୋକାର୍ପଣ ସମୟରେ ସେ କହିଥିଲେ ଗଣତନ୍ତ୍ରର ଜନନୀ ଭାରତ ବିଶ୍ୱର ଆଲୋକବର୍ତ୍ତିକା । ତା ଛଡ଼ା, ଏହି ନୂତନ ସଂସଦ ଭବନ ୧୪୦ କୋଟି ଭାରତୀୟଙ୍କ ପାଇଁ ଜନମଙ୍ଗଳ ନୀତି ପ୍ରସ୍ତୁତ କରିବ ବୋଲି ସେ ସମ୍ପୂର୍ଣ୍ଣ ଆଶାବାଦୀ । ଏହି ପ୍ରସଙ୍ଗରେ ସେ ତାଙ୍କ ବକ୍ତବ୍ୟରେ କହିଥିଲେ ଭାରତର ବିକାଶ ହେଲେ ବିଶ୍ୱର ବିକାଶ ହୋଇଥାଏ । ନୂଆ ସଂସଦ ଭବନ ବିଶ୍ୱ ବିକାଶର ନେତୃତ୍ୱ ନେବା । ପ୍ରତ୍ୟେକ ରାଷ୍ଟ୍ରର ବିକାଶ ଯାତ୍ରାରେ ଏମିତି କେତେକ ମୁହୂର୍ତ୍ତ ଆସେ ଯାହା ଚିରସ୍ଥାୟୀ ହୋଇଥାଏ ।

ଆଜିର ଦିନଟି ସେମିତି ଏକ ମୁହୂର୍ତ୍ତ । ଭାରତ ମଧ୍ୟ ବିଶ୍ୱ ଗଣତନ୍ତ୍ରର ମୂଳଦୁଆ । ଗଣତନ୍ତ୍ର ହିଁ ଆମର ସଂସ୍କାର,ଲକ୍ଷ୍ୟ ଓ ପରମ୍ପରା । ବହୁ ବର୍ଷର ବିଦେଶୀ ଶାସନ ଆମଠୁଁ ଆମ ଗୌରବ ଛଡାଇ ନେଇଥିଲା ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏବେ ଭାରତ ସେହି ଔପନିବେଶିକତାକୁ ପୂର୍ଣ୍ଣ ମାତ୍ରାରେ ପରିହାର କରିଛି । ନୂଆ ସଂସଦ ଭବନ ଷାଠିଏ ହଜାର ଶ୍ରମିକଙ୍କୁ ରୋଜଗାର ଦେଇଛି ଏବଂ ସେମାନଙ୍କ ଶ୍ରମର ସ୍ୱୀକୃତି ସ୍ୱରୂପ ସଂସଦର ଡିଜିଟାଲ ଗ୍ୟାଲେରୀକୁ ସେମାନଙ୍କ ପ୍ରତି ଉତ୍ସର୍ଗ କରାଯାଇଛି । ନୂଆ ସଂସଦ ଭବନ ହେଉଛି ପୁରାତନ ଓ ନୂତନତ୍ୱ ସହାବସ୍ଥାନର ପ୍ରକୃଷ୍ଟ ଉଦାହରଣ । ୨୦୨୬ରେ ସାଂସଦଙ୍କ ସଂଖ୍ୟା ବଢ଼ିବ ଏବଂ ସେଥିପାଇଁ ଏହି ବର୍ଦ୍ଧିତ ଭବନର ଆବଶ୍ୟକତା ଥିଲା । ପଂଚାୟତ ଭବନରୁ ଆରମ୍ଭ କରି ସଂସଦ ଭବନ ପର୍ଯ୍ୟନ୍ତ ଆମର ପ୍ରେରଣା ହେଉଛି ଦେଶ ଓ ଦେଶବାସୀଙ୍କ ବିକାଶ ।

ସେ ମଧ୍ୟ ଆଶା ପ୍ରକାଶ କରିଥିଲେ ଯେ ଏହି ଭବ୍ୟ ସୌଧ ସଶକ୍ତିକରଣ ସ୍ୱପ୍ନକୁ ପ୍ରଜ୍ୱଳିତ କରି ତାହାକୁ ବାସ୍ତବରେ ପରିଣତ କରିବାର ଉତ୍ପତ୍ତିସ୍ଥଳ ହେଉ । ଏଥିରୁ ଗୋଟିଏ କଥା ସ୍ପଷ୍ଟ ଯେ ଏକ ଅପୂର୍ବ ବାତାବରଣ ଭିତରେ ନୂତନ ଭବନ ଭାରତବର୍ଷର ଭିନ୍ନ ଭିନ୍ନ ପ୍ରଦେଶରୁ ନିର୍ବାଚିତ ତଥା ମନୋନୀତ ସାଂସଦ ମାନଙ୍କୁ ଦେଶ ହିତରେ ପ୍ରସ୍ତୁତ ହେବାକୁ ଥିବା ବିଧେୟକ ଗୃହୀତ କରାଇବାକୁ ପର୍ଯ୍ୟାପ୍ତ ସୁଯୋଗ ଦେବ ।

ନବ୍ୟ, ଦିବ୍ୟ ଏବଂ ଭବ୍ୟ ପଞ୍ଚଷଠି ହଜ଼ାର ବର୍ଗ ମିଟର ପରିମିତ ଆମ ଗଣତନ୍ତ୍ରର ଏହି ମନ୍ଦିରକୁ ଗଢ଼ି ତୋଳିବା ନିମନ୍ତେ ନିର୍ମାଣକାରୀ ସଂସ୍ଥା ଟାଟା ପ୍ରୋଜେକ୍ଟ ଲିମିଟେଡ଼କୁ ପ୍ରାୟ ଅଢେଇ ବର୍ଷ ସମୟ ଲାଗିଛି, ଯେଉଁଥିରେ ଷାଠିଏ ହଜାର ଶ୍ରମିକଙ୍କ ସମର୍ପିତ ଶ୍ରମଦାନ ଅନ୍ତର୍ଭୁକ୍ତ । ପୁରାତନ ସଦନର ଅନତିଦୂରରେ ନିର୍ମିତ ଏହି ଭବନର ବିଶେଷତ୍ୱ ହେଉଛି ପୂର୍ବ ସଂସଦ ଭବନରେ ଥିବା ଉଭୟ ଗୃହର ଆସନ ତୁଳନାରେ ଏଠାରେ ଆସନ ସଂଖ୍ୟା ଅଧିକ । ମୟୂରାକୃତି ନିମ୍ନ ସଦନ ଲୋକସଭାର ଆସନ ସଂଖ୍ୟା ୮୮୮ ହୋଇଥିବାବେଳେ ପଦ୍ମଆକୃତି ଉଚ୍ଚ ସଦନର ଆସନ ସଂଖ୍ୟାକୁ ୩୮୪ କୁ ବୃଦ୍ଧି କରାଯାଇଛି । ଫଳରେ ସଂସଦର ମିଳିତ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅଧିବେଶନରେ ନବନିର୍ମିତ ଭବନ ଏକସମୟରେ ୧୨୭୨ ଜଣ ପର୍ଯ୍ୟନ୍ତ ଲୋକ ପ୍ରତିନିଧିଙ୍କୁ ଅଂଶଗ୍ରହଣ କରିବାର ସୁଯୋଗ ଦେଇପାରିବ । ଦେଶର ଜନସଂଖ୍ୟା ବୃଦ୍ଧି ପରିପ୍ରେକ୍ଷୀରେ ୨୦୨୬ ବେଳକୁ ଉଭୟ ସଦନରେ ସଭ୍ୟ ସଂଖ୍ୟା ବଢ଼ିବାର ଆକଳନ କରାଯାଉଥିବାରୁ ଏକ ନୂତନ ଭବନ ନିର୍ମାଣ କରାଯିବାର ପ୍ରସ୍ତାବ ଶେଷରେ କାର୍ଯ୍ୟକାରୀ ହୋଇପାରିଛି । ଏପରି ଏକ ପ୍ରସ୍ତାବ ପ୍ରଥମେ ୨୦୧୦ ମସିହାରେ ଲୋକସଭାର ତତ୍କାଳୀନ ବାଚସ୍ପତି ମୀରା କୁମାରଙ୍କ ପୌରୋହିତ୍ୱରେ ଗଠିତ କମିଟି ଦ୍ୱାରା ସଂସଦରେ ଉପସ୍ଥାପିତ ହୋଇଥିଲା । ସ୍ଥାନାଭାବ ଏବଂ ସେହି ସମୟକୁ ୮୩ ବର୍ଷ ପୂର୍ଣ୍ଣ କରିଥିବା ପୁରାତନ ସଦନ ପରିବର୍ତ୍ତେ ଏକ ନୂତନ ଭବନର ନିର୍ମାଣ ପ୍ରସ୍ତାବକୁ କମିଟି ଅନୁମୋଦନ କରିଥିଲା । ତେବେ ୮୦୦ କୋଟି ଟଙ୍କାରୁ ଅଧିକ ବ୍ୟୟରେ ଏକ ସୁନ୍ଦର, ସୁଶୋଭିତ ଏବଂ ଅତ୍ୟାଧୁନିକ ସୁବିଧା ଉପଲବ୍ଧ ତଥା ଭାରତୀୟ ପରମ୍ପରାର ଛାପ ଥିବା ଏହି ଭବନର ଉଦ୍ଘାଟନକୁ ନେଇ ବାଦ ବିବାଦ ବୁଦ୍ଧିଜୀବୀ ଏବଂ ଦୁରଦୃଷ୍ଟି ସମ୍ପନ୍ନ ନାଗରିକଙ୍କ ମଧ୍ୟରେ ଆଲୋଡନ ସୃଷ୍ଟି କରିଛି । ବିରୋଧ କରୁଥିବା ରାଜନୈତିକ ଦଳ ଏବଂ କିଛି ସଂସ୍ଥା ଏହା ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଉଦ୍ଘାଟିତ ନହୋଇ ଭାରତର ପ୍ରଥମ ନାଗରିକ ଏବଂ ସାମ୍ବିଧାନିକ ମୁଖ୍ୟ ରାଷ୍ଟ୍ରପତି କିମ୍ବା ଲୋକସଭାର ବାଚସ୍ପତି ଓ ରାଜ୍ୟସଭାର ଅଧ୍ୟକ୍ଷଙ୍କ ଦ୍ୱାରା ଲୋକାର୍ପିତ ହେବା ପାଇଁ ଜିଦ ଧରି ଉତ୍ସବକୁ ବର୍ଜନ କରିଛନ୍ତି । ସେମାନଙ୍କ ଅନ୍ୟ ଅଭିଯୋଗ ହେଲା ମଇ ମାସ ୨୮ ତାରିଖଟିକୁ କାହିଁକି ବିଚାରକୁ ନିଆଗଲା । କେନ୍ଦ୍ରରେ ଅବସ୍ଥାପିତ ମୋର୍ଚ୍ଚା ସରକାରର ବୃହତ୍ତମ ଘଟକ ଦଳ ବିଜେପି ହିନ୍ଦୁତ୍ୱର ଦ୍ୱାହି ଦେଇ ବୀର ସାବରକରଙ୍କ ଜନ୍ମତିଥିରେ ସଂସଦ ଭବନ ଲୋକାର୍ପିତ ହେବାକୁ ବିରୋଧୀ ମାନେ ସହଜରେ ଗ୍ରହଣ କରି ପାରୁନାହାନ୍ତି, କାରଣ ସେମାନେ ହିନ୍ଦୁ ମୌଳିକତାବାଦୀ ଚରମପନ୍ଥୀ ଏହି ନେତାଙ୍କ ଭାରତୀୟ ସ୍ୱାଧୀନତା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପାଇଁ କୌଣସି ସକାରାତ୍ମକ ଭୂମିକା ଥିବା ଅନୁଭବ କରୁ ନାହାନ୍ତି । ଦ୍ୱିତୀୟରେ, ଆମ ଦେଶ ସ୍ୱାଧୀନତାର ୭୫ ବର୍ଷ ପ୍ରାପ୍ତି ଅବସରରେ "ଆଜାଦୀ କା ଅମୃତ ମହୋତ୍ସବ" ପାଳନ କରୁଥିବା ବେଳେ ଉଦ୍ଘାଟନ ଉତ୍ସବଟିକୁ ଅଗଷ୍ଟ ୧୫ ତାରିଖରେ କରାଯାଇଥିଲେ ଏହାର ମହତ୍ୱ ଅଧିକ ହୋଇଥାନ୍ତା ବୋଲି ସେମାନେ ବିବେଚନା କରୁଛନ୍ତି । ଅବଶ୍ୟ ସେହି ଦୃଷ୍ଟିରୁ ଉପରୋକ୍ତ ଦିବସଟି ଯଥାର୍ଥ ମନେ ହୁଏ । କିନ୍ତୁ,ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଲୋକାର୍ପଣ ବିଷୟଟିକୁ ଅନ୍ୟ ଦିଗରୁ ବିଚାର କରାଯାଇପାରେ । ପୁରାତନ ସଂସଦ ଭବନ ତତ୍କାଳୀନ ଭାଇସରୟ ଲର୍ଡ୍ ଇରଉଇନଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା  ଏବଂ ସେ ସେତେବେଳେ ଭାରତରେ ବ୍ରିଟିଶ ଶାସନର ପ୍ରତିନିଧି ଭାବେ ଶାସନ ମୁଖ୍ୟର ଆସନରେ ଅବସ୍ଥାପିତ ହୋଇଥିଲେ । ଅତଏବ ଏବର ପ୍ରଧାନମନ୍ତ୍ରୀ ରାଷ୍ଟ୍ରର ଶାସନମୁଖ୍ୟ ଭାବେ ନୂତନ ଗୃହକୁ ଉଦ୍ଘାଟନ କରିବା ରାଜନୈତିକ ଓ ଐତିହାସିକ ଦୃଷ୍ଟିକୋଣରୁ ମଧ୍ୟ ଯଥାର୍ଥ ।  ଏତଦବ୍ୟତୀତ ଆଉ ଏକ ମତ ପ୍ରକାଶ ପାଇଛି ଯେ ପୁରାତନ ସଂସଦ ଭବନର କିଛି ଅଂଶରେ ସମ୍ପ୍ରସାରଣ ସମୟରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଏହାର ଉଦ୍ଘାଟନ କରିଥିଲେ ।

ସଂସଦକୁ ଗଣତନ୍ତ୍ରର ମନ୍ଦିର ଭାବେ ବିବେଚନା କରୁଥିବା ସମସ୍ତ ଭାରତୀୟ ଏହା ସ୍ୱୀକାର କରିବେ ଯେ ଐକ୍ୟ ଓ ନୀତିର ପ୍ରତୀକ ସଂସଦ ପ୍ରତି ସମ୍ମାନ ପ୍ରଦର୍ଶନ ନିଶ୍ଚିତ ଭାବେ ରାଜନେତାମାନଙ୍କ  ଏକ କର୍ତ୍ତବ୍ୟ ।

ରାଷ୍ଟ୍ରପତିଙ୍କୁ ଆମନ୍ତ୍ରଣ ନ କରି ଶାସକ ଦଳ ଯେଉଁ ତ୍ରୁଟି କଲେ ସେ ପ୍ରସଙ୍ଗଟି ଉପଯୁକ୍ତ ସମୟରେ ସଂସଦ ଭିତରେ ଉତ୍ଥାପନ କରି ଏହା ଉପରେ ଆଲୋଚନା ଜରିଆରେ ବିତର୍କ କରାଯାଇ ସରକାରଙ୍କ ଦୋଷତୃଟି ପଦାକୁ ଅଣା ଯାଇପାରିଥାନ୍ତା ।

ଅପରପକ୍ଷେ ଉଦ୍ଘାଟନ ଉତ୍ସବକୁ ବର୍ଜନ ନ କରି ଏଥିରେ ନିଜକୁ ସାମିଲ କରିଥିଲେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତାହା ବିରୋଧୀ ଦଳମାନଂକର ଏକ ଗଣତାନ୍ତ୍ରିକ ବିଜୟ ବୋଲି ସମସ୍ତଙ୍କର ହୃଦବୋଧ ହୋଇଥାନ୍ତା ।

ଏକ ସଂଘୀୟ ବ୍ୟବସ୍ଥାରେ ଉଭୟ ସରକାରୀ ଓ ବିରୋଧୀ ଦଳମାନଙ୍କ ରାଜନୈତିକ ପରିପକ୍ୱତା ଏଇମିତି ଗୁରୁତ୍ୱପୂର୍ଣ୍ଣ ରାଷ୍ଟ୍ରୀୟ ହିତରେ ହେଉଥିବା ଅନେକ ଫଇସଲାରୁ ବାରି ହୋଇଥାଏ । ଆମେ ବିଶ୍ୱର ସର୍ବ ବୃହତ ଗଣତନ୍ତ୍ର ବୋଲି ଦାବି କରୁଥିବାବେଳେ ଏହିପରି ଏକ ସମ୍ବେଦନଶୀଳ ବିଷୟକୁ ଦଳୀୟ ବୈଚାରିକ ଦୃଷ୍ଟିରୁ ଫେରାଇ ରାଷ୍ଟ୍ରର ସର୍ବାଙ୍ଗୀନ ହିତ ପରିପ୍ରେକ୍ଷୀରେ ମୂଲ୍ୟାୟନ କରିବା ବିଧେୟ । ସାମ୍ପ୍ରତିକ ରାଜନୈତିକ ଦୃଶ୍ୟପଟରେ ଏପରି ଏକ ସ୍ୱର୍ଶକାତର ଘଟଣାକୁ ଅବଲୋକନ କଲେ ଏହା ସ୍ୱଷ୍ଟ ଅନୁମେୟ ଯେ ମୂଲ୍ୟବୋଧର ଦ୍ୱାହି ଦେଇ ରାଜନେତାମାନଙ୍କର ଏତାଦୃଶ ଦୃଷ୍ଟିଭଙ୍ଗୀ ଭାରତ ପରି ଏକ ବୃହତ ଜନବହୁଳ ରାଷ୍ଟ୍ରର ଗଣତାନ୍ତ୍ରିକ ବ୍ୟବସ୍ଥା ପ୍ରତି ଶୁଭଙ୍କର ନୁହେଁ । ସେଥିପାଇଁ ସମସ୍ତେ ଯତ୍ନବାନ ହେବା ଜରୁରୀ ମନେହୁଏ ।

ମର୍କତ ନଗର
କଟକ - ୭୫୩୦୧୪
୬୩୭୦୬୧୯୦୦୫

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ପଲ୍ଲୀର ସୁରଭି "ସିଲି"



ରାମଚନ୍ଦ୍ର ପ୍ରଧାନ

ବୟସ ମାତ୍ର ପନ୍ଦର । ହେଲେ ପ୍ରତିଭା ଆଶାଠୁ ଅଧିକା । ପ୍ରତିକୂଳ ପରିବେଶରେ ବି ତା'ର ପ୍ରତିଭାର ଚମକ କିଛି ଫିକା ପଡ଼ିନି । ପରିବାରର ଦୟନୀୟ ଆର୍ଥିକ ପରିସ୍ଥିତି ଆଗରେ ହାର୍ ନ ମାନି ସେ ବଢ଼ିଛନ୍ତି ଆଗକୁ। ପାଠପଢ଼ା ହେଉ କି ଖେଳକୁଦ ହେଉଅବା ଗୀତ ଗାଇବା ହେଉ ସବୁଥିରେ ନିଜ ଦକ୍ଷତା ପ୍ରତିପାଦନ କରି ଆଖପାଖ ଅଂଚଳ ସମେତ ନିକଟସ୍ଥ ବିଦ୍ୟାଳୟଗୁଡିକରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି । ସେ ହେଉଛନ୍ତି ସିଲି ବିଶ୍ୱାଳ । ଗଞ୍ଜାମ ଜିଲ୍ଲା ଧରାକୋଟ ବ୍ଲକ୍ ରାମଚନ୍ଦ୍ର ପୁର ଭଳି ଏକ ମଫସଲି ଗାଆଁରେ ତାଙ୍କ ଜନ୍ମ । ତାଙ୍କ ବାପାଙ୍କ ନାମ ସୁଗ୍ରୀବ ବିଶ୍ୱାଳ ଓ ମାତାଙ୍କ ନାମ ନମିତା ବିଶ୍ୱାଳ । ବର୍ତ୍ତମାନ ସେ ଆସିକା କଲେଜ ଛକ ସ୍ଥିତ ଟେକ୍ନିକାଲ ହାଇସ୍କୁଲରେ ଦଶମ ଶ୍ରେଣୀରେ ଅଧ୍ୟୟନରତା । ପରିବାରର ଆର୍ଥିକ ସ୍ଥିତି ଜମାରୁ ଭଲ ନୁହଁ । ତେଣୁ ସେ ଓଡିଶା ସରକାରଙ୍କ ଜନକଲ୍ୟାଣ ବିଭାଗ ଦ୍ୱାରା ପରିଚାଳିତ ଟେକ୍ନିକାଲ ହାଇସ୍କୁଲ ହରିଜନ ବାଳିକା ଛାତ୍ରବାସରେ ରହି ପାଠ ପଢୁଛନ୍ତି, ଯେଉଁଠି ଖାଇବା, ପିଇବା, ରହିବା ସବୁ ମାଗଣା । ବାପା ଗାଆଁରେ ଭାଗ ଚାଷ ସହ ଦିନ ମଜୁରିଆ ଭାବେ କାର୍ଯ୍ୟ କରୁଥିଲା ବେଳେ ମାଆ ସ୍ଥାନୀୟ ଅଂଚଳରେ ମୁଳପାତି କରି କଷ୍ଟେମଷ୍ଟେ ଘର ଚଳାନ୍ତି । ଏଭଳି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପରିସ୍ଥିତିରେ ମାଆ ନମିତା ଜମାରୁ ହାର୍ ମାନି ନାହାନ୍ତି । ସେ ଅନେକ କଷ୍ଟ ସହି ଝିଅ ସିଲିର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଆଶା ରଖିଛନ୍ତି ।

ପିଲାଟି ବେଳୁ ଖେଳକୁଦ ପ୍ରତି ସିଲିଙ୍କ ରହିଛି ଅହେତୁକ ଆଗ୍ରହ । କ୍ରୀଡ଼ା କ୍ଷେତ୍ରରେ ବିଦ୍ୟାଳୟସ୍ତରୀୟ ହେଉ କି ପଂଚାୟତସ୍ତରୀୟ ହେଉ ସବୁଥିରେ ସିଲିଙ୍କ ସଫଳତା ତାଲିକା ବେଶ୍ ଲମ୍ବା । ଆଥଲେଟରେ ରୁଚି ରଖୁଥିବା ସିଲି କବାଡିରେ କିନ୍ତୁ ବେଶି ସଫଳତା ପାଇ ପାରିଛନ୍ତି । ଟିଭିରୁ ପ୍ରୋ କବାଡି ଦେଖି କବାଡି ଖେଳ ପ୍ରତି ତାଙ୍କ ଆଗ୍ରହ ଜନ୍ମିଥିଲା । ଏଥିରେ ପୁଣି ଇନ୍ଧନ ଯୋଗାଇଥିଲା ଆସିକା କବାଡି ଆସୋସିଏସନ୍ । ତା ସାଙ୍ଗକୁ ଟେକ୍ନିକାଲ ହାଇସ୍କୁଲର କ୍ରୀଡ଼ା ଶିକ୍ଷକ କୈଳାଶ ଗୌଡ଼ଙ୍କ ଆର୍ଥିକ ସହଯୋଗ ଆଉ ଉଚିତ ମାର୍ଗଦର୍ଶନରେ ଆଜି ସିଲି ସ୍ଥାନୀୟ ଅଞ୍ଚଳରେ ଜଣେ ପରିଚିତ କବାଡି ଖେଳାଳୀ । ଆସିକା କବାଡି ଆସୋସିଏସନ୍ ତରଫରୁ ସେ ବିଭିନ୍ନ କବାଡି ପ୍ରତିଯୋଗିତାରେ ଭାଗ ନେଇ ଢେର ସାରା ପ୍ରଶଂସା ସାଉଁଟିବା ସହ ଅନେକ ମେଡ଼ାଲ ହାତେଇ ପାରିଛନ୍ତି । ଯାହା ତାଙ୍କୁ କବାଡି ଖେଳିବା ପାଇଁ ଆହୁରି ଉତ୍ସାହିତ କରି ପାରିଛି । ଆଉ ସେବଠୁ ସେ ପଛକୁ ଫେରି ନାହାଁନ୍ତି ।

ସିଲିଙ୍କ ଏଇ ସଫଳତା ପଛରେ ଅନେକ ଲୋକଙ୍କ ପ୍ରେରଣାଦାୟୀ ହାତ ରହିଛି । ଏ କ୍ଷେତ୍ରରେ ବାଳିକା ଛାତ୍ରବାସର ଉପ ଅଧ୍ୟକ୍ଷା ଶ୍ରୀମତୀ ପ୍ରଜ୍ଞା ପାରମିତା ପଣ୍ଡା ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରତାପ କୁମାର ମହାପାତ୍ରଙ୍କ ବଳିଷ୍ଠ ପ୍ରେରଣାରେ ସେ ନିଜ ଖେଳକୁ ଖୁବ ଶାଣିତ ଆଉ ମଜବୁତ୍ କରିପାରିଛନ୍ତି । ଏହାଛଡ଼ା ଆସିକା କବାଡ଼ି ଆସୋସିଏସନର ବରିଷ୍ଠ ଖେଳାଳୀ ଲିଜା ପାତ୍ର, ବର୍ଷା ନାହାକ, ଦୀପାଞ୍ଜଳି ବେହେରା, ଅନିଲ୍ ସ୍ୱାଇଁ, ଦିଲ୍ଲୀପ ନାୟକ ଓ କାର୍ତ୍ତିକ ପଟ୍ଟନାୟକ ଠାରୁ ନିୟମିତ ତାଲିମ ପାଇ କବାଡ଼ି ଖେଳରେ ଆଶାତୀତ ସଫଳତା ପ୍ରାପ୍ତ କରିପାରିଛନ୍ତି । ସେ ୨୦୨୨ ଡିସେମ୍ବର ୧୫

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ତାରିଖରେ ଟେକ୍ନିକାଲ ହାଇସ୍କୁଲ, ଆସିକା ଠାରେ ଅନୁଷ୍ଠିତ ବ୍ଲକ୍ ସ୍ତରୀୟ କବାଡ଼ି ପ୍ରତିଯୋଗିତାରେ ଉନ୍ନତ ଖେଳ ପ୍ରଦର୍ଶନ କରି ଟେକ୍ନିକାଲ ହାଇସ୍କୁଲକୁ ଚମ୍ପିୟାନ କରାଇବା ସହ ଜୋନ୍ ସ୍ତରରେ ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଥିଲେ । ତାପରେ ଡ଼ିସେମ୍ବର ୧୭ ରୁ ୨୦ ମଧ୍ୟରେ ଅନୁଷ୍ଠିତ ଜୋନ୍ ସ୍ତରୀୟ କବାଡ଼ି ପ୍ରତିଯୋଗିତାରେ ଆସିକା ବ୍ଲକ ତରଫରୁ ଉନ୍ନତ ଖେଳ ପ୍ରଦର୍ଶନ କରି ଜିଲ୍ଲା ସ୍ତରକୁ ମନୋନୀତ ହୋଇଥିଲେ । ଏତିକିରେ ତାଙ୍କ ସଫଳତା ଯାତ୍ରା ସରି ନ ଥିଲା । ସେ ପୁଣି ୨୦୨୩ ଜାନୁଆରୀ ୮ ତାରିଖରେ ଛତ୍ରପୁର ଠାରେ ଅନୁଷ୍ଠିତ ଜିଲ୍ଲା ସ୍ତରୀୟ କବାଡ଼ି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ମନୋନୟନକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏଇ ସଫଳତା ପାଇଁ ଗଞ୍ଜାମ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀମତୀ ବିନିତା ସେନାପତି ଛାତ୍ରପୁର ଅନଶ୍ଲୋ ଅନୁଷ୍ଠାନ ଠାରେ ସିଲିଙ୍କୁ ଫୁଲ ତୋଡ଼ା ଓ ମାନପତ୍ର ଦେଇ ସମ୍ମାନିତ କରିଥିଲେ । ଫଳ ସ୍ୱରୂପ ସିଲିଙ୍କୁ ନିଜ ଉନ୍ନତ ଖେଳ ପାଇଁ କବାଡ଼ିରେ ରାଜ୍ୟ ସ୍ତରକୁ ଚୟନ କରାଯାଇଥିଲା । ଯେଉଁଥି ପାଇଁ ସେ ଜୋରଶୋର ଅଭ୍ୟାସ ଆରମ୍ଭ କରି ଦେଇଥିଲେ । ଏହି ଖବର ପ୍ରସାରିତ ହେବା ପରେ ସ୍ଥାନୀୟ ଅଂଚଳରେ ଖୁସିର ଲହରୀ ଖେଳି ଯାଇଥିଲା । ଯାହା ପାଇଁ ସିଲିଙ୍କୁ ଆସିକା କବାଡ଼ି ଆସୋସିଏସନ୍ ତରଫରୁ ବରିଷ୍ଠ ଆଇନଜୀବି ଦିଲୀପ କୁମାର ପାଣିଗ୍ରାହୀ ମହୋଦୟ ସମ୍ମାନିତ କରିଥିଲେ । ଏତଦ ବ୍ୟତୀତ ଆସିକା ଗୋଷ୍ଠୀ ଶିକ୍ଷା ଅଧିକାରୀ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରିଥିଲେ । ଢେଙ୍କାନାଳ କାମାକ୍ଷ ନଗର ସ୍ଥିତ ଏସ୍. ଡ଼ି ହାଇସ୍କୁଲ ଠାରେ ଅନୁଷ୍ଠିତ ରାଜ୍ୟ ସ୍ତରୀୟ ସ୍କୁଲସ କବାଡ଼ି ଚମ୍ପିୟାନ ୨୦୨୨-୨୩ ରେ ଉନ୍ନତ ଖେଳ ପ୍ରଦର୍ଶନ କରି ଚୟନ କର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ପୁଣି ଓଡିଶା କବାଡ଼ି ଆସୋସିଏସନ୍ ତରଫରୁ ୧୭ ବର୍ଷରୁ କମ୍ ବାଳିକା ବିଭାଗରେ ମନୋନୀତ ହୋଇ ଝାଡଖଣ୍ଡର ବୁକାରେ ଷ୍ଟିଲପ୍ଲାଣ୍ଟ ଷ୍ଟାଡିଅମରେ ଖେଳି କ୍ୱାର୍ଟର୍

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଫାଇନାଲରେ ପରାଜୟ ବରଣ କରିଥିଲେ । ହେଲେ ସଭିଙ୍କ ହୃଦୟ ଜିତି ପାରିଥିଲେ । ସିଲିଙ୍କ ଏଇ ନିଆରା ସଫଳତାରେ ବାପାମା, ବିଦ୍ୟାଳୟ କର୍ମଚାରୀଙ୍କ ସମେତ ସ୍ଥାନୀୟ ଲୋକମାନେ ବି ବହୁତ ଖୁସି ।

ନିଜକୁ କବାଡ଼ି ଖେଳରେ ସମର୍ପିତ କରିଥିବା ସିଲି ଜଣେ ମେଧାବୀ ଛାତ୍ରୀ । ସେ ଜଣେ ଭଦ୍ର, ନମ୍ର ଆଉ ମିଷ୍ଟଭାଷୀ । ପାଠପଢ଼ା ସହ ଖେଳକୁଦକୁ ସେ ଠିକ ପରିଚାଳନା କରିପାରିଛନ୍ତି । ଖାଲି ଏତିକି ନୁହେଁ ସିଲି ଜଣେ ଭଲ ଗାୟିକା ମଧ୍ୟ । ସେ ନିଜ ସୁରିଲା କଣ୍ଠରେ ବିଭିନ୍ନ ଭଜନ ଗାଇ ଢେର ସାରା ପ୍ରଶଂସା ସାଉଁଟି ପାରିଛନ୍ତି । ସେଥିପାଇଁ ସଭିଏଁ ତାଙ୍କୁ ଖୁବ୍ ଭଲ ପାଆନ୍ତି । ଭବିଷ୍ୟତରେ ସେ ଭାରତୀୟ ଜାତୀୟ କବାଡ଼ି ଦଳ ପାଇଁ ଖେଳିବାକୁ ଲକ୍ଷ୍ୟ ରଖିଛନ୍ତି ଏବଂ ଏଥିପାଇଁ ସେ ଦୃଢ଼ ପ୍ରତିଶ୍ରୁତିବଦ୍ଧ ।

ରାମ ଚନ୍ଦ୍ର ପ୍ରଧାନ, ଶିକ୍ଷକ

ସାନ୍ତରାପଲ୍ଲୀ, ଗଞ୍ଜାମ

ମୋ: ୯୮୬୧୬୩୮୩୬

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆଖି ଥାଉ ଥାଉ ଅନ୍ଧ କିଏ ?



ପଙ୍କଜ କୁମାର ପାଣିଗ୍ରାହୀ

ଆଖି ଥାଉ ଥାଉ ଅନ୍ଧ କିଏ, କାନ... ?

ହୁଏତ ଯିଏ ଭଲ ଥିବା ଆଖିରେ ପଟି ବାନ୍ଧିଛି ଏବଂ କାନରେ ଚୁଣ୍ଟା ଦେଇଛି !

ନା ଆଉ କିଛି ? !

ଆଖି ଥାଇ ଅନ୍ଧ ଓ କାନ ଥାଇ କାଲାର ଅଭିନୟ କରିବା କେବଳ ଖେଳରେ ହୋଇଥାଏ କିମ୍ବା ସାଙ୍ଘାତିକ ବିପର୍ଯ୍ୟୟରେ । ସାମାଜିକ କ୍ଷେତ୍ରରେ ସାର୍ବଜନୀନ ଉଦ୍ଦେଶ୍ୟରେ ଏହି ଖେଳ ଯେ ସର୍ବସାଧାରଣଙ୍କୁ ବ୍ୟାପକ ପ୍ରଭାବିତ କରିଥାଏ ସେକଥା ପଶୁନାହିଁ କାହା ମନରେ । କି ଆଶ୍ଚର୍ଯ୍ୟର କଥା ଆମ ଦେଶର ସାମ୍ବିଧାନିକ ଆଇନ ତଥା ଲୋକଙ୍କ ଗ୍ରହଣୀୟତା । ଦେଶ ବ୍ୟାପି ସମସ୍ତେ ବୁଝୁଛନ୍ତି ଦୁର୍ନୀତି ଓ ଭ୍ରଷ୍ଟା·ରର ପ୍ରକୋପ, କି'ନ୍ତୁ ସମସ୍ତେ କିଂକର୍ତ୍ତବ୍ୟ ବିମୂଢ଼ ଅବସ୍ଥାରେ । ବାଟ ଘାଟରେ, ଖଟିରେ, ସମ୍ମିଳନୀରେ ହେଉକି ବୈଠକରେ ସବୁଠି କେବଳ ଚର୍ଚ୍ଚା ଶୁଣିବାକୁ ମିଳୁଛି ଯେ ଭ୍ରଷ୍ଟାଚାରୀ କିଏ ଏବଂ ସେମାନଙ୍କ ଆର୍ଥିକ ହିସାବ କ'ଣ ? ! ଏହିସବୁ କଥା ଆଉ ତା'ର ହିସାବ ଲୋକଙ୍କୁ ମିଳିଯାଉଅଛି, ବୁଝିଯାଉଛି କି'ନ୍ତୁ ଶାସନ, ପ୍ରଶାସନଙ୍କୁ ନୁହେଁ ! କହିବାକୁ ଏହା ଏକ ଗଣତାନ୍ତ୍ରିକ ରାଷ୍ଟ୍ର ଯାହା ସର୍ବସାଧାରଣଙ୍କ ନିଜସ୍ୱ ଶାସନ । କିନ୍ତୁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସାଧାରଣ ଲୋକଙ୍କ କିଛି କରିପାରିବା ଭଳି କୌଣସି କ୍ଷମତା ନାହିଁ କି ପରିସର ! ସରକାରୀ କ୍ଷମତାଧାରୀଙ୍କୁ ତାହାର ହିସାବ ମିଳୁନି କି ବାଟ ପାଉନାହାନ୍ତି ଶାସନକଳ ! ଅଭିଯୋଗ ଆସିଲେ ତଦନ୍ତ ହେବ ଆଉ ସେହି ତଦନ୍ତ ଯେମିତି ହେବ ସେକଥା ମଧ୍ୟ ସମସ୍ତେ ଜାଣନ୍ତି ଏବଂ ତଦନ୍ତରେ ଯାହା ବାହାରିବ ତାହାହିଁ ସର୍ବସ୍ୱ । ଆଇନ ପରିସର ମଧ୍ୟରେ ତଦନ୍ତ ହେବ କିଂନ୍ତୁ ବେଆଇନ ସମ୍ପତ୍ତିର ଠାବ ହେଲେ ମଧ୍ୟ କୌଣସି ନିଦର୍ଶନ ନମିଳିଲେ ତାହା ଆଇନ ପରିସରଭୁକ୍ତ ହେବ ନାହିଁ ଏବଂ ସମ୍ପୃକ୍ତ ଭ୍ରଷ୍ଟାଚାରୀ ନିର୍ଦୋଶରେ ଖଲାସ ହେବ ଏବଂ ତାର ସ୍ୱଚ୍ଛ ଭାବମୂର୍ତ୍ତି ପ୍ରକାଶ ପାଇବ । ଆଉ ଲୋକେ ତାକୁ ନେଇ କେବଳ ହାସ୍ୟାସ୍ପଦ ଚର୍ଚ୍ଚା କରିବେ ଯେ ଦେଖ କେଡେ ଚତୁର ମଣିଷଟିଏ ଯେ ଏତେ ଦୁର୍ନୀତି, ଭ୍ରଷ୍ଟାଚାର କରି କୋଟି କୋଟି ଟଙ୍କା ଆତ୍ମସାତ କରି ମଧ୍ୟ କିଛି ହେଲା ନାହିଁ ତାହାର । ଏସବୁ ଦେଖିଲେ ଛୋଟ ପିଲାଙ୍କ ବାଚଳାମୀ କିମ୍ବା ବାୟା ପାଗଳଙ୍କ ବିଚାର ଭଳି ମାନେ ହେଉଛି ଆଜି ସମୟରେ ଆମ ଦେଶର ପରିସ୍ଥିତି ଯାହା ସମସ୍ତେ ଜାଣୁଛନ୍ତି, ବୁଝୁଛନ୍ତି । ତଥାପି କାହାର କିଛି ପ୍ରତିବାଦ ନଥାଇ କୋଟି କୋଟି ଲୋକଙ୍କ ଜୀବନ ଯନ୍ତ୍ରଣାର ସୀମା ନାହିଁ । ଏସବୁ କ'ଣ ପରିବର୍ତ୍ତନ କରି ହେବ ନାହିଁ ନା ଆକାଶ ମାର୍ଗରୁ ନିର୍ଦ୍ଦେଶ ଅଛି ଏମିତି କରିବା ପାଇଁ, ବିଚାର କରି ଦେଖିବା...

ଆଜ୍ଞା ସମସ୍ତେ ଜାଣିଶୁଣି ଦୁର୍ନୀତି, ଭ୍ରଷ୍ଟାଚାର କରାଯାଉଥିବା ଏବଂ କେତେକ ଲୋକ ପର୍ଯ୍ୟାପ୍ତ ପରିମାଣର ଧନସମ୍ପତ୍ତି ଦେଶରୁ ଲୁଣ୍ଠନ କରି ନେଇ ସାଧାରଣ ଲୋକଙ୍କୁ ନିଷ୍ପେସିତ କରି ରଖିଥିବା କୌଣସି ଆଶ୍ଚର୍ଯ୍ୟଜନକ ନୂଆ କଥା ନୁହେଁ କାହା ପାଇଁ, ଏହା ସମସ୍ତେ ଜାଣନ୍ତି । ହେଲେ ତାହାର ପ୍ରତିବାଦ, ପ୍ରତିକାର ନାହିଁ କାହା ପାଖରେ, କାହିଁକି ?!! ଏହା କୌଣସି ପରି ରାଇଜର ଅଲୌକିକ କ୍ଷମତାଧାରୀଙ୍କ ଇଚ୍ଛାପ୍ରକାଶ ନୁହେଁ କି ନିର୍ଦ୍ଦେଶ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ନୁହେଁ । କେବଳ ଆମ ଦେଶର ସମ୍ବିଧାନ ଇଂରେଜ ସମ୍ବିଧାନର ନକଲ ହୋଇଥିବା କାରଣରୁ ସମ୍ଭବ ହୋଇଥାଏ । ସେହି ଇଂରେଜ ଶାସିତ ସମ୍ବିଧାନରେ ଯାହାସବୁ ଲେଖା ଅଛି ତାହା କେବଳ ଶାସନ କଳରେ ରହିଥିବା ମଣିଷଙ୍କ ସ୍ୱାର୍ଥ ଉଦ୍ଦେଶ୍ୟରେ ରହି ସର୍ବସାଧାରଣଙ୍କୁ ପ୍ରତାରିତ କଲାଭଳି ସାମ୍ବିଧାନିକ ଆଇନ ଗୁଡିଏ ଯାହା ବ୍ରିଟିଶ ସେମାନଙ୍କ ସ୍ୱାର୍ଥ ଦୃଷ୍ଟିରୁ କରିଥିଲା । ତେଣୁ ପ୍ରଶାସନ, ଶାସନ କଳରେ ସଂଯୋଜିତ ମଣିଷଙ୍କୁ ସୁବିଧା ଯୋଗାଇ ଦେବା ପାଇଁ ଅଭିଲିଖିତ ଆଇନ ଗୁଡିକ ଯୋଗୁଁ ଏହିସବୁ ସମ୍ଭବ ହୋଇପାରୁଛି ଆମ ଦେଶରେ । ଭାରତୀୟ ସାଂସ୍କୃତିକ ଚେତନାରେ ଆଇନ ଅଭିଲେଖ କରାଗଲେ ନିମିଷକ ମଧ୍ୟରେ ସବୁ କଳାଧନ ହେଉକି ଦୁର୍ନୀତି, ଭ୍ରଷ୍ଟାଚାର ପଦାରେ ପଡି ସଂଯୋଜିତ ଅଭିଯୁକ୍ତଙ୍କୁ ଯଥେଷ୍ଟ ଦଣ୍ଡବିଧାନ କରାଯାଇ ପାରିଥା'ନ୍ତା । କିନ୍ତୁ ଅଦ୍ୟାବଧି ପୂର୍ବର ସବୁ କେଳେଙ୍କାରୀ ଗୁଡିକୁ ସମୀକ୍ଷା, ସମାଲୋଚନା କରାଯାଉଥିଲେ ମଧ୍ୟ ଏହି ସାମ୍ବିଧାନିକ ଆଇନ ଗୁଡିକର କୌଣସି ସମୀକ୍ଷା, ସମାଲୋଚନା କରିନଥା'ନ୍ତି କୌଣସି ଶାସକ ଗୋଷ୍ଠୀ ଯାହା ସେମାନଙ୍କ ପାଇଁ ବରଦାନ ସ୍ୱରୂପ ରଖି ଯାଇଛନ୍ତି ଆମ ପୂର୍ବଜ ତଥାକଥିତ ସ୍ୱାଧୀନତା ସଂଗ୍ରାମୀ ସମୂହ । ତେଣୁ ଆମ ଦେଶ ଯେମିତି ଥିଲା ଦିନକୁ ଦିନ ତାହାଠାରୁ ନିମ୍ନଗାମୀ ହେବାଛଡା କୌଣସି ଉନ୍ନତ୍ତି କରିନାହିଁ କି କରିପାରିବ ନାହିଁ ।

ଅନ୍ୟ ଏକ ଦିଗରେ ଦେଖିଲେ ଜାଣିହେବ ଯେ ସେହି ଆଇନ ଗୁଡିକ ମଧ୍ୟରେ ଅନେକ ବ୍ୟବସ୍ଥା ରହିଥିବା ବେଳେ ନ୍ୟାୟୀକ ବ୍ୟବସ୍ଥା ବୋଲି ଗୋଟିଏ ଅଛି ଯାହା ଅତ୍ୟନ୍ତ ହାସ୍ୟାସ୍ପଦ ଅବସ୍ଥାରେ ପ୍ରଚଳିତ ଆମ ଦେଶରେ ଯାହା ସବୁ ସେହି ଇଂରେଜ ପ୍ରଣୋଦିତ ଆଇନ ମଧ୍ୟରେ ସମାହିତ । ନ୍ୟାୟାଳୟ ବୋଲି ଗୋଟିଏ ସଂସ୍ଥାପିତ କକ୍ଷର ପ୍ରବେଶ ଦ୍ୱାରରେ ଜଣେ ନିରବଚ୍ଛିନ୍ନ ନ୍ୟାୟପାଳିକାଙ୍କ ପ୍ରତିମୂର୍ତ୍ତିକୁ ନମୁନା ଭାବେ ପ୍ରଦର୍ଶିତ କରି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ବିଚାର କରାଯାଇଥାଏ ବିଚାରାଳୟରେ । ସେହି ପ୍ରତିମୂର୍ତ୍ତିର ନିଦର୍ଶନ ରହିଥାଏ ଯେ ଆମ ବିଚାରପତି ଜଣେ ନିରପେକ୍ଷ ମଣିଷ ଯେମିତି ସେହି ପ୍ରତିମୂର୍ତ୍ତିଟି ଦେଖିବାକୁ ହୋଇଥାଏ । ପ୍ରତିମୂର୍ତ୍ତି ନ୍ୟାୟପାଳିକାଙ୍କ ଆଖି ଆଉ କାନକୁ ଧରି ଗୋଟିଏ ପଟି ବାନ୍ଧି ରଖାଯାଇ ଅଛି ଯାହା ନିଦର୍ଶନ କାରେକି କିଛି ଦେଖି ହେଉନାହିଁ କି କିଛି ଶୁଣି ହେଉନାହିଁ । ଠିକ୍ ସେହିଭଳି ଆମ ବିଚାରପତି ଗଣ ମଧ୍ୟ କିଛି ଦେଖି ପାରୁନାହାନ୍ତି କି ଶୁଣି ପାରିନଥା'ନ୍ତି ଯାହା ବ୍ରିଟିଶ କେବଳ ଶିଖାଇଛି ଆମକୁ । ନହେଲେ ଏହା ଆମର ବାସ୍ତବ ଚେହେରା ନୁହେଁ । ହେଲେ ସେହି ପ୍ରତିମୁର୍ତି ଭଳି ସମ୍ପୃକ୍ତ ନ୍ୟାୟବତୀ /ନ୍ୟାୟମୂର୍ତ୍ତି ମଧ୍ୟ କାନ ଥାଇ କିଛି ଶୁଣିପାରନ୍ତି ନାହିଁ କିମ୍ବା ଆଖି ଥାଇ କିଛି ଦେଖି ପାରୁନଥିବା ନିଦର୍ଶିତ ହୋଇଥାଏ ସେହି ପ୍ରତିମୁର୍ତି ମାଧ୍ୟମରେ । ହେଲେ ନ୍ୟାୟ ମିଳେ କେମିତି ଆଉ ବିଚାରଣ ହୁଏ କେମିତି ? ଏହା ଏକ ଅଲୌକିକ ବିଷୟ ଯାହା ବୁଝିବା ସହଜ ନୁହେଁ ମୋ ଭଳି ନିର୍ବୋଧ କିମ୍ବା ଆପଣଙ୍କ ଭଳି ସାଧାରଣ ଲୋକଙ୍କ ପାଇଁ । କାରଣ ସେଗୁଡିକ ମଧ୍ୟ ସେହି ବ୍ରିଟିଶ ପ୍ରଣୋଦିତ ନିୟମ, ସୂତ୍ର ମଧ୍ୟରେ ସମାହିତ ଯାହା ତାଙ୍କ ଗୁପ୍ତ ରହସ୍ୟ ସମୟ, କ୍ଷେତ୍ରକୁ ନେଇ ।

ଶିଳ ସିଳୁପା ଗଗନେ ଉଡୁଛି ଭୁର୍ଚୁଳା କହୁଛି ମତେ ଠାବ ଦେ... ! ଯେତେବେଳେ ଏତେ ଶିକ୍ଷିତ ଉପରିସ୍ଥ ମଣିଷ ମାନଙ୍କୁ ସାମାଜିକ ଦାୟିତ୍ୱ ଦିଆଯାଇ ସେମାନଙ୍କ ଆଖି, କାନକୁ ବାନ୍ଧିଦେଇ ଆଖି ଥାଇ ଅନ୍ଧ, କାନ ଥାଇ କାଲା କରିଦିଆଯାଇଛି ଆଉ ସାଧାରଣ ମଣିଷଙ୍କ ସ୍ଥିତି କେଉଁଠି ?! ତେଣୁ ଆମେ ସମସ୍ତେ ଆଖି ଥାଇ ଅନ୍ଧ ଏବଂ କାନ ଥାଇ କାଲା ଭଳି ଅଭିନୟ କରୁଛେ, କରୁଥିବା ! ଭ୍ରଷ୍ଟାଚାରୀ ଆମକୁ ଲୁଟୁଥିବେ ଆମେ ନିର୍ଯାତନାର ଶିକାର ହୋଇ ନିଷ୍ପେସିତ ହୋଇ ବଂଚୁଥିବା ଆମ ସହଜାତ ପ୍ରକୃତିରେ ପରିଣତ ଆମେ ଏକ ଅଲୌକିକ ତନ୍ତ୍ରର ପରାଧୀନ ନାଗରିକ ଭାବେ ଅନ୍ତତଃ ବଂଚିବାର ସୁଯୋଗ ମିଳୁଥିବା ହେତୁ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ନିଜକୁ କୃତଜ୍ଞ କରି ଚାଲିଥିବା କେବଳ ଭାରତ ମାତାଙ୍କ ଜୟଗାନ କରି । ଆଉ ଅଧିକ ଭାବିଲେ ଯେ ଜୀବନ ଆମର ଆହୁରି କଠୋର ହେବ ସେଇଥିରେ କୌଣସି ସନ୍ଦେହ ନାହିଁ ଯାହା ସାଧାରଣରେ ସମସ୍ତେ ଜାଣୁଛନ୍ତି, ବୁଝୁଛନ୍ତି ମଧ୍ୟ । ତେଣୁ ଜଣେ ଉତ୍ତମ ନାଗରିକର ଆଖ୍ୟା ପାଇବାକୁ ହେଲେ ମୁଖର ଲଜ୍ଜାକୁ କାଢି ପଛରେ ପୋଛି ସମସ୍ତେ ନିଜକୁ କାନ ଥାଇ କାଲା ଆଖି ଥାଇ ଅନ୍ଧ ଭଳି ପରିଚାଳିତ କରି ଚାଲିବା ଶିକ୍ଷା କରିବା ହିଁ ଶ୍ରେୟ ଆଜି ସମୟରେ ଯାହା ଆମ ଦେଶର ପରିସ୍ଥିତି ପରିବେଶ ଆମକୁ ଶିକ୍ଷା ଦେଉଛି ବୋଲି ଆମ ବିଚାରରେ ଆପଣଙ୍କ ଅନୁଭବ କ'ଣ ... ? ? !

ପଙ୍କଜ କୁମାର ପାଣିଗ୍ରାହୀ
ସୋସିଆଲ ଫୋରମ (ଭାରତ)
ଛତ୍ରପୁର, ଗଂଜାମ-୭୬୧୦୨୦
ଦୂରଭାଷ.: ୯୪୩୭୩୨୪୯୧୭.

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବିଶ୍ୱ ରଙ୍ଗମଞ୍ଚ ଦିବସ



ଅସିତ ମହାନ୍ତି

ବିଶ୍ୱ ରଙ୍ଗମଞ୍ଚ ଦିବସର ମହତ୍ତ୍ୱ

ଡ୍ରାମା, ନୌଟଙ୍କି, ରଙ୍ଗମଞ୍ଚ, ଥିଏଟରଃ!!! ଆପଣ ଯାହା ଚାହାଁନ୍ତି ତାହା କହିପାରିବେ । ଏହା ମନୋରଞ୍ଜନର ସର୍ବ ପୁରାତନ ମାଧ୍ୟମ । ବିଶେଷକରି, ଭାରତ ବିଷୟରେ ଯେତେବେଳେ କଥାବାର୍ତ୍ତା ହୁଏ, ଆମେ ଜାଣନ୍ତି ଯେ ଆମେ ମନୋରଞ୍ଜନ ପାଇଁ କେତେ ପାଗଳ । କିନ୍ତୁ ପୂର୍ବରୁ କୌଣସି ସିନେମା ନଥିଲା, ମନୋରଞ୍ଜନ ପାଇଁ ଲୋକଙ୍କ ଥିଏଟର ବିକଳ୍ପ ଥିଲା । ଆମର ପିତୃପୁରୁଷଙ୍କ ସମୟରୁ ଆଜି ପର୍ଯ୍ୟନ୍ତ ଏହି ଥିଏଟର ନିଜର ପ୍ରାଧାନ୍ୟ ବଜାୟ ରଖିଛି । ପ୍ରତିବର୍ଷ ୨୭ ମାର୍ଚ୍ଚରେ ବିଶ୍ୱ ଥିଏଟର ଦିବସ ଅନୁଷ୍ଠିତ ହୋଇଥାଏ । ଥିଏଟରକୁ ନିଜର ପରିଚୟ ଦେବା ପାଇଁ ୧୯୬୧ ମସିହାରେ ଆନ୍ତର୍ଜାତୀୟ ଥିଏଟର ଇନଷ୍ଟିଚ୍ୟୁଟ୍ ଦ୍ୱାରା ଏହି ଦିନର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା । ବିଶ୍ୱ ଥିଏଟର ଦିବସ ପ୍ରତିବର୍ଷ ମାର୍ଚ୍ଚ ୨୭ ରେ ପାଳନ କରାଯାଏ ଯାହା ସାରା ବିଶ୍ୱରେ କଳା ରୂପକୁ ପ୍ରୋତ୍ସାହିତ କରିଥାଏ ଏବଂ ମୂଲ୍ୟ ବିଷୟରେ ସଚେତନତା ସୃଷ୍ଟି କରିଥାଏ । ଏହି କଳା ଫର୍ମଗୁଡ଼ିକର ଜନ୍ମ ଉଦ୍ଦେଶ୍ୟରେ ପାଳନ କରାଯାଏ । କୁହାଯାଏ ଯେ ଭାରତର ମହାନ କବି କାଳିଦାସ ଭାରତର ପ୍ରଥମ ଥିଏଟରରେ 'ମେଘଦୁତ' ରଚନା କରିଥିଲେ । ଭାରତର ପ୍ରଥମ ଥିଏଟର ଅମ୍ବିକାପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ-ପତ୍ରିକା

 Magazine Downloaded from www.aahwaan.com

ଜିଲ୍ଲାର ରାମଗଡ ପର୍ବତରେ ଅବସ୍ଥିତ, ଯାହା କବି କାଳିଦାସଙ୍କ ଦ୍ୱାରା ନିର୍ମିତ ହୋଇଥିଲା । ଭାରତରେ ଥିଏଟରର ଇତିହାସ ଆଜିର ନୁହେଁ ବରଂ ହଜାର ହଜାର ବର୍ଷ ପୁରୁଣା । ଆପଣ ଏହାର ପ୍ରାଚୀନତାକୁ ଏପରି ଭାବରେ ବୁଝି ପାରିବେ ଯେ ପୁରାଣରେ ମଧ୍ୟ ଥିଏଟରର ଉଲ୍ଲେଖ, ଯ୍ୱାମି ଏବଂ ଉର୍ବଶୀ ରୂପରେ ଦେଖାଯାଏ । ତାଙ୍କର ସଂଳାପ ଦ୍ୱାରା ଅନୁପ୍ରାଣିତ ହୋଇ କଳାକାରମାନେ ନାଟକ ରଚନା ଆରମ୍ଭ କରିଥିଲେ । ଯାହା ପରେ ନାଟକ ବିକଶିତ ହେଲା ଏବଂ ଭାରତମୁନି ଭାରତୀୟ ନାଟକକୁ ଶାସ୍ତ୍ରୀୟ ରୂପ ଦେବା କାର୍ଯ୍ୟ କରିଥିଲେ । ବର୍ତ୍ତମାନ, ଥିଏଟର କିମ୍ବା ରଙ୍ଗମଞ୍ଚ ଆମକୁ ଅନେକ ଚଳଚ୍ଚିତ୍ର, ଡକ୍ୟୁମେଣ୍ଟାରୀ, ୱେବ୍ ସିରିଜ୍ ଏବଂ ଟିଭି ସିରିଏଲ୍ ସହିତ ଦୁନିଆର ସମସ୍ତ ରହସ୍ୟ ଏବଂ ଘଟଣାକୁ ସାମ୍ନାକୁ ଆଣିଥାଏ । ଥିଏଟର ମାଧ୍ୟମରେ ସତ୍ୟ ଏବଂ ନାଟକୀୟ ଘଟଣାକୁ ଜୀବନ୍ତ ଆଣିବା ପାଇଁ ଥିଏଟର ହେଉଛି ସର୍ବୋତ୍ତମ ଉପାୟ । ଯାହା ଏହାର ଗୁରୁତ୍ୱ ବଢାଇବାର କାର୍ଯ୍ୟ କରୁଛି । ଗତ ୧୦ ବର୍ଷ ମଧ୍ୟରେ, ଥିଏଟର ପାଇଁ ଏକ ଭିନ୍ନ ପରିଚୟ ସୃଷ୍ଟି ହୋଇଛି, ଯେଉଁଥିପାଇଁ ସମାଜ ଆଜି ଥିଏଟରକୁ ବହୁତ ସମ୍ମାନ କରେ । ପ୍ରତିବର୍ଷ ବିଶ୍ୱର ପ୍ରାୟ ୯୦ଟି ଆନ୍ତର୍ଜାତୀୟ ଥିଏଟର ଇନଷ୍ଟିଚ୍ୟୁଟ୍ କେନ୍ଦ୍ରରେ ଏବଂ ଆନ୍ତର୍ଜାତୀୟ ଥିଏଟର ସମ୍ପ୍ରଦାୟରେ ଏହିଦିନ ପାଳନ କରାଯାଏ । ଲୋକମାନଙ୍କ ମଧ୍ୟରେ ଶାନ୍ତି ଏବଂ ବନ୍ଧୁତାକୁ ମଜବୁତ କରିବା, ପାରସ୍ପରିକ ବୁଝାମଣାକୁ ଗଭୀର କରିବା ଏବଂ ଥିଏଟର କଳା କ୍ଷେତ୍ରରେ ସମସ୍ତ ଲୋକଙ୍କ ମଧ୍ୟରେ ସୃଜନଶୀଳ ସହଯୋଗ ବୃଦ୍ଧି କରିବା ପାଇଁ ଆନ୍ତର୍ଜାତୀୟ ଥିଏଟର ପ୍ରତିଷ୍ଠାନ ଥିଏଟର କଳାରେ ଆନ୍ତର୍ଜାତୀୟ ଜ୍ଞାନ ଏବଂ ଅଭ୍ୟାସର ଆଦାନପ୍ରଦାନକୁ ପ୍ରୋତ୍ସାହିତ କରିବାକୁ ଲକ୍ଷ୍ୟ ରଖିଛି । ହିନ୍ଦୀରେ ଅଣ-ବ୍ୟବସାୟିକ ଥିଏଟର ୧୮୬୮ ମସିହାରେ ବନାରସ ଥିଏଟରରୁ ଆରମ୍ଭ ହୋଇଥିଲା । ୧୮୮୪ ମସିହାରେ ବନାରସରେ 'ଜାତୀୟ ଥିଏଟର' ପ୍ରତିଷ୍ଠା

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କରାଯାଇଥିଲା । ଭାରତେନ୍ଦୁ ଙ୍କର ଅଂଧେର ନଗରୀ ପ୍ରଥମେ ଜାତୀୟ ଥିଏଟରରେ ମଞ୍ଚସ୍ଥ ହୋଇଥିଲା । ହିନ୍ଦୀ ଥିଏଟରର ବିକାଶରେ 'ଭାରତେନ୍ଦୁ ନାଟକ ମଣ୍ଡଳି' (୧୯୦୬) ର ଭୂମିକା ଗୁରୁତ୍ୱପୂର୍ଣ୍ଣ ବିବେଚନା କରାଯାଏ । ଥିଏଟର କେବଳ ମନୋରଞ୍ଜନ ଭାବରେ କାର୍ଯ୍ୟ କରେ ନାହିଁ; ଏହା ସମାଜ ପାଇଁ ଏକ ଦର୍ପଣ ଧରିଥାଏ ଏବଂ ଆତ୍ମନିରୀକ୍ଷଣ ପାଇଁ ପ୍ରେରଣା ଦେଇଥାଏ । ତୁମ ସାମ୍ନାରେ କ'ଣ ଘଟୁଛି ଦେଖିବା ଦ୍ୱାରା ତୁମେ ନିଜ ବିଷୟରେ ଏବଂ ତୁମେ ରହୁଥିବା ଦୁନିଆ ବିଷୟରେ କିଛି ନୂଆ ଆବିଷ୍କାର କରିବା ପାଇଁ ପ୍ରେରଣା ଦେଇଥାଏ । ଥିଏଟର ହେଉଛି ଏକ ସହଯୋଗୀ କଳା ଫର୍ମ ଯାହା ଶବ୍ଦ, ସ୍ୱର, ଗତିବିଧି ଏବଂ ଭିଜୁଆଲ୍ ଉପାଦାନଗୁଡ଼ିକର ଅର୍ଥକୁ ଦର୍ଶକ ପାଖରେ ପହଞ୍ଚାଇଥାଏ । ଥିଏଟର କ୍ଷେତ୍ରରେ କେବଳ ଇମ୍ପ୍ରୋଭାଇଜେସନ୍ ଏବଂ ସ୍କ୍ରିପ୍ଟିଡ୍ କାର୍ଯ୍ୟ ନୁହେଁ, ନାଟକୀୟ ଫର୍ମ ଯେପରିକି ଚଳଚ୍ଚିତ୍ର, ଟେଲିଭିଜନ୍ ଏବଂ ଅନ୍ୟାନ୍ୟ ଇଲେକ୍ଟ୍ରୋନିକ୍ ମିଡିଆ ମଧ୍ୟ ଏହା ସହିତ ଅନ୍ତର୍ଭୁକ୍ତ । ବର୍ତ୍ତମାନ ବଞ୍ଚିଥିବା ପ୍ରାଚୀନ ସଂସ୍କୃତ ଡ୍ରାମା ଥିଏଟର ହେଉଛି କୁଡିୟାଟମ୍, ଯାହାକି କେରଳର ଚାକର ସମ୍ପ୍ରଦାୟ ଦ୍ୱାରା ସଂରକ୍ଷିତ । ସଂସ୍କୃତ ନାଟକର ଏହି ରୂପ ଅତି କମରେ ୨000 ବର୍ଷ ପୁରୁଣା ବୋଲି ବିଶ୍ୱାସ କରାଯାଏ ଏବଂ ଏହା ଦୁନିଆର ସର୍ବ ପୁରାତନ ନାଟ୍ୟ ପରମ୍ପରା ମଧ୍ୟରୁ ଅନ୍ୟତମ । ଏକ ଥିଏଟର ନିର୍ମାଣ ପାଇଁ ଆବଶ୍ୟକ ଚାରୋଟି ଉପାଦାନ ହେଉଛି - ସ୍କ୍ରିପ୍ଟ, ପ୍ରକ୍ରିୟା, ଉତ୍ପାଦ ଏବଂ ଦର୍ଶକ । କ୍ଲାସିକ୍ ଡ୍ରାମା ୫ ପ୍ରକାରର ଯାହା ପରସ୍ପରଠାରୁ ଅଲଗା: କମେଡି, ଟ୍ରାଜେଡି, ଫାର୍ସ, ମେଲୋଡ୍ରାମା ଏବଂ ମ୍ୟୁଜିକାଲ୍ ଡ୍ରାମା । ଥିଏଟର ଏଇଥିପାଇଁ ଦର୍ଶକ ମାନଙ୍କ ମଧ୍ୟରେ ଏକ ପ୍ରଭାବଶାଳୀ ଭୂମିକା ଗ୍ରହଣ କରେ, କାରଣ କଳାକାର ମଞ୍ଚରେ ଯାହା କରନ୍ତି ତାହା ଦର୍ଶକଙ୍କ ସାମ୍ନାରେ କରାଯାଇଥାଏ । ଏହା ସିନେମା ପରି ରିଟେକ୍ ହୋଇପାରିବ ନାହିଁ । ଯଦି ତୁମେ ଭୁଲ୍ କର, ଏହା ତୁରନ୍ତ ମଞ୍ଚରେ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦୃଶ୍ୟମାନ ହୁଏ । ଏହି କାରଣରୁ କଳାକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇଥାନ୍ତି । ସେ ଜାଣନ୍ତି ଯେ ଯଦି କୌଣସି ଭୁଲ ହୁଏ, ତେବେ ଏହା ସମଗ୍ର ବିଷୟ ଉପରେ ପ୍ରଭାବ ପକାଇବ । ସିନେମାରେ ଦେଖାଯାଉଥିବା ଅନେକ ଭେଟେରାନ୍ ଅଭିନେତା ପ୍ରକୃତରେ ଥିଏଟରରୁ ଏବଂ ମଞ୍ଚ କଳାକାର ଅଧ୍ୟୟନ କରିବା ପରେ ହିଁ ସିନେମା ରେ ଆସିଥାନ୍ତି । ସେହି ହିସାବରେ ରଙ୍ଗମଞ୍ଚ କଳା ଏକ ବିଜ୍ଞାନ । କାରଣ ଏହି କଳାରେ କେହି କିଛି କାଳ୍ପନିକ ଜିନିଷ ଭର୍ତ୍ତି କରିପାରିବେ ନାହିଁ । ବାସ୍ତବରେ ଏହି କଳା ମାଧ୍ୟମରେ ଯାହା କିଛି ସତ୍ୟ ତାକୁ ହିଁ ଦର୍ଶକ ସମ୍ମୁଖରେ ରଖିବାକୁ ହୁଏ ଏବଂ ସେସବୁକୁ ଦେଖି ଦର୍ଶକ ଭାବ ବିହ୍ୱଳ ହୋଇ ସେହି ଚରିତ୍ରରେ ନିଜକୁ ଦେଖେ । ଏହି କଳା ଦ୍ୱାରା ମଞ୍ଚ କଳାକାର ନିଜର ତ୍ରୁଟି ଗୁଡିକୁ ଧରିବାର ସୁଯୋଗ ପାଇଥାନ୍ତି ଏବଂ ପରବର୍ତ୍ତୀ ସମୟରେ ସେପରି ଭୁଲ କିପରି ନହେବ ସେଥିପ୍ରତି ସଚେତନ ହୁଅନ୍ତି । ମଞ୍ଚ କଳାକାର ପାଇଁ ନିଜର କଳାକୁ ଦର୍ଶକ ପାଖରେ ପହଞ୍ଚାଇବା ଏକ କଠିନ କାର୍ଯ୍ୟ, ଅର୍ଥାତ ଏହା ଏକ ଚ୍ୟାଲେଞ୍ଜ । ଏହି ସ୍ଥିତିରେ ଯଦି ଜଣେ କଳାକାର ସଫଳ ହୁଏ ତେବେ ଏହା ହିଁ ହେଉଛି ତାହାର ସେହି କାର୍ଯ୍ୟ ପାଇଁ ସଫଳତା । ତେଣୁ ସେଥିପାଇଁ କୁହାଯାଏ ଯେ ଜଣେ ଚଳଚିତ୍ର ତାରକା ହେବା ସହଜ, କିନ୍ତୁ ଜଣେ ମଞ୍ଚ କଳାକାର ହେବା ନିଶ୍ଚିତ ଭାବେ କଠିନ ।

ଆବାହକ, ଓଡ଼ିଆ ଭାଷା ସୁରକ୍ଷା ଅଭିଯାନ , ସୁଜନପୁର, ଯାଜପୁର

୯୩୪୮୭୬୮୮୧୨

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଆମ ପରିବେଶ, ଆମ ଦାୟିତ୍ୱ



ସୌମ୍ୟରଞ୍ଜନ ପାଢ଼ୀ

କଥାରେ ଅଛି ବୃକ୍ଷ ଆମର ବନ୍ଧୁ । ସତରେ ବୃକ୍ଷ ହିଁ ଆମର ପ୍ରକୃତ ବନ୍ଧୁ । ବୃକ୍ଷ ଆମକୁ ଅନେକ କିଛି ଦିଏ, ଏହା ଆମ ହେତୁ ହେବାଠୁ ଜାଣିଛେ । ବିଶେଷତଃ ବୃକ୍ଷ ଆମକୁ ଅମ୍ଳଜାନ ଦିଏ ଏବଂ ଆମଠୁ ଅଙ୍ଗାରକାମ୍ଳ ଗ୍ରହଣ କରେ ଯାହାଦ୍ୱାରା କି ଏକ ସୁସ୍ଥ ସମାଜ ଗଠନରେ ଏକ ବୃହତ ଭୂମିକା ନେଇଥାଏ । ଖାଲି ତାହା ନୁହଁ ବରଂ ତାହା ବକ୍ଷରେ ହେଉଥିବା ସୁଗନ୍ଧଯୁକ୍ତ ପୁଷ୍ପ ଓ ଫଳ ଆମମାନଙ୍କୁ ଉତ୍ସର୍ଗୀକୃତ କରିଥାଏ । ବୃକ୍ଷର ବକ୍ଷକୁ ଚିରି ଆମେ ଆମ ଘରର ସୌନ୍ଦର୍ଯ୍ୟ ପାଇଁ ଆସବାବପତ୍ର ମାନ ତିଆରି କରିବାର ନଜିର ରହିଛି । ବୃକ୍ଷ ହେଉଛି ଜୈବବିବିଧତାର ମାଧ୍ୟମ । ପ୍ରତିଟି ବୃକ୍ଷର ସମାହାରରେ ଏକ ଅରଣ୍ୟ ସୃଷ୍ଟି ହେଇଥାଏ । ସେହି ଅରଣ୍ୟ ଅନେକ ଜୀବଜନ୍ତୁଙ୍କ ପାଇଁ ବାସସ୍ଥାନ ସଦୃଶ । ସେମାନେ ଏଠାରେ ସୁବିଧାର ସହିତ ବସବାସ କରିବାକୁ ସୁବିଧା ସୁଯୋଗ ପାଆନ୍ତି ।

କିନ୍ତୁ ସେହି ବୃକ୍ଷ ଆଜି ଅବହେଳିତ, ପ୍ରପୀଡ଼ିତ, ନିଷ୍ପେଷିତ ଭାବରେ ଝରି ପଡୁଛି । ଏଥିପ୍ରତି କାହାର ଧ୍ୟାନ ନାହିଁ । ସତେ ଯେମିତି ସମସ୍ତେ ଚୁପ । ସମସ୍ତେ କାନ୍ଦୁଛନ୍ତି ହେଲେ କାହାରି ଆଖିରେ ଲୁହ ନାହିଁ । ଏହାର ଉଦାହରଣ ସବୁଆଡେ ଦୃଶ୍ୟମାନ ହେଉଛି । ଯେମିତି ସହରରେ ଥିବା ବୃକ୍ଷ ଗୁଡିକୁ ଆଲୋକୀକରଣ ଆଳରେ ବଳି ପକା ଯାଉଛି ତ କେବେ ପୁଣି ରାସ୍ତା ପ୍ରଶସ୍ତୀକରଣ ଆଳରେ ବୃକ୍ଷଗୁଡିକ ଧରାଶାୟୀ ହେଉଛି । ରାତିର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଲୁଅ ପାଇଁ ହଜି ଯାଉନି ତ ଦିନର ଛାଇ ! ହେଲେ ସବୁଜିମା ବିନା କଣ ସୁନ୍ଦରତାରେ ପୂର୍ଣ୍ଣତା ଆସେ ? ଏ ପ୍ରଶ୍ନର ଉତ୍ତର କାହା ପାଖେ ? ସରକାର ବୃକ୍ଷରୋପଣ କରିବାକୁ ପ୍ରୋତ୍ସାହନ କରିବା ପରିବର୍ତ୍ତେ ବୃକ୍ଷ ଛେଦନ କରିବାକୁ ଅନୁମତି ଦେଉଛନ୍ତି କିପରି ? ପରବର୍ତ୍ତୀ ସମୟରେ ହୁଏତ ଏହା ଆମପାଇଁ ବିପଦର କାରଣ ହେଇପାରେ । ରାସ୍ତାର ପ୍ରଶସ୍ତୀକରଣ ସଂପୂର୍ଣ୍ଣ ହେଲା ପରେ ମଧ୍ୟ ବୃକ୍ଷରୋପଣ କରିବାକୁ ସରକାରଙ୍କ ଇଚ୍ଛାଶକ୍ତିର ଅଭାବ ପରିଲକ୍ଷିତ ହେଉଛି । ଦିନକୁ ଦିନ ତାପମାତ୍ରାର ପରିବର୍ତ୍ତନ ଦେଖାଦେଉଛି, ଜଳବାୟୁ ପରିବର୍ତ୍ତନ ହେବା ସହ ଋତୁଚକ୍ରରେ ମଧ୍ୟ ପରିବର୍ତ୍ତନ ଘଟୁଛି । ଗ୍ଲୋବାଲ ୱାର୍ମିଂ ଓ ଗ୍ରୀନ ହାଉସ୍ ଗ୍ୟାସର ବୃଦ୍ଧି ଘଟୁଛି ଏହା ପଛରେ ହିଁ କେବଳ ଅବାଧ ଗଛକଟାକୁ ଅନୁମତି ଓ ବୃକ୍ଷରୋପଣ ନକରିବା ହିଁ ଦାୟୀ ।

ଯେତେବେଳେ ବୃକ୍ଷଟି ତାର ପୂରା ଜୀବନ ସମାଜପାଇଁ ଉତ୍ସର୍ଗୀକୃତ କରିଛି ସେ ବି ପ୍ରତିବାଦ କରିବ କାହିଁକି, କିଏ ବି ତା ଲାଗି ଠିଆହେବ । ସେ କଣ କାହାକୁ ଚିହ୍ନି କରି ଛାଇ କି ଫୁଲ ଫଳ ପ୍ରଦାନ କରିଥାଏ । ଯେପରି ଘର ସୁନ୍ଦର ଦିଶିବା ପାଇଁ ସାଜସଜ୍ଜା ସାମଗ୍ରୀର ଆବଶ୍ୟକତା ହୋଇଥାଏ । ସେହିପରି ପରିବେଶ ସୁନ୍ଦର ଓ ସୁସ୍ଥ ପାଇଁ ବୃକ୍ଷଟିର ନିହାତି ଆବଶ୍ୟକ ରହିଛି ।

ପରିବେଶ କିମ୍ବା ବୃକ୍ଷରୋପଣ ଦିବସରେ ମନେପଡେ ବୃକ୍ଷଟିଏ କଥା । ଗୋଟିଏ ବୃକ୍ଷ ଲଗାଇ ତା ଚାରିପଟେ ବିଭିନ୍ନ ଅଙ୍ଗଭଙ୍ଗୀରେ କିଛି ଫଟୋ ଉତ୍ତୋଳନ କରି ଲମ୍ବା ଲମ୍ବା ଭାଷଣ ବାଜି ଆରମ୍ଭ ହୁଏ । ହେଲେ ପରେ ସେହି ବୃକ୍ଷଗୁଡ଼ିକ କେତେ ବଡ କି ସୁନ୍ଦର ହେଇଛନ୍ତି ଦେଖିବାକୁ ମନେପଡେନି । ବୃକ୍ଷ ଲଗାଇ ଫଟୋ ଉଠାଇଥିବା ବନ୍ଧୁମାନେ ବୃକ୍ଷର ଯତ୍ନ ନେବା ତ ଦୂରର କଥା, ସେ ସ୍ଥାନ ବି ଚିହ୍ନଟ କରିପାରିବେନି ପରବର୍ତ୍ତୀ ସମୟରେ । ନା ଅଛି ସେ ବୃକ୍ଷ ନା ସେ ବୃକ୍ଷର ନାମ । ଖାଲି ଯାଆ ଆଗରେ ଫଟୋ ପ୍ରମାଣ ସ୍ୱରୂପ କାମରେ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆସିବ ମାନେ ବାହାର ଦୁନିଆରେ ନିଜକୁ ଏକ ସୁନାମଧନ୍ୟ ମଣିଷର ପରିଚୟ ଆଣିପାରିବ..... ।

ଜଳବାୟୁ ପରିବର୍ତ୍ତନକୁ ରୋକିବା ତଥା ବର୍ଷାଦିନରେ ବର୍ଷାର ଅଭାବ, ଗ୍ରୀଷ୍ମ ଋତୁରେ ପ୍ରଚଣ୍ଡ ଖରାରୁ ମୁକ୍ତି ପାଇବା ନିମନ୍ତେ ସମସ୍ତଙ୍କୁ ଆଗକୁ ଆସିବାକୁ ପଡିବ । କେବଳ ସରକାରଙ୍କୁ ଦୋଷ ଦେଲେ ହେବନି ବରଂ ବୃକ୍ଷରୋପଣକୁ ଏକ ଆନ୍ଦୋଳନରେ ପରିଣତ କରିବାକୁ ପଡିବ ଏଥିପାଇଁ ପ୍ରତିଟି ଲୋକମାନଙ୍କ ସହଯୋଗ ନିତାନ୍ତ ଆବଶ୍ୟକ । ସରକାରଙ୍କ ତରଫରୁ ମଧ୍ୟ ବୃକ୍ଷରୋପଣକୁ ଗୁରୁତ୍ୱ ଦେବା ସହ ଏହା ବିଷୟରେ ପ୍ରଚାର-ପ୍ରସାର କରିବାକୁ ହେବ ଏବଂ ଏହାର ଉପକାରିତା ସଂପର୍କରେ ପଥପ୍ରାନ୍ତ ସଭା ମାଧ୍ୟମରେ ବୁଝାଇବାର ଆବଶ୍ୟକତା ରହିଛି । ଯାହାକି ଆଗାମୀ ଭବିଷ୍ୟତ ପାଇଁ ଆହ୍ୱାନ.... ।

ଆମ ସମସ୍ତଙ୍କ ମଧ୍ୟରୁ କେହି ନା କେହି ନନ୍ଦକିଶୋର ବଳଙ୍କ "ଗଛ ଓ କାଠୁରିଆ" କବିତା ନିଶ୍ଚୟ ପଢିଥିବେ । ଗଛଟିର ଆମ ସମାଜ ପ୍ରତି କଣ କଣ ଅବଦାନ ରହିଛି ଏଥିରେ ବର୍ଣ୍ଣିତ... ତେଣୁ ସମାଜପାଇଁ ଗଛଟିର ନିତାନ୍ତ ଆବଶ୍ୟକ ରହିଛି । କେବଳ ପରିବେଶ ଦିବସ କିମ୍ବା ବୃକ୍ଷରୋପଣ ଦିବସ କାହିଁକି, ପ୍ରତିଦିନ ଗଛ ଲଗାଇବାର ସମୟ ଆସିଛି । ଏଣୁ ନିଜକୁ ନିଜେ ଜାଗ୍ରତ କରିବାକୁ ପଡିବ ତତ୍‌ସହିତ ଅନ୍ୟମାନଙ୍କୁ ସଚେତନ କରିବାକୁ ପଡିବ ।

ବିଶ୍ୱ ପରିବେଶ ଦିବସରେ ଶୁଭେଚ୍ଛା...(ଜୁନ୍ ୫)

ଗଛ ଲଗାନ୍ତୁ ପରିବେଶ କୁ ସୁସ୍ଥ ଓ ସୁନ୍ଦର ରଖନ୍ତୁ...

ବିଲବାମନବିନ୍ଧା, ସାହାପୁର, ପିରହାଟ ବଜାର,

ତିହିଡି, ଭଦ୍ରକ, ୭୫୬୧୩୦

ମୋ-୬୩୭୦୫୫୮୦୦୮

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଜୀବନର ସତ୍ୟକୁ ଜାଣ



ବିଜୟ କୁମାର ସାହୁ

ପ୍ରତ୍ୟେକ ମନୁଷ୍ୟ ତା'ର ଜୀବନ ଅବଧି ଭିତରେ ସେ ନିଶ୍ଚିନ୍ତ ଭାବରେ ସୁଖ ବା ଆନନ୍ଦ ଉପଲବଧି କରିବାକୁ ସତତ ଚେଷ୍ଟା କରିଥାଏ । କାରଣ ସୁଖ ବା ଆନନ୍ଦ ହେଉଛି ତା'ର ସହଜାତ ପ୍ରବୃତ୍ତି । କିନ୍ତୁ ଏହି ପ୍ରବୃତ୍ତିକୁ ଆହାରଣ କରିବା ପାଇଁ ସେ ତା' ଚକ୍ଷୁରେ ଦେଖୁଥିବା ପ୍ରତ୍ୟେକ ବସ୍ତୁ ମଧ୍ୟରୁ ସୁଖ ବା ଆନନ୍ଦ ସାଉଁଟିବାକୁ ପ୍ରୟାସ କରିଥାଏ । ସମସ୍ତେ ଆନନ୍ଦ ଚାହିଁଥାନ୍ତି । ସୁଖ ଓ ଶାନ୍ତି ନିହାତି ଆବଶ୍ୟକ, ଏଣୁ ଯିଏ ଯେଉଁ ବାଟରେ ବା ଉପାୟରେ ସେହି ସୁଖକୁ ପାଇବା ନିମିତ୍ତ କଳ ବଳ କୌଶଳକୁ ବିନିଯୋଗ କରିଥାନ୍ତି । ଏହି ସୁଖ ବା ସନ୍ତୋଷ ଉପରେ ପୁଲକ ସାଗର କହିଅଛନ୍ତି – ହେ ମନୁଷ୍ୟ ତୁମେମାନେ ନଦୀ ନିକଟକୁ ଯାଉଛ ଅଥଚ ପିପାସା ନ ମେଣ୍ଟାଇ ଶାମୁକା ଗୋଟାଉଛ ।

ମନୁଷ୍ୟର ଅତୃପ୍ତ କାମନା କେବେ ବି ପୂର୍ଣ୍ଣ ହୋଇନଥାଏ । ଗୋଟିଏ କାମନା ପୂର୍ଣ୍ଣ ହେଲାପରେ ପୁନର୍ବାର ଅନ୍ୟ ଗୋଟିଏ କାମନା ବା ବାସନା ମନରେ ଉଦ୍ରେକ ହୁଏ । ଏହା ମନର ଧର୍ମ, ସେ ନାନାପ୍ରକାର ସଂକଳ୍ପ ବିକଳ୍ପ ଦେଇ ଗତି କରିଥାଏ । ରାମ ରାଜ୍ୟ ଏପରି ଏକ ରାଜ୍ୟ ଯେଉଁଠି ସିଂହାସନର ମୋହ ବା ଲୋଭ ନ ଥିଲା । ଭରତ ବାରମ୍ବାର ପ୍ରତ୍ୟାଖ୍ୟାନ କରୁଅଛନ୍ତି ଅଯୋଧ୍ୟାର ରାଜସିଂହାସନକୁ । ସେହିପରି ପ୍ରଭୁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଶ୍ରୀରାମ ହନୁମାନଙ୍କୁ କହିଲେ ହେ ପବନ ତନୟ! ତୁମେ ମୋର ଯେଉଁ ସବୁ ଉପକାର କରିଅଛ ତାହା ମୁଁ ପରିଶୋଧ କରିପାରିବି ନାହିଁ ବରଂ ତୁମଠାରେ ଋଣୀ ହୋଇ ରହିଗଲି । ମୁଁ ଚାହୁଁଛି ତୁମକୁ ଏକ ଅଦ୍ଭୁତ ପଦ ପ୍ରଦାନ କରିବି । କ'ଣ କହୁଛ ହନୁମାନ ? ବିନମ୍ରତାର ସହିତ ହନୁମାନ କହିଲେ ହେ ପ୍ରଭୁ ! ମୁଁ ଚାହେଁନା ଆପଣଙ୍କଠାରୁ ଅଦ୍ଭୁତ ପଦ । ହେ ଭଗବନ ! ମୁଁ ଭୁତ ହେବାକୁ ଚାହେଁନା । ଶାସନରୁ ବିଦାୟ ନେଲାପରେ କ୍ଷମତାପ୍ରାପ୍ତ ଅଧିକାରୀକୁ ଅମୁକ ଭୂତପୂର୍ବ ବୋଲି କୁହାଯାଇଥାଏ, ଯେପରି ଭୂତପୂର୍ବ ମୁଖ୍ୟମନ୍ତ୍ରୀ, ଭୂତପୂର୍ବ ପ୍ରଧାନମନ୍ତ୍ରୀ ଇତ୍ୟାଦି । ହେ ଶ୍ରୀରାମ ! ମୁଁ ସେପରି ଭୂତପୂର୍ବ ହେବାକୁ ଚାହୁଁନାହିଁ । ଯଦି ଦେବାର ଅଛି ମୋତେ ଆପଣ ଭକ୍ତି ପ୍ରଦାନ କରନ୍ତୁ । ଏହାଠାରୁ ବଡ ସମ୍ପତ୍ତି କିଛି ନାହିଁ । ହନୁମାନ ସମସ୍ତ ପ୍ରକାର ଉପାଧିକୁ ପ୍ରତ୍ୟାଖ୍ୟାନ କରିଥିଲେ ଏବଂ ଶ୍ରୀରାମଙ୍କ ନିକଟରେ ନିଜକୁ ଆତ୍ମ ସମର୍ପଣ କରି ଆଜି ସେ ମହନୀୟ ମାନନୀୟ ହୋଇପାରିଅଛନ୍ତି, ଏତତ ସଙ୍ଗେ ପୂଜା ବି ପାଉଆଛନ୍ତି । ଶ୍ରୀରାମ ଯେଉଁଠି ହନୁମାନ ସେଇଠି ।

ଏହାହିଁ ପ୍ରଭୁଙ୍କ ସହିତ ଜୀବର ସମ୍ବନ୍ଧ । ଶ୍ରୀରାମ କହିଲେ - ତୁମ ମମ ପ୍ରିୟ ଭରତ ସମ ଭାଇ । ଆମେ ପିତା – ପୁତ୍ର , ସ୍ୱାମୀ – ସ୍ତ୍ରୀ , ବନ୍ଧୁ – ପରିଜନ ଆଦି ଲୌକିକ ସମ୍ବନ୍ଧ ଯୋଡିଥାଉ କେବଳ ସ୍ୱାର୍ଥ ପାଇଁ । ଯାହା ଆଜି ଅଛି କାଲିକି ରହିବ ନାହିଁ । କିନ୍ତୁ ଭଗବତ ସମ୍ବନ୍ଧ ନିତ୍ୟ ଓ ଶାଶ୍ୱତ । ହୋଇପାରେ ଏହି ସମ୍ବନ୍ଧ ଦାସ୍ୟର, ସଖ୍ୟର, କାନ୍ତାର କିମ୍ବା ବାତ୍ସଲ୍ୟର । ଦାସ୍ୟ ଭକ୍ତ ହନୁମାନ, ସଖ୍ୟ ଭକ୍ତ ଅର୍ଜୁନ, କାନ୍ତା ଭାବ ଗୋପୀମାନଙ୍କର ଏବଂ ବାତ୍ସଲ୍ୟ ଭକ୍ତର ଉପାସକ କୌଶଲ୍ୟା ଏବଂ ଯଶୋଦା ।

ଆମେ ଯଦି ରାମାୟଣର ଜଟାୟୁ ଏବଂ ମହାଭାରତର ଭୀଷ୍ମ ପିତାମହଙ୍କ ଚରିତ୍ରକୁ ଦେଖିବା ତେବେ ଜାଣିବାକୁ ପାଇବା ଗୋଟିଏ ଇତର ପ୍ରାଣୀ ପକ୍ଷୀ ଅନ୍ତର୍ଚକ୍ଷୁରେ ସୀତାଙ୍କୁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କିଭଳି ଦେଖିଅଛନ୍ତି ଆଉ ଜଣେ ମାନବବାଦର ପ୍ରଚଣ୍ଡ ଯୋଦ୍ଧା ଭୀଷ୍ମ କୁରୁସଭାରେ ଦ୍ରୋପଦୀଙ୍କ ଅସହାୟତାକୁ ମଥାନତ କରି କିପର ଉପଭୋଗ କରିଅଛନ୍ତି । ଜୀବନର ସତ୍ୟତାକୁ ଜଟାୟୁ ଯେପରି ବୁଝିଥିଲେ ସେଥିପାଇଁ ସେ ଶ୍ରୀରାମଙ୍କ କୋଳରେ ବିଶ୍ରାମ ନେବାର ସୁଯୋଗ ପାଇଲେ ଏବଂ ନିର୍ବାଣ ମୁକ୍ତି ପଥର ଯାତ୍ରୀ ହେଲେ ।

-୨-

କିନ୍ତୁ ଭୀଷ୍ମ ପିତାମହ ଇଚ୍ଛାମୃତ୍ୟୁ ବର ପାଇ ମଧ୍ୟ କଣ୍ଟକମୟ ଶରଶଯ୍ୟା ଲାଭ କଲେ । ଅବଶ୍ୟ ସେ ମଧ୍ୟ ମୁକ୍ତି ପାଇଲେ କିନ୍ତୁ ଦୃଷ୍ଟିକୋଣ ଅଲଗା ଅଲଗା । ଭୀଷ୍ମଙ୍କ ଚରିତ୍ରକୁ ତାଙ୍କର ପ୍ରତିଜ୍ଞା ଅଙ୍ଗୁଳି ଦେଖାଉ ନାହିଁ କି ? ଅବଶ୍ୟ ଆପଣମାନେ କହିପାରନ୍ତି ସେ ପ୍ରତିଜ୍ଞାବଦ୍ଧ ଏବଂ କୌରବଙ୍କ ଅନ୍ନରେ ପ୍ରତିପାଳିତ ତେଣୁ ତତକାଳୀନ ଦ୍ରୌପଦୀଙ୍କ ଅବସ୍ଥାକୁ ଉପେକ୍ଷା କରିଥିଲେ । ଜୀବନର ନିଷ୍ଠୁର ସତ୍ୟତାକୁ ଜଟାୟୁ ଯେପରି ବୁଝିଥିଲେ ଭୀଷ୍ମ କରିପାରିଲେ କି ? ଜଣେ ଶ୍ରୀରାମଙ୍କ (ବ୍ରହ୍ମଙ୍କ) କୋଳରେ ଶୋଇ ପିତାର ସମ୍ମାନ ପାଇଲେ ଆଉ ଜଣେ ଶରଶଯ୍ୟାରେ ମୃତ୍ୟୁକୁ ଅପେକ୍ଷା କଲେ ।

ଏକଦା ଜୀବନର ସତ୍ୟତା ଉପରେ ସାଧ୍ୱୀ ଋତୁମ୍ବରା କହିଲେ – ଯୁବଶକ୍ତି ଯଦି ଶ୍ରୀରାମଙ୍କର ଦାସ ହୋଇଯିବ ତେବେ ଭାରତ ଆଗେଇବ । ଯେ ହେଉଛି ସଂସ୍କାରର ପ୍ରବାହ । ଶିକ୍ଷା ଲୋକଙ୍କର କଲ୍ୟାଣ ପାଇଁ ରାସ୍ତା ଦେଖାଏ ଅଥଚ ଶିକ୍ଷାର ଦୁଷ୍ପରିଣାମ ଆଦି ଦେଖାଯାଉଛି । ଦିନ ବେଳା କନ୍ୟାଟିଏ ସିଗାରେଟ ପାନ କରୁଅଛି, ଛାତ୍ରଟିଏ ମଦ, କୋରେସ, ଚରସ ପାନ କରୁଅଛି । ପୁତ୍ରୀଟିଏ ଲକ୍ଷ୍ମୀ ହେବ, ମା ହେବ ସେ ପୁଣି ମଦ୍ୟ ପାନ କରୁଅଛି । ଅପମାନ କରୁଛି ଆମ ଭାରତୀୟ ସଂସ୍କୃତିକୁ, ଅପମାନ କରୁଛି ତା ନିଜ ଜୀବନକୁ । ଯେଉଁ ଭାରତୀୟ ନାରୀଟିଏ ଯମରାଜାଙ୍କର ପଥରୋଧ କରିପାରେ, ଯେଉଁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଭାରତୀୟ ନାରୀ ଶାସ୍ତ୍ର ଓ ଶସ୍ତ୍ରରେ ପାରଙ୍ଗମ, ଯେଉଁ ନାରୀ କହୁଅଛି ଶୁଦ୍ଧୋ ସ୍ମି ବ୍ରହ୍ମୋ ସ୍ମି, ଯେଉଁ ନାରୀ କହେ ନ ପାହୁ ରାତି ନ ମରୁ ମୋ ପତି, ଯେଉଁ ନାରୀ ସୂର୍ଯ୍ୟଙ୍କ ଗତିକୁ ନିଶ୍ଚଳ କରିଦେଇପାରେ ଆଜି ସେହି ତଥାକଥିତ ନାରୀ ଓ କନ୍ୟାମାନଙ୍କର ଚରିତ୍ର କ'ଣ ନ ହୋଇଅଛି ? ବିଡମ୍ବନାର କଥା ରାଜନୈତିକ ବହୁରୂପାମାନେ ଯୁବ ସମାଜକୁ ପଥଭ୍ରଷ୍ଟ କରିବାରେ କୁଣ୍ଠାବୋଧ କରୁନାହାନ୍ତି । ସତର୍କ ହୋଇଯାଅ କେଉଁଟା ଶ୍ରେୟ ମାର୍ଗ କେଉଁଟା ପ୍ରେୟ ମାର୍ଗ କେଉଁଟା ତ୍ୟାଗର ମାର୍ଗ କେଉଁଟା ଉପଭୋଗର ମାର୍ଗ, କେଉଁଟା ଉପାସନାର ମାର୍ଗ କେଉଁଟା ସ୍ଖଳନର ମାର୍ଗ ।

ପ୍ରାରବ୍ଧ ଯୋଗୁଁ ଆମକୁ ମନୁଷ୍ୟ ଜୀବନ ପ୍ରାପ୍ତ ହୋଇଅଛି । ତାହା ପୁଣି ଏକ ନିର୍ଦ୍ଦିଷ୍ଟ ସ୍ଥାନ, କାଳ ଓ ପାତ୍ର ବିଶେଷରେ । ସେହିପରି ଧନ ରତ୍ନ ସୁଖ ଦୁଃଖ ହାନି ଲାଭ ଜୟ ପରାଜୟ ମଧ୍ୟ ଭୋଗ କରୁଅଛେ - ଏହା ହିଁ କର୍ମର ପରିଣାମ । ଏହି କର୍ମଫଳ ଭୋଗ କରୁଥିବା ସମୟରେ ମଝିରେ ମଝିରେ ଯେଉଁ କୃପା ମିଳେ ତାହା ଈଶ୍ୱରଙ୍କର । ଯେପରି ଦସ୍ୟୁ ରତ୍ନାକର ପରବର୍ତ୍ତୀ ସମୟରେ ମହର୍ଷି ବାଲ୍ମୀକି ହେଲେ, ତାଙ୍କର ଜୀବନ ବଦଳି ଗଲା । ଜଗାଇ ମାଧାଇ, ବିଲ୍ୱମଙ୍ଗଳ, ତୁଳସୀ ଦାସ, ଅଙ୍ଗୁରୀୟମାଳ ଆଦି ଅନେକ ଜୀବନ ଚରିତକୁ ଯଦି ଦେଖିବା ସେମାନଙ୍କର ଜୀବନ ଭଗବାନଙ୍କର ଟିକିଏ କୃପା କଣିକାରେ ପରିବର୍ତ୍ତିନ ହୋଇଗଲା ।

ଶାସ୍ତ୍ରରେ କୁହାଯାଇଅଛି ପାପ କର୍ମର ଫଳ ବନ୍ଧନ, ଭୟ ଏବଂ ମୃତ୍ୟୁର କାରଣ । ସ୍ୱାମୀ ଶିବାନନ୍ଦ କୁହନ୍ତି ବସ୍ତୁରେ ସୁଖ ନଥାଏ ସୁଖ ଥାଏ କଳ୍ପନାରେ ବା ମନର ଅଭିରୁଚିରେ । ଆମ୍ବ ମଧୁର ନୁହେଁ କଳ୍ପନା ମଧୁର, ନାରୀ ସୁନ୍ଦରୀ ନୁହେଁ ନାରୀ ସମ୍ବନ୍ଧୀୟ କଳ୍ପନା ହିଁ ସୁନ୍ଦର । ସେ ଆହୁରି କହିଲେ ନିଜର ସ୍ତ୍ରୀ ମରିଗଲେ ସ୍ୱାମୀ ଦୁଃଖରେ ଭାଙ୍ଗିପଡେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କାରଣ ଜୀବନସଙ୍ଗୀ ମରିଗଲା ବୋଲି ନୁହଁ, ଦୁଃଖରେ ବୁଡିଯାଏ ଆଉ ଯୌନସୁଖ ନ ମିଳିପାରେ ବୋଲି ।

-୩-

ଏ ସଂସାର ଅନିତ୍ୟ ପରିବର୍ତ୍ତନଶୀଳ । ଏଠାରେ ଥିବା ଭୌତିକ ବସ୍ତୁମାନ କିପରି ସୁଖ ପ୍ରଦାନ କରିବ ଯେ ? ଭଗବାନ ଶ୍ରୀକୃଷ୍ଣ ଗୀତାରେ କହିଲେ ଭୋଗବସ୍ତୁ ଗୁଡିକରେ ସୁଖ ନ ଥାଏ । ଏହାର ନା ଆରମ୍ଭରେ ସୁଖ ନା ମଧ୍ୟରେ ନା ଅନ୍ତିମରେ, ଏଣୁ ଜ୍ଞାନୀମାନେ ଏଥିରେ ରମଣ କରନ୍ତି ନାହିଁ । ପ୍ରକୃତି ସମସ୍ତ କର୍ମ କରୁଥିବା ବେଳେ ଆମେ ନିଜକୁ କର୍ତ୍ତା ବୋଲି ଡିଣ୍ଡିମ ପିଟିଥାଉ ସେଥିପାଇଁ ପ୍ରକୃତ ଆନନ୍ଦ ବା ସୁଖ ପାଇବାରୁ ବଞ୍ଚିତ ହେଉ । ସ୍ୱାମୀ ଶିବାନନ୍ଦ କହନ୍ତି ସଂସାର ଦୁଃଖ ଦୁର୍ଦ୍ଦଶାରେ ପୂର୍ଣ୍ଣ । ଯୋଗୀ, ଭକ୍ତ ଓ ଜ୍ଞାନୀମାନଙ୍କ ବ୍ୟତୀତ ଅନ୍ୟ କେହି ବି ସଂସାର ଦାବାନଳରୁ ମୁକ୍ତ ନୁହଁନ୍ତି । ଆପଣମାନେ ଯେଉଁଠିକି ଯାଆନ୍ତୁ ନା କାହିଁକି ଦେଖିବେ ସର୍ବତ୍ର ଏହି ସ୍ଥିତି ହିଁ ଲାଗିରହିଛି ।

ସ୍ୱାମୀ ଶିବାନନ୍ଦ ଗୋଟିଏ ଉଦାହରଣ ଦେଇ କହୁଅଛନ୍ତି – କମଳା ଏବଂ କୃଷ୍ଣ ଥିଲେ ପତି ପତ୍ନୀ । ଗରିବ ପରିବାର । ବଖରାଟିଏ ଘର । ସେହି ଗୋଟିଏ ବଖରାରେ ରନ୍ଧାବଢା, ଶୋଇବା ବସିବା ସବୁକିଛି କରିବାକୁ ହୁଏ । ଖଣ୍ଡିଏ ପଟାଖଟରେ ଦୁଇ ପ୍ରାଣୀ ଶୟନ କରନ୍ତି । ସେହି ପଟାଖଟରେ ସ୍ୱାମୀ ସ୍ତ୍ରୀ ଆକାଶ କୁସୁମ ତୋଳୁ ତୋଳୁ ଦିନେ କମଳା ତା ସ୍ୱାମୀକୁ ପଚାରିଲା ମୋର ଯଦି ପୁଅଟିଏ ହେବ ତେବେ ସେ କେଉଁଠି ଶୋଇବ ? କୃଷ୍ଣ କହିଲା ଆଲୋ ! ମୁଁ ଟିକିଏ ଘୁଞ୍ଚିଯିବି ଯେ, ତୋ ପୁଅ ସେତିକି ସ୍ଥାନରେ ଶୋଇଯିବ । କିଛି ସମୟ ପରେ କମଳା ପୁଣି ପଚାରିଲା, ମୋର ଯଦି ଆଉ ଗୋଟିଏ ପୁଅ ହୁଏ ସେ କେଉଁଠି ଶୋଇବ ? କୃଷ୍ଣ ଖଟ ଧାରକୁ ଘୁଞ୍ଚିଯାଇ କହିଲା ଏମତି ଆଉ ଟିକିଏ ଖଟ ଧାରକୁ ଘୁଞ୍ଚିଯିବି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଯେ, ତୋ ସାନ ପୁଅ ବଡ ପୁଅ ପାଖରେ ଶୋଇବ । କିଛି ସମୟ ପରେ ପୁନର୍ବାର କମଳା ପଚାରିଲା ହେଇ ଶୁଣୁଛ ମୋର ଯଦି ଆଉ ଗୋଟିଏ ପୁଅ ହୁଏ ତେବେ ସେ କେଉଁଠି ଶୋଇବ ? ସେତେବେଳକୁ କୃଷ୍ଣ ଯେ ଖଟର ପୁରା ଧାରକୁ ଘୁଞ୍ଚିଯାଇଥିଲା, ସେ ଜାଣି ନ ଥିଲା । ସ୍ତ୍ରୀର ପ୍ରଶ୍ନ ଶୁଣି କୃଷ୍ଣ କହିଲା, ମୁଁ ଆହୁରି ଟିକିଏ ଘୁଞ୍ଚିଗଲେ, ତୋର ତୃତୀୟ ପୁଅ ଶୋଇବାକୁ ଜାଗା ହୋଇଯିବ । ସେପରି କହି ଖଟର ଆହୁରି ଧାରକୁ ଘୁଞ୍ଚିଯାଉଯାଉ ଖଟରୁ ତଳେ ପଡିଗଲା । ତା'ଫଳରେ ତା'ର ବାଁ ଗୋଡର ହାଡ ଭାଙ୍ଗିଗଲା । ସେ ଭଙ୍ଗା ଗୋଡରେ ଘରୁ ବାହାରି ପାରିଲା ନାହିଁ । ଦୁଇ ଦିନ ପରେ ପଡୋଶୀ ଜଣେ ଆସି ପଚାରିଲା କିରେ ! ତୋର କ'ଣ ହୋଇଛି ଯେ, ଦୁଇ ଦିନ ହେଲା ଘରୁ ବାହାରୁ ନାହୁଁ ? କୃଷ୍ଣ କହିଲା ମୋର ମିଛ ପୁଅମାନଙ୍କ ଯୋଗୁଁ ଗୋଡ ଭାଙ୍ଗିଗଲା । ଏହା ହିଁ ସାଂସାରିକ ଲୋକଙ୍କର ସ୍ଥିତି । ସେମାନେ ମିଥ୍ୟା ଅଭିମାନ ଏବଂ ମିଥ୍ୟା ସମ୍ବନ୍ଧ ଯୋଗୁଁ ଦୁଃଖ ପାଉଅଛନ୍ତି ।

କେହି ତୁମକୁ ସିନା ସତ୍ୟର ମାର୍ଗକୁ ଦେଖାଇଦେବେ କିନ୍ତୁ ତୁମେ ସେହି ସତ୍ୟ ପଥରେ ଅଗ୍ରସର ହେବାକୁ ପଡିବ । ଗୁରୁ ତାହା ହିଁ କରନ୍ତି । ମୁଁ କିଏ ? ମୁଁ କେଉଁଠାରୁ ଆସିଛି ? କେଉଁଠି କି ଯିବି ? ମୋର ଉତ୍ତର ଦାୟିତ୍ୱ କ'ଣ ସବୁ ଅଛି ? ଏ ସବୁ ପ୍ରଶ୍ନର ଖୋଜି ପାରିଲେ ଆମେ ହୁଏତ ଜୀବନର ସତ୍ୟତା ପାଖାପାଖି ପହଞ୍ଚିବା । ବାୟା ବାବା କହିଲେ – ମନୁଷ୍ୟ ଶରୀର ଅଟଇ ସିନା ଜଡ଼ ପଦାର୍ଥ । ଚେତନା ତାହାର ଆସଇ ହେଲେ ଗୁରୁ ଆଶ୍ରିତ ॥

ବିଜୟ କୁମାର ସାହୁ , ବିଜିଗୋଳ

ମୋ – ୮୭୬୩୦୪୬୨୨୩

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅମୂଲ୍ୟର ମୂଲ୍ୟ



ବିମଲ କୁମାର ସେଠୀ

ଆମେ ବସବାସ କରୁଥିବା ଏହି ବିଶାଳ ପୃଥିବୀରେ ଏମିତି କୌଣସି ଜିନିଷ, ପଦାର୍ଥ କିମ୍ବା ବସ୍ତୁ ନାହିଁ, ଯାହା କି ମୂଲ୍ୟହୀନ । ପ୍ରତ୍ୟେକ ବସ୍ତୁ ବା ଦ୍ରବ୍ୟର କୌଣସି ପ୍ରକାରର ମୂଲ୍ୟ ରହିଛି । ଏହି ମୂଲ୍ୟଯୁକ୍ତ ଦୁନିଆରେ ପ୍ରକୃତି ଆମକୁ ବିଭିନ୍ନ ପ୍ରକାରର ଅମୂଲ୍ୟ ସମ୍ପଦ ଯୋଗାଇ ଦେଇଛି । କିନ୍ତୁ ମଧ୍ୟ ବିଭିନ୍ନ ସ୍ଥାନରେ, ବିଭିନ୍ନ ଉପାୟରେ ମୂଲ୍ୟ ଯୁକ୍ତ ହୋଇଯାଉଛି ।

ଅମୂଲ୍ୟର ପରିସର ବହୁତ ଲମ୍ବା । ଯାହାକୁ କି ମୂଲ୍ୟ କେବେ ହେଲେ ସ୍ପର୍ଶ ସୁଦ୍ଧା କରି ପାରି ନଥାଏ । ଏହି ମୂଲ୍ୟଯୁକ୍ତ ଦୁନିଆରେ ଅମୂଲ୍ୟର ଉପସ୍ଥିତି ବିନା କିଛି ବି କଳ୍ପନା କରିବା ସମ୍ଭବ ନୁହେଁ । ଆମରି ବିକାଶ କ୍ଷେତ୍ରରେ ତାହାରି ପ୍ରଥମେ ହାତ ରହିଛି । ତାହା ପାଇଁ ଏହି ଜୀବଜଗତ ଆଜି ତିଷ୍ଠି ରହିଛି । କିନ୍ତୁ ଆଧୁନିକ ଦୁନିଆରେ ମାନବର ମତିଭ୍ରମ ଦେଖାଗଲାଣି । ସେ ଜାଣି ପାରୁନାହିଁ ଯେ, ତାର କର୍ତ୍ତବ୍ୟକୁ । ଯେଉଁ ସ୍ଥାନ ମାନଙ୍କରେ ଏହି ଅମୂଲ୍ୟକୁ ଆଦରି ନିଆଯାଉଛି, ସେଠାରେ ବିକାଶ ତଥା ଉନ୍ନତିର ପରିସର ଲମ୍ବି ଯାଉଛି । ସେହିପରି, ଯେଉଁଠାରେ ଏହି ମୂଲ୍ୟକୁ ଆଦରି ନିଆଯାଉଛି, ସେଠାରେ ବିକାଶର ପଥକୁ ଜଟିଳ କରି ଦିଆଯାଉଛି । ସେମାନେ ଜାଣି ପାରୁନାହାନ୍ତି ଯେ, ସେହି ଅମୂଲ୍ୟରେ

Listen to Odia Podcast on https://anchor.fm/aahwaan
ଆହ୍ୱାନ-ପତ୍ରିକା

 Magazine Downloaded from www.aahwaan.com

ହିଁ ବହୁମୂଲ୍ୟ ଲୁଚି ରହିଛି । ଏହି ଉପରୋକ୍ତ ବର୍ଣ୍ଣିତ ପ୍ରତ୍ୟେକ ପଂକ୍ତିର ଅର୍ଥ ନିମ୍ନରେ ବର୍ଣ୍ଣନା କରାଯାଇଛି-

ପ୍ରକୃତି ଆମକୁ ଜୀବନ ଦେଇଛି, ଏହା ହେଉଛି ଏକ ଅମୂଲ୍ୟ ସମ୍ପଦ । କିନ୍ତୁ ଏହି ଅମୂଲ୍ୟ ସମ୍ପଦ ଉପରେ ମୂଲ୍ୟର ମୋହର ମାରୁଛି ସମାଜ । ବିଭିନ୍ନ ପରିସ୍ଥିତିରେ, ନାନା ପ୍ରକାରର ସମସ୍ୟାର ସାମ୍ନା କରୁ କରୁ ଲୋକମାନେ ଏହି ମୂଲ୍ୟ ଯୁକ୍ତ ସମାଜରେ ବେସାହାରା ହୋଇ ପଡିଥାନ୍ତି । ସେମାନେ ଏମିତି ନିଷ୍ପତ୍ତି ମାନ ନେଇ ଯାଇଥାନ୍ତି, ଯାହା ଏହି ସମାଜ ପାଇଁ ମଧ୍ୟ ବିପଦ ପୂର୍ଣ୍ଣ ଅଟେ ।

ପ୍ରକୃତି ଆମକୁ ଜୀବନ ଦେବା ସହିତ, ଯେଉଁ ସରସ, ସୁନ୍ଦର ଓ ସୁମଧୁର ପରିବେଶ ଟି ଦେଇଛି, ତାହା ମଧ୍ୟ ଏକ ଅମୂଲ୍ୟ ସମ୍ପଦ । କିନ୍ତୁ ସମାଜର କୁପ୍ରଭାବର ଆକର୍ଷଣରେ, ପରିବେଶ ମଧ୍ୟ ପ୍ରଭାବିତ ହୋଇପଡିଥାଏ । କୌଣସି ଲୋକ ଏମିତି ସୁନ୍ଦର ପ୍ରାକୃତିକ ପରିବେଶ ନିର୍ମିତ କରିପାରିବ ନାହିଁ । କିନ୍ତୁ ବିଭିନ୍ନ ମୂଲ୍ୟର ବୋଝ ସହି ସହି ଅମୂଲ୍ୟ ସମ୍ପଦ ପରିବେଶ ଟି ମଧ୍ୟ ସମାଜ ଦ୍ୱାରା ପ୍ରଭାବିତ ହୋଇପଡ଼ିଥାଏ ।

ପ୍ରକୃତି ଦତ୍ତ ମାଟି, ପାଣି ଓ ପବନ ହେଉଛି ଅମୂଲ୍ୟ ସମ୍ପଦ । ଯାହା ଦ୍ୱାରା ଆମର ଜୀବନ ତିଷ୍ଠି ରହିଛି । ଏମାନଙ୍କ ବିନା ଜୀବଜଗତ ତିଷ୍ଠି ରହିବା ଅସମ୍ଭବ । କିନ୍ତୁ ବିଭିନ୍ନ ପରିସ୍ଥିତିରେ, ଅନେକ ସ୍ଥାନରେ ଏମାନଙ୍କ ଉପରେ ମଧ୍ୟ ମୂଲ୍ୟର ମୋହର ମାରି ଦିଆଯାଉଛି । ଏମାନଙ୍କ ବିନା ଗୋଟିଏ ଜୀବର ଜୀବନ ଅସମ୍ଭବ । କିନ୍ତୁ ସେହି ପରିସ୍ଥିତିରେ ମଧ୍ୟ ଏହି ଅମୂଲ୍ୟ ସମ୍ପଦ ଉପରେ ମୂଲ୍ୟର ମୋହର ଉପଯୋଗ କରାଯାଉଛି ।

ସ୍ୱାର୍ଥ ହିଁ ବ୍ୟକ୍ତିକୁ ଅନ୍ଧ କରି ଦେଇଥାଏ । ବ୍ୟକ୍ତି ପାଖରେ ଥିବା ଅନ୍ତର୍ନିହିତ ସଚ୍ଚୋଟ ଗୁଣମାନଙ୍କର ସଦୁପଯୋଗ କରିବାରେ ବାଧା ଦେଇଥାଏ । ତେଣୁ କୁହାଯାଏ ଯେ, ସ୍ୱାର୍ଥହୀନ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବ୍ୟକ୍ତି ଶାନ୍ତିର ଶିଖର ଛୁଇଁ ପାରିଥାଏ । ପ୍ରକୃତି ଦତ୍ତ ମାନବିକତା ଗୁଣର ସଦୁପଯୋଗ ବ୍ୟକ୍ତି ଟି ସ୍ୱାର୍ଥର ପ୍ରଭାବରେ କରିପାରେ ନାହିଁ । ଏହି ସ୍ୱାର୍ଥକୁ ଜନ୍ମ ଦେବାରେ ସାହାଯ୍ୟ କରିଥାଏ ସମାଜ । ଏହି କୁଟିଳ ସମାଜର ଅସମାନତା କ୍ଷେତ୍ରର ବଣ୍ଟନ ଯୋଗୁଁ ବ୍ୟକ୍ତିଟି ପ୍ରଥମେ ନିଜ ସ୍ୱାର୍ଥକୁ ସୁରକ୍ଷା ଦେଇଥାଏ । କିନ୍ତୁ ପର ସ୍ୱାର୍ଥକୁ ସୁରକ୍ଷିତ କରିବାରେ ଖୁବ୍ କମ ଲୋକଙ୍କର ହାତ ବଢ଼ିଥାଏ । ଦୁନିଆରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅମୂଲ୍ୟ ସମ୍ପଦ ଅଟେ ସମୟ । କିନ୍ତୁ ଲୋକମାନେ ନିଜର ସ୍ୱାର୍ଥ ସାଧନରେ ଏହା ଉପରେ ମଧ୍ୟ ମୋହର ମାରିବାକୁ ପଛାଉ ନାହାନ୍ତି । ବିନା ସ୍ୱାର୍ଥରେ ଲୋକମାନେ ଆଉ କେହି କାହାକୁ ମଧ୍ୟ ସମୟ ଦେବାକୁ ଅସମର୍ଥ ହୋଇପଡୁଛନ୍ତି ।

ମାନବିକତା ଗୁଣ ଗୁଡିକର ପରିପ୍ରକାଶ କରିବାର ପ୍ରମୁଖ କ୍ଷମତା କେବଳ ଗୁରୁଙ୍କ ପାଖରେ ହିଁ ଥାଏ । ପୂର୍ବ କାଳରେ ଗୁରୁ ଓ ଶିଷ୍ୟ ମାନଙ୍କର ମଧ୍ୟ ଅମୂଲ୍ୟ ସମ୍ପର୍କ ଥିଲା । ଶିଷ୍ୟର ଆଶ୍ରମରେ ଶିକ୍ଷା ଗ୍ରହଣର ସମାପ୍ତି କାଳେ ଗୁରୁ ଦକ୍ଷିଣା ନେଉଥିଲେ । ଯାହା କି ଶିଷ୍ୟର ଦକ୍ଷତାର ପ୍ରତିପାଦନ କରୁଥିଲା । କିନ୍ତୁ ଆଧୁନିକ କାଳରେ ଶିକ୍ଷକ ଓ ଛାତ୍ରର ସମ୍ପର୍କ ତିକ୍ତତାରେ ପରିବର୍ତ୍ତନ ହେବାରେ ଲାଗିଛି । କାରଣ ପୂର୍ବେ ଶିଷ୍ୟ ଯେଉଁ ଅମୂଲ୍ୟ ଶିକ୍ଷାର ଅଧିକାରୀ ସହଜରେ ହୋଇ ପାରୁଥିଲା, ଆଜି ଛାତ୍ର ମୂଲ୍ୟଯୁକ୍ତ ଶିକ୍ଷାର ମଧ୍ୟ ଅଧିକାରୀ ହେବା ସମୟରେ ବେଳେ ବେଳେ ବଞ୍ଚିତ ହେବାକୁ ପଡୁଛି ଏବଂ ଅନେକ ସ୍ଥାନରେ, ଅନେକ ଛାତ୍ର ତଥା ଶିଶୁମାନେ ମଧ୍ୟ ସମ୍ପୂର୍ଣ୍ଣରୂପେ ଶିକ୍ଷା ଗ୍ରହଣରୁ ବଞ୍ଚିତ ହେଉଛନ୍ତି ।

କେବଳ ଶିକ୍ଷା କଥା ନୁହେଁ ସ୍ୱାସ୍ଥ୍ୟ କ୍ଷେତ୍ରରେ ମଧ୍ୟ ଏପରି ଦେଖିବାକୁ ମିଳୁଛି । ଆଗ ବୈଦ୍ୟମାନେ ସମ୍ପୂର୍ଣ୍ଣ ରୂପେ ବିନା ମୂଲ୍ୟରେ ଚିକିତ୍ସା କରୁଥିଲେ । କିନ୍ତୁ ଏବେ ମୂଲ୍ୟଯୁକ୍ତ ହେବା କାରଣରୁ ବିଭିନ୍ନ ଜାଗାରେ ରୋଗୀମାନଙ୍କର ଜୀବନ ମଧ୍ୟ ଚାଲିଯାଉଛି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏହିପରି ଭାବରେ ସମାଜରେ ବିଭିନ୍ନ ସ୍ଥାନରେ ଶିକ୍ଷା, କୌଶଳ ଓ ଜ୍ଞାନ କ୍ଷେତ୍ରରେ ମୂଲ୍ୟର ମୋହର ମାରି ସେମାନଙ୍କୁ ଆଗକୁ ବଢ଼ିବାରେ ଅସମର୍ଥ କରି ଦିଆଯାଉଛି । ଯାହାକି ସମାଜକୁ ସୁସମାଜ ରୂପେ ଗଢ଼ିବାରେ ସାହାଯ୍ୟ କରିପାରନ୍ତା ।

ଏମିତି ବହୁତ ଜାଗାରେ, ବିଭିନ୍ନ କ୍ଷେତ୍ରରେ ଅମୂଲ୍ୟ ସମ୍ପଦ ଉପରେ ମୂଲ୍ୟର ମୋହର ମାରି ତା'ର ଅଗ୍ରସର କ୍ଷେତ୍ରରେ ବାଧାପ୍ରାପ୍ତ ସୃଷ୍ଟି କରାଯାଉଛି । ଏହାର ନିରାକରଣରେ ଦୁନିଆରେ ଶାନ୍ତି, ମୈତ୍ରୀ, ବିକାଶ ଆଦିସବୁ ସମ୍ଭବପର ଅଟେ । ସେଥିପାଇଁ ନିମ୍ନରେ ବର୍ଣ୍ଣିତ ପଦଟି ଯଥାର୍ଥତା ପ୍ରତିପାଦନ କରେ -

ଅମୂଲ୍ୟର ମୂଲ୍ୟ ଅଟେ ମହତ ,<br>
ମୂଲ୍ୟର ରୂପ ଅମୂଲ୍ୟ ବିହିତ ।

ନାମ - ବିମଳ କୁମାର ସେଠୀ

ଜିଲ୍ଲା - ବୌଦ୍ଧ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# କାଳରାତ୍ରିର କରାଳରୂପରେ କରମଣ୍ଡଳ



ଶଙ୍କର ବିଶ୍ୱାଳ

ଓଡ଼ିଶା ଟ୍ରେନ୍ ଦୁର୍ଘଟଣା । ଦୁଇଟି ଏକ୍ସପ୍ରେସ ଟ୍ରେନ୍ - ଯଶବନ୍ତପୁର ହାଓ୍ୱାଡା ଏକ୍ସପ୍ରେସ ଏବଂ ଶାଳିମାର ଚେନ୍ନାଇ କରମଣ୍ଡଳ ଏକ୍ସପ୍ରେସ ସହିତ ଏକ ପ୍ରମୁଖ ରେଳ ଦୁର୍ଘଟଣାରେ ଏବଂ ଜୁନ ୨ରେ ଓଡିଶାର ବାଲେଶ୍ୱର ଜିଲ୍ଲାରେ ଏକ ସାମଗ୍ରୀ ଟ୍ରେନରେ ଅତି କମରେ ୩୦୯ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୧୨୦୦ ରୁ ଅଧିକ ଲୋକ ଆହତ ହୋଇଛନ୍ତି ।

ଉପଲବ୍ଧ ରେକର୍ଡ ଅନୁଯାୟୀ ଭାରତର ଚତୁର୍ଥ ମର୍ମନ୍ତୁଦ ଟ୍ରେନ ଦୁର୍ଘଟଣା ସନ୍ଧ୍ୟା ପ୍ରାୟ ୭ଟା ସମୟରେ ଘଟିଥିଲା, ଯେତେବେଳେ ୧୨୮୬୪ ବେଙ୍ଗାଲୁରୁ-ହାଓ୍ୱାଡା ସୁପରଫାଷ୍ଟ ଏକ୍ସପ୍ରେସ ଦୁର୍ଘଟଣାଗ୍ରସ୍ତ ହୋଇ ସଂଲଗ୍ନ ଟ୍ରାକରେ ଖସିପଡିଥିଲା । ଜଣେ ଅଧିକାରୀ କହିଛନ୍ତି, "୧୨୮୪୧ ଶାଳିମାର-ଚେନ୍ନାଇ ସେଣ୍ଟ୍ରାଲ କରମଣ୍ଡଳ ଏକ୍ସପ୍ରେସ ସହିତ ଏହି ଖରାପ କୋଚଗୁଡ଼ିକ ମୁହାଁମୁହିଁ ହୋଇଥିଲେ ଏବଂ ଏହାର କୋଚମାନେ ମଧ୍ୟ କ୍ୟାପ୍ ହୋଇଯାଇଥିଲେ ।

ଭୁବନେଶ୍ୱରର ଅଧିକାରୀ କହିଛନ୍ତି ଯେ ଦୁର୍ଘଟଣା ସ୍ଥଳରେ ୧୨୦୦ ଆମ୍ବୁଲାନ୍ସ, ୫୦ଟି ବସ୍ ଏବଂ ୪୫ଟି ମୋବାଇଲ୍ ସ୍ୱାସ୍ଥ୍ୟ ୟୁନିଟ୍ କାର୍ଯ୍ୟ କରୁଛନ୍ତି, ଏହା ବ୍ୟତୀତ ୧୨୦୦ କର୍ମଚାରୀ ଏବଂ ୨୫ଟି ଟିମ୍ ଡାକ୍ତର ଅଛନ୍ତି ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବାଲେଶ୍ୱର ଟ୍ରେନ୍ ଦୁର୍ଘଟଣାରେ ବାହାନାଗା ହାଇସ୍କୁଲ, ଯାହା ଏକ ମେକିଫିଟ୍ ମର୍ଚ୍ଚାରୀରେ ପରିଣତ ହୋଇଥିଲା, ମୁଁ ମୋର ରିପୋର୍ଟ କରିବା ସମୟରେ ଭିତରକୁ ପଶିଯିବାବେଳେ ଏକ ଅସୁରକ୍ଷିତ ଅନୁଭୂତି ଉପସ୍ଥାପନ କଲି । ଜୀବନ୍ତ ଶରୀରଗୁଡ଼ିକ ଚଟାଣରେ ବିଛାଯାଇଥିଲା । ଶବରୁ ଆସୁଥିବା କ୍ରମାଗତ ରିଙ୍ଗଟୋନ୍ ଶୁଣି ମୁଁ ଅତ୍ୟଧିକ ମର୍ମାହତ । ଅବଶ୍ୟ, ସେମାନଙ୍କ ପ୍ରିୟଜନମାନେ ନିଜ ସମ୍ପର୍କୀୟଙ୍କ ମଙ୍ଗଳ ବିଷୟରେ ଜାଣିବା ପାଇଁ ନିରାଶ ହୋଇ କଲ୍ କରିଥିବେ ।

ନିରାଶ୍ରୟ ସମ୍ପର୍କୀୟମାନେ ସେମାନଙ୍କର ଜଣାଶୁଣା ଲୋକଙ୍କୁ ଚିହ୍ନିବା ପାଇଁ ଶରୀର ଦେଇ ଗଲାବେଳେ ମୋବାଇଲ୍ ରିଙ୍ଗଟୋନ୍ ସେମାନଙ୍କୁ ଶବକୁ ଓଡ଼ିଶାରୁ ଭୂମିରେ ଖୋଜିବାରେ ସାହାଯ୍ୟ କଲା । ୨୦୨୩ ଜୁନ୍ ୩ ତାରିଖ ଅପରାହ୍ନ ୧:୩୦ ସୁଦ୍ଧା ମାରାତ୍ମକ ବାଲାସୋର ଟ୍ରେନ୍ ଦୁର୍ଘଟଣାରେ ମୃତ୍ୟୁ ସଂଖ୍ୟା ୩୦୮ ଭାବରେ ପଞ୍ଜିକୃତ ହୋଇଛି । ରାତି ପ୍ରାୟ ୭ଟାରେ ଏହି ଦୁର୍ଘଟଣା ଘଟିଛି । ଯେତେବେଳେ ୧୨୮୬୪ ର ଦୁଇଟି କୋଚ୍ ବାଲେଶ୍ୱର ଜିଲ୍ଲାର ବାହାନାଗା ରେଳ ଷ୍ଟେସନ ନିକଟରେ ଯଶୱନ୍ତପୁର-ହାୱାର ଏକ୍ସପ୍ରେସ ଖସିପଡିଥିଲା । ଖସିପଡିଥିବା କୋଚଗୁଡ଼ିକ ସଂଲଗ୍ନ ଟ୍ରାକକୁ ଟସ୍ କରି ବିପରୀତ ଦିଗରୁ ଆସୁଥିବା ଦ୍ରୁତଗାମୀ ୧୨୮୪୧ କରମଣ୍ଡଳ ଏକ୍ସପ୍ରେସକୁ ଧକ୍କା ଦେଇଥିଲେ । ଏହା ପ୍ରାୟ ୧୭ଟି ବଗିର ଅବନତି ଘଟାଇଲା । ଓଡ଼ିଶାର ବାଲେଶ୍ୱରର ବାହାନାଗା ବଜାର ରେଳ ଷ୍ଟେସନ ନିକଟରେ ଏକ ସ୍ତରୀୟ କ୍ରସିଂରେ ଏକ ବୁମ୍ ବ୍ୟାରେଜର ମରାମତି ଲୁପ୍ ଲାଇନରେ ଏକ ସ୍ଥିର ସାମଗ୍ରୀ ଟ୍ରେନ୍ ସହିତ ମୁହାଁମୁହିଁ ହେବା ପରେ ହାୱଡାରୁ ଚେନ୍ନାଇକୁ ଯାଇଥିବା ସୁପରଫାଷ୍ଟ କରମଣ୍ଡଳ ଏକ୍ସପ୍ରେସର ଭୟଙ୍କର ଦୁର୍ଘଟଣାର କାରଣ ହୋଇଛି କି ?

ସର୍ବଶେଷ ଦୁଃଖଦ ଘଟଣା ବର୍ତ୍ତମାନ ରେଳବାଇକୁ ଏକ ବିଫଳ-ସୁରକ୍ଷିତ ଯନ୍ତ୍ରକୌଶଳ ଉପରେ ଧ୍ୟାନ ଦେବାକୁ ବାଧ୍ୟ କରିବା ଉଚିତ ଯେଉଁଠାରେ ଟ୍ରେନ୍‌ଗୁଡ଼ିକ ସ୍ୱୟଂଚାଳିତ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com


ଅଟକି ଯାଇଥାଏ କିମ୍ବା ଯେତେବେଳେ ବି ସ୍ନାଗ୍ ଚିହ୍ନଟ ହୁଏ ସେତେବେଳେ ଗତି ହ୍ରାସ କରିଥାଏ । ଜୁନ୍ ୨ ରେ ଓଡିଶାର ବାଲେଶ୍ୱର (ଓଡ଼ିଶା ଟ୍ରେନ୍ ଦୁର୍ଘଟଣା) ରେ ଏକ ଭୟଙ୍କର ଟ୍ରେନ୍ ଦୁର୍ଘଟଣା ଘଟିଥିଲା । ଶହ ଶହ ଲୋକ ପ୍ରାଣ ହରାଇଲେ, ଏକ ହଜାରରୁ ଅଧିକ ଲୋକ ଆହତ ହୋଇଥିଲେ । ଯନ୍ତ୍ରଣାଦାୟକ ଚିତ୍ର ଏବଂ କାହାଣୀ ସାମ୍ନାକୁ ଆସିଲା । କୌଣସି ଜାଗାରେ ଜଣେ ବାପା ନିଜ ପୁଅକୁ ମୃତ ଦେହରେ ଖୋଜୁଥିବା ଦେଖିବାକୁ ମିଳିଥିଲା, ତା'ପରେ ଗୋଟିଏ ଘରର ତିନି ପୁଅ ଏହି ଦୁନିଆକୁ ସବୁଦିନ ପାଇଁ ଛାଡି ଚାଲିଗଲେ । ଜଣେ ବ୍ୟକ୍ତି ଦୁର୍ଘଟଣାରେ ନିଜ ପତ୍ନୀ ଏବଂ ପିଲାମାନଙ୍କୁ ହରାଇ କ୍ଷତିପୂରଣ ଟଙ୍କା ପାଇବା ପରେ କାନ୍ଦୁଥିଲେ । ପଚରାଗଲା- 'ମୁଁ ଏହି ଟଙ୍କା ସହିତ କ'ଣ କରିବି ? ସେ ଦିନର ବିକଳ ଚିତ୍ର ଯାହା ସମସ୍ତଙ୍କର ଆଖି ଥରାଇଥିଲା । ସେଦିନ ରାତିରେ ଦୁର୍ଘଟଣା ଏତେ ଭୟଙ୍କର ହେଇଥିଲା ଯେ କାହାର ହାତ ନଥିଲା ତ କାହାର ଗୋଡ, ତ କାହାର ମୁହଁର ଅବସ୍ଥା ବହୁତ ଖରାପ ହେଇଯାଇଥିଲା ଯାହାପାଇଁ ସେମାନଙ୍କର ପରିବାର ସହ ସେମାନଙ୍କୁ ଚିହ୍ନଟ କରିବା ସମ୍ଭବପର ହେଉନଥିଲା ସେମାନଙ୍କର ଚିହ୍ନଟିକରଣ ପାଇଁ ଭୂବନେଶ୍ୱର ମହାନଗର ନିଗମର କମିଶନର୍ ଶ୍ରୀ ବିଜୟ ଅମୃତା କୁଲାଙ୍ଗେ ପ୍ରୟାସ ଆରମ୍ଭ କରିଥିଲା ୩୦୬ ମୃତ ଶରୀର ମାନଙ୍କରୁ ପାଖାପାଖି ୨୦୦ ମୃତଶରୀରକୁ ଭୂବନେଶ୍ୱର ଏମ୍ସକୁ ଅଣାଯାଇଥିଲା ଯେଉଁଠାରୁ ସେମାନେ ନିଜ ସମ୍ପର୍କୀୟଙ୍କର ମୃତ ଶରୀରକୁ ଚିହ୍ନଟ କରି ନେଇ ପାରିବେ । କେହି କାହାର ବାପା ହରେଇଲେ ତ କିଏ ପୁଅ ପୁଣି କିଏ ମା ଓ ଭାଇ ତ କିଏ ସ୍ୱାମୀ ସହ ସ୍ତ୍ରୀ ଯନ୍ତ୍ରଣା ଏତେ ଗମ୍ଭୀର ଥିଲା ଯେ ସହ୍ୟ କରିବା ସମ୍ଭବ ପର ନଥିଲା ।

ଗୁଡିଆଳୀ, କବିସୂର୍ଯ୍ୟ ନଗର, ଗଞ୍ଜାମ
+୨ କଳା ନାରାୟଣୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଆଠଗଡ ପାଟଣା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମୁଁ କରମଣ୍ଡଳ...



ତନୁଜା ପ୍ରିୟଦର୍ଶିନୀ

ଦକ୍ଷିଣ-ପୂର୍ବ ରେଳପଥର ରାଜା, ପ୍ରତିଦିନ କଲିକତାର ସାଲିମାର ଷ୍ଟେସନରୁ ଚେନ୍ନାଇ ସେଣ୍ଟ୍ରାଲ ଷ୍ଟେସନ୍ ଅଭିମୁଖେ ପାଖାପାଖି ୧୬୬୨ କି.ମି ରାସ୍ତା ମାତ୍ର ୨୫ ଘଣ୍ଟା ୩୦ ମିନିଟ୍ ରେ ଅତିକ୍ରମ କରେ । ମୋ ଜୀବନର ଯାତ୍ରା ଆରମ୍ଭ ହୋଇଥିଲା ଆଜକୁ ପ୍ରାୟ ୪୬ ବର୍ଷ ପୂର୍ବେ ୬ ମାର୍ଚ୍ଚ ୧୯୭୭ ମସିହାରେ । ମୁଁ ସର୍ବାଧିକ ୧୩୦କି.ମି ପ୍ରତିଘଣ୍ଟା ବେଗରେ ଗତି କରିପାରେ । ପ୍ରତିଦିନ ୧୪ଟି ଷ୍ଟେସନ୍ ଅତିକ୍ରମ କଲାପରେ ମୁଁ ମୋ ଲକ୍ଷ୍ୟସ୍ଥଳରେ ପହଞ୍ଚେ । ପ୍ରତିଦିନ ଶତାଧିକ ଲୋକ ମୋ ଭିତରେ ଯାତ୍ରା କରନ୍ତି । ସମସ୍ତଙ୍କୁ ସକୁଶଳ ତାଙ୍କ ଲକ୍ଷ୍ୟସ୍ଥଳରେ ପହଞ୍ଚେଇବାର ଦାୟିତ୍ୱ ମୁଁ ନେଇଥାଏ ଏବଂ ନିଷ୍ଠାର ସହ ତାକୁ ପୂର୍ଣ୍ଣ ମଧ୍ୟ କରିଥାଏ କିନ୍ତୁ ବେଳେ ବେଳେ ଭାଗ୍ୟର ବିଡମ୍ବନା ହେଉ କିମ୍ବା କୌଣସି ଯାନ୍ତ୍ରିକ ତ୍ରୁଟି ପାଇଁ ହେଉ ମୋତେ ଦୁର୍ଘଟଣା ଗ୍ରସ୍ତ ହେବାକୁ ପଡ଼େ ଏବଂ ମୋ ପାଇଁ ଅନେକ ଧନ ଜୀବନ ହାନୀ ହୁଏ । ତେବେ ଆଜି ମୋର ମନେ ପଡିଯାଉଛି ୧୫ ମାର୍ଚ୍ଚ ୨୦୦୨ ମସିହାର ସେ ନିସ୍ତବ୍ଧ ରାତିର କଥା, ସେଦିନ ହୋଇଥିଲା ମୋର ପ୍ରଥମ ଦୁର୍ଘଟଣା ତାମିଲନାଡୁର ନେଲୋର୍ ଜିଲ୍ଲାରେ ମୋର ୭ଟି ବଗି ଲାଇନଚ୍ୟୁତ ହୋଇଥିଲା ଏବଂ ୧୦୦ରୁ ଅଧିକ ଯାତ୍ରୀ ଆହତ ହୋଇଥିଲେ । ଏହାପରେ ୧୩ ଫେବୃୟାରୀ ୨୦୦୯ରେ ଯାଜପୁର-

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କେନ୍ଦୁଝର ରୋଡରେ ହୋଇଥିଲା ମୋର ଆଉ ଏକ ଦୁର୍ଘଟଣା ଏଥିରେ ୧୫ ଜଣଙ୍କର ଅକାଳ ମୃତ୍ୟୁ ଘଟିଥିଲା । ଏହାର ଠିକ୍ ୨ ବର୍ଷ ପରେ ୩୦ ଡିସେମ୍ବର ୨୦୧୨ ମସିହାରେ ମୋତେ ଆଉ ଏକ ଦୁର୍ଘଟଣାକୁ ସାମ୍ନା କରିବାକୁ ପଡ଼ିଥିଲା, ଏଥିରେ ୨ ଛୋଟ ପିଲାଙ୍କ ସହ ୬ ଟି ହାତୀର ମୃତ୍ୟୁ ହୋଇଥିଲା । ଏହା ପରେ ୨୦୧୪ ଏବଂ ୨୦୧୫ରେ ମୋତେ ପୁନର୍ବାର ଦୁର୍ଘଟଣାର ସମ୍ମୁଖୀନ ହେବାକୁ ପଡ଼ିଥିଲା । ଏହା ତ ଥିଲା ମୋର ଅତୀତର କାହାଣୀ କିନ୍ତୁ ଏହି ଅତୀତ ଠାରୁ ବେଶୀ ଦୁଃଖଦ ଏବଂ କଷ୍ଟଦାୟକ ମୋର ଆଜିର ବର୍ତ୍ତମାନ । ଆଜିର ଦିନ ପାଇଁ ବୋଧହୁଏ ବିଶ୍ୱ ଇତିହାସ କରମଣ୍ଡଳକୁ କଳା ଅକ୍ଷରରେ ସବୁଦିନ ପାଇଁ ଲେଖି ରଖିବ ହୁଏତ ଆଜିପରେ ଦକ୍ଷିଣ-ପୂର୍ବ ରେଳପଥର ରାଜା ବୋଲାଉଥିବା କରମଣ୍ଡଳ ରେଳ ଜଗତ ପାଇଁ ଏକ ଅଭିଶାପ ବୋଲାଇବ । ବୋଧ ହୁଏ ଏହା ହିଁ ମୋର ଭାଗ୍ୟ ।

ଆଜି ହେଉଛି ୨ ଜୁନ୍ ଶୁକ୍ରବାର, ମୁଁ ପ୍ରତିଦିନ ପରି ଆଜି ମଧ୍ୟ ୩:୨୦ ରେ ହାୱଡାରୁ ପ୍ରସ୍ଥାନ କଲି, ଶତାଧିକ ଲୋକେ ମୋ ଭିତରେ ଯାତ୍ରା କରୁଥିଲେ । ସେମାନଙ୍କ ଭିତରେ ବହୁ ଲୋକ ତୀର୍ଥଯାତ୍ରା ପାଇଁ ଯାଉଥିଲେ ଆଉ କିଛି ନିଜ ଘରକୁ ଫେରୁଥିଲେ, ବହୁଲୋକ ପ୍ରଥମ ଥର ରେଳରେ ବସିଥିବାରୁ ମନରେ ଖୁସିର ଲହରି ଖେଳାଉଥିଲେ, କିଏ ବିବାହ କରି ନିଜ ଜୀବନର ଏକ ନୂତନ ଯାତ୍ରା ଆରମ୍ଭ କରିବ ବୋଲି ମନରେ ଅନେକ ଆଶା ଓ ଆକାଂକ୍ଷା ନେଇ ଘରକୁ ଫେରୁଥିଲା ତ କିଏ ନିଜ ଘରର ଆର୍ଥିକ ମାନଦଣ୍ଡ ସାଜିବ ବୋଲି ନିଜ କର୍ମଭୂମିକୁ ଗମନ କରୁଥିଲା । ବହୁ ଅଚିହ୍ନା ଲୋକ ନିଜ ଭିତରେ ହସକଥା ଗପି ନିଜ ଭିତରେ ନୂତନ ସମ୍ପର୍କ ଗଢୁଥିଲେ । ବହୁ ରୋଗୀ ନିଜ ଶରୀରର ଚିକିତ୍ସା ପାଇଁ ପରଦେଶକୁ ଗମନ କରୁଥିଲେ । ବହୁ ଛୋଟ ଛୋଟ ପିଲା ମୋର ଦ୍ରୁତ ଗତିକୁ ଦେଖି ଖୁସି ମଧ୍ୟ ହେଉଥିଲେ ଏବଂ ପର ମୁହୂର୍ତ୍ତରେ ଭୟ ମଧ୍ୟ କରୁଥିଲେ, ଅନେକ ଲୋକଙ୍କ ଆଶା ଓ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆକାଂକ୍ଷା ଭିତରେ ମୁଁ ଦ୍ରୁତ ଗତିରେ ଆଗେଇ ଚାଲିଥାଏ ଠିକ୍ ଏହି ସମୟରେ ଘଟିଗଲା ଏକ ଦୁର୍ଘଟଣା, ମୋତେ ମେନ୍ ଲାଇନରେ ଯିବାପାଇଁ ସିଗନାଲ୍ ମିଳିଥିଲା । କିନ୍ତୁ ବୋଧହୁଏ କୌଣସି ଯାନ୍ତ୍ରିକ ତ୍ରୁଟି ପାଇଁ ମୁଁ ସେହି ସିଗନାଲ୍ ଗ୍ରହଣ କରିପାରିଲି ନାହିଁ, ବାଲେଶ୍ୱର ଜିଲ୍ଲାର ବାହାନଗା ପାଖରେ ମୁଁ ନିଜର ଟ୍ରାକ ବଦଳାଇ ଅନ୍ୟ ଏକ ଟ୍ରାକକୁ ଚାଲିଗଲି ଏବଂ ସେଠାରେ ଆଗରୁ ଠିଆ ହୋଇଥିବା ଏକ ମାଲବାହୀ ଟ୍ରେନ ସହ ମୋର ଧକ୍କା ହୋଇଗଲା ଯାହା ଫଳରେ ମୋର ୨୧ଟି ବଗି ଲାଇନଚ୍ୟୁତ ହେଲା ଠିକ୍ ଏହି ସମୟରେ ହାୱଡା ଅଭିମୁଖେ ଯାତ୍ରା କରୁଥିବା ଯଶୱନ୍ତପୁର୍-ହାୱଡା ଏକ୍ସପ୍ରେସ ଆସି ମୋର ଲାଇନଚ୍ୟୁତ ଡବାରେ ମାଡ଼ ହେଲା ଓ ତାର ୨ଟି କୋଚ୍ କ୍ଷତିଗ୍ରସ୍ତ ହେଲା ଏହି ପରି ଏକ ତ୍ରି-କୋଣୀୟ ରେଳ ଦୁର୍ଘଟଣା ସଂଗଠିତ ହେଲ । ଏହି ଦୁର୍ଘଟଣା ଏକବିଂଶ ଶତାବ୍ଦୀର ସବୁଠାରୁ ଭୟଙ୍କର ଦୁର୍ଘଟଣାର ରୂପ ନେଲା ବିଗତ ୨୪ ବର୍ଷ ଭିତରେ ଏପରି ଭୟଙ୍କର ଏବଂ ଦୁଃଖଦ ରେଳ ଦୁର୍ଘଟଣା ଘଟିନଥିଲା । ମୋର ଏହି ଦୁର୍ଘଟଣାରେ ବହୁ ଧନ ଜୀବନ ହାନୀ ହେଲା, ନିଜ ଜୀବନର ପ୍ରଥମ ରେଳ ଯାତ୍ରା ନିମନ୍ତେ ବାହାରି ଥିବା ଲୋକଟି କ'ଣ ଜାଣିଥିଲା ଏଇଟା ତାର ଶେଷ ଯାତ୍ରା ହେବ ବୋଲି, ବିବାହ ପାଇଁ ପ୍ରତିଶୃତି ଦେଇଥିବା ଲୋକଟି କ'ଣ ଜାଣିଥିଲା ସେ ତାର କଥା ରଖି ପାରିବ ନାହିଁ ବୋଲି, ବାପାମାଆଙ୍କୁ ଦେଖା କରିବାକୁ ଯାଉଥିବା ପୁଅଟିର ବାପାମାଆ ପୁଅର ଅପେକ୍ଷା କରି କରି ନିରାଶ ହେଲେ କିନ୍ତୁ ପୁଅ ଆଉ ଫେରିଲାନି କି କେବେ ଫେରିବ ନାହିଁ । ସେ ଦୁର୍ଘଟଣାରେ କାହାର ହାତ ଅଛି ହେଲେ ଗୋଡ଼ ନାହିଁ, କାହାର ଦେହ ଗଡୁଛି ମାତ୍ର ଦେହରେ ମୁଣ୍ଡ ନାହିଁ, କାହାର ଏକମାତ୍ର ଅଲିଅଳ ସନ୍ତାନର ଦେହରୁ ପ୍ରାଣ ବାହାରି ଯାଇଛି କାହାର ଛୁଆ ବାପାମାଆ ହରେଇ ଅନାଥ ହୋଇଯାଇଛି । କାନ୍ଦବୋବାଳିରେ ଫାଟି ପଡୁଛି ଚତୁର୍ଦ୍ଦିଗ, ଓଲଟି ପଡ଼ିଥିବା ମୋର ସେହି ବଗିରେ ଗୋଟେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବ୍ୟକ୍ତି ଥିଲା । ବୟସ ପ୍ରାୟ ୨୫-୨୬ ହେବ ବୋଧ ହୁଏ ନୂଆ ବାହା ହୋଇଛି ସେ ତା ଫୋନରେ ବାରମ୍ବାର ଗୋଟେ ସୁନ୍ଦର ସ୍ତ୍ରୀଲୋକର ଫଟୋଟେ ଦେଖୁଛି ଏବଂ ହାତରେ ଗୋଟେ ସୁନ୍ଦର ସୁନା ହାରଟେ ଧରିଛି ସେ ହାରଟିକୁ ଦେଖି ବାରମ୍ବାର ସେ ହସୁଛି, ମନରେ ତାର ଅନାବିଳ ଭଲପାଇବା ଏବଂ ସେହି ହାରଟିକୁ ଉପହାର ଦେବାର ଉତ୍କଣ୍ଠା କିନ୍ତୁ ଏ କ'ଣ ହେଲା ମୋର ଏ ଦୁର୍ଘଟଣା ତାର ସବୁ ଖୁସି ଛଡେଇ ନେଲା । ଟ୍ରେନର ସିଟ ତଳେ ସେ ଚାପି ହୋଇ ମୃତ୍ୟୁବରଣ କରିଛି ତାର ସେହି ହାର ଧରିଥିବା ହାତଟି ଦେହରୁ ଅଲଗା ହୋଇ କିଛି ଦୂରରେ ପଡ଼ିଛି ହାତ ମୁଠାରେ ରହିଛି ସେହି ସୁନାହାରଟି, ହାରଟିର ରଙ୍ଗ ବଦଳି ଯାଇ ସୁନେଲିରୁ ଲାଲ ପାଲଟି ଯାଇଛି । ଆହା ! କି ଦାରୁଣ ଏ ଦୃଶ୍ୟ ଏହି ପରି ଅନେକ ଦୁଃଖଦ ଘଟଣା ଘଟି ଚାଲିଛି କିନ୍ତୁ ଏହା ଭିତରେ ଉଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଯାଇଛି । ହେ ଭଗବାନ ! ମୋର ଏହି ମରଣଯନ୍ତ୍ରା ଭିତରୁ ଲୋକଙ୍କୁ ଉଦ୍ଧାର କରିବାଟା କେତେ କଷ୍ଟକର, ଶକ୍ତ ଲୁହା ପ୍ଲେଟ ଭିତରେ ଚାପି ହୋଇ ରହିଛି ରକ୍ତ, ହାଡ଼, ମାଂସରେ ଗଢା ମଣିଷର କୋମଳ ଶରୀର । ବେଳେ ବେଳେ ଲୁହାକୁ କଟାଯାଇ ମଣିଷକୁ କଢ଼ା ଯାଉଛି ଆଉ ବେଳେ ବେଳେ ମଣିଷର କିଛି ଅଙ୍ଗକୁ କାଟି ମୃତ ଶରୀରକୁ ଉଦ୍ଧାର କରାଯାଉଛି । ଏହା ଭିତରେ ହଠାତ୍ ଶୁଣାଗଲା ଗୋଟେ ୬-୭ ବର୍ଷ ବୟସର ଛୋଟ ଝିଅର ଆକୁଳ ଚିତ୍କାର ପାଖରେ ପଡ଼ିଛି ୨ ଟି ଶବ । ଗୋଟେର ମୁଣ୍ଡ ଲୁହାରେ ମାଡ଼ ହୋଇ ଛିଡି ଯାଇଛି ଆଉ ଗଣ୍ଡି ଠାରୁ ଅଲଗା ହୋଇ ଗଡୁଛି ଆଉ ଗୋଟେ ଶବର ଗୋଡ଼ ଦୁଇଟା ନାହିଁ, ସେ ଝିଅଟିର ଡ୍ରେସ୍ ରକ୍ତରେ ପୁରା ଲାଲ୍ ହୋଇଯାଇଛି ଭାଗ୍ୟ ବଶତଃ ଝିଅଟି ବଞ୍ଚିଯାଇଛି କିନ୍ତୁ ବାରମ୍ବାର ସେ ଚିତ୍କାର କରି କହୁଛି, "ମୋ ବାପାମାଆଙ୍କୁ ବଞ୍ଚାଅ, ମୋ ମାଆର ମୁଣ୍ଡ କିଏ ଲଗେଇ ଦିଅ, ମୋ ବାପାଙ୍କ ଗୋଡ଼ କିଏ ଖୋଜିଆଣ ।" ହେ ଭଗବାନ ! କି ଦାରୁଣ ଦୃଶ୍ୟ ଇଏ । ଏହା

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଭିତରେ ୨୮୮ ମୃତ ଦେହ ଉଦ୍ଧାର କରାଗଲାଣି, ଶବ ଚିହ୍ନଟ ହୋଇପାରୁନି ଡାଲା ଅଟୋରେ ଏବଂ ମିନିଟ୍ରକରେ ଜିନିଷପତ୍ର ବୁହା ହୋଇ ଗଲାଭଳି କୁଡ କୁଡ଼ ଶବ ବୁହା ହୋଇ ଯାଉଛି । ଶବକୁ କାନ୍ଧ ଦେବା ପାଇଁ କେହି ନାହାନ୍ତି, ଏହା ଭିତରେ ଆହତଙ୍କ ସଂଖ୍ୟା ୧୦୦୦ ଟପି ଗଲାଣି । ବଡ଼ ବଡ଼ ସରକାରୀ କର୍ମୀମାନେ କ୍ଷୟକ୍ଷତିର ସମୀକ୍ଷା କରିବା ପାଇଁ ଆସୁଛନ୍ତି ସମସ୍ତେ ସାହାଯ୍ୟର ହାତ ବଢ଼ାଉଛନ୍ତି କିନ୍ତୁ ଏ ଦାରୁଣ ଦୃଶ୍ୟ ଆଖିରୁ ଲିଭୁନାହିଁ । କରମଣ୍ଡଳ ଏବେ ରକ୍ତରଞ୍ଜିତ ରେଳ ଟ୍ରାକରୁ ଲୁହ ଏବଂ ରକ୍ତର ଚିହ୍ନ ଶୁଖିନି । ମୋତେ ଜଣା ନାହିଁ ମୋର ଏବେ କଣ ହେବ, ହୁଏତ ଲୋକମାନଙ୍କ ମନରେ ସାରା ଜୀବନ ମୋ ପାଇଁ ଭୟ ରହିଯିବ କିମ୍ବା ବିଶ୍ୱ ଇତିହାସ କରମଣ୍ଡଳକୁ କାଳମଣ୍ଡଳ ରୂପେ ମନେ ରଖିବ, ଏହା ହିଁ ହେଉଛି କରମଣ୍ଡଳର କଳା କାହାଣୀ ତେବେ କାହାଣୀର ଏ ଅନ୍ତ ନୁହେଁ କାହାଣୀଟି ଏବେ ମଧ୍ୟ ଜାରି ରହିଛି କିନ୍ତୁ ଭବିଷ୍ୟତର ଅପେକ୍ଷାରେ ପ୍ରତିକ୍ଷାରତ ରହିଛି ମୁଁ "କରମଣ୍ଡଳ"...

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବାହୁନି କାନ୍ଦୁଛି ବାହାନଗା



ଅନନ୍ତ କୁମାର

ମଣିଷ କେତେ ଆଶା ଏବଂ କେତେ ସ୍ୱପ୍ନ ନେଇ ଘରୁ ପାଦ କାଢି ବାହାରି ଆସିଥିଲା କରମଣ୍ଡଳ ଏକ୍ସପ୍ରେସରେ । କିନ୍ତୁ ସେଦିନ ସବୁ ଆଶା ଏବଂ ସବୁ ସ୍ୱପ୍ନ କ୍ଷଣିକରେ ବାହାନଗା ରେଳ ଷ୍ଟେସନଠାରେ ଉଜୁଡି ଗଲା । ଚାହୁଁ ଚାହୁଁ କିଛି ବୁଝିବା ଆଗରୁ ରକ୍ତର ନଦୀ ବହିଗଲା ଆଉ କେଇ ମିନିଟ୍ ମଧ୍ୟରେ ସମଗ୍ର ଓଡ଼ିଶା ରାଜ୍ୟ ଏବଂ ସାରା ଦେଶରେ ଘନ ଅନ୍ଧକାର ଛାଇଗଲା । ବାହାନଗା ସତେ ଯେମିତି ସ୍ତବ୍ଧ ହେଇଗଲା । କିଏ ଜାଣିଥିଲା ଏମିତି ବାହାନଗା ରେଳଷ୍ଟେସନ ସମସ୍ତଙ୍କ ଆଖିରେ ଲୁହ ଆଣି ଦେବ । ସେଦିନର ସଂଧ୍ୟା ସମୟ ବହୁତ ଭୟାବହ ପାଲଟିଗଲା । ବାହାନଗା ରେଳଷ୍ଟେସନରେ ଖାଲି ମରଣର ଗନ୍ତାଘର ପାଲଟି ଗଲା । କୁଢ କୁଢ ଶବ ମୁନିସିପାଲିଟି ଗାଡିରେ ଅଳିଆ ନେଲା ଭଳି ବୁହାଗଲା । କହିଲା ବେଳକୁ ଲୋମ ଟାଙ୍କୁରି ଉଠୁଛି ଏବଂ ଛାତି ଥରିଯାଉଛି । କେତେ ଲୋକଙ୍କ କରୁଣ ଚିତ୍କାର ଆଜି ବି ଆଖିରେ ଝଲସି ଯାଉଛି କିଏ ପାଣି ପାଣି କହି ପ୍ରାଣ ହରାଇଛି ତ କିଏ ବଞ୍ଚାଅ ବଞ୍ଚାଅ କହି ପ୍ରାଣ ହରାଇଛି । ଅନେକ ଲୋକଙ୍କ କୋହଭରା କଣ୍ଠସ୍ୱର ଏବେବି କର୍ଣ୍ଣରେ ଗୁଞ୍ଜରିତ ହେଉଅଛି ଆଉ ଖଣ୍ଡିଆ ଖାବରା ହେଇ ବିକଳ ରଡି ଦେଇ ପଡିଥିବା ମଣିଷ ଗୁଡିକ ଭଙ୍ଗା ମାଠିଆ ପରି ଗଡୁ ଥାଆନ୍ତି ତ ଆଉ କିଛି ଲୋକ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଦରମରା ଶବ ପରି ପଡିରହି ଆତ୍ମୀୟମାନଙ୍କୁ ମନେ ମନେ ଖୋଜିବାର ଦୃଶ୍ୟ ମନକୁ ଆଜିବି ବିଚଳିତ କରୁଛି । କିନ୍ତୁ ଶେଷରେ ନିୟତିର ଖେଳରେ ଅନେକ ଲୋକ ହାର ମାନି ଆଖି ବୁଜିଦେଲେ ଏବଂ ଅନେକ ଲୋକ ଆଜି ବି ଜୀବନ ମରଣ ସହ ଲଢେଇ କରୁଛନ୍ତି ଡାକ୍ତରଖାନାରେ । ସବୁଠାରୁ ବଡ ଦୁଃଖର କଥା ହେଲା ବାହାନଗା ଅନେକ ଲୋକଙ୍କ ପରିଚୟ ହଜେଇ ଦେଲା । ଆତ୍ମୀୟ ମାନେ ନିଜ ଆତ୍ମୀୟଙ୍କ ମର ଶରୀରରକୁ ଖୋଜି ନପାଇ ଛାତିକୁ ପଥର କରି ଗୁମୁରି ଗୁମୁରି କାନ୍ଦୁଛନ୍ତି । କଣ ଭାବି ଆସିଥିଲେ ସେଦିନ ଏ ମଣିଷ ଆଉ କଣ ଘଟିଗଲା ଆଖି ପିଛୁଳାକେ । ସମସ୍ତେ ଯାତ୍ରୀ କେତେ ହସ ଖୁସିରେ ନିଜ ଲକ୍ଷ୍ୟ ନେଇ ବାହାରି ଯାଉଥିଲେ, କିଏ ନିଜ ମାଆ ପାଖକୁ ତ କିଏ ଚାକିରୀ କରିବାକୁ କିଏ ବାହାଘର ପାଇଁ ତ କିଏ ପାଠ ପଢିବା ପାଇଁ କିଏ ତ କିଏ ବାପା ମାଆଙ୍କର ଶବକୁ କାନ୍ଧ ଦେବାପାଇଁ କିନ୍ତୁ ସମସ୍ତଙ୍କ ସ୍ୱପ୍ନ ବାହାନଗା ରେଳଷ୍ଟେସନରେ ଅଧୁରା ରହିଗଲା । ସମସ୍ତଙ୍କ ଆଶା କାଚର ଟୁକୁରା ପରି ଚୁରମାର୍ ହେଇ କ୍ଷଣିକରେ ଭାଙ୍ଗିଗଲା କିଛି ବୁଝିବା ଆଗରୁ । ଶେଷରେ ଅନେକ ଯାତ୍ରୀ ନିଜ ଅଧୁରା ସ୍ୱପ୍ନ ନେଇ ଶବ ହେଇ ମଶାଣିକୁ ଶେଷଯାତ୍ରାରେ ଚାଲିଗଲେ ତ ଅନେକ ଗୁରୁତର ଅବସ୍ଥାରେ ଡାକ୍ତରଖାନାକୁ ଚାଲିଗଲେ ସତ କିନ୍ତୁ ରକ୍ତର ଛାପା ଆଉ ନିଜର କରୁଣ ଚିତ୍କାର ଏମିତି ଛାଡିଗଲେ ସବୁଦିନ ପାଇଁ ବାହାନଗା ବାହୁନି ବାହୁନି କାନ୍ଦିବ ଘନ ଅନ୍ଧକାର ଭିତରେ ନିରୋଳାରେ ନୀରବ ହେଇ ।

କାର୍ଯ୍ୟକାରୀ ସମ୍ପାଦକ, ଜାତୀୟ କବି ଲେଖକ ସଂଗଠନ

ତିହିଡି,ଭଦ୍ରକ, ଯୋଗାଯୋଗ-୮୩୩୯୯୩୯୯୨୯

Listen to Odia Podcast on https://anchor.fm/aahwaan

ଆହ୍ବାନ ଇ-ପତ୍ରିକା

Magazine Downloaded from www.aahwaan.com

# ବିଶେଷ ସୂଚନା

ଆହ୍ୱାନ ଇ-ପତ୍ରିକାର ଆଗାମୀ ସଂସ୍କରଣ : ଜୁଲାଇ ୨୦୨୩

ଲେଖା ପଠାଇବାର ଶେଷ ତାରିଖ : ୩ ଜୁଲାଇ ୨୦୨୩

ଆହ୍ୱାନ ଇ-ପତ୍ରିକାରେ ପ୍ରକାଶନ ହେତୁ ଆପଣଙ୍କ ଲେଖା ଗୁଡ଼ିକ ଓଡ଼ିଆରେ ଟାଇପ୍ କରି ୱାର୍ଡ଼ ଫାଇଲରେ ପଠାଇବେ । ହାତଲେଖା ଗ୍ରହଣୀୟ ହେବନାହିଁ । ଜାଣିଛି ଟାଇପ୍ କରିବା ଭାରି କଷ୍ଟସାଧ୍ୟ, କିନ୍ତୁ ସେତିକି ପରିମାଣର କଷ୍ଟ ମୋତେ ବି କରିବାକୁ ହୁଏ । ଆପଣ ଗୋଟିଏ ଆଲେଖ୍ୟ ଟାଇପ୍ କରିବାକୁ କଷ୍ଟ ଅନୁଭବ କରୁଛନ୍ତି, ଏଠି ଶତାଧିକ ଆଲେଖ୍ୟ ପହଞ୍ଚୁଛି, ସବୁ ଗୁଡ଼ିକ ଟାଇପ୍ କରିବା ଅସମ୍ଭବ ।

ଯଦି ଗଳ୍ପ ବା କାହାଣୀ କିମ୍ବା ପ୍ରବନ୍ଧ ପଠାଉଛନ୍ତି ତେବେ ଧ୍ୟାନ ଦିଅନ୍ତୁ, ପ୍ରତ୍ୟେକ ଶବ୍ଦ ମଧ୍ୟରେ କେବଳ ଗୋଟିଏ ଖାଲି ସ୍ଥାନ ଛାଡ଼ିବେ, କମା, ପୂର୍ଣ୍ଣଚ୍ଛେଦ, ଯୁକ୍ତାକ୍ଷର ଆଦି ବ୍ୟାକରଣ ତ୍ରୁଟି ପ୍ରତି ସାବଧାନ ରହି ଟାଇପ୍ କରିବେ । ବ୍ୟାକରଣଗତ ତ୍ରୁଟି ପାଇଁ ପ୍ରକାଶନରେ ଅହେତୁକ ବିଳମ୍ବ ହୁଏ । ତେଣୁ ଯଦି ସମ୍ଭବ ହେଉଛି ଆପଣଙ୍କ ନିକଟରେ ଥିବା କେହି ଓଡ଼ିଆ ବନ୍ଧୁଙ୍କ ଦ୍ୱାରା ନିଜ ଲେଖାକୁ ସଠିକ ଭାବରେ ପରୀକ୍ଷା କରି ନିଅନ୍ତୁ ।

ଲେଖା ସହିତ ନିଜର ଗୋଟିଏ ପାସପୋର୍ଟ୍ ଫଟୋ (ଯଦି ନାହିଁ, ତେବେ ଭଲ ଦେଖାଯାଉଥିବା ସୁନ୍ଦର ଫଟୋଟିଏ) ସହିତ ନିଜର ଠିକଣା ଲେଖି ପଠାଇବେ ।

ଅନେକ ବନ୍ଧୁ ଲେଖା ପଠାଇବା ବେଳେ ଲେଖାକୁ ଇମେଲ୍‌ର ସବଜେକ୍ଟ ଲାଇନ୍‌ରେ ଲେଖି ଦେଉଛନ୍ତି, ଏଥିପ୍ରତି ସତର୍କ ରହିବେ । ଲେଖା ମେସେଜ୍ ବକ୍ସରେ ହିଁ ପଠାଇବେ ।

ଆମର ଲେଖା ସଂଗ୍ରହ ଇମେଲ୍ : aahwaan@gmail.com

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବିଶେଷ ସୂଚନା

ଦୟାକରି ପ୍ରତ୍ୟେକ ମାସର ସଂସ୍କରଣ ନିମନ୍ତେ କେବଳ ଗୋଟିଏ ବା ଦୁଇଟି ଲେଖା ହିଁ ପଠାନ୍ତୁ । ଯେକୌଣସି ବିଭାଗରେ କେବଳ ଗୋଟିଏ ଲେଖା ହିଁ ପ୍ରକାଶିତ ହେବ । କିଛି ବନ୍ଧୁ ଏକାଧିକ ଲେଖା ପଠାଇ ଆମକୁ ଚିନ୍ତାରେ ପକାଇ ଦେଉଛନ୍ତି । ଆମେ ସେ ମଧ୍ୟରୁ ଚୟନ କରିବାକୁ ଅସୁବିଧାର ସମ୍ମୁଖୀନ ହେଉଛୁ । ଏହାଦ୍ୱାରା ଆମ ଇମେଲ୍ ବକ୍ସ ଭର୍ତ୍ତି ହେଉଛି ଏବଂ ସମ୍ପାଦନା କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି ।

ଅନେକଥର ଅନୁରୋଧ କରିବା ସତ୍ତ୍ୱେ ଯେଉଁ ଲେଖକ ଲେଖିକାମାନେ ନିଜର ଏକାଧିକ ଲେଖା ଆମ ଇମେଲ୍ ଠିକଣାରେ ପ୍ରେରଣ କରୁଛନ୍ତି ସେମାନଙ୍କ ଅବଗତି ନିମନ୍ତେ ଜଣାଇ ଦେବାକୁ ଉଚିତ୍ ମନେ କରୁଛି ଯେ ଯଦି କୌଣସି ଇମେଲ୍ ଠିକଣାରୁ ବାରମ୍ବାର ଅନେକ ଲେଖା ଆମ ଇମେଲକୁ ଆସେ, ତା ହେଲେ ଗୁଗୁଲ୍ ମେଲ୍ ବକ୍ସ ସେଇ ସବୁ ଲେଖାକୁ ସ୍ପାମ୍ ବା ଅନାବଶ୍ୟକ ଲେଖା ଭାବି ଆମର ମୁଖ୍ୟ ଇନବକ୍ସରୁ ହଟେଇ ଦେଇପାରେ ଯାହା ଫଳରେ ଆପଣଙ୍କ ଲେଖା ଆଦୌ ପ୍ରକାଶିତ ହୋଇ ପାରିବ ନାହିଁ । ତେଣୁ କେବଳ ଗୋଟିଏ କିମ୍ବା ସର୍ବାଧିକ ଦୁଇଟି ଲେଖା ହିଁ ପ୍ରତ୍ୟେକ ମାସରେ ପ୍ରେରଣ କରନ୍ତୁ ।

ହ୍ୱାଟ୍ସଆପ୍‌ରେ ଲେଖା ପଠାନ୍ତୁ ନାହିଁ । ଏହା ସ୍ୱୀକାର୍ଯ୍ୟ ହେବନାହିଁ । କେବଳ ଇମେଲ୍ ଦ୍ୱାରା ହିଁ ଲେଖା ପଠାନ୍ତୁ । ଆହ୍ୱାନ ଇ-ପତ୍ରିକାର ଆଣ୍ଡ୍ରଏଡ୍ ଆପ୍ ଡାଉନଲୋଡ୍ କରନ୍ତୁ ।

**ପତ୍ରିକାରେ ଥିବା ବ୍ୟାକରଣଗତ ତ୍ରୁଟି ପାଇଁ ସମ୍ପାଦକ କ୍ଷମାପ୍ରାର୍ଥୀ ।**


ଆମ ଇମେଲ୍ ଠିକଣା :

# aahwaan@gmail.com

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଆହ୍ୱାନ ଇ-ପତ୍ରିକାରେ ପ୍ରକାଶନ ହେତୁ ଲେଖା ପଠାଉଥିବା ସମସ୍ତ ସାହିତ୍ୟିକ ବନ୍ଧୁଙ୍କୁ ବିନମ୍ର ଅନୁରୋଧ କରୁଛି, ଦୟାକରି ନିଜର ଲେଖାକୁ ଓଡ଼ିଆରେ ଟାଇପ୍ କରି ପଠାନ୍ତୁ । ଆପଣ ଚାହିଁଲେ ଆକୃତି / ଶ୍ରୀଲିପି / ଅପ୍ରାନ୍ତ / ଗୁଗୁଲ୍ ଓଡ଼ିଆ କିବୋର୍ଡ଼ ଦ୍ୱାରା ଟାଇପ୍ କରି ପଠାଇ ପାରିବେ ।




ସ୍କାନ୍ ହୋଇଥିବା ଛବି ଏବଂ ଟାଇପ୍ ହୋଇଥିବା ପିଡ଼ିଏଫ୍ ଫାଇଲ୍ ଗୁଡ଼ିକୁ ପୁଣିଥରେ ଟାଇପ୍ କରିବାକୁ ପଡୁଛି ଯାହା ଫଳରେ ପତ୍ରିକା ପ୍ରକାଶନରେ ଅହେତୁକ ବିଳମ୍ବ ହେଉଛି । ତେଣୁ ଆପଣଙ୍କ ଲେଖାକୁ ଓଡ଼ିଆରେ ଟାଇପ୍ କରି ଇମେଲ୍ କିମ୍ବା Microsoft Word File ରେ ହିଁ ପଠାନ୍ତୁ ।

ଆହ୍ୱାନ ଇ-ପତ୍ରିକାର ଓଡ଼ିଆ ପୋଡ୍‌କାଷ୍ଟ ସେବା ଏବେ ଉପଲବ୍ଧ । ଏଥିରେ ଆପଣ ଆହ୍ୱାନରେ ପ୍ରକାଶିତ କଥାବସ୍ତୁ ସମେତ ଅନେକ ଉପାଦେୟ କଥା ଶୁଣିପାରିବେ ।

**https://anchor.fm/aahwaan**

Listen to Odia Podcast on https://anchor.fm/aahwaan